THE CHAUKIDARI MANUAL

OF

The Hon'ble G. TOYNBEE, I.C.S.,

Member of the Board of Revenue L.P.

Translated into Uriya

BY

GOPAL BULLUBH DAS, M.A.,

Personal Assistant to the Commissioner of Orissa.

ବୋର୍ଡ଼ର ମେମ୍ବର

ମାନ୍ୟବର ଶ୍ରୀଯ[illegible]ନବୀ ଆଇ. ସି. ଏସଙ୍କ

[illegible] ମାନୁଏଲ

ଓ[illegible]ର୍ସନାଲ ଆସିଷ୍ଟାଣ୍ଟ,

ଶ୍ରୀ ଗୋପାଳବଲ୍ଲଭ ଦାସ, ଏମ୍.ଏ.

ଦ୍ୱାରା

ଓଡ଼ିଆରେ ଅନୁବାଦିତ ।

ପ୍ରଥମ ସଂସ୍କରଣ ।

CUTTACK:

PRINTED AT THE ORISSA MISSION PRESS.

1899.

Price One Rupee.

Digitized by srujanika@gmail.com

The Hon'ble G. TOYNBEE, I.C.S.,

Member of the Board of Revenue L.P.

Translated into Uriya

BY

GOPAL BULLUBH DAS, M.A.,

Personal Assistant to the Commissioner of Orissa.

ବୋର୍ଡ଼ର ମେମ୍ବର

ମାନ୍ୟବର ଶ୍ରୀଯୁକ୍ତ **ଜି. ଟଏନବୀ** ଆଇ. ସି. ଏସଙ୍କ

ଚୌକୀଦାରୀ ମାନୁଏଲ

ଓଡ଼ିଶା କମିଶନରଙ୍କ ପର୍ଶନାଲ ଆଶିଷ୍ଟାଣ୍ଟ,

ଶ୍ରୀ ଗୋପାଳବଲ୍ଲଭ ଦାସ, ଏମ.ଏ.

ଦ୍ୱାରା

ଓଡ଼ିଆରେ ଅନୁବାଦିତ ।

ପ୍ରଥମ ସଂସ୍କରଣ ।

CUTTACK:

PRINTED AT THE ORISSA MISSION PRESS.

1899.

Digitized by srujan ka@gmail.com

PREFACE.

My object in translating the Honorable George Toynbee's Manual instead of compiling one for myself is not only to place the best information available within the reach of the people but also that both the officials and the people may have the same knowledge and information, inasmuch as Government supplies the Honorable G. Toynbee's Manual for the use of the officials.

It will not be out of place here to note that on the one hand the working of the Act depends on the understanding of the law, rules, &c., by the people of a backward province like Orissa, where for some time to come the majority of the members of the Panchayets will be those who never went to a school. It is on the other hand difficult even ~~for the educated~~ people to grasp the meaning of the vernacular translations of enactments. In the preface to the third edition of his book the Honorable G. Toynbee says that persons acquainted with English " find it much easier to understand an English than a Bengalee edition of any Act." There is no doubt that the Uriya versions of the Legislative Enactments fared no better in his opinion, as while the Commissioner of Orissa in 1892 he appointed a committee to consider how to improve and popularize the Uriya Gazette, the language of which is the language in which the law is offered to the people. Such improvement is necessary in order to make the Acts intelligible to those who do not know English, and Mr Toynbee's knowledge of the Uriya language, coupled with his long service in Orissa, adds

Digitized by srujan ka@gmail.com

no small weight to his opinion on this point. This opinion is shared by Mr George Stevenson—the present Commissioner, who suggested in his report to the said committee that "every "endeavour should be made to improve the language of "the Gazette to make it colloquial, simple, and at the same time "a good translation." It is hardly necessary to say that if it is necessary in any case to give effect to this suggestion it is preeminently so in the case of the Chaukidari Act.* In this book I do not, however, give a translation of the Act itself, as my translation cannot be taken as authoritative. I have therefore adopted the authorized translation of the Act, and have tried to make it intelligible to those who do not know English by offering a translation in good idiomatic Uriya or adding explanatory notes as necessary in each case. I have studiously avoided putting any interpretation of my own on the text. In the case of vernacular words which convey new ideas or are likely to be misunderstood on account of their having been used in different senses, I have quoted the English parenthetically in the hope that this will have in the course of time the effect of giving fixity to the meaning of such words and expressions. It should be noted here that my explanatory notes on the Act are given as Vakhya (ବ୍ୟାଖ୍ୟା) as distinguished from those of the Hon'ble G. Toynbee which are given as Tika (ଟୀକା).

I have used the dictionaries by Mr S. W. Fallon and Babu Mathura Prasad Misra. I should thankfully acknowledge the kind help which I have received from Rai Radhanath Rai Bahadoor, the Inspector of Schools, who is the best

* This question is dealt with fully in the preface to my Criminal Procedure Code.

Digitized by srujan ka@gmail.com

modern Uriya writer and the highest living authority on Uriya literature and has had the best opportunity of knowing the language of all classes of the rural population of the whole Division. I may also note here with feelings of deep gratitude that the Rai Bahadoor was kind enough not only to supply me with vernacular terms and expressions, but also carefully revised the whole manuscript. I have also to acknowledge with the same feelings the kind help given by Babu Rajkishore Das, Deputy Collector and Magistrate, and the trouble taken in examining the manuscript by Rai Hurry Bulhab Bose Bahadoor, the Government Pleader of Cuttack, and my brother Babu Madhu Sudan Das, once a Member of the Legislative Council of Bengal, the two well known pleaders whose opinions with those of Rai Radhanath Rai Bahadoor are given at the end. Finally, I am under a heavy debt of obligation for the official patronage secured through the kindness of our Commissioner, Mr George Stevenson, who very kindly took the trouble to examine the manuscript. His opinion is to be found in his letters to Government and the District Officers, which together with the other opinions referred to are given at the end.

Those who are interested in the welfare of the people and a satisfactory working of the Chaukidari Act must see the necessity of an intelligent understanding of the Act by the people. This I have tried to do, and I shall consider myself amply rewarded if my efforts do in any appreciable degree contribute to a satisfactory and successful working of the Act.

CUTTACK,
The 14th February 1899.

GOPAL BALHUB DAS.

Digitized by srujan ka@gmail.com

ଭୂମିକା ।

ଚୌକୀଦାରୀ ବିଷୟରେ ଓଡ଼ିଶାବାସିଙ୍କର ସୁପରିଚିତ ପରମବନ୍ଧୁ ମାନ୍ୟବର ଶ୍ରୀଯୁକ୍ତ ଜି ଟିଏନବି ସାହେବଙ୍କ ଚୌକୀଦାରୀ ମାନୁଏଲ ଯେ ସର୍ବୋତ୍କୃଷ୍ଟ ଏହା କହିବା ବାହୁଲ୍ୟମାତ୍ର । ସରକାରୀ କର୍ମଚାରୀମାନଙ୍କ ବ୍ୟବହାର ପାଇଁ ଗବର୍ଣ୍ଣମେଣ୍ଟ ଏହି ବହି ଯୋଗାଇ ଥାନ୍ତି । ଯେଉଁମାନେ ଇଂରାଜି ନ ଜାଣନ୍ତି ସେମାନଙ୍କଠାରେ ଏହି ବହି ରହିଲେ ଯେ ଯତ୍ପରୋନାସ୍ତି ଶୃଙ୍ଖଳାରେ କାର୍ଯ୍ୟ ଚଳିବ ଏଥିରେ କୌଣସି ସନ୍ଦେହ ନାହିଁ । ଏହି ବିବେଚନାରେ ଆମ୍ଭେ ନିଜେ ଚୌକୀଦାରୀ ସମ୍ବନ୍ଧୀୟ ଆଇନ ଓ ନିୟମାବଳୀ ପ୍ରଭୃତି ସଙ୍କଳନ ନ କରି ଶ୍ରୀଯୁକ୍ତ ଟିଏନବି ସାହେବଙ୍କ ବହି ଅନୁବାଦ କରି ସାଧାରଣଙ୍କୁ ଅର୍ପଣ କରୁଅଛୁଁ । ଏକ ପକ୍ଷରେ ଆଇନକୁ ସୁଚାରୁରୂପେ କାର୍ଯ୍ୟରେ ପରିଣତ କରିବା ପାଇଁ ଲୋକମାନଙ୍କର ଭଲରୂପେ ଆଇନ ଓ ତତ୍‌ସଂକ୍ରାନ୍ତ ନିୟମାବଳୀ ପ୍ରଭୃତି ବୁଝିବା ନିତାନ୍ତ ଆବଶ୍ୟକ । ଅପର ପକ୍ଷରେ ଓଡ଼ିଶା ପରି ଅନୁନ୍ନତ ପ୍ରଦେଶରେ ମୋଫସଲର ଯେଉଁମାନେ ସ୍କୁଲ ମାଡ଼ି ନାହାନ୍ତି ଅନେକ ଦିନଯାଏ ସେହିମାନେ ପଞ୍ଚାୟତମାନଙ୍କର ଅଧିକାଂଶ ସଭ୍ୟ ନିଯୁକ୍ତ ହେବେ । କିନ୍ତୁ ଦେଶୀୟ ଭାଷାରେ ଆଇନମାନ ଯେପରି ଅନୁବାଦିତ ହୋଇ ଥାଏ ତାହା ବୁଝିବା ଅଶିକ୍ଷିତ ଲୋକଙ୍କ କଥା ତେଣିକି ଥାଉ, ଶିକ୍ଷିତ ଲୋକଙ୍କ ପକ୍ଷରେ ସୁକଠିଣ । ଟିଏନବି ସାହେବଙ୍କ ବହିର ତୃତୀୟ ସଂସ୍କରଣର ଭୂମିକାରେ ସେ କହିଅଛନ୍ତି ଯେ ଯେଉଁମାନେ ଇଂରାଜି ଜାଣନ୍ତି ସେମାନେ ଇଂରାଜି ଆଇନ ଯେପରି ସହଜରେ ବୁଝି ପାରନ୍ତି ବଙ୍ଗଳା ଆଇନ ସେପରି ବୁଝି ପାରନ୍ତି ନାହିଁ । ଓଡ଼ିଆମାନଙ୍କର ପରମବନ୍ଧୁ ଥିବାରୁ ଉକ୍ତ ମହୋଦୟ ଓଡ଼ିଶାର କମିଶନର ଥିଲାବେଳେ ଓଡ଼ିଆ ଗେଜେଟରେ ଉନ୍ନତ ଓ ଲୋକରେ

Digitized by srujan ka@gmail.com

ଆଦର ବୃଦ୍ଧି ହେବାର ଉପାୟ ବର୍ତ୍ତ୍ର କରବା ପାଇଁ ୧୮୧୬ ସାଲରେ ଯେଉଁ କମିଟି ନିଯୁକ୍ତ କରଥିଲେ ସେ କମିଟିଙ୍କି ଆମ୍ଭମାନଙ୍କର ବର୍ତ୍ତ-ମାନ କମିଶନର ମାନନୀୟ ଶ୍ରୀଯୁତ ଜ ଷ୍ଟିଭେନସନ ସାହେବ ଯେଉଁ ରପୋର୍ଟ କରଥିଲେ ତହିଁରେ ଲେଖିଥିଲେ ଯେ ଓଡଆ ଗେଜେଟକୁ ଲୋକରେ ଆଦରଣୀୟ କରାଇବାକୁ ହେଲେ ତାହାକୁ ସରଳ, ସହଜ ଓ ଖାଣ୍ଟି ଓଡଆ ଭାଷାରେ ପ୍ରକାଶ କରବା ଆବଶ୍ୟକ । ଏଣୁକର ଏହି ଆଇନ ସାଧାରଣ ଅଶିକ୍ଷିତ ଲୋକେ ଯେପର ବୁଝି ପାରବେ ଏ ପୁସ୍ତକରେ ଅମ୍ଭେ ତାହାର ଚେଷ୍ଟା କରଅଛୁଁ । ମାତ୍ର ଏଠାରେ ଉଲ୍ଲେଖ କରବା ଉଚିତ ଯେ ଆମ୍ଭ ଅନୁବାଦ ଅଦାଲତରେ ଗ୍ରହଣ ହେବ ନାହିଁ ବୋଲି ଆଇ-ନର ଯେଉଁ ଓଡଆ ଅନୁବାଦ ସରକାର କରାଇଅଛନ୍ତି ଏ ପୁସ୍ତକରେ ସେହି ଅନୁବାଦ ଦେଇ ପ୍ରୟୋଜନୀୟ ସ୍ଥଳମାନଙ୍କରେ ନଜର ଅନୁବାଦ-ମାନ ଦେଇଅଛୁଁ । ଯେଉଁଠାରେ ନୂଆ କଥା ବା ଶବ୍ଦ, କିମ୍ବା ପ୍ରଚଳିତ କଥା ବା ଶବ୍ଦ ନୂଆ ଅର୍ଥରେ ବ୍ୟବହୃତ ହୋଇଅଛି ସେଠାରେ ଓଡଆ ସଙ୍ଗେ ସଙ୍ଗେ ଇଂରାଜି କଥା ଓ ଶବ୍ଦମାନ ଏହି ଆଶାରେ ଦେଇଅଛୁଁ ଯେ କାଳକ୍ରମେ ସେହି କଥା ଓ ଶବ୍ଦମାନଙ୍କର ଆଇନ ସମ୍ବନ୍ଧୀୟ ସେହି ଅର୍ଥମାନ ଚିରସ୍ଥାୟୀ ହୋଇ ଯାଇପାରେ । ଆମ୍ଭର ଏହି ଅନୁବାଦ ପ୍ରଭୃତି ବ୍ୟାଖ୍ୟା ଓ ଟେଏଲର ସାହେବଙ୍କ ଟୀକାମାନ ଟୀକା ନାମରେ ଅଭିହିତ ହୋଇଅଛି ଯେ ଆମ୍ଭର ମନ୍ତବ୍ୟ କଏ ଓ ଉକ୍ତ ସାହେବ ମହୋଦୟଙ୍କ ମନ୍ତବ୍ୟ କଏ ତାହା ସହଜରେ ଜଣା ପଡବ ।

କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ଯେ ଏସ ଏଫ ଫାଲନ ଓ ବାବୁ ମଥୁରାପ୍ରସାଦ ମିଶ୍ରଙ୍କ ଅଭିଧାନ ଦ୍ୱାରା ଏବଂ ଆମ୍ଭମାନଙ୍କର ସ୍କୁଲ ଇନସ୍ପେ-କ୍ଟର ରାୟ ରାଧାନାଥରାୟ ବାହାଦୁରଙ୍କ ସାହାଯ୍ୟରେ ଅମ୍ଭେ ଏହି ଅନୁ-ବାଦ କାର୍ଯ୍ୟ ସମ୍ପନ୍ନ କରଅଛୁଁ । ରାୟ ବାହାଦୁର ଯେ ଆଧୁନିକ ଉତ୍କଳ ସାହିତ୍ୟର ନେତା ଓ ଆଧୁନିକ ଲେଖକମାନଙ୍କର ଶୀର୍ଷସ୍ଥାନୀୟ ଏବଂ

Digitized by srujan ka@gmail.com

ସମୁଦାୟ ଓଡ଼ିଶାର ସକଳ ଶ୍ରେଣୀୟ ଲୋକଙ୍କର ଓଡ଼ିଆ ଭାଷା ଜାଣିବା ପାଇଁ ଯେ ତାଙ୍କର ବିଶେଷ ସୁବିଧା ଅଛି ଏହା ସବୁ କହିବା ବାହୁଲ୍ୟ ମାତ୍ର । ସେ ମହୋଦୟ ନୂଆ ଶବ୍ଦ ଯୋଗାଇବା ଏବଂ ପରିଶ୍ରମ ଓ ଯତ୍ନ ସହକାରେ ସମୁଦାୟ ପାଣ୍ଡୁଲିପି ସଂଶୋଧନ କରି ଦେବା ଦ୍ୱାରା ଯେଉଁ ବିଶେଷ ସାହାଯ୍ୟ କରିଅଛନ୍ତି ତାହା ପାଇଁ ଆମ୍ଭେ ତାଙ୍କଠାରେ କୃତ-ଜ୍ଞତା ପାଶରେ ବିଶେଷରୂପେ ଆବଦ୍ଧ । ସୁବିଖ୍ୟାତ ଓକିଲ ଦ୍ୱୟ ରାୟ ଶ୍ରୀ ହରିବଲ୍ଲଭ ବୋଷ ବାହାଦୁର ଓ ଆମ୍ଭର ଅଗ୍ରଜ ବାବୁ ଶ୍ରୀ ମଧୁସୂଦନ ଦାସ ଶ୍ରମ ସ୍ୱୀକାର କରି ଏହାର ପାଣ୍ଡୁଲିପି ପରୀକ୍ଷା କରି ଓ ଡେପୁଟି କଲେକ୍ଟର ଓ ମାଜିଷ୍ଟ୍ରେଟ ବାବୁ ଶ୍ରୀ ରାଜକିଶୋର ଦାସ କେତେକ ସାହାଯ୍ୟ ଦେଇ ଆମ୍ଭଙ୍କୁ ତଦ୍ରୂପ ଋଣଗ୍ରସ୍ତ କରାଇଅଛନ୍ତି । ପରିଶେଷରେ ଆମ୍ଭମାନଙ୍କ ମାନନୀୟ କମିଶନର ଶ୍ରୀଯୁତ ଜି ଷ୍ଟିଭେନସନ ସାହେବ ପାଣ୍ଡୁଲିପି ପରୀକ୍ଷା କରି ଗବର୍ଣ୍ଣମେଣ୍ଟରୁ ସାହାଯ୍ୟ ଦିଆଇ ବିଶେଷ ଅନୁଗ୍ରହ କରିଅଛନ୍ତି ।

ଓଡ଼ିଶାର ହିତାକାଙ୍କ୍ଷୀ ମହୋଦୟମାନେ ଆମ୍ଭର ଉଦ୍ଦେଶ୍ୟ ସାଧନ ପାଇଁ ଯାହା କରି ପାରନ୍ତି ତାହା କରିଅଛନ୍ତି ।

ଏହା ଦ୍ୱାରା ଫୌଜଦାରୀ ଆଇନ ସୁଚାରୁରୂପେ କାର୍ଯ୍ୟରେ ପରିଣତ ହୋଇ ପାରିଲେ ଏବଂ ସାଧାରଣର ଉପକାର ହେଲେ ଶ୍ରମ ସ୍ୱାର୍ଥକ ମନେ କରିବୁଁ । ଇତି ।

କଟକ,
ତା ୧୪ ଇଖ ଫେବ୍ରୁଏରି ୧୮୯୯ ।

ଶ୍ରୀ ଗୋପାଳବଲ୍ଲଭ ଦାସ ।

Digitized by srujan ka@gmail.com

ସାଧାରଣ ସୂଚୀପତ୍ର ।

୧—ଆଇନର ସୂଚୀ ପତ୍ର .. .. ପୃ ୵—।

୨—୧୮୯୨ ସାଲ ପର୍ଯ୍ୟନ୍ତ ସଂଶୋଧିତ ଓ ପରିବର୍ତ୍ତିତ ୧୮୭୦ ସାଲର ବଙ୍ଗୀୟ ୭ ଆଇନ ଏବଂ ତାହାର ବ୍ୟାଖ୍ୟା ଓ ଟୀକା .. ୧ — ୫୭

୧ମ ପରିଶିଷ୍ଟ ।

୩—ଚୌକିଦାରୀ କରଧାର୍ଯ୍ୟ ଓ ଅସୁଲ କରିବା, ଚୌକିଦାରୀ ପାଣ୍ଠିର ହିସାବ କିତାବ ରଖିବା ପ୍ରଭୃତି ସମ୍ବନ୍ଧୀୟ ୭୫ ଧାରା ଅନୁସାରେ ଶ୍ରୀଯୁତ ଲେପ୍ଟେନେଣ୍ଟ ଗବର୍ଣ୍ଣରଙ୍କ କୃତ ନିୟମାବଳୀ .. ୫୮ — ୬୩

୨ୟ ପରିଶିଷ୍ଟ ।

୪—ପିନ୍ଧିବା ଖର୍ଚ୍ଚ ଆଦାୟ ଓ ପିଆଦା ନିଯୁକ୍ତ କରିବା ସମ୍ବନ୍ଧୀୟ ୫୦ ଓ ୬୪ ନମ୍ବର ସରକ୍ୟୁଲର ଦ୍ୱୟର ସାରାଂଶ .. ୬୪ — ୬୫

୩ୟ ପରିଶିଷ୍ଟ ।

୫—ଚୌକିଦାରୀ ଆଇନ କପର କାର୍ଯ୍ୟରେ ପରିଣତ କରା ହେଉଅଛି ତାହା ତଦନ୍ତ କରିବା ସମ୍ବନ୍ଧୀୟ ପ୍ରଶ୍ନାବଳୀ .. .. ୬୬ — ୭୦

୪ର୍ଥ ପରିଶିଷ୍ଟ ।

୬—୧୮୭୦ ସାଲର ସଂଶୋଧିତ ୭ ଆଇନ ଅନୁସାରେ ନିଯୁକ୍ତ ହୋଇ-ଥିବା ଚୌକିଦାରମାନଙ୍କ ସମ୍ବନ୍ଧୀୟ ଫୌଜଦାରୀ କାର୍ଯ୍ୟପ୍ରଣା-ଳୀର ୪୫ ଧାରା ଓ ୧୮୯୨ ସାଲର ୨୦ ଆଇନର ୨୧ ଧାରା ଓ ଅପରାଧକାରୀ ଜାତିମାନଙ୍କ ସମ୍ବନ୍ଧୀୟ ୧୮୭୧ ସାଲର ୨୭ ଆଇନର ୨୧ ଓ ୨୨ ଧାରାମାନଙ୍କ ବିଧାନମାନ ଓ ଚୌକିଦାର ଓ ପଞ୍ଚାୟତମାନଙ୍କ ସମ୍ବନ୍ଧୀୟ ଦଣ୍ଡବିଧି ଆଇନର ବିଧାନମାନ ୭୧ — ୮୪

୫ମ ପରିଶିଷ୍ଟ ।

୭—ଚୌକିଦାରମାନଙ୍କ ପ୍ରତି ପୋଲିସର ବ୍ୟବହାର ସମ୍ବନ୍ଧୀୟ ଗବର୍ଣ୍ଣ-

Digitized by srujan ka@gmail.com

ମେଣ୍ଟବର ଅଦେଶ ଏବଂ ଚୌକିଦାରମାନଙ୍କ ପୁରସ୍କାର ଓ ପରେଡ ସମ୍ବନ୍ଧୀୟ ନିୟମାବଳୀ ଓ ପ୍ରଶ୍ନାବଳୀ .. .. ୮୫—୯୮

୨ୟ ପରିଶିଷ୍ଟ ।

୮—ଚୌକିଦାରମାନଙ୍କ ସନନ ସମ୍ବନ୍ଧୀୟ ଏବଂ ସେମାନଙ୍କ ଓ ପଞ୍ଚାୟତମାନଙ୍କ ଉପରେ ହୋଇଥିବା ଜରିମାନା ଅଦାୟ ଓ ତାହା ବିରୁଦ୍ଧରେ ଅପୀଲ କରିବା ଓ ଭଙ୍ଗ ଚୌକିଦାରୀ ପାଣ୍ଠିର ଖାଙ୍କି ଚଳାଇବା ଓ କାଗଜପତ୍ର ରଖିବା ଏବଂ ଚୌକିଦାରମାନଙ୍କୁ ପୁରସ୍କାର ଦେବା ସମ୍ବନ୍ଧୀୟ ନିୟମାବଳୀ .. ୯୯—୧୦୬

Digitized by srujan ka@gmail.com

ଶୁଦ୍ଧିପତ୍ର ।

ପୃଷ୍ଠା	ପଂକ୍ତି	ଅଶୁଦ୍ଧ	ଶୁଦ୍ଧ
୭	୨୨	ଉର୍ଓରଣ୍ଡ	ଉପରଣ୍ଡ ।
୯	୩	ଜଘମାଳା	ଜପମାଳା ।
୧	୨	ଝଙ୍କ	ଝଙ୍କା ।
୪	୧୪	ଟୀକ	ଟୀକା ।
୫	୧୩	ବ୍ୟକ୍ତିମାନଙ୍କ	ବ୍ୟକ୍ତିମାନଙ୍କୁ ।
୭ (ଫାରମର ୩ ଘର)		ଅଧିବାସୀଙ୍କର	ଅଧିବାସିଙ୍କର ।
୧୨	୨୧	ଧାସ୍ତ	୫ ଧାସ୍ତ ।
୧୪	୨	ନିରୂପଣ କଥା	ନିରୂପଣ କରିବା କଥା ।
୧୫	୮	ଭଲି	ଭଳି ।
୧୬	୪	ଟୀକା	ବ୍ୟାଖ୍ୟା ।
୧୯	୧୫	(ଢ)	(ଖ)
୧୯	୨୦	(ଖ)	(ଗ)
୨୦	୧୦	ଦାସ୍ପିତ୍	ଦାସ୍ପିଦ୍ ।
୨୨	୧	(ଖ)	(ଗ)
୨୨	୪	(ଗ)	(ଘ)
୨୨	୨୨	ଉଦ୍‌ବୃଢ	ଉଦ୍‌ବୃଦ୍ଧ ।
୨୩	୧	ଉଦ୍‌ବୃଢ	ଉଦ୍‌ବୃଦ୍ଧ ।
୨୩	୭	ସହକ୍ୟାଲଭରେ	ସକ୍ୟାଲଭରେ ।
୨୪	୭	ଅନମଢ	ଅନ୍ନମଢ ।
୨୭	୧୭	ତୃଟି	ତ୍ରୁଟି ।
୨୭	୨୪	ଅର୍ଥ	ଅର୍ଥ ।
୨୯	୨୪	କର୍ତ୍ତବ୍ୟ	କର୍ତ୍ତବ୍ୟ ।
୩୦	୯	ଚୌକିଦାସ	ଚୌକିଦାର ।
୩୦	୨୩	ଯ ମାସ	ଯନ୍ତ୍ର ମାସ ।
୩୧	୨୦	ବାର୍ଣ୍ଣିବାଭଙ୍କ	ବାର୍ଣ୍ଣିବାଭଙ୍କ ।
୩୪	୨୪	କର୍ମ	କର୍ମ ।
୩୭	୨୩	ମାଉଣ୍ଟେଟକ	ମାଉଣ୍ଟେନ ।

Digitized by srujan ka@gmail.com

ପୃଷ୍ଠା	ପଂକ୍ତି	ଅଶୁଦ୍ଧ	ଶୁଦ୍ଧ
୩୮	୩	ନିଯକ୍ତ	ନିଯୁକ୍ତ ।
୪୦	୩	ଟୀକା — ୧୧	ଟୀକା — (ଢ) ୧୧
୪୦	୧୮	୧ ଥାସ୍ୱର	୧ ଧାସ୍ୱର ।
୪୦	୨୩	ବେତବ	ବେତନ ।
୪୧	୨୮	ପ୍ରକଶିତ	ପ୍ରକାଶିତ ।
୪୨	୧	ନିସନ୍ଦେହ	ନିଃସନ୍ଦେହ ।
୪୨	୪	ମ୍ୟୁନିସପାଲମାନଙ୍କର	ମ୍ୟୁନିସପାଲିଟିମାନଙ୍କର ।
୪୨	୭	ହୁଗଲୀ ଜଲର	(ଘ) ହୁଗଲୀ ଜଲର ।
୪୨	୯	(ଘ) ଗବର୍ଣ୍ଣମେଣ୍ଟଙ୍କର	(ଙ) ଗବର୍ଣ୍ଣମେଣ୍ଟଙ୍କର ।
୪୩	୧୩	ନେବକୁ	ନେବାକୁ ।
୪୪	୧୭	ପଞ୍ଚସ୍ୱଭାର	ପଞ୍ଚାସ୍ୱଭର ।
୪୫	୧୬	ସଂଯକ୍ତ	ସଂଯୁକ୍ତ ।
୪୫	୨୧	ଟୀକା — ।)	ଟୀକା (କ) ।)
୪୭	୧୩	ଶସ୍ୱଦଦାର	ଶସ୍ୱଦଦାରର ।
୪୭	୨୪	ପଞ୍ଚାଭର	ପଞ୍ଚାସ୍ୱଭର ।
୪୮	୭	ବଙ୍କଦେଶର	ବଙ୍ଗଦେଶର ।
୫୧	୧୧	ଅଅ	ଅର୍ଦ୍ଧ ।
୫୧	୨୨	ଭ୍ରମାତକ	ଭ୍ରମାତ୍ମକ ।
୫୨	୧୦	ଲେଫ୍ଟେନେଣ୍ଟ	ଲେଫ୍ଟେନେଣ୍ଟ ।
୫୩	୧୪	ନିଯକ୍ତ	ନିଯୁକ୍ତ ।
୫୪	୮	ଗ୍ରାମରେ	ଗ୍ରାମର ।
୫୭	୨୦	ଚକ୍ତିରେ	ଚୁକ୍ତିରେ ।
୫୭	୪	ଅନୂକ	ଅନୁକ ।
୬୧	୧୨	ସୂଦ୍ଧା	ସୁଦ୍ଧା ।
୬୪	୧୫	ନିଯୂକ୍ତ	ନିଯୁକ୍ତ ।
୬୪	୨୧	ନିୟମାନୂଯାଇ	ନିୟମାନୁଯାୟୀ ।
୬୭	୨	ଭକ୍ତ	ଭକ୍ତ ।
୬୭	୩	ଟିକା	ଟୀକା ।
୭୪	୩	ଡୁଟି	ଡ୍ୟୁଟି ।

Digitized by srujan ka@gmail.com

([illegible])

ପୃଷ୍ଠା	ପଂକ୍ତି	ଅଶୁଦ୍ଧ	ଶୁଦ୍ଧ
୭୫	୨୨	(Refusal) ଅସ୍ୱୀକାର ନ କଲେ	(Refusal) ଅସ୍ୱୀକାର କଲେ ।
୭୭	୨	୮୮୭୭	୧୮୭୭
୮୦	୧୧	ଅଭିଜ୍ଞାନସାରେ	ଅଭିଜ୍ଞାନୁସାରେ ।
୮୦	୨୨	ଭଦ୍ରସ	ଭଦ୍ର ସ ।
୮୪	୧୫	ଭୃଷ୍ଟି	ଭ୍ରଷ୍ଟ ।
୮୭	୧୧	ସମସ୍ତରେ	ସମସ୍ତେ ।
୯୨	୧	ଉପଯୁକ୍ତ	ଉପଯୁକ୍ତ ।

Digitized by srujan ka@gmail.com

ଗ୍ରାମ୍ୟ ଚୌକୀଦାରୀବିଷୟକ ୧୮୭୦ ସାଲର ଆଇନ

ସୂଚୀପତ୍ର ।

ହେତୁବାଦ ।

ପ୍ରଥମ ଭାଗ ।

ଉପକ୍ରମଣିକା ।

ଧାରା ।
୧ । ଅର୍ଥକରଣର କଥା ।—
"ଜିଲ୍ଲାର ମାଜିଷ୍ଟ୍ରେଟ"
"ଚୌକୀଦାରୀ ରକ୍ଷଣଭୂମି"
"ଜମିଦାର"
୨ । ଧାରା ରହିତ ହେବା କଥା ।
୨ କ । ଚୌକୀଦାର ନିଯୁକ୍ତ ନ ହେବା ପର୍ଯ୍ୟନ୍ତ ଆଇନର ବିଧାନ ନ ପ୍ରବର୍ତ୍ତିବା କଥା ।
୩ । ପଞ୍ଚାୟତ ନିଯୁକ୍ତ କରିବା କଥା ।
୩ କ । ଜିଲ୍ଲାର ମାଜିଷ୍ଟ୍ରେଟଙ୍କ ଦ୍ୱାରା କ୍ଷମତାର୍ପଣର କଥା ।
୪ । ଗ୍ରାମ ନିର୍ଦ୍ଦେଶ କରିବା କ୍ଷମତାର କଥା ।
୫ । ଗ୍ରାମୀୟ ଲୋକମାନଙ୍କର ଦରଖାସ୍ତ ଅନୁସାରେ ପଞ୍ଚାୟତ ନିଯୁକ୍ତ କରିବା କ୍ଷମତାର କଥା ।
୬ । ପଞ୍ଚାୟତ ସଭ୍ୟର ପର୍ଯ୍ୟାୟର କଥା ।
୭ । ପଞ୍ଚାୟତର କର୍ମର ଯୋଗ୍ୟତାର କଥା ।
୮ । ପଞ୍ଚାୟତର ସଭ୍ୟସ୍ୱରୂପ କର୍ମ କରିବାକୁ ଅସ୍ୱୀକାର କଲେ ଦଣ୍ଡର କଥା ।
୯ । ଯେତେକାଳ ସକାଶେ ପଞ୍ଚାୟତ ନିଯୁକ୍ତ ହେବେ ତହିଁର କଥା ।
୯ କ । ପଞ୍ଚାୟତରୁ ଅବ୍ୟାହତି ପାଇବା କଥା ।
୯ ଖ । ନୂତନ ପଞ୍ଚାୟତ ନିୟୋଗର କଥା ।
୧୦ । ପଞ୍ଚାୟତର କୌଣସି ଲୋକକୁ ପଦଚ୍ୟୁତ କରିବା କ୍ଷମତାର କଥା ।
୧୧ । ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ଚୌକୀଦାରଙ୍କ ସଂଖ୍ୟା ନିରୂପିତ ହେବା କଥା ।
୧୨ । ଚୌକୀଦାରଙ୍କର ବେତନ ଜିଲ୍ଲା ମାଜିଷ୍ଟ୍ରେଟଙ୍କର ନିରୂପଣ କରିବା କଥା ।

Digitized by srujan ka@gmail.com

ଯାଗ୍ସ ।

୧୩ । କର ଧାର୍ଯ୍ୟ କର ବେତନ ଦେବା କଥା ।

୧୪ । ଯେଉଁମାନଙ୍କୁ କର ଦେବାକୁ ହେବ, ସେମାନଙ୍କର କଥା ।

୧୫ । ଯେପ୍ରକାର ଓ ଯେତେ ଟଙ୍କା କର ଧାର୍ଯ୍ୟ ହେବ ସେଷ୍ଟର କଥା ।

୧୬ । ଯେଉଁ ସମୟରେ ଓ ଯେରୂପେ କର ଧାର୍ଯ୍ୟ ହେବ ତହିଁର କଥା ।

୧୭ । ପୂର୍ବ ନିର୍ଦ୍ଧାରିତ କର ପ୍ରବଳ ରଖିବା କ୍ଷମତାର କଥା ।

୧୮ । ନିର୍ଦ୍ଧାରିତ କର ଯେପର୍ଯ୍ୟନ୍ତ ପ୍ରବଳ ରହିବ ତହିଁର କଥା ।

୧୮ କ । ସ୍ଥଳବିଶେଷରେ ଏକ ମାସ ମଧ୍ୟରେ ପଞ୍ଚାୟତ କର ଧାର୍ଯ୍ୟ କରିବା କଥା ।

୧୮ ଖ । ସେହି କର ନିର୍ଦ୍ଧାରଣ ୧୫ ଦିନ ମଧ୍ୟରେ ସଫଳ (ପ୍ରବଳ କିମ୍ବା ବଳବତ୍ତ) ହେବା କଥା

୧୮ ଗ । କର ଧାର୍ଯ୍ୟ କରିବା ଫଳର କଥା ।

୧୯ । ନିର୍ଦ୍ଧାରିତ କର ସଂଶୋଧନ କରିବା କ୍ଷମତାର କଥା ।

୨୦ । ସେହି କର ନିରୂପଣପତ୍ର ଜିଲ୍ଲା ମାଜିଷ୍ଟ୍ରେଟ ସାହେବଙ୍କର ସଂଶୋଧନ କରିବାର କଥା ।

~~୨୧ । କର ସାଷ୍ଟ୍ର~~ମାସ (ତ୍ରୈମାସିକ) ଅଗତୁଷ ଦେବା କଥା ।

୨୨ । କର ଅଦାୟ କରିବା ଖରଚର କଥା (କରର ଓସୁଲ ଖରଚର କଥା ।)

୨୩ । ଚୌକିଦାରୀ ତହବିଲ ସଂଗଠନର କଥା ।

୨୪ । ଉଦ୍ବର୍ତ୍ତ ଟଙ୍କା ନେଇ ଯାହା କରିବାକୁ ହେବ ତହିଁର କଥା ।

୨୫ । କସ୍ତିର ଟଙ୍କା ସାତଦିନ ମଧ୍ୟରେ ଦେବାର କଥା ।

୨୬ । ବାକିଦାରମାନଙ୍କ ନାମର ଫେରସ୍ତ ପ୍ରସ୍ତୁତ କରିବା କଥା ।

୨୭ । କର ନିମିତ୍ତ କ୍ରୋକ କରିବା କ୍ଷମତାର କଥା ।

୨୮ । ଉଅରଣ୍ଟ ଅନୁସାରେ କାର୍ଯ୍ୟ କରିବାର ନିୟମର କଥା ।

୨୯ । ଉଓରଣ୍ଟ ଅନୁସାରେ ବିକ୍ରୟ କରିବା କଥା ।

୩୦ । କର ଅଦାୟ କରିବା ବିଷୟରେ ଯେରୂପ (ଯେଉଁ ରୀତିରେ) ଅର୍ପଣ କରିବାକୁ ହେବ ସେଷ୍ଟର କଥା ।

୩୧ । କ୍ରୋକ ହୋଇଥିବା ସମ୍ପତ୍ତି ରଖିବାର କଥା ।

୩୨ । କର ସକାଶେ ଯେପ୍ରକାର ସମ୍ପତ୍ତି କ୍ରୋକ ହୋଇପାରେ ତହିଁର କଥା ।

୩୩ । ଏକ ବରଷ ଉତ୍ତାରେ କ୍ରୋକ ନ ହେବା କଥା ।

୩୪ । ସ୍ୱତର ବ୍ୟତିକ୍ରମ ହେଲୁ କ୍ରୋକ ବ୍ୟର୍ଥ ନ ହେବା କଥା ।

୩୫ । ଚୌକିଦାରର ନିଯୋଗ ଓ ବରଖାସ୍ତର କଥା ।

Digitized by srujan ka@gmail.com

ଆସ ।
୩୬ । (ରହିତ ହେଲା ।)
୩୭ । (ରହିତ ହେଲା ।)
୩୮ । ଚୌକିଦାରମାନଙ୍କୁ ଜରିମାନା କରିବା କ୍ଷମତାର କଥା ।
୩୯ । ଚୌକିଦାରର କର୍ତ୍ତବ୍ୟ କର୍ମର କଥା ।
୪୦ । ଚୌକିଦାରମାନଙ୍କ ଦ୍ୱାରା ଗ୍ରେପ୍ତାରୀ ହେଲେ କାର୍ଯ୍ୟପ୍ରଣାଳୀର କଥା ।
୪୧ । ଚୌକିଦାରମାନଙ୍କ ଉପରେ ପଞ୍ଚାୟତର କର୍ତ୍ତବ୍ୟର (କର୍ତ୍ତୃତ୍ୱର) କଥା ।
୪୨ । ଜରିମାନା ଓ ଦଣ୍ଡର ଟଙ୍କା ଜଙ୍ଗ ଚୌକିଦାରମାନଙ୍କର ପୁରସ୍କାର ତହବିଲରେ ଜମା ଦେବା କଥା ।
୪୩ । ଚୌକିଦାରମାନଙ୍କୁ ବେତନ ଦେବା ପ୍ରଣାଳୀର କଥା ।
୪୪ । ଚୌକିଦାରମାନଙ୍କ ବେତନ ଦେବା ସକାଶେ ପଞ୍ଚାୟତରେ ଛଅ ମାସରେ ଟଙ୍କା ଦେବା ବା ପାଇବା (ପଠାଇବାର) କଥା ।
୪୫ । ଚୌକିଦାରର ବେତନ ଅଦାୟ ହେବା ପ୍ରଣାଳୀର କଥା ।
୪୬ । ପଞ୍ଚାୟତର ଏକ (କୌଣସି) ବ୍ୟକ୍ତି ବେତନ ଦେଲେ, ତାଙ୍କର ଫେରି ପାଇବା କଥା ।
୪୬ କ । ତହସିଲଦାର ନିଯୁକ୍ତ କରିବା କଥା ।
୪୬ ଖ । ତହସିଲଦାରର ପାରିଶ୍ରମିକର କଥା ।
୪୭ । କର ନିରୂପଣପତ୍ର ସଂଶୋଧନ କରିବା କ୍ଷମତାର କଥା ।

ଦ୍ୱିତୀୟ ଭାଗ ।

ଚୌକିଦାରୀ ଚାକରାଣ ଭୂମିର କଥା ।

୪୮ । ଚୌକିଦାରୀ ଚାକରାଣ ଭୂମି ଜମିଦାରଙ୍କୁ ହସ୍ତାନ୍ତର କରିବା କଥା ।
୪୯ । ମୂଲ୍ୟର ଅର୍ଦ୍ଧାଂଶ ଧରି କର ନିରୂପଣର କଥା ।
୫୦ । ହସ୍ତାନ୍ତର କରିବା ସ୍ଥିର କଲେକ୍ଟର ସାହେବଙ୍କ ପ୍ରତି ପ୍ରବର୍ତ୍ତିବାର କଥା ।
୫୧ । ହସ୍ତାନ୍ତର କରିବା ଫଳର କଥା ।
୫୨ । ଉକ୍ତ କର ଭୂମି ଉପରେ ସର୍ବଦା ଦାୟସ୍ୱରୂପ ଥିବା (ଚିରସ୍ଥାୟୀ ଦେୟ ନିର୍ଦ୍ଦିଷ୍ଟ ହେବା) କଥା ।
୫୩ । ଅଦାୟ କରିବା ପ୍ରଣାଳୀର କଥା ।
୫୪ । ବାଟର କୋଟିସର କଥା ।

Digitized by srujan ka@gmail.com

ଧାରା ।
୫୫ । ବନ୍ଦୋବସ୍ତ କରିବା ପ୍ରଣାଳୀର ଓ ଫଳର କଥା ।
୫୬ । ବନ୍ଦୋବସ୍ତ ପ୍ରଥମ ଥରଙ୍କ ପ୍ରୟୋଗର କଥା ।
୫୭ । ହସ୍ତାନ୍ତରିତ ଭୂମିଭୋଗୀଠାରୁ ଖଜଣା ପାଇବାର ସ୍ୱତ୍ୱ (ଅଧିକାର) ରହିତ କରି
ବାର କଥା ।
୫୮ । ବଙ୍ଗଦେଶର ଶ୍ରୀଯୁତ ଲେପ୍ଟେନେଣ୍ଟ ଗବର୍ଣ୍ଣର ସାହେବଙ୍କର (ସାହେବଙ୍କ ଦ୍ୱାରା)
କମିଶନ ନିଯୁକ୍ତ କରିବାର (ହେବାର) କଥା ।
୫୯ । ଖଜଣା ଭୂମି ସମ୍ପର୍କ ବିବାଦ (ସ୍ପଷ୍ଟ ମୀମାଂସାର ଭାର) କମିଶନଙ୍କ ପ୍ରତି ଅର୍ପଣ
କରିବାର କଥା ।
୬୦ । କମିଶନଙ୍କ କ୍ଷମତାର କଥା ।
୬୧ । କମିଶନଙ୍କ କର୍ତ୍ତବ୍ୟ କର୍ମର ଓ ସେମାନଙ୍କ ହୁକୁମର ଫଳର କଥା ।

ତୃତୀୟ ଭାଗ ।

୬୨ । ପଞ୍ଚାୟତର କ୍ଷମତା ଲୋକ ମାଜିଷ୍ଟ୍ରେଟଙ୍କ ଦ୍ୱାରା ପରିଚାଳିତ ହେବା କଥା ।
୬୩ । କ୍ଷତିପୂରଣର ଧାରା ।
୬୪ । ଦଉରା କମିଶନରମାନଙ୍କ ପ୍ରତି କର୍ତ୍ତୃତ୍ୱ ଅର୍ପଣ ହେବାର କଥା ।
୬୫ । ପଞ୍ଚାୟତର କାର୍ଯ୍ୟପଦ୍ଧତି ଦର୍ଶାଇବାର କଥା ।
୬୬ । ଅପରାଧ ରିପୋର୍ଟ କରିବାକୁ ଜମିଦାରମାନଙ୍କ ଯାହା କର୍ତ୍ତବ୍ୟ ତାହା ବ୍ୟତିକ୍ରମ
ନ ହେବାର କଥା ।
୬୭ । ପଞ୍ଚାୟତ ଯେଉଁ ଗ୍ରାମରେ ନିଯୁକ୍ତ ହୁଏ ସେହି ଗ୍ରାମରେ ଚୌକିଦାରି ବିଧିର ବ୍ୟତି-
କ୍ରମ ନ ହେବାର କଥା ।
୬୮ । ଏହି ଆଇନ ଯେଉଁ ଦିନଠାରୁ ପ୍ରଚଳିତ ହେବ ତହିଁର କଥା ।
୬୯ । ସଂକ୍ଷେପ ନାମ ।
A (କ) ତଫସୀଲ ।— ନୋଟିସ କରିବା ଇଅଟେଣ୍ଟ ପାଠ ।
B (ଖ) ତଫସୀଲ ।— ଯେଉଁ ସବୁ ଅପରାଧର ରିପୋର୍ଟ କରିବାକୁ ହେବ ଓ
ଯେଉଁ ସବୁ ଅପରାଧ ହେଲେ ଚୌକିଦାର ଧରି ନେଇ ପାରିବେ ।
C (ଗ) ତଫସୀଲ ।— ହସ୍ତାନ୍ତର କରିବା ହୁକୁମନାମାର ପାଠ ।
D (ଘ) ତଫସୀଲ ।— ଭୂମି ବାବତ ବାକି କର ଧାର୍ଯ୍ୟର ନୋଟିସ ଲେଖିବା ପାଠ

Digitized by srujan ka@gmail.com

୧୮୭୦ ସାଲର ୬ ଆଇନ ।

ମନ୍ତ୍ରିସ୍ଥ ଉପସ୍ଥିତ ବଙ୍ଗଦେଶର ଶ୍ରୀଯୁତ ଲେପ୍ଟେନେଣ୍ଟ ଗବର୍ଣ୍ଣର ସାହେବଙ୍କ ଦ୍ୱାରା ପ୍ରଣୀତ ।

(୧୮୭୦ ସାଲ ଜୁନ ମାସ ୬ (୧୬) ତାରଖରେ ମାନ୍ୟବରଙ୍କର ଏବଂ ୧୮୭୦ ସାଲ ସେପ୍ଟେମ୍ବର ମାସ ୨୮ ତାରିଖରେ ଗବର୍ଣ୍ଣର ଜେନରଲଙ୍କର ସମ୍ମତ ପ୍ରାପ୍ତ ହେଲା ।)

ଗ୍ରାମ୍ୟ ଚୌକୀଦାରମାନଙ୍କର ନିଯୁକ୍ତି ଓ ମାଲ୍ଗୁଲ ଓ ଭରଣପୋଷଣର ବିଧାନକରଣାର୍ଥ ଆଇନ ।

(୧୮୯୨ ସାଲ ନବେମ୍ବର ମାସ ୧ ତାରଖ ପର୍ଯ୍ୟନ୍ତ ଯଦ୍ରୂପ ପରିବର୍ତ୍ତିତ ହୋଇଅଛି ।)

ହେତୁବାଦ । ଯେହେତୁ ବଙ୍ଗଦେଶର ଶ୍ରୀଯୁତ ଲେପ୍ଟେନେଣ୍ଟ ଗବର୍ଣ୍ଣର ସାହେବଙ୍କ ଶାସିତ ଦେଶ ମଧ୍ୟରେ ଗ୍ରାମ୍ୟ ଚୌକୀଦାରମାନଙ୍କର ନିଯୁକ୍ତି ଓ ମାଲ୍ଗୁଲ ଓ ଭରଣପୋଷଣର ବିଧାନ କରିବାର ବିହିତ, ଅତଏବ ନିମ୍ନଲିଖିତମତେ ବିଧାନ କରାଗଲା ।

ପ୍ରଥମ ଭାଗ ।

ଉପକ୍ରମଣିକା ।

ଅର୍ଥକରଣର କଥା । ୧ ଧାରା । ତଳଲିଖିତ କଥାର ଓ ଶବ୍ଦର 'ଯେଉଁ୨' ଅର୍ଥ ନିର୍ଣ୍ଣିତ ହୋଇଅଛି ଏହି ଆଇନର ଅର୍ଥକରଣରେ ପଶ୍ଚାପର କଥାରେ ଭାବାନ୍ତର ପ୍ରକାଶ ନ ହେଲେ ସେଥିର ସେହି୨ ଅର୍ଥ ଧରିବାକୁ ହେବ, ଯଥା :—

Digitized by srujan ka@gmail.com

"ବ୍ୟାଖ୍ୟା । ପୂର୍ବାପର କଥାରେ ଭାବାନ୍ତର ପ୍ରକାଶ ନ ହେଲେ" ଏଠାରେ ଇଂରାଜୀ (Context) ଶବ୍ଦ ବ୍ୟବହୃତ ହୋଇଅଛି, ସୁତରାଂ ବୁଝିବାକୁ ହେବ ଯେ "କଥା ପ୍ରସଙ୍ଗରୁ" ଭାବାନ୍ତର ପ୍ରକାଶ ନ ହେଲେ ; ଏହାର ତାତ୍ପର୍ଯ୍ୟାର୍ଥ ଏହି ଯେ ଯେଉଁ ୨ ସ୍ଥଳମାନଙ୍କରେ "କଥା ପ୍ରସଙ୍ଗରୁ" ଭାବାନ୍ତର ପ୍ରକାଶ ହେବ ସେ ୨ ସ୍ଥଳମାନଙ୍କ ବ୍ୟତୀତ ଅନ୍ୟ ସ୍ଥାନମାନଙ୍କରେ ନିମ୍ନଲିଖିତ ଅର୍ଥ ଗ୍ରହଣ କରିବାକୁ ହେବ, ଯେମନ୍ତ କି ୪୮ ଓ ୬୨ ଧାରାମାନଙ୍କରେ ଜମିଦାର ଶବ୍ଦ କେବଳ ଏହି ଧାରା ଲିଖିତ ବ୍ୟକ୍ତିମାନଙ୍କୁ ନ ବୁଝାଇ ମଧ୍ୟ—ସ୍ୱତ୍ୱାଧିକାରୀ ବା ମୋକଦ୍ଦମ, ମୌରସୀ ସରବରାକାର ପ୍ରଭୃତଙ୍କୁ ବୁଝାଇଲା ପରି ବୋଧ ହୁଏ ।

କୌଣସି ଜିଲ୍ଲାରେ ଅପରାଧ ଘଟିତ ବିଷୟରେ ପ୍ରଧାନ ଯେଉଁ କାର୍ଯ୍ୟ-

"ଜିଲ୍ଲାର ମାଜିଷ୍ଟ୍ରେଟ"

କାରକଙ୍କ କାର୍ଯ୍ୟ ସମ୍ପାଦନାଧିକାର ଥାଏ ତାଙ୍କ ପଦର ଯେଉଁ ଖ୍ୟାତି ହେଉ ନା କାହିଁକି "ଜିଲ୍ଲାର ମାଜିଷ୍ଟ୍ରେଟ" ଶବ୍ଦରେ ତାଙ୍କୁ ବୁଝାଇବ ।

ବ୍ୟାଖ୍ୟା—"ତାଙ୍କ ପଦର ଯେଉଁ ଖ୍ୟାତି ହେଉ ନା କାହିଁକି" ଅର୍ଥାତ୍ ସେ ଯେଉଁ ଅଖ୍ୟାଧାରୀ ହୋଇଥାନ୍ତୁ ବା ତାଙ୍କର ଆଖ୍ୟା ଯାହା ହେଉ ପଛକେ । ଏଠାରେ ଖ୍ୟାତି ଶବ୍ଦ ସୁଖ୍ୟାତି ବା ଅଖ୍ୟାତି ଅର୍ଥରେ ବ୍ୟବହୃତ ହୋଇ ନାହିଁ ।

କୌଣସି କାର୍ଯ୍ୟକାରକ ଗ୍ରାମରେ ଚୌକୀ ଦେବାକୁ ଏବଂ ପୋଲିସରେ

"ଚୌକୀଦାରୀ ଚାକରାଣ ଭୂମି ।"

ଅପରାଧର ରିପୋର୍ଟ କରିବାକୁ ଆବଦ୍ଧ ହେଲେ ତାହାର ଭରଣପୋଷଣ ନିମିତ୍ତ ଯେଉଁ ଭୂମି ମିଆଦୀ ବନ୍ଦୋବସ୍ତ ବ୍ୟତିରେକେ ପ୍ରକାରାନ୍ତରେ ସମର୍ପଣ କରାଯାଏ ଏବଂ ଏହି ଆଇନ ପ୍ରଚଳିତ ହେବା ସମୟରେ ସେହି କାର୍ଯ୍ୟକାରକ ସେହି ଭୂମି ଉପଲକ୍ଷରେ ଜମିଦାର ନିକଟରେ ଚାକରୀ କରିବାର ଦାୟୀ ହେଲେ "ଚୌକୀଦାରୀ ଚାକରାଣ ଭୂମି" ଶବ୍ଦରେ ସେହି ଭୂମି ବୁଝାଇବ ।

ବ୍ୟାଖ୍ୟା—"ଆବଦ୍ଧ ହେଲେ" (May have been bound) ଆବଦ୍ଧ ହୋଇଥିବ । "ଚାକରୀ କରିବାର ଦାୟୀ" ଚାକରୀ କରିବାକୁ ଦାୟୀ ।

ଭରଣପୋଷଣ—ବେତନ ଦେବା ଦ୍ୱାରା ରଖିବା । ଏହି ଧାରା ଲିଖିତ କାର୍ଯ୍ୟକାରକର

Digitized by srujan ka@gmail.com

ତିନିଗୋଟି କାର୍ଯ୍ୟ (୧) ଗ୍ରାମରେ ଚୌକୀଦେବା (୨) ପୋଲିସରେ ଅପରାଧ ରପୋର୍ଟ କରିବା ଏବଂ (୩) ଏ ଆଇନ ଚଳିବା ସମୟରେ ଜମିଦାରର କାର୍ଯ୍ୟ କରିବା । ଯେଉଁ କାର୍ଯ୍ୟକାରକ ଏହି ତିନି କାର୍ଯ୍ୟ କରୁଥିବ ତାହାର ଜୀବିକା ନିର୍ବାହ ନିମନ୍ତେ ଯେଉଁ ଜମି ଚିରସ୍ଥାୟୀ ବନ୍ଦୋବସ୍ତ ବ୍ୟତୀତ ଅନ୍ୟ ପ୍ରକାରେ ଦତ୍ତ ହୋଇଥିବ ସେହି ଜମି ଚାକରାଣ ଜମି । ମିଆଦ—ଅଚିରସ୍ଥାୟୀ ।

‘‘ଜମିଦାର’’

ଗବର୍ଣ୍ଣମେଣ୍ଟଙ୍କୁ ଅବ୍ୟବହିତରୂପେ ରାଜସ୍ୱଦାୟୀ ମାହାଲର ସାଧାରଣ ରେଜିଷ୍ଟେରୀ ବହିରେ ତଦ୍ରୂପ ରାଜସ୍ୱଦାୟୀ ଭୂସ୍ୱାମୀ ବୋଲି ଯେଉଁ ବ୍ୟକ୍ତିଙ୍କ ନାମ ଲେଖା ଥାଏ, ଅଥବା ନିଷ୍କର ଭୂମିର ସାଧାରଣ ରେଜିଷ୍ଟରୀ ବହିରେ ନିଷ୍କର ଭୂମିର ଭୂସ୍ୱାମୀ ବୋଲି ଯେଉଁ ବ୍ୟକ୍ତିଙ୍କ ନାମ ଲେଖାଥାଏ ‘‘ଜମିଦାର’’ ଶବ୍ଦରେ ସେହି ବ୍ୟକ୍ତିଙ୍କୁ ବୁଝାଇବ ।

ବ୍ୟାଖ୍ୟା—ଅର୍ଥାତ୍ ଜମିଦାର ଶବ୍ଦ ଏଠାରେ ଜମିଦାର ଓ ଲାଖରାଜଦାର ବୁଝାଉଛି ।

ଟୀକା ।—(କ) ୧୮୯୨ ସାଲର ବଙ୍ଗୀୟ ୧ ଆଇନର ୨ ଧାରା ଦ୍ୱାରା ‘‘ଜଜ ମାଜିଷ୍ଟ୍ରେଟ’’ ସଂଜ୍ଞା ଉଠିଯିବାରୁ ଏବଂ ସମୁଦାୟ ଆଇନରେ ‘‘ଜିଲ୍ଲାର ମାଜିଷ୍ଟ୍ରେଟ’’ ଏ ଶବ୍ଦମାନ ବ୍ୟବହୃତ ହେବାରୁ, ଜିଲ୍ଲାର ମାଜିଷ୍ଟ୍ରେଟ ବା ସବ୍-ଡିଭିଜନାଲ ଅଫିସରଙ୍କ କ୍ଷମତା ସମ୍ବନ୍ଧରେ ଯେଉଁ ଗୋଲମାଲ ଘଟୁଥିଲା ତାହା ବର୍ତ୍ତମାନ ଆଉ ରହିଲା ନାହିଁ ।

(ଖ) ଏହି ଆଇନ ଅନୁସାରେ ବର୍ତ୍ତମାନ ଏକ ମାତ୍ର ଜିଲ୍ଲାର ମାଜିଷ୍ଟ୍ରେଟଙ୍କର ସରେଜଓ ବା ମୌଳିକ କ୍ଷମତା ରହିଲା ; କିନ୍ତୁ ୩ ଧାରା (କ) ପ୍ରକରଣ ଅନୁସାରେ ସେ ତାଙ୍କର ସମୁଦାୟ କିମ୍ବା କୌଣସି୨ କ୍ଷମତା ପ୍ରଥମ ଶ୍ରେଣୀର ମାଜିଷ୍ଟ୍ରେଟ, ସବ୍-ଡିଭିଜନାଲ ମାଜିଷ୍ଟ୍ରେଟ, କିମ୍ବା ପୋଲିସର ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ସମର୍ପଣ (delegate) କରି ପାରନ୍ତି । ଏହିପରି କ୍ଷମତା ସମର୍ପଣ କରିବାର ବିଧାନ ହେବାରୁ ପୋଲିସ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ୧୮୬୧ ମସିହା ୫ ଆଇନର ୪୭ ଧାରା ଅନୁସାରେ କ୍ଷମତା ଦେବାର ଆଉ ପ୍ରୟୋଜନ ଦେଖା ଯାଉ ନାହିଁ ।

(ଗ) ପୋଲିସ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟଙ୍କ କ୍ଷମତା ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟଙ୍କର ୧୮୬୨ ସାଲ ନବେମ୍ବର ମାସ ୧ ତାରିଖର ଯେଉଁ ବିଜ୍ଞାପନ ଅଛି ତାହା କେବଳ ୧୮୧୭ ସାଲର ୨୦ ଆଇନ ପ୍ରତି ଖଟଇ ।

Digitized by srujan ka@gmail.com

୨ । ଏହି ଆଇନ ଯେଉଁ ସମସ୍ତ ଗ୍ରାମ ପ୍ରତି ପ୍ରବର୍ତ୍ତେ ତାହାସମ୍ପର୍କରେ ୧୮୧୬ ସାଲର ୨୦ ଆଇନର ୨୧ ଧାରା ଏତଦ୍ଦ୍ୱାରା ରହିତ କରାଗଲା ।

ଧାରା ରହିତ ହେବା କଥା ।

ବ୍ୟାଖ୍ୟା । "ଗ୍ରାମ ପ୍ରତି ପ୍ରବର୍ତ୍ତେ" — ଗ୍ରାମରେ ଚଳିପାରିବ ବା କାର୍ଯ୍ୟରେ ଅର୍ପି-ପାରିବ । (may)

ଏ ଧାରାର ତାତ୍ପର୍ଯ୍ୟ ଏହି ଯେ ଏ ଆଇନ କାର୍ଯ୍ୟରେ ପଡିଲେ ୧୮୧୬ ସାଲର ୨୦ ଆଇନର ୨୧ ଧାରା ରହିତ ହେବ ।

୨ କ । ଉକ୍ତ ଆଇନର ବିଧାନମତେ କୌଣସି ଗ୍ରାମରେ ବା ଗ୍ରାମସଂଯୋଗରେ ଯେ ପର୍ଯ୍ୟନ୍ତ ଚୌକିଦାରକୁ ନିଯୁକ୍ତ କରା ନ ଯାଏ ସେ ପର୍ଯ୍ୟନ୍ତ ଏହି ଆଇନର କୌଣସି କଥାକ୍ରମେ ୧୮୧୬ ସାଲର ୨୦ ଆଇନର ୨୧ ଧାରା ବିଧାନ ରହିତ ହେଲା ଏପରି ଜ୍ଞାନ କରିବାକୁ ହେବ ନାହିଁ ।

ଚୌକିଦାର ନିଯୁକ୍ତ ନ ହେବା ପର୍ଯ୍ୟନ୍ତ ଆଇନର ବିଧାନ ନ ପ୍ରବର୍ତ୍ତିବା ।

ବ୍ୟାଖ୍ୟା— ଯାହାକୁ ୨ (କ) ଧାରା ବୋଲି ଓଡିଆରେ ଅନୁବାଦ କରା ହୋଇଅଛି ପ୍ରକୃତରେ ତାହା ୨ୟ ଧାରାର ଏକ ପାରା ବା ଅନୁଚ୍ଛେଦ ମାତ୍ର ; ଇଂ ରାଜୀରେ ୨ (କ) ଧାରା ନାହିଁ ।

ଟୀକା— (କ) ୧୮୧୬ ମସିହାର ୨୦ ଆଇନର ୨୧ ଧାରା ୪୯ ପରିଶିଷ୍ଟରେ ମିଳିବ ।

(ଖ) ୬୭ ଧାରାରେ ଜାଗିରଜମି ସମ୍ବନ୍ଧରେ ଏହିପରି ବର୍ଜିତ ବିଧି ଅଛି ।

୩ । ଜିଲ୍ଲା ମାଜିଷ୍ଟ୍ରେଟ—

(୧) ଜିଲ୍ଲା ମାଜିଷ୍ଟ୍ରେଟ ସାହେବଙ୍କ ଅଧ୍ୟକ୍ଷତାଧୀନରେ ଯେଉଁ ଜିଲ୍ଲା ଥିବ ସେହି ଜିଲ୍ଲା ଅନ୍ତର୍ଗତ କୌଣସି ଗ୍ରାମରେ ତହିଁର ପଞ୍ଚାୟତ ହେବା ସକାଶେ ଉକ୍ତ ମାଜିଷ୍ଟ୍ରେଟ ସାହେବ ଲିଖିତ ଆଜ୍ଞାକ୍ରମେ ତିନି ଜଣରୁ ଅନ୍ୟୂନ ବା ପାଞ୍ଚଜଣରୁ ଅନଧିକ ଅଧିବାସିଙ୍କୁ ନିଯୁକ୍ତ କରି ପାରିବେ ।

ପଞ୍ଚାୟତ ନିଯୁକ୍ତ କରିବା କଥା ।

Digitized by srujan ka@gmail.com

ବ୍ୟାଖ୍ୟା।—"ଅଧିବାସୀ" ଯେଉଁ ଇଂରାଜୀ ଶବ୍ଦ (Resident) ନିମନ୍ତେ ଏ ପ୍ରକର- ଣରେ "ଅଧିବାସୀ" ଶବ୍ଦ ବ୍ୟବହୃତ ହୋଇଅଛି ୬ଷ୍ଠ ପ୍ରକରଣରେ ସେହି ଶବ୍ଦ ପାଇଁ "ନିବାସୀ" ଶବ୍ଦ ବ୍ୟବହୃତ ହୋଇଅଛି । ଏଣୁକରି ଉଭୟ ପ୍ରକରଣରେ ଅଧିବାସୀ ଶବ୍ଦ ନିବାସୀ ଅର୍ଥରେ ବ୍ୟବହୃତ ହୋଇଅଛି; ବୋଧ ହୁଏ ଉଭୟଠାରେ ନିବାସୀ ଶବ୍ଦ ପ୍ରୟୋଜ୍ୟ ।

କିମ୍ବା (୨) ସେ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କର ଅନୁମତି ପୂର୍ବରୁ ଗ୍ରହଣ କରି ଆଦେଶ କରି ପାରିବେ ଯେ କୌଣସି ଗ୍ରାମର ବୟଃପ୍ରାପ୍ତ ପୁରୁଷ କର-ଦାତା ଅଧିବାସିମାନେ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଦ୍ୱାରା ଯେଉଁ ସବୁ ବିଧି ନିର୍ଦ୍ଦିଷ୍ଟ ହୋଇ କଲିକତା ଗେଜେଟରେ ପ୍ରକାଶ ହୋଇଥିବ ସେହି ସବୁ ବିଧି ଅନୁସାରେ ସେହି ଗ୍ରାମର ପଞ୍ଚାୟତ ହେବା ସକାଶେ ସେହି ଗ୍ରାମ ନିବାସୀ ତିନି ଜଣରୁ ଅନ୍ୟୂନ ଓ ପାଞ୍ଚଜଣରୁ ଅନଧିକ ସଂଖ୍ୟକ ବ୍ୟକ୍ତିଙ୍କୁ ମନୋନୀତ କରିବେ । ଏବଂ ଜିଲ୍ଲାର ମାଜିଷ୍ଟ୍ରେଟ ଯେବେ ତଦ୍ରୂପେ ନିଯୁକ୍ତ ବ୍ୟକ୍ତିମାନଙ୍କୁ ଅନୁମୋଦନ କରିବେ ତାହା ହେଲେ ସେ ସେହି ବ୍ୟକ୍ତିମାନଙ୍କୁ ପଞ୍ଚାୟତ ନିଯୁକ୍ତ କରିବେ କିନ୍ତୁ ଜିଲ୍ଲାର ମାଜିଷ୍ଟ୍ରେଟ ଯେବେ ତଦ୍ରୂପେ ମନୋନୀତ କୌଣସି ବ୍ୟକ୍ତିଙ୍କୁ ଯେଉଁ ହେତୁ ଲିପିବଦ୍ଧ କରିବାକୁ ହେବ ସେହି ହେତୁରେ ପଞ୍ଚାୟତର ସଭ୍ୟ ହେବାର ଅନୁପଯୁକ୍ତ ବିବେଚନା କରିବେ ତାହା ହେଲେ ସେହି ଗ୍ରାମର ଜଣେ ଯୋଗ୍ୟ ଓ ଉପଯୁକ୍ତ ଅଧିବାସୀଙ୍କୁ ପଞ୍ଚାୟତର ସଭ୍ୟ ନିଯୁକ୍ତ କରିବେ ।

ବ୍ୟାଖ୍ୟା—ଗବର୍ଣ୍ଣମେଣ୍ଟଙ୍କର "ଅନୁମତି" ଏଠାରେ ଯେଉଁ ଇଂରାଜୀ ଶବ୍ଦ (Sanc- tion) ପରିବର୍ତ୍ତରେ "ଅନୁମତି" ଶବ୍ଦ ବ୍ୟବହୃତ ହୋଇଅଛି ୩ (କ) ଧାରାରେ ସେହି ଶବ୍ଦ ପରିବର୍ତ୍ତରେ "ମଞ୍ଜୁରି" ଶବ୍ଦ ବ୍ୟବହୃତ ହୋଇଅଛି ଯଥା "କମିଶନରଙ୍କ ମଞ୍ଜୁରି ନେଇ" ଏଣୁକରି ଏଠାରେ "ଅନୁମତି" ଅର୍ଥ "ମଞ୍ଜୁରି;" ଏଠାରେ ମଧ୍ୟ ମଞ୍ଜୁରି ଶବ୍ଦ ବ୍ୟବହାର କରିବା ଉଚିତ ଥିଲା କାରଣ ଅନୁମତି ଓ ମଞ୍ଜୁରି ମଧ୍ୟରେ ତାରତମ୍ୟ ଅଛି- ପରି ବୋଧ ହୁଏ । ଅଧିକନ୍ତୁ ମଧ୍ୟ ୬୨ ଧାରାର ବ୍ୟାଖ୍ୟା ଦେଖ ।

କିନ୍ତୁ ଯେଉଁ କୌଣସି ସ୍ଥାନ ପ୍ରତି ବଙ୍ଗୀୟ ମ୍ୟୁନିସିପଲ ବିଧିଯୁକ୍ତ

Digitized by srujan ka@gmail.com

୧୮୮୪ ସାଲର ଆଇନ ପ୍ରବର୍ତ୍ତି ଥିବ କିମ୍ବା ଭବିଷ୍ୟତରେ ପ୍ରବର୍ତ୍ତି ପାଇ ସେହି ସ୍ଥାନରେ କୌଣସି ପଞ୍ଚାୟତ ନିଯୁକ୍ତ ହେବେ ନାହିଁ ।

କିନ୍ତୁ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କର ଏପରି ନିର୍ଦ୍ଦେଶ କରିବାର ଅଧିକାର ରହିବ ଯେ ଯେଉଁ ୨ ନିର୍ଦ୍ଦିଷ୍ଟ ସ୍ଥାନର କଥା କଲିକତା ଗେଜେଟରେ ବିଜ୍ଞାପିତ ହେବ ସେଠାରେ ପଞ୍ଚାୟତର କର୍ମ କରିବାକୁ ନିଯୁକ୍ତ ବ୍ୟକ୍ତିମାନଙ୍କର ସଂଖ୍ୟା କମ କରି ଏକ ଜଣ କରାଯାଇ ପାରିବ ।

ଟୀକା ।—(କ) ୧୮୧୬ ମସିହାର ବଙ୍ଗୀୟ ୧ ଆଇନର * ଧାରା ଦ୍ୱାରା ଏହା (Substituted) ପରିବର୍ତ୍ତିତ କରା ହୋଇଅଛି; କୌଣସି ଗ୍ରାମରେ ଏହି ଆଇନ ଚଳାଇବା ପୂର୍ବେ ଜଣେ ମାଜିଷ୍ଟ୍ରେଟଙ୍କୁ ଉକ୍ତ ଗ୍ରାମକୁ ପଠାଇବାରେ ଯେ ଅସୁବିଧା ଥିଲା ତାହା ବର୍ତ୍ତମାନ ବ୍ୟବସ୍ଥାନୁସାରେ ଆଉ ରହିଲା ନାହିଁ । ଅଧିକନ୍ତୁ ମଧ୍ୟ ଏ ଧାରା ପୂର୍ବେ ଯେପରି ଥିଲା ତାହା ଅନୁସାରେ ୭୦ ଘର ସଂଖ୍ୟାର ଯେଉଁ ନିୟମ ଥିଲା ତାହା ରହିତ ହେଲା । ୪ ଧାରା ମଧ୍ୟ ଦେଖ ।

*କ । ଜିଲ୍ଲାର ମାଜିଷ୍ଟ୍ରେଟ କମିଶନର ସାହେବଙ୍କ ମଞ୍ଜୁର ନେଇ ଲିଖିତ ଆଜ୍ଞାକ୍ରମେ ସମୟ ୨ରେ ତାଙ୍କର ଏହି ଆଇନାନୁଯାୟୀ ସମସ୍ତ କ୍ଷମତା ବା ତହିଁର କୌଣସି ଅଂଶ ଆପଣା ଅଧୀନ କୌଣସି ପ୍ରଥମ ଶ୍ରେଣୀର ମାଜିଷ୍ଟ୍ରେଟ କିମ୍ବା ସବ-ଡିଭିଜନର ଭାରପ୍ରାପ୍ତ କୌଣସି ମାଜିଷ୍ଟ୍ରେଟ କିମ୍ବା ପୋଲିସର ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟଙ୍କ ପ୍ରତି ଅର୍ପଣ କରି ପାରିବେ । ଏବଂ ସେହିରୂପ କୌଣସି ଆଜ୍ଞାକ୍ରମେ ସେହିରୂପ ମଞ୍ଜୁରି ନେଇ ତଦ୍ରୂପ ଅର୍ପିତ କ୍ଷମତା କାଢି ନେଇ ପାରିବେ ।

ଜିଲାର ମାଜିଷ୍ଟ୍ରେଟଙ୍କ ଦ୍ୱାରା କ୍ଷମତାର୍ପଣର କଥା ।

ଟୀକା—(କ) ୨ ୧ ଧାରା ତଳେ (ଖ) ଟୀକା ଦେଖ ।

(ଖ) କୌଣସି ଗ୍ରାମ ବା ସ୍ଥାନରେ ୧୮୭୦ ସାଲର ବଙ୍ଗୀୟ ୬ ଆଇନ ଚଳାଇବା ପାଇଁ ରିପୋର୍ଟ କରିବା ନିମନ୍ତେ ବିଶେଷତଃ ଏହି ଆଇନ ୨ୟ ଖଣ୍ଡ ସମ୍ବନ୍ଧରେ ତଳଲିଖିତ ଫାରମ ବିଶେଷ ବ୍ୟବହାର ଉପଯୋଗୀ ହୋଇ ପାରେ ।

Digitized by srujan ka@gmail.com

ଯେଉଁ ଗ୍ରାମ ବା ଗ୍ରାମସମୂହ ପଞ୍ଚାୟତ ଅଧୀନ ହେବ ତାହାର ଏବଂ ଥାନାର ନାମ ।	ଘରର ସଂଖ୍ୟା ।	ଅଧିବାସୀଙ୍କର ସଂଖ୍ୟା ।	ବର୍ତ୍ତମାନ ଯେଉଁ ଗ୍ରାମ୍ୟ ଚୌକିଦାରମାନେ ଅଛନ୍ତି ସେମାନଙ୍କର ନାମ ଓ ସେମାନେ ପ୍ରତ୍ୟେକେ ଯେତେ ଜାଗିର ଜମି ଧରନ୍ତି ତାହାର ପରିମାଣ ।		ପଞ୍ଚାୟତ ଓ ଚୌକିଦାରଙ୍କର ଆବଶ୍ୟକ ସଂଖ୍ୟା ।	ମନ୍ତବ୍ୟ ପ୍ରତ୍ୟେକ ଜଣ ନମ୍ବର ଓ ପ୍ରତ୍ୟେକ ଜଣ କେତେ ଜମି ତାହା ସହିତ ଜମା ଘର ଲିଖିତ ଜମିର ବିଶେଷ ବିବରଣ ଅଙ୍କ ହେବା ପର୍ଦ୍ଦରେ ଦେବାକୁ ହେବ ।
			ନାମ ।	ଜମି ।		
୧	୨	୩	୪	୫	୬	୭

(ଗ) ୧୮୮୪ ସାଲର ବଙ୍ଗୀୟ ମ୍ୟୁନିସିପଲ ଆଇନ କୌଣସି ମ୍ୟୁନିସିପାଲିଟୀରେ ପ୍ରଚଳିତ ହେବା ପୂର୍ବେ ତାହାର କୌଣସି ଅଂଶର ଉପକାର ନିମନ୍ତେ ଯେଉଁ ୨ ଜମିମାନ ନିର୍ଦ୍ଦେଶ କରା ହୋଇଥିବ ତାହା ପ୍ରତି ଉକ୍ତ ଆଇନର ୩୨୪ ଧାରା ଅନୁସାରେ ୧୮୭୦ ମସିହାର ବଙ୍ଗୀୟ ୬ ଆଇନର ୨ୟ ଖଣ୍ଡ ଖଟିବ ।

(ଘ) ଏହା ସ୍ପଷ୍ଟ ପ୍ରତୀୟମାନ ହେଉଅଛି ଯେ କୌଣସି ଗ୍ରାମରେ ଏ ଆଇନର କାର୍ଯ୍ୟ ଥରେ ଆରମ୍ଭ ହେଲେ ତାହା କେବଳ ୨୪ ଧାରା ଲିଖିତ କମିଶନର ସାହେବଙ୍କ ଆଦେଶ ଦ୍ୱାରା ସେ ଗ୍ରାମରୁ ଉଠି ଯାଇ ପାରେ କିମ୍ବା କିଛି କାଳ ପାଇଁ ସ୍ଥଗିତ ରହି ପାରେ ।

(ଙ) ଗ୍ରାମ୍ୟ ବର୍ଗଙ୍କ, ସୁଦୂର ଗ୍ରାମ ଏବଂ ଅନ୍ୟାନ୍ୟ ଯେଉଁ ସ୍ଥାନମାନଙ୍କରେ ୭ ଧାରା ଅନୁସାରେ ଶିକ୍ଷିତ ବା ଅନ୍ୟ ପ୍ରକାରେ ଉପଯୁକ୍ତ ବ୍ୟକ୍ତି ପାଇବା ସମ୍ଭବ ନୁହେଁ ସେହିପରି ବିଶେଷ ସ୍ଥଳମାନଙ୍କ ନିମନ୍ତେ ଏକ ଜଣ ପଞ୍ଚାୟତର ବ୍ୟବସ୍ଥା କରା ହୋଇଅଛି ।

(ଚ) ଦ ୩ ଧାର ୨ୟ ପ୍ରକରଣରେ ପଞ୍ଚାୟତ ନିର୍ବାଚନ (ମନୋନୟନ ନୁହେଁ) କରିବାର ଯେ ବିଧି ହୋଇଅଛି ତାହା ଅନେକ ତର୍କବିତର୍କ ଉପରୁ ଅତି ଅଳ୍ପ ସଂଖ୍ୟକ ଅଧିକା ମତରେ ମଞ୍ଜୁର ହୋଇଅଛି । କିନ୍ତୁ ଏହା ଦେଖା ଯାଉଅଛି ଯେ ନିମ୍ନଲିଖିତ କେତେ ଗୋଟି ପ୍ରତିବନ୍ଧକ ଥିବାରୁ ଏ କ୍ଷମତା ଦ୍ୱାରା ଅପଦ ଘଟିବାର ଆଶଙ୍କା ନାହିଁ । ସେ କେତେ ଗୋଟି ପ୍ରତିବନ୍ଧକ ଏହି ଯଥା ;—

(୧) ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କ ଅନୁମତି ପୂର୍ବରୁ ପଣାଇବା ।

(୨) ତତ୍ସମ୍ବନ୍ଧୀୟ ନିୟମାବଳୀ ।

(୩) ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନାମଞ୍ଜୁର କରିବାର କ୍ଷମତା ।

Digitized by srujan ka@gmail.com

୪ । ଜିଲ୍ଲା ମାଜିଷ୍ଟ୍ରେଟ ସାହେବ ସମୟ୨ରେ ଆପଣାର ସ୍ୱାକ୍ଷରିତ ଲିଖିତ ଆଜ୍ଞାକ୍ରମେ ସେ ଯେଉଁ ଜିଲ୍ଲାର ଭାର-ପ୍ରାପ୍ତ ହୋଇଥିବେ ସେହି ଜିଲ୍ଲାଅନ୍ତର୍ଗତ କୌଣସି ସ୍ଥାନୀୟ ଭୂଖଣ୍ଡକୁ କିମ୍ବା ବାସ ଗୃହର ପୁଞ୍ଜକୁ ଏହି ଆଇନର ଅଭିପ୍ରାୟ ପକ୍ଷରେ ଗୋଟିଏ ଗ୍ରାମ ବୋଲି ନିର୍ଦ୍ଦେଶ କରି ପାରିବେ ।

ଗ୍ରାମ ନିର୍ଦ୍ଦେଶ କରିବା କ୍ଷମତାର କଥା ।

ବ୍ୟାଖ୍ୟା—ଜିଲ୍ଲା ମାଜିଷ୍ଟ୍ରେଟ ଭୂମିଖଣ୍ଡ ବା ବାସଗୃହ ପୁଞ୍ଜକୁ ଗ୍ରାମ ବୋଲି ଲିଖିତ ଆଜ୍ଞାକ୍ରମେ ପ୍ରଚାର କରି ପାରିବେ ।

ଟୀକା—(କ) ୧୮୧୨ ମସିହାର ବଙ୍ଗୀୟ ୧ ଆଇନର ୫ ଧାରା ଦ୍ୱାରା ଏ ଧାରା ଏହି-ପରି ସଂଶୋଧିତ ହୋଇଅଛି ।

(ଖ) ଯେଉଁ ଗ୍ରାମରେ ୬୦ ବା ତହିଁରୁ ନ୍ୟୂନ ସଂଖ୍ୟକ ଗୃହ ଅଛି କିମ୍ବା ଯେଉଁ ଗ୍ରାମପୁଞ୍ଜରେ ୮୦ ରୁ ଅନ୍ୟୂନ ଗୃହ ଅଛି ଏବଂ ଯେଉଁ ଗ୍ରାମପୁଞ୍ଜର ଗ୍ରାମମାନ ଏକ ମାଇ-ଲରୁ ଅନଧିକ ଦୂରରେ ଅବସ୍ଥିତ ସେ ଗ୍ରାମମାନ କିମ୍ବା ଗ୍ରାମପୁଞ୍ଜରେ ଏ ଆଇନ ଚଳାଇବା ପକ୍ଷରେ ପୁରୁଣା ୩ ଓ ୪ ଧାରାମାନଙ୍କରେ ଯେଉଁ ୨ ବାଧା ଥିଲା ତାହା ଏହି ନୂତନ ଧାରା ଯୋଗୁଁ ଆଉ ରହିଲା ନାହିଁ ; ନୂତନ ବିଧି ଦ୍ୱାରା ଏସମସ୍ତ ଆଇନର କାର୍ଯ୍ୟକାରିତା ବିଶେଷରୂପେ ବିସ୍ତୃତ ଲଭୁଅଛି ।

(ଗ) ସର୍କଲ ଦଫାଦାର ନିଯୁକ୍ତ କରିବା ବିଷୟରେ ଭାଗଲପୁରର କମିଶନରଙ୍କଠାକୁ ଲେଖା ଯାଇଥିବା ଗବର୍ଣ୍ଣମେଣ୍ଟଙ୍କର ୧୮୧୬ ମସିହା ଜାନୁଏର ମାସ ୨୩ ତାରିଖର ୪୧୬ ନମ୍ବର ଚିଠି ଦେଖ ।

୫ । କୌଣସି ଏକ ଗ୍ରାମ ନିବାସୀ ବୟଃପ୍ରାପ୍ତ ପୁରୁଷମାନଙ୍କର ଅଧି-କାଂଶ ଲୋକ ଜିଲ୍ଲାର ମାଜିଷ୍ଟ୍ରେଟ ସାହେବଙ୍କ ନିକଟକୁ ସେହି ଗ୍ରାମରେ ପଞ୍ଚାୟତ ନିଯୁକ୍ତ କରିବାର ଦରଖାସ୍ତ ଲେଖି ସ୍ୱାକ୍ଷର କଲେ, ସେହି ଗ୍ରାମର ଅନ୍ତର୍ଗତ ଘରର ସଂଖ୍ୟା ବିବେ-ଚନା ନ କରି ଏହି ଆଇନାନୁସାରେ ସେହି ଗ୍ରାମରେ ପଞ୍ଚାୟତ ନିଯୁକ୍ତ

ଗ୍ରାମୀୟ ଲୋକମାନଙ୍କର ଦରଖାସ୍ତ ଅନୁସାରେ ପଞ୍ଚା-ୟତ ନିଯୁକ୍ତ କରିବା କ୍ଷମ-ତାର କଥା

Digitized by srujan ka@gmail.com

କରନ୍ତି ତାଙ୍କ ପକ୍ଷରେ ଆଇନ ସଙ୍ଗତ ହେବ, ଏବଂ ସେହି ପଞ୍ଚାୟତର ଓ ସେହି ଗ୍ରାମ ପ୍ରତି ଏହି ଆଇନର ସମସ୍ତ ବିଧାନ ପ୍ରବର୍ତ୍ତିବ ।

ବ୍ୟାଖ୍ୟା—"ମାଜିଷ୍ଟ୍ରେଟ ସାହେବଙ୍କ ନିକଟକୁ ସେହି ଗ୍ରାମରେ ପଞ୍ଚାୟତ ନିଯୁକ୍ତ କରିବାର ଦରଖାସ୍ତ ଲେଖି ସ୍ୱାକ୍ଷର କଲେ"—ପଞ୍ଚାୟତ ନିଯୁକ୍ତ କରିବା ପାଇଁ ଜିଲ୍ଲା ମାଜିଷ୍ଟ୍ରେଟଙ୍କଠାରେ ସ୍ୱାକ୍ଷରିତ ଲିଖିତ ଆବେଦନ କଲେ; ଦରଖାସ୍ତ ଲେଖି କେବଳ ସ୍ୱାକ୍ଷର କଲେ ହେବ ନାହିଁ; ମାଜିଷ୍ଟ୍ରେଟଙ୍କଠାରେ ସେ ସ୍ୱାକ୍ଷରିତ ଦରଖାସ୍ତ ଦାଖଲ କରିବାକୁ ହେବ ।

ଟୀକା—(କ) ୪ ଧାରା ଅନୁଯାୟୀ ଲିଖିତ ଆଦେଶ ଦ୍ୱାରା ଜିଲ୍ଲାର ମାଜିଷ୍ଟ୍ରେଟ ସାହେବ ଏ ଧାରାକୁ କୌଣସି ଭୂମି ଖଣ୍ଡ ବା ବାସଗୃହପୁଞ୍ଜ ପ୍ରତି ପ୍ରବର୍ତ୍ତାଇ ପାରିବେ ।

(ଖ) ଏ ଧାରାରେ ବ୍ୟବହୃତ "ଗ୍ରାମ" ଶବ୍ଦ ୪ ଧାରା ବିଧାନର ଅଧୀନ ।

ପଞ୍ଚାୟତ ସଭ୍ୟର ପର୍ଯ୍ୟାୟର କଥା ।

୬ । ପଞ୍ଚାୟତର କୌଣସି ସଭ୍ୟ ମଲେ କିମ୍ବା ତାଙ୍କର ପଞ୍ଚାୟତୀ ପଦ ରହିତ ହେଲେ, ଜିଲ୍ଲାର ମାଜିଷ୍ଟ୍ରେଟ ସାହେବ ଆପଣାର ସ୍ୱାକ୍ଷରିତ ଲିଖନକ୍ରମେ ଉକ୍ତ ମୃତ ବା କର୍ମରୁ ରହିତ ସଭ୍ୟଙ୍କ ବଦଳରେ ପଞ୍ଚାୟତର ସଭ୍ୟ ପଦରେ ନିଯୁକ୍ତକରଣାର୍ଥ କୌଣସି ଯୋଗ୍ୟ ଓ ଉପଯୁକ୍ତ ବ୍ୟକ୍ତିକୁ ୩୦ ଦିନ ମଧ୍ୟରେ ମନୋନୀତ କରିବାକୁ ପଞ୍ଚାୟତର ଅବଶିଷ୍ଟ ସଭ୍ୟମାନଙ୍କ ପ୍ରତି ଆଦେଶ କରିବେ ଏବଂ ଉକ୍ତ ମନୋନୀତକରଣ ଅନୁପଯୁକ୍ତ ବିବେଚନା ନ କଲେ, ସେ ଉକ୍ତରୂପ ମନୋନୀତ ବ୍ୟକ୍ତିକୁ ପଞ୍ଚାୟତର ସଭ୍ୟ ପଦରେ ନିଯୁକ୍ତ କରିବେ ।

କିନ୍ତୁ କୌଣସି ବ୍ୟକ୍ତିକୁ ସେହିରୂପେ ମନୋନୀତ କରା ନ ଗଲେ, କିମ୍ବା ଯେଉଁ ବ୍ୟକ୍ତିକୁ ମନୋନୀତ କରା ଯିବ, ଜିଲ୍ଲାର ମାଜିଷ୍ଟ୍ରେଟ ସାହେବ ଯେଉଁ କାରଣ ଲିପିବଦ୍ଧ କରିବେ, ସେହି କାରଣରେ ତାଙ୍କ ମତରେ ଉକ୍ତ ବ୍ୟକ୍ତି ପଞ୍ଚାୟତର ସଭ୍ୟ ପଦରେ ନିଯୁକ୍ତ ହେବାର ଅନୁପଯୁକ୍ତ ହେଲେ, ଜିଲ୍ଲାର ମାଜିଷ୍ଟ୍ରେଟ ସାହେବ ଜଣେ ଉପଯୁକ୍ତ ବ୍ୟକ୍ତିକୁ ପଞ୍ଚାୟତର ସଭ୍ୟ ପଦରେ ନିଯୁକ୍ତ କରିବେ ।

Digitized by srujan ka@gmail.com

ବ୍ୟାଖ୍ୟା—"ଅନୁପଯୁକ୍ତ ବିବେଚନା କଲେ" ଏଠାରେ ଯେଉଁ ଇଂରାଜୀ ଶବ୍ଦ ପଣ୍ଡ ବର୍ତ୍ତରେ "ଅନୁପଯୁକ୍ତ" ବ୍ୟବହୃତ ହୋଇଅଛି ସେହି ଇଂରାଜୀ ଶବ୍ଦ ୨ୟ ପାରାର "ହେବାର ଅନୁପଯୁକ୍ତ ହେଲେ" ପଦରେ ନାହିଁ ଏଣୁକରି ଏ ଦୁଇ ସ୍ଥଳରେ ଅନୁପଯୁକ୍ତ ଶବ୍ଦର ଅର୍ଥ ଏକ ନୁହେ । ବୋଧ ହୁଏ ଶେଷୋକ୍ତ ସ୍ଥଳରେ "ଅଯୋଗ୍ୟ" ଶବ୍ଦ ପ୍ରୟୋଜନୀୟ ।

"ଜଣେ ଉପଯୁକ୍ତ ବ୍ୟକ୍ତିକୁ ପଞ୍ଚାୟତର ସଭ୍ୟ ପଦରେ" ଇତ୍ୟାଦି ଏଠାରେ "ଉପଯୁକ୍ତ" ପଦରେ ଅଉ ଗୋଟିଏ ବିଶେଷଣ ପ୍ରୟୋଜନ—ଜଣେ ଯୋଗ୍ୟ ଓ ଉପଯୁକ୍ତ ବ୍ୟକ୍ତିକୁ ଇତ୍ୟାଦି ।

ଟୀକା—(କ) ୧୮୮୨ ମସିହାର ବଙ୍ଗୀୟ ୧ ଆଇନ ଦ୍ୱାରା ଏହ୍ଣପର ସଂଶୋଧିତ ହୋଇଅଛି ।

(ଖ) ଏହି ଧାରା ଅନୁସାରେ ଯେଉଁ ସଭ୍ୟ ନିଯୁକ୍ତ ହେବେ ସେ ଯେଉଁ ସଭ୍ୟଙ୍କର ସ୍ଥାନୀୟ ହେବେ ସେହି ସଭ୍ୟ ଯେତେ ସମୟ ପାଇଁ ନିଯୁକ୍ତ ହୋଇଥିବେ ସେହି ସମୟର ଯେଉଁ ଅବଶିଷ୍ଟାଂଶ ଥିବ ସେହି ଅବଶିଷ୍ଟ କାଳ ନିମନ୍ତେ ଏହି ନବ ନିଯୁକ୍ତ ସଭ୍ୟ ସଭ୍ୟ ପଦରେ ରହିବେ ୧ ଧାରା ଦେଖ ।

(ଗ) ଏହି ଧାରା ନିମନ୍ତେ ଗବର୍ଣ୍ଣମେଣ୍ଟଙ୍କର ୧୮୮୨ ମସିହା ମାର୍ଚ୍ଚ ୨୧ ତାରିଖର ୧୨ ନମ୍ବର ଜେ ଡ ସର୍କୁଲରରେ ଏକ ଛାପା ଫାରମ ବିଧାନ କରା ହୋଇଅଛି (ନୂଆ କାର୍ଯ୍ୟକର ୧୮୧ ନମ୍ବର)

୭ । କୌଣସି ବ୍ୟକ୍ତି କୌଣସି ଗ୍ରାମ ନିବାସୀ କିମ୍ବା ତଦନ୍ତର୍ଗତ ଭୂମିର ଭୂସ୍ୱାମୀ କି ଭୋଗୀ ନ ହେଲେ କିମ୍ବା ତଦ୍ରୂପ ବ୍ୟକ୍ତିର ସେହି ସ୍ଥାନର ଗୋମାସ୍ତା ନ ହେଲେ ସେ ଏହି ଆଇନାନୁସାରେ ସେହି ଗ୍ରାମର ପଞ୍ଚାୟତର ସଭ୍ୟ ପଦରେ ନିଯୁକ୍ତ ହେବ ନାହିଁ । କିନ୍ତୁ ତଦ୍ରୂପ ଭୂସ୍ୱାମୀ କିମ୍ବା ଗୋମାସ୍ତା ସେହି ଗ୍ରାମର କୌଣସି ସ୍ଥାନଠାରୁ ଏକ ମାଇଲ ମଧ୍ୟରେ ବାସ କରୁ ନ ଥିଲେ ତଦ୍ରୂପେ ନିଯୁକ୍ତ ହୋଇ ପାରିବ ନାହିଁ ।

ପଞ୍ଚାୟତର କର୍ମର ଯୋଗ୍ୟତାର କଥା ।

ବ୍ୟାଖ୍ୟା—ଭୋଗୀ (Holder of land) ଯେ ଜମି ଧରେ । "ଗୋମାସ୍ତା" କୌଣସି ପ୍ରକାର କାର୍ଯ୍ୟକୁ ବୁଝାଇବ ।

Digitized by srujan ka@gmail.com

୮ । କୌଣସି ବ୍ୟକ୍ତି ପଞ୍ଚାୟତରେ ନିଯୁକ୍ତ ହୋଇ ସେହି ପଦ ଗ୍ରହଣ କରିବାକୁ ସ୍ୱୀକାର ନ କଲେ କିମ୍ବା ସ୍ୱେଚ୍ଛାପୂର୍ବକ ସେହି ପଦର କର୍ମ କରିବାକୁ ତ୍ରୁଟି କଲେ ଓ ନିଯୁକ୍ତ ହେବାର କିମ୍ବା କର୍ମ ନ କରିବାର ତାରିଖଠାରୁ ୩୦ ଦିନ ମଧ୍ୟରେ ଜିଲ୍ଲା ମାଜିଷ୍ଟ୍ରେଟ ସାହେବଙ୍କ ବୁଝିବାମତେ ତାହାର ଅସ୍ୱୀକାର କରିବାର କିମ୍ବା ତ୍ରୁଟି କରିବାର ଯଥେଷ୍ଟ କାରଣ ନ ଜଣାଇଲେ ତାହାର ପଞ୍ଚାଶ ଟଙ୍କା ପର୍ଯ୍ୟନ୍ତ ଅର୍ଥଦଣ୍ଡ ହୋଇ ପାରିବ ।

ପଞ୍ଚାୟତର ସଭ୍ୟସ୍ୱରୂପ କର୍ମ କରିବାକୁ ଅସ୍ୱୀକାର କଲେ ଦଣ୍ଡର କଥା ।

କିନ୍ତୁ ଏହି ଧାରାର ବିଧାନାନୁସାରେ ଯେଉଁ ପ୍ରତ୍ୟେକ ବ୍ୟକ୍ତି କୌଣସି ଅର୍ଥଦଣ୍ଡ ଦେଇଥିବ ସେ ପଞ୍ଚାୟତର ସଭ୍ୟ ପଦରୁ ସ୍ଥଗିତ ହେବ ଏବଂ ସେହି ଅର୍ଥଦଣ୍ଡ ଦେବାର ତାରିଖଠାରୁ ତିନି ବର୍ଷ ଗତ ନ ହେଲେ ସେ ପୁନର୍ବାର ପଞ୍ଚାୟତର ସଭ୍ୟ ପଦରେ ନିଯୁକ୍ତ ହୋଇ ପାରିବ ନାହିଁ ।

ଟୀକା ।—(କ) ୧୮୮୬ ମସିହା ବଙ୍ଗୀୟ ଆଇନର ୪ ଧାରା ଦ୍ୱାରା ଏହି ଦଫାର ପନର ଓ ଦୁଇ ସ୍ଥାନରେ ଯଥାକ୍ରମେ ତିରିଶ ଓ ତିନି କରା ହୋଇଅଛି ।

(ଖ) ପଞ୍ଚାୟତର କର୍ତ୍ତବ୍ୟ କର୍ମ କି? ତାହା ୧୧, ୧୨, ୧୩, ୧୬, ୧୮, ୨୨, ୨୭, ୨୭, ୩୪, ୩୬, ୪୧, ୪୨, ୪୪, ୪୧, ୫୦, ଓ ୫୪ ଧାରାମାନଙ୍କରେ ଏବଂ ୭୫ ଧାରା ଅନୁସାରେ ଯେଉଁ ନିୟମାବଳୀ କରା ହୋଇଅଛି ତହିଁର ୮ମ ନିୟମରେ ଲେଖାଅଛି । (ପ୍ରଥମ ପରିଶିଷ୍ଟ ଦେଖ ।)

(ଗ) ଏ ଧାରା ଅନୁସାରେ ଯେ ଜରିମାନା ହେବ ତାହା ଦଣ୍ଡବିଧି ଓ ଫୌଜଦାରି କାର୍ଯ୍ୟବିଧି ଆଇନ ଅନୁସାରେ ଅଦାୟ ହୋଇ ପାରିବ (୧୮୬୨ ମସିହାର ବଙ୍ଗୀୟ ୫ ଆଇନର ୪ ଧାରା ଦେଖ ।)

(ଘ) ଇଣ୍ଡିୟାନ ଲ ରିପୋର୍ଟର ୨୩ଶ ଖଣ୍ଡ ପୃ ୪୬୧ ଷ୍ଠାରେ ହାଇ କୋର୍ଟ ଏହା ନିଷ୍ପତ୍ତି କରିଅଛନ୍ତି ଯେ ଏହି ଧାରା ଅନୁସାରେ ମାଜିଷ୍ଟ୍ରେଟ ଯେଉଁ ଜରିମାନା କରିବେ ତାହା ଫୌଜଦାରି କାର୍ଯ୍ୟବିଧି ଆଇନର ୪ ଧାରା (ଡ) ପ୍ରକରଣରେ ଯାହା "ଅପରାଧ" ବୋଲି ନିର୍ଦ୍ଦେଶ କରା ହୋଇଅଛି ତାହା ପାଇଁ ଅଟେ । ଏହି ଧାରା ଅନୁସାରେ ଯେଉଁ ଜରିମାନା ହେବ ତାହା ୧୮୬୨ ମସିହାର ବଙ୍ଗୀୟ ୫ ଆଇନର ୪ ଧାରର ବିଧି ଦ୍ୱାରା ଫୌଜଦାରି କାର୍ଯ୍ୟବିଧି ଆଇନର ୬୦ ଧାରାଠାରୁ ୭୦ ଧାରାମାନଙ୍କରେ ଯେ

Digitized by srujan ka@gmail.com

ବଧାନମାନ ଅଛୁ ତାହା ପ୍ରବର୍ତ୍ତିତ ହୋଇ ପାରବ । ଏହ ଦଫା ଅନୁସାରେ ଜଣାଯାଇ ବଉବାର ହୁକୁମ ବଙ୍ଗର କାର୍ଯ୍ୟ ମଧ୍ୟରେ ଯାଉଥିବାରୁ ଏହା ତାଇ ହୋର୍ଟଙ୍କ ଦ୍ଵାରା ପ୍ରବର୍ତ୍ତିତ ହୋଇ ପାରବ ।

ଯେତେକାଳ ସକାଶେ ପଞ୍ଚାୟତ ନିଯୁକ୍ତ ହେବେ ତହିଁର କଥା ।

୯ । ୭ ଧାରାନୁସାରେ ନିଯୁକ୍ତ ପଞ୍ଚାୟତର ପ୍ରତ୍ୟେକ ସଭ୍ୟ ତିନ ବର୍ଷ ସକାଶେ ନିଯୁକ୍ତ ହେବେ । ୬ ଧାରାନୁଯାୟୀ ନିଯୁକ୍ତ ପଞ୍ଚାୟତର ପ୍ରତ୍ୟେକ ସଭ୍ୟ ଯେଉଁ ସଭ୍ୟଙ୍କ ପଦରେ ନିଯୁକ୍ତ ହେବେ ସେହି ସଭ୍ୟ ଯେତେ କାଳ ସକାଶେ ନିଯୁକ୍ତ ହୋଇଥିବେ, ତହିଁର କେବଳ ଅବଶିଷ୍ଟାଂଶର ସମାନ ସମୟ ସକାଶେ ନିଯୁକ୍ତ ହେବେ ।

ପଞ୍ଚାୟତରୁ ଅବ୍ୟାହତ ପାଇବାର କଥା ।

୯ କ । ପଞ୍ଚାୟତର କୌଣସି ସଭ୍ୟ ପଦର ସମୟ ଅତୀତ ହେଲା ଉତ୍ତାରେ ଯେପର୍ଯ୍ୟନ୍ତ ତିନ ବର୍ଷ ଗତ ନ ହେବ ସେ ପର୍ଯ୍ୟନ୍ତ ତାଙ୍କ ସମ୍ମତି ବିନା ତାଙ୍କୁ ପଞ୍ଚାୟତର ସଭ୍ୟ ପଦରେ ଆଉ ନିଯୁକ୍ତ କରିବାକୁ ହେବ ନାହିଁ ।

ନୂତନ ପଞ୍ଚାୟତ ନିଯୋଗର କଥା ।

୯ ଖ । ପଞ୍ଚାୟତର ସଭ୍ୟମାନେ ଯେଉଁକାଳ ସକାଶେ ନିଯୁକ୍ତ ହେବେ ସେହି କାଳ ଅତୀତ ହେଲେ, ଜିଲ୍ଲା ମାଜିଷ୍ଟ୍ରେଟ ସାହେବ ୭ ଧାରା ନିର୍ଦ୍ଦିଷ୍ଟ ପ୍ରକାରେ ନୂତନ ପଞ୍ଚାୟତ ନିଯୁକ୍ତ କରିବେ । ଉକ୍ତ ନୂତନ ପଞ୍ଚାୟତ ଯେତେକାଳ ନିଯୁକ୍ତ ନ ହେବେ, ତେତେକାଳ ବଦାୟୋଦ୍ୟତ ପଞ୍ଚାୟତ ପଞ୍ଚାୟତର ସମୁଦାୟ କର୍ମ କରୁଥିବେ ।

ଟୀକା—(କ) ୧୮୮୬ ମସିହାର ବଙ୍ଗୀୟ ୧ ଆଇନର ଧାରା ଅନୁସାରେ ଏହ ପରିବର୍ତ୍ତିତ ହୋଇଅଛୁ ।

(ଖ) ବଙ୍ଗଦେଶରେ ବୈଶାଖ ମାସ ପହିଲା ତାରଖଠାରୁ ପଞ୍ଚାୟତ ନିଯୁକ୍ତ କରିବା ଅତଶୟ ସୁବିଧାଜନକ କାରଣ ସେହି ଦିନଠାରୁ ନୂତନ ବର୍ଷର ଆରମ୍ଭ ହୁଏ (ସୁମାଁଅ ଦନ

Digitized by srujan ka@gmail.com

ସେହିପରି ଉପଯୁକ୍ତ ଅଟେ) ଏହା ହୋଇ ନ ପାରିଲେ ଅନ୍ୟ ତିନ ସେମାହିର କୌଣସି ସେମାହିର ପ୍ରଥମ ଦିନରୁ ପଞ୍ଚାୟତ ନିଯୁକ୍ତ କରିବା ଉଚିତ ଯଥା ; ବଙ୍ଗଦେଶ ନିମନ୍ତେ ପହିଲା ଶ୍ରାବଣ, ପହିଲା କାର୍ତ୍ତିକ, ବା ପହିଲା ମାଘ । ୨୧ ଧାରର ଟୀକା ଦେଖ ।

ପଞ୍ଚାୟତର କୌଣସି ବ୍ୟକ୍ତିକୁ ପଦଚ୍ୟୁତ କରିବା କ୍ଷମତାର କଥା ।

୧୦ । ଜିଲ୍ଲା ମାଜିଷ୍ଟ୍ରେଟ ସାହେବ ନିଜ ସ୍ୱାକ୍ଷରିତ ହୁକୁମନାମା ଦ୍ୱାରା ପଞ୍ଚାୟତର କୌଣସି ବ୍ୟକ୍ତିକୁ ପଦଚ୍ୟୁତ କରି କିମ୍ବା କର୍ମରୁ ବରଖାସ୍ତ କରି ପାରିବେ ।

ବ୍ୟାଖ୍ୟା—"କୌଣସି ବ୍ୟକ୍ତିକୁ ପଦଚ୍ୟୁତ କରି କିମ୍ବା କର୍ମରୁ ବରଖାସ୍ତ" ପଦଚ୍ୟୁତ ପରିବର୍ତ୍ତରେ "ପଦରୁ ଅପସୃତ" ଏବଂ "କର୍ମରୁ ବରଖାସ୍ତ" ପରିବର୍ତ୍ତରେ "କର୍ମରୁ ମୁକ୍ତ" ବୁଝିବାକୁ ହେବ ।

ଜିଲା ମାଜିଷ୍ଟ୍ରେଟ ଏହିପରି କଲେ ତାହା ଆଇନ ସିଦ୍ଧ ହେବ ବୋଲି ଇଂରାଜୀରେ ଅଛି ।

ଜିଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ଚୌକିଦାରଙ୍କ ସଂଖ୍ୟା ନିରୂପିତ ହେବା କଥା ।

୧୧ । କେତେ ଜଣ ଚୌକିଦାରଙ୍କୁ ଗ୍ରାମରେ ନିଯୁକ୍ତ କରିବାକୁ ହେବ ତାହା ଜିଲ୍ଲା ମାଜିଷ୍ଟ୍ରେଟ ସାହେବ ନିରୂପଣ କରିବେ ।

କିନ୍ତୁ କମିଶନର ସାହେବଙ୍କ ମଞ୍ଜୁର ବ୍ୟତିରେକେ ଷାଠିଏ ଘର ନିମିତ୍ତ ଏକ ଜଣରୁ ଅଧିକ ଚୌକିଦାର ରହିବେ ନାହିଁ ।

ବ୍ୟାଖ୍ୟା—"ମଞ୍ଜୁର ବ୍ୟତିରେକେ ଷାଠିଏ ଘର ନିମିତ୍ତ"—ମଞ୍ଜୁର ବ୍ୟତିରେକେ ପ୍ରତି ଷାଠିଏ ଘର ନିମିତ୍ତ ବୁଝିବାକୁ ହେବ ।

ଟୀକା ।—(କ) ଏହି ପ୍ରୟୋଜନୀୟ ଧାରା ୧୯୧୨ ମସିହାର ବଙ୍ଗୀୟ ୧ ଆଇନର ୬ ଧାରା ଦ୍ୱାରା ପ୍ରତି ନିହିତ ହୋଇଅଛି ; ଏହା ଦ୍ୱାରା ପ୍ରତ୍ୟେକ ଗ୍ରାମର ଚୌକିଦାର ସଂଖ୍ୟା ସ୍ଥିର କରିବାର ଭାର ପଞ୍ଚାୟତଙ୍କ ହାତରୁ ଜିଲାର ମାଜିଷ୍ଟ୍ରେଟଙ୍କ ହାତକୁ ଯାଇଅଛି ।

(ଖ) ଏଠାରେ ସମ୍ଭବତଃ ଘର ଶବ୍ଦ ବାସ ଗୃହକୁ ବୁଝାଉଛି, ଗାଈ ଘର କିମ୍ବା ପରିତ୍ୟକ୍ତ ଘରକୁ ବୁଝାଉ ନାହିଁ ।

ଚୌକିଦାରମାନଙ୍କର

୧୨ । ଯେଉଁ ଚୌକିଦାରମାନେ ନିଯୁକ୍ତ ହୋଇଥିବେ ସେମାନଙ୍କର ବେତନ ଜିଲ୍ଲା ମାଜିଷ୍ଟ୍ରେଟ ସାହେବ ନିରୂପଣ

Digitized by srujan ka@gmail.com

ବେତନ ଜିଲ୍ଲା ମାଜିଷ୍ଟ୍ରେଟଙ୍କର ନିରୂପଣ କଥା ।

କରିବେ କିନ୍ତୁ ତଦ୍ରୂପ ବେତନ ମାସରେ ୨ ଟଙ୍କାରୁ କମ ବା ୬ ଟଙ୍କାରୁ ଅଧିକ ହେବ ନାହିଁ ।

ଟୀକା—(କ) ୧୧ ଧାରା ସହ ଏହି ଧାରା ୧୮୯୨ ମସିହାର ୧ ଆଇନର ୮ ଧାରା ଦ୍ୱାରା ପ୍ରତିନିହିତ ହୋଇଅଛି ଏବଂ ଚୌକୀଦାରର ବେତନ ସ୍ଥିର କରିବାର ଭାର ପଞ୍ଚାୟତର ଉପରେ ନ ରଖି ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଉପରେ ରଖିଅଛି । ବେତନର ନିମ୍ନ ସୀମା ଟ॰ ଙ୍କାରୁ ଟ ୨ ଙ୍କାକୁ କମାଇ ଦିଆ ହେଉଅଛି କିନ୍ତୁ ଊର୍ଦ୍ଧ୍ୱ ସୀମା ପୂର୍ବପରି ୬ ଟଙ୍କା ରଖା ହୋଇଅଛି । ଯେଉଁ ଗ୍ରାମମାନଙ୍କର ବାସିନ୍ଦାମାନେ ଏତେ ଅଳ୍ପ ସଂଖ୍ୟକ କିମ୍ବା ଏତେ ଦରିଦ୍ର ଯେ ୨ ଟଙ୍କାରୁ ଅଧିକ ଦରମାହା ଦେଇ ପାରିବେ ନାହିଁ ସେହି କ୍ଷୁଦ୍ର ଏକୁଟିଆ ଗ୍ରାମମାନଙ୍କ ସକାଶରେ ବେତନର ହାର କମ କରିବା ଆବଶ୍ୟକ ହୋଇଅଛି ।

କର ଧାର୍ଯ୍ୟ କରି ବେତନ ଦେବା କଥା ।

୧୩ । ପ୍ରତ୍ୟେକ ଗ୍ରାମରେ ଚୌକୀଦାରମାନଙ୍କର ବେତନ ଏବଂ ସର୍ଞ୍ଜାମ ନିମିତ୍ତ ଯେତେ ଟଙ୍କା ଆବଶ୍ୟକ ହେବ ତହୁଁ ଟଙ୍କା ଆଦାୟ କରିବା ନିମିତ୍ତ ପଞ୍ଚାୟତ ବର୍ଷକୁ ବର୍ଷ କର ଧାର୍ଯ୍ୟ କରିବେ ଏବଂ ସେହି ଟଙ୍କା ଆଦାୟ କରିବା ଖର୍ଚ୍ଚ ଦେବା ନିମନ୍ତେ ଓ ଯେଉଁ ବ୍ୟକ୍ତିମାନଙ୍କଠାରୁ କର ଆଦାୟ ନ ହେବାରୁ ଯେଉଁ କ୍ଷତି ହେବ ସେହି କ୍ଷତି ପରିଶୋଧ ହେବା ଅଭିପ୍ରାୟରେ ତଦ୍ରୂପ ଟଙ୍କା ଉପରେ ଶତକଡ଼ା ୧୫ ଟଙ୍କା ଧରିବେ ।

ବ୍ୟାଖ୍ୟା—"ପରିଶୋଧ" ପୂରଣ

ଏ ଧାରାର ତାତ୍ପର୍ଯ୍ୟ ଏହି ଯେ ଚୌକୀଦାରର ଦରମାହା ଓ ସଜ୍ଜା ନିମନ୍ତେ ଯେତେ ଟଙ୍କା ପ୍ରୟୋଜନ ତେତେ ଓ ତାହା ଉପରେ ଅସୁଲି ଖର୍ଚ୍ଚା ପ୍ରଭୃତି ପାଇଁ ଶତକଡ଼ା ୧ ଟଙ୍କା ହିସାବ ଯେତେ ହେବ ତେତେ ମିଶି ଯେତେ ହେବ ତେତେ କର ଧାର୍ଯ୍ୟ ହେବ

ଟୀକା—(କ) ୧୮୯୨ ମସିହା ବଙ୍ଗୀୟ ୧ ଆଇନର ୧ ଧାରା ଦ୍ୱାରା ଏହା ପ୍ରତିନିହିତ ହୋଇଅଛି । "ଏବଂ ସଜ୍ଜା" ଶବ୍ଦମାନ ନୂଆ ଦିଆ ଯାଇଅଛି; ଏବଂ ଏହା ଦ୍ୱାରା ଚୌକୀଦାରମାନଙ୍କର ପୋଷାକ ପ୍ରଭୃତିର ଆୟୋଜନ ହୋଇଅଛି ।

(ଗ) ଚୌକୀଦାରମାନଙ୍କ ପୋଷାକ ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟଙ୍କର ନିମ୍ନଲିଖିତ ପ୍ରକାରେ ଆଦେଶ ଅଛି ଯଥା;—(ପି ବି ୭ ନମ୍ବର ଜାନୁଆରୀ ୧୬ ତାରିଖ ୧୮୯୦ ସାଲ ବର୍ଦ୍ଧମାନ କମିଶନରଙ୍କଠାରୁ) "୧୮୮୬ ମସିହାର ସାଲତମାମୀ ରିପୋର୍ଟ ସମାଲୋ

Digitized by srujan ka@gmail.com

ଚଳାର ୪ର୍ଥ ପାରାରେ ଚୌକିଦାରମାନଙ୍କର ଦାମୀ ପୋଷାକ ସମ୍ବନ୍ଧରେ ଯେଉଁ ମନ୍ତବ୍ୟ ପ୍ରକାଶ କରା ହୋଇଥିଲା ତାହା ଯେନ ଗବର୍ଣ୍ଣମେଣ୍ଟଙ୍କଠାରେ ଏହା ଅବେଦନ ହୋଇଅଛି ଯେ ଚୌକିଦାରମାନଙ୍କର ପୋଷାକ ଏପରି ହେବା ଉଚିତ ଯେ ସେମାନେ ଅନାୟାସରେ ଚିହ୍ନା ଯାଇ ପାରିବେ ।

ଚୌକିଦାରମାନଙ୍କର କୌଣସି ପ୍ରକାର ଶସ୍ତା ପୋଷାକ ପିନ୍ଧିବା ପ୍ରତି ଲେପ୍ଟେ ଲାଟ ସାହେବଙ୍କର କିଛି ଆପତ୍ତି ନାହିଁ ଏବଂ ସେ ମଧ୍ୟ ଏହା ଶୁଣିଅଛନ୍ତି ଯେ ଚୌକିଦାରମାନେ ଆପଣା ଇଚ୍ଛାରେ ଏପ୍ରକାର ପୋଷାକ ନେଇଅଛନ୍ତି । ଯଦି କେବଳ ପୋଷାକର ଖର୍ଚ୍ଚ ଚଳିଲା ଭଳି ଚୌକିଦାରଙ୍କର ବେତନ ବୃଦ୍ଧି କରାଇବାକୁ ଡିଷ୍ଟ୍ରିକ୍ଟ ଅଫିସର ବା ଅନ୍ୟ ହାକିମମାନେ ପଞ୍ଚାୟତମାନଙ୍କୁ ପ୍ରବର୍ତ୍ତାଇ ପାରନ୍ତି ତାହା ହେଲେ ସର ଷ୍ଟୁଆର୍ଟ ବେଲି ସାହେବ ପ୍ରୀତ ହେବେ ଏବଂ ତାହା ହେଲେ ଚୌକିଦାରମାନେ ହୁଏତ ସଙ୍ଗରେ ସରକାରୀ କର୍ମଚାରୀମାନଙ୍କ ବିନା ସାହାଯ୍ୟରେ ପ୍ରାପ୍ୟ ଅଳ୍ପ ମୂଲ୍ୟର ଗୋଟିଏ ନୀଳ ପଗଡି ଓ ସ୍ଥାନୀୟ ଛାପର ଏକ ପ୍ରକାର କୁର୍ତ୍ତା ବ୍ୟବହାର କରିପାରିବେ । ମିତବ୍ୟୟ ପ୍ରଧାନ ଉଦ୍ଦେଶ୍ୟ ଥିବା ସ୍ଥଳେ ଏକଭଳି କାଠଘଣ୍ଟ ଲୋଡ଼ିବାକୁ ହେବ ନାହିଁ । ଦୁଇ ବର୍ଷ ଯିବା ଭଳି ପୋଷାକର ଖର୍ଚ୍ଚ ଅଢ଼ାଇ ଟଙ୍କାରୁ ଅଧିକ ହେବା ପ୍ରୟୋଜନ ନାହିଁ ।

ଗବର୍ଣ୍ଣମେଣ୍ଟଙ୍କ ଗୋଚରରେ ଏହା ଆସିଅଛି ଯେ କୌଣସି ୨ ଜିଲ୍ଲାରେ ଚୌକିଦାରମାନେ ପୁଲିସ ପୋଷାକ ଅନୁକରଣରେ ପୋଷାକ ବ୍ୟବହାର କରିବାକୁ ଆଦିଷ୍ଟ ହୋଇଅଛନ୍ତି । ଏଥିରୁ ନିବୃତ୍ତ କରାଇବା ଉଚିତ ଏବଂ ଚୌକିଦାର, ପାଇକ, ଘାଟୁଆଲ, ସୀମାନାଦାର ଫଉଦାର ଏବଂ ଏହିପରି ଆଉ ଯେଉଁମାନେ ଅଛନ୍ତି ସେମାନଙ୍କୁ ଏ ପୋଷାକ ପିନ୍ଧିବାକୁ ଦେବା ଉଚିତ ନୁହେ । (ଅନେକ ପରିବର୍ତ୍ତିତ ହୋଇଥିବାରୁ ଉପର୍ଯ୍ୟୁକ୍ତ ଆଦେଶ ଆଉ ପ୍ରବଳ ନାହିଁ । ଭାଗଲପୁର କମିଶନରଙ୍କଠାକୁ ଗବର୍ଣ୍ଣମେଣ୍ଟଙ୍କର ନ ୫୪୬ ଙ୍କେ ତ ମ୍ବର ଅକ୍ଟୋବର ୩ ତାରିଖ ୧୮୧୫ ର ଚିଠି ଦେଖ)

(ଗ) କୌଣସି ବର୍ଷର କର ଧାର୍ଯ୍ୟ କରିବା ପୂର୍ବେ ୨୪ ଧାରା ଅନୁସାରେ ସେ ବର୍ଷର ଯାହା ଦରକାର ତହିଁରୁ ପୂର୍ବ ବର୍ଷର ଉଦ୍ବୃତ୍ତ ଟଙ୍କା ୨୪ ଧାରା ଅନୁସାରେ ବାଦ୍ ଦେଇ କର ଧାର୍ଯ୍ୟ କରିବାକୁ ହେବ ।

(ଘ) ପଞ୍ଚାୟତ କମ୍ପା ୪୬ ଧାରାର (ଖ) ପ୍ରକରଣ ଅନୁସାରେ ନିଯୁକ୍ତ ହୋଇଥିବା ତହସିଲଦାର ଯେ କେହି ଟିକସ ଅସୁଲ କରନ୍ତୁ ପଛକେ ଏହି ଧାରା ଲିଖିତ ଶତକଡ଼ା ୧୫ ଟଙ୍କା ଅଧିକ ଅସୁଲ କରିବାକୁ ହେବ । (୧୮୮୬ ମସିହା ସେପ୍ଟେମ୍ବର ମାସ ୨୮ ତାରିଖର ଗବର୍ଣ୍ଣମେଣ୍ଟଙ୍କ ନ ୧୮ ଙ୍କେ ତ ମ୍ବର ସରକ୍ୟୁଲର ଦେଖ ।)

Digitized by srujan ka@gmail.com

(ଚ) ପଞ୍ଚାୟତ ତାହାଙ୍କର କାର୍ଯ୍ୟ କରି ନ ପାରିଲେ ୭୬ ଧାରା ଅନୁସାରେ ଜିଲ୍ଲାର ମାଜିଷ୍ଟ୍ରେଟ ସେ କାର୍ଯ୍ୟର ଭାର ଆପଣା ଉପରେ ନେଇ ପାରିବେ ।

୧୪ । କୌଣସି ଗ୍ରାମରେ ଯେଉଁମାନେ ଗୃହସ୍ୱାମୀ ବା ଗୃହବାସୀ ହୋଇଥିବେ ସେମାନେ ଏବଂ ତଦ୍ରୂପ ଗ୍ରାମରେ ଯେଉଁ ବ୍ୟକ୍ତିର ଖଜଣା ଆଦାୟ କରିବାର କଚେରୀ ଥିବ ସେ ଏହି ଆଇନର ଅଭିପ୍ରାୟ ପକ୍ଷରେ କର ଦେବାକୁ ଦାୟୀ ହେବେ ।

ଯେଉଁମାନଙ୍କୁ କର ଦେବାକୁ ହେବ ସେମାନଙ୍କର କଥା ।

ଟୀକା—(କ) ୧୮୯୨ ମସିହାର ବଙ୍ଗୀୟ ୧ ଆଇନର ୧୦ ଧାରା ଦ୍ୱାରା ଏହା ପ୍ରଚଳିତ ହୋଇଅଛି । ଏଠାରେ ବ୍ୟବହୃତ "ଗ୍ରାମ" ଶବ୍ଦ ୪ ଧାରା ବିଧାନର ଅଧୀନ ଅଟେ ।

(ଗ) "ଗୃହ" ଶବ୍ଦର ଅର୍ଥ ଏଠାରେ ବାସ କରିବାର ସ୍ଥାନ । ଏଣୁକରି ସରକାରୀ ଗୃହମାନ ଅର୍ଥାତ୍ କଚେରୀ, ଥାନା, ସ୍କୁଲ୍, ଡାକଘର ପ୍ରଭୃତି ଉପରେ ଏ ଧାରାନୁସାରେ ଟିକସ୍ ହେବ ନାହିଁ । ଆହୁରି ମଧ୍ୟ ଇଂଲଣ୍ଡର ଆଇନ ଅନୁସାରେ ବିଶେଷ ଉଲ୍ଲେଖ ନ ଥିଲେ ରାଜା କୌଣସି ଆଇନର ବାଧ୍ୟ ନୁହନ୍ତି; ଆହୁରି ମଧ୍ୟ ଇଂଲଣ୍ଡରେ ଯେଉଁ ସରକାରୀ ଘରମାନଙ୍କରେ ସରକାରୀ ଚାକରମାନେ ସରକାରୀ କାର୍ଯ୍ୟ ଉପଲକ୍ଷରେ ଥାନ୍ତି ସେ ଘରମାନ "ପୁଅର୍ ରେଟ୍" ବା "ଦରିଦ୍ର ଟିକସ୍"ରୁ ମୁକ୍ତ କିନ୍ତୁ ଯଦି ପୂର୍ବୋକ୍ତ ଗୃହମାନଙ୍କୁ କେହି ସ୍ୱେଚ୍ଛାପୂର୍ବକ ବାସଗୃହ ପରି ବ୍ୟବହାର କରେ ତେବେ ତାହା ପ୍ରତି ଏ ବର୍ଜିତ ବିଧି ଖଟିବ ନାହିଁ । ଏପରି ସ୍ଥଳରେ ୧୮୮୦ ମସିହା ଅପ୍ରେଲ ୨୮ ତାରିଖର ଗବର୍ଣ୍ଣମେଣ୍ଟଙ୍କ ମନ୍ତବ୍ୟ ଅନୁସାରେ ଯେପରି ମ୍ୟୁନିସିପାଲ୍ ଟିକସ୍ ନେବାକୁ ହେବ ସେହିପରି ପୂର୍ବୋକ୍ତ ଗୃହମାନଙ୍କରେ ବାସ କରୁଥିବା ବ୍ୟକ୍ତିଙ୍କଠାରୁ ଏହି ଚୌକିଦାରୀ ଟିକସ୍ ନିଆଯିବ ।

୧୫ । କୌଣସି ଗ୍ରାମରେ ଏହି ଆଇନର କାର୍ଯ୍ୟ ସକାଶେ ଯେଉଁ କର ଧାର୍ଯ୍ୟ କରିବାକୁ ହେବ ତାହା କର ଦେବା ଯୋଗ୍ୟ ବ୍ୟକ୍ତିମାନଙ୍କର ଅବସ୍ଥା ଓ ରକ୍ଷଣୀୟ ସମ୍ପତ୍ତି ଅନୁସାରେ ନିରୂପଣ ହେବ । କିନ୍ତୁ ମାସରେ କୌଣସି ବ୍ୟକ୍ତିର ଏକ ଟଙ୍କାରୁ ଅଧିକ ଧାର୍ଯ୍ୟ ହେବ

ଯେପ୍ରକାର ଓ ଯେତେ ଟଙ୍କା କର ଧାର୍ଯ୍ୟ ହେବ ସେସମ୍ବନ୍ଧ କଥା ।

Digitized by srujan ka@gmail.com

ନାହିଁ ଓ ପଞ୍ଚାୟତର ବିବେଚନାରେ ଯେଉଁ ବ୍ୟକ୍ତିମାନେ ଦୁଃଖାବସ୍ଥା-ପ୍ରଯୁକ୍ତ ମାସରେ ଦୁଇ ପଇସା ଦେଇ ନ ପାରନ୍ତି ସେମାନେ ଏହି ଆଇନ ମତେ କର ଦେବାରୁ ସମ୍ପୂର୍ଣ୍ଣରୂପେ ମୁକ୍ତ ହେବେ ।

ଟୀକା—ଓଡ଼ିଆରେ ଯାହା ୧୫ କ, ୧୫ ଖ ଓ ୧୫ ଗ ବୋଲି ଅନୁବାଦ କରି ଯାଇଅଛି ତାହା ୧୮ ଧାରାର ପ୍ରକରଣମାନ ଥିବାରୁ ସେହି ଧାରା ସଙ୍ଗେ ଦିଆଗଲା ।

ଯେଉଁ ସମୟରେ ଓ ଯେଉଁରୂପେ କର ଧାର୍ଯ୍ୟ ହେବ ତହିଁର କଥା ।

୧୬ । ପଞ୍ଚାୟତ ଗ୍ରାମର ଚଳିତ ସନର ପ୍ରଥମ ଦିବସର ସମ୍ପୂର୍ଣ୍ଣ ଦୁଇ ମାସ ପୂର୍ବେ ସେହି କର ଦେବାର ଯୋଗ୍ୟ ବ୍ୟକ୍ତିମାନଙ୍କ କର ନିରୂପଣ କରି ଫେରସ୍ତରେ ଲେଖି ଦେବେ । ଯେଉଁମାନେ କର ଦେବାର ଯୋଗ୍ୟ ସେମାନଙ୍କର ପ୍ରତ୍ୟେକ ଜଣର ନାମ ଓ ବ୍ୟବସାୟ କି ବାଣିଜ୍ୟ କି ଅନ୍ୟ ବର୍ଣ୍ଣନା ଓ ମାସକୁମାସ କେତେ ଲେଖାଏ ଦେବାକୁ ହେବ ଏହି ସମସ୍ତ କଥା ସେହି ଫେରସ୍ତରେ ଲେଖା ଯିବ । ଉକ୍ତ ଦୁଇ ମାସ ଗତ ହେବାର ନିକୁସ୍ତପକ୍ଷରେ ୧୫ ଦିନ ପୂର୍ବେ ପଞ୍ଚାୟତ ସେହି ଗ୍ରାମର କୌଣସି ପ୍ରକାଶ ସ୍ଥାନରେ ସେହି ଫେରସ୍ତ ପ୍ରକାଶ କରାଇବେ ।

ବ୍ୟାଖ୍ୟା—"ଫେରସ୍ତରେ ଲେଖି ଦେବେ" ତାଲିକା ପ୍ରସ୍ତୁତ କରିବେ ।

ଟୀକା—(କ) କେଉଁ ଗ୍ରାମରେ କେଉଁ ସନ ଚଳେ ତାହା ୧ମ ପରିଶିଷ୍ଟଲିଖିତ ୧ମ ନିୟମ ଅନୁସାରେ ତହଶିଲ ମାଜିଷ୍ଟ୍ରେଟ ସ୍ଥିର କରି ପାରନ୍ତି ।

(ଖ) ତାଲିକାର ଫାରମ ପ୍ରଭୃତି ପାଇଁ ୧ମ ପରିଶିଷ୍ଟର ୧ ଓ ୧୧ ନିୟମମାନ ଦେଖ (ନୂତନ ନ ୧୬୪ ନମ୍ବର ଫାରମ) ଏହି ତାଲିକାରୁ ପଞ୍ଚାୟତର ପ୍ରତ୍ୟେକ ସଭ୍ୟ ସ୍ୱାକ୍ଷର କରିବେ ।

(ଗ) ଏ ଧାରାରେ ମାସ ଶବ୍ଦ ପୂର୍ବପରି ରହିଅଛି କିନ୍ତୁ ୨୧ ଧାରାରେ "ମାସ" ସ୍ଥାନରେ "ସେମାହି" ବ୍ୟବହାର କରି ହୋଇଅଛି (୧୮୭୧ର ବଙ୍ଗୀୟ ୧ ଆଇନ)

୧୭ । କୌଣସି ବର୍ଷରେ ପଞ୍ଚାୟତ ନୂତନ କର ଧାର୍ଯ୍ୟ ନ କରି

Digitized by srujan ka@gmail.com

ପୂର୍ବ ନିର୍ଦ୍ଧାରିତ କର ପ୍ରବଳ ରଖିବା କ୍ଷମତାର କଥା ।

ପୂର୍ବ ବର୍ଷରେ ଅବଧାରିତ କର ସଂଶୋଧନ କରି ପାରିବେ ବା ପ୍ରବଳ ରଖି ପାରିବେ ଓ ସଂଶୋଧିତ କିମ୍ବା ପ୍ରବଳ ରଖା ଯାଇଥିବା ସେହି କର ନିରୂପଣପତ୍ର ପୂର୍ବୋକ୍ତରୂପେ ପ୍ରକାଶ କରାଯିବ ।

ନିର୍ଦ୍ଧାରିତ କର ଯେପର୍ଯ୍ୟନ୍ତ ପ୍ରବଳ ରହିବ ତହିଁର କଥା ।

୧୮ । ଅବଧାରିତ କରର ଯେଉଁ ଫେରସ୍ତ ଉକ୍ତ ପ୍ରକାରେ ପ୍ରସ୍ତୁତ କି ସଂଶୋଧିତ କରା ଯାଏ କି ପ୍ରବଳ ରଖାଯିବ ତାହା ପ୍ରକାଶ ହେବାର ତାରିଖ ଉତ୍ତାରେ ଗ୍ରାମର ଚଳିତ ସନର ଯେଉଁ ନୂତନ ବର୍ଷ ହେବ ତହିଁର ପ୍ରଥମ ଦିନଠାରୁ ୧ ବର୍ଷ ପ୍ରବଳ ରହିବ ଓ ଏହି ଆଇନର ବିଧାନମତେ ଯେପର୍ଯ୍ୟନ୍ତ କର ନିରୂପଣର ଅନ୍ୟ ପତ୍ର ଉଚିତରୂପେ ପ୍ରସ୍ତୁତ ବା ସଂଶୋଧିତ ହୋଇ ନ ଚଳେ ଓ ପ୍ରବଳ କରା ନ ଯିବ ସେପର୍ଯ୍ୟନ୍ତ ପ୍ରବଳ ରହିବ ।

ଟୀକା—(କ) ୧୮୭୧ ମସିହାର ବଙ୍ଗୀୟ ୧ ଆଇନ ଦ୍ୱାରା ନିମ୍ନଲିଖିତ ନୂଆ ବିଧିମାନ ହୋଇଅଛି ଯେ ଏହି ଆଇନ ନୂଆ ଜାରି ହେବା ସମୟରେ ଠିକ୍ ୧୬ ଧାରା ଅନୁସାରେ ଧାର୍ଯ୍ୟ ନ ହୋଇ ପାରିବା ସ୍ଥଳରେ ବର୍ଷର ଆଂଶିକ କାଳ ନିମନ୍ତେ କର ଧାର୍ଯ୍ୟ କରା ଯାଇପାରିବ ।

ସ୍ଥଳ ବିଶେଷରେ ଏକ ମାସ ମଧ୍ୟରେ ପଞ୍ଚାୟତ କର ଧାର୍ଯ୍ୟ କରିବା କଥା ।

୧୮ କ । କୌଣସି ଗ୍ରାମରେ ପଞ୍ଚାୟତ ନିଯୁକ୍ତ ହେଲେ ଜିଲ୍ଲା ମାଜିଷ୍ଟ୍ରେଟ ସାହେବ ସେହି ପଞ୍ଚାୟତଙ୍କୁ ଏହି ଆଦେଶ କରି ପାରିବେ ଯେ, ସେହି ଗ୍ରାମରେ ଯେଉଁ ବ୍ୟକ୍ତିମାନେ ଚୌକୀଦାରୀ କର ଦେବାର ଯୋଗ୍ୟ ବ୍ୟକ୍ତି ହୁଅନ୍ତି, ପଞ୍ଚାୟତ ନିଯୁକ୍ତ ହେବା ଉତ୍ତାରେ ଏକ ମାସ ମଧ୍ୟରେ ସେମାନଙ୍କର ସେହି ଗ୍ରାମର ଚଳିତ ସନ ଅନୁସାରେ ବରଷର ଅବଶିଷ୍ଟ କେତେକ ଦିନର ସେହି କର ଧାର୍ଯ୍ୟ କରି ଫେରସ୍ତରେ ଲେଖିବେ । ଏହି ଆଇନର ୧୬ ଧାରାର ଫେରସ୍ତରେ ଯେଉଁ ୨ ବୃତ୍ତାନ୍ତ ଲେଖିବାର ଆଦେଶ

Digitized by srujan ka@gmail.com

ଅଛି ତାହା ସେହି ଫେରସ୍ତରେ ଲେଖିବାକୁ ହେବ । ସେହି ଫେରସ୍ତ ପ୍ରସ୍ତୁତ ହେଲେ ଅବିଲମ୍ବେ ସେହି ଗ୍ରାମର କୌଣସି ପ୍ରକାଶ ସ୍ଥାନରେ ପ୍ରକାଶ କରିବାକୁ ହେବ ।

ସେହି କର ନିର୍ଦ୍ଧାରଣ ୧୫ ଦିନ ମଧ୍ୟରେ ସଫଳ ହେବା କଥା ।

୧୮ ଖ । ଉକ୍ତ ପ୍ରକାରେ ଯେଉଁ କର ଧାର୍ଯ୍ୟ ହୁଏ ତାହା ସେହି ଫେରସ୍ତ ପ୍ରକାଶ ହେବାର ସମୟଠାରୁ ୧୫ ଦିନ ଉତ୍ତାରେ ପ୍ରଚଳିତ ହୋଇ ପ୍ରବଳ ହେବ ।

କର ଧାର୍ଯ୍ୟ କରିବା ଫଳର କଥା ।

୧୮ ଗ । ଉକ୍ତ ପ୍ରକାରେ ଯେଉଁ କର ଧାର୍ଯ୍ୟ ହୁଏ ତାହା ଏହି ଆଇନର ବିଧାନ ଅନୁସାରେ ନିର୍ଦ୍ଧାରିତ କର ବୋଲି ବିବେଚିତ ହେବ ଓ ତନ୍ମଧ୍ୟରେ ଯେତେ ଟଙ୍କା ଧାର୍ଯ୍ୟ ହୋଇଥିବ ତାହା ତଦନୁସାରେ ଆଦାୟ ଓ ବଳପୂର୍ବକ ଗ୍ରହଣ କରା ଯାଇ ପାରିବ ।

ବ୍ୟାଖ୍ୟା—"ତଦନୁସାରେ ଆଦାୟ ଓ ବଳପୂର୍ବକ ଗ୍ରହଣ କରା ଯାଇ ପାରିବ" ଆଦାୟ କରାଯାଇ ପାରିବ ଏବଂ ଅମଲରେ ଅଣା ଯାଇ ପାରିବ ବା ଜାରି ହୋଇପାରିବ ।

ଟୀକା—(କ) ୧୮୭୧ ମସିହା ବଙ୍ଗୀୟ ୧ ଆଇନର ୬ ଧାରାରେ ଏହି କଥା ଲେଖାଅଛି ଯେ "ଏହି ଆଇନକୁ ୧୮୭୦ ମସିହାର ବଙ୍ଗୀୟ ୬ ଆଇନ ସହିତ ଓ ତାହାର ଏକ ଅଂଶ ବୋଲି ପାଠ କରିବାକୁ ହେବ" ଏଣୁକରି ନିମ୍ନୋକ୍ତ ଧା ୧୧ ରୁ ବର୍ଣ୍ଣିତ ବଙ୍ଗୀୟ ଅ ୬ ଇନର ଧା ୧୬ ରୁ ଅନୁସାରେ ଯେଉଁ କର ଧାର୍ଯ୍ୟ କରା ହୁଏ ତାହା ପ୍ରତି ଯେପରି ପ୍ରବର୍ତ୍ତେ ଉପର୍ଯ୍ୟୁକ୍ତ ଧାରାନୁସାରେ ଧାର୍ଯ୍ୟ କର ହେଉ ମଧ୍ୟ ସେହିପରି ପ୍ରବର୍ତ୍ତିବ ।

(ଖ) କେହି ଯଦି ନୂଆ ଆସି ଗ୍ରାମରେ ବାସ କରେ ତେବେ ସମସ୍ତ ଗ୍ରାମର ଟିକସ୍ ସାମୀ ବନ୍ଦୋବସ୍ତ ନ ହେବା ଯାଏ ତାହା ଉପରେ ଟିକସ୍ ଧାର୍ଯ୍ୟ କରିବାର କୌଣସି ବିଧି ଆଇନରେ ଦେଖା ଯାଉ ନାହିଁ ।

୧୯ । କୌଣସି ବ୍ୟକ୍ତିର ଯେତେ କର ଧାର୍ଯ୍ୟ ହୋଇଅଛି ; ସେ

Digitized by srujan ka@gmail.com

ନିର୍ଦ୍ଧାରିତ କର ସଂଶୋ-ଧନ କରିବା କ୍ଷମତାର କଥା ।

ତହିଁରେ ଅସନ୍ତୁଷ୍ଟ ହେଲେ ସେହି କରର ଫେରସ୍ତ ପ୍ରକାଶ ହେବାର ତାରିଖଠାରୁ ଏକ ମାସ ମଧ୍ୟରେ ପ୍ରମୁଖାତ୍ କିମ୍ବା ଲେଖି ପଞ୍ଚାୟତ ନିକଟରେ ସେହି କର ନିରୂପଣପତ୍ର ସଂଶୋଧନ ହେବାର ପ୍ରାର୍ଥନା କରି ପାରିବେ । ପଞ୍ଚାୟତ ସେହି ନିର୍ଦ୍ଧାରିତ କର ବାହେଲ ରଖି ପାରିବେ କିମ୍ବା ସଂଶୋଧନ କରି ପାରିବେ ।

ଟୀକା—(କ) ଉପରୋକ୍ତ ଧାରାନୁସାରେ ଆପତ୍ତି ଶୁଣିବା ଓ ନିଷ୍ପତ୍ତି କରିବାର ବିଧି ୧ମ ପରିଶିଷ୍ଟର ୩ୟ ନିୟମରେ ଲେଖାଅଛି ।

(ଖ) ଏଧାରା କର ଦେବାର "ସକ୍ଷମତା" ସମ୍ବନ୍ଧରେ ଓ ୩୦ ଧାରା କର ଦେବାର "ଦାୟିତ୍ୱ" ସମ୍ବନ୍ଧରେ ଅଟେ । ୨୦ ଧାରା ଅନୁସାରେ ଜିଲାର ମାଜିଷ୍ଟ୍ରେଟଙ୍କର କ୍ଷମତା ଅଛି ଯେ ସେ କର ଧାର୍ଯ୍ୟ କାର୍ଯ୍ୟକୁ ଯେ କୌଣସି ଅବସ୍ଥାରେ ସଂଶୋଧନ କରି ପାରିବେ, ଏବଂ ୪୭ ଧାରା ଅନୁସାରେ ସେ ତହିଁ ଲିଖିତ ଘଟଣା ସ୍ଥଳରେ ସଂଶୋଧନ କରିବାକୁ ବାଧ୍ୟ ।

(ଗ) ଏହି ଧାରା ଅନୁସାରେ ଯେଉଁ ଦରଖାସ୍ତ ଦିଆଯିବ ତହିଁରେ କୋର୍ଟଫି ଆଇନର ୧୮ ଧାରାର ୨୧ ପ୍ରକରଣ ଅନୁସାରେ କୋର୍ଟଫି ଆବଶ୍ୟକ ହେଲାପରି ବୋଧ ହେଉ-ନାହିଁ ।

ସେହି କର ନିରୂପଣପତ୍ର ଜିଲା ମାଜିଷ୍ଟ୍ରେଟ ସାହେବ-ଙ୍କର ସଂଶୋଧନ କରିବା କଥା ।

୨୦ । ପଞ୍ଚାୟତ କର ନିରୂପଣପତ୍ର ସଂଶୋଧନ ସମ୍ପର୍କୀୟ ଯେଉଁ ହୁକୁମ କରନ୍ତି ତାହା ଉପରେ ଆପୀଲ କରି-ବାର ଅଧିକାର ଅଛି ବୋଲି ସେହି ଆପୀଲ କରି ପାରିବ ନାହିଁ । କିନ୍ତୁ ମାଜିଷ୍ଟ୍ରେଟ ସାହେବ କୌଣସି ଗ୍ରାମର ନିର୍ଦ୍ଧାରିତ କରର ସାଧାରଣ ଫେରସ୍ତ ତଲବ କରି ପାରିବେ ଏବଂ ଗ୍ରାମର ସେହି କରଦାୟୀ ଦଶ ଜଣର ପ୍ରାର୍ଥନା ହେଲେ ଅବଶ୍ୟ ତଲବ କରିବେ ଓ ଭବିଷ୍ୟତର ଯେଉଁ ହୁକୁମ ବହିତ ବୋଧ କରିବେ ତାହା କରି ପାରିବେ ।

ବ୍ୟାଖ୍ୟା—"ଅଛି ବୋଲି ସେହି ଅପୀଲ" ସେହି ପରିବର୍ତ୍ତେ "କେହି" ପଢିବାକୁ ହେବ । ଅର୍ଥାତ୍ ପଞ୍ଚାୟତଙ୍କ ଧାର୍ଯ୍ୟ କର ବିରୁଦ୍ଧେ ଅପିଲ କରିବାର ଅଧିକାର ନାହିଁ ।

Digitized by srujan ka@gmail.com

ଟୀକା—(କ) ଏଧାର ଅନୁସାରେ ଯେ ଦରଖାସ୍ତ କରାଯିବ ତହିଁରେ ୦ ୮ ୭ କୋର୍ଟ ଫି ଷ୍ଟାମ୍ପ ଲାଗିବ (କୋର୍ଟ ଫି ଅଇନର ୨ୟ ତପସିଲ ୧ (ଖ)

କର ମାସକୁ ମାସ ଅଗ୍ରୁଗ୍ଧ ଦେବା କଥା ।

୨୧ । ଏହି ଆଇନାନୁସାରେ ଯେଉଁ କର ଦେବାକୁ ହେବ ତାହା ମାସରେ ତାହା ସମାନ କିସ୍ତି କରି ଦିଆଯିବ । ତୈମାସର କିସ୍ତି ସେହି ତୈମାସର ପ୍ରଥମ ଦିନରେ ଦେଣା ହେବ ।

ବ୍ୟାଖ୍ୟା—"କର ମାସକୁ ମାସ ଅଗ୍ରୁଗ୍ଧ ଦେବା କଥା" "କର ସେମାହି ବା ସେମାହି ଅଗ୍ରୁଗ୍ଧ ଦେବା କଥା" "ଦେଣା ହେବ" ଅର୍ଥାତ୍ "ପାଉଣା ହେବ"

ଟୀକା—(କ) ୧୮୭୧ ସାଲର ବଙ୍ଗୀୟ ୧ ଆଇନର ପାଞ୍ଚ ଧାରା ଦ୍ୱାରା ସଂଶୋଧିତ ହୋଇଅଛି ।

* * * * * * *

କର ଅଦାୟ କରିବା ଖରଚର କଥା ।

୨୨ । ପଞ୍ଚାୟତ ଉକ୍ତ କର ଗ୍ରହଣ ଓ ଆଦାୟ କରିବାର ଓ ସେଥିର ରସିଦ ଦେବାର ଓ ହିସାବ ରଖିବା ନିମନ୍ତେ ଆପଣମାନଙ୍କ ମଧ୍ୟରୁ ଏକ ବ୍ୟକ୍ତିକୁ ନିଯୁକ୍ତ କରିବେ ଏବଂ ସେହି ଟଙ୍କା ଆଦାୟ କରିବାରେ ଯେଉଁ ଖରଚ ଲାଗେ ତାହା ପରିଶୋଧ କରିବା ନିମନ୍ତେ ପଞ୍ଚାୟତ ତଦ୍ରୂପ ନିଯୁକ୍ତ ବ୍ୟକ୍ତିକୁ ତାଙ୍କ ଦ୍ୱାରା ଆଦାୟ ହୋଇଥିବା ସେହି ଟଙ୍କାରୁ ଶତକଡ଼ା ୧୦ ଟଙ୍କା ପର୍ଯ୍ୟନ୍ତ ନେବାର ଅନୁମତି ଦେଇ ପାରିବେ ।

ବ୍ୟାଖ୍ୟା—ଯେତେ ଟଙ୍କା କର ଧାର୍ଯ୍ୟ ହୋଇଥିବ ତହିଁରୁ ଶତକରା ଦଶ ଟଙ୍କା ହିସାବ ନୁହେଁ, ଯେତେ ଟଙ୍କା ସତ୍ୟ ଅସୁଲ କରିବେ ତହିଁରୁ ଶତକରା ଦଶ ଟଙ୍କା ହିସାବ ପାଇବେ ।

ଟୀକା—(କ) ୧୮୮୬ ମସିହାର ବଙ୍ଗୀୟ ୧ ଆଇନ ଦ୍ୱାରା ଏହିପରି ସଂଶୋଧିତ ହୋଇଅଛି ।

(ଖ) ରେଜିଷ୍ଟର, ହିସାବ ଓ ରସିଦର ଫାରମ ନିମନ୍ତେ ୧ମ ପରିଶିଷ୍ଟଲିଖିତ ୮ମ ନିୟମ ଦେଖ । ତହିଁରେ କରଦାତାମାନଙ୍କୁ ରସିଦ ଦେବାର ବିଧାନ ମଧ୍ୟ ଅଛି ।

Digitized by srujan ka@gmail.com

(ଖ) ଯେଉଁଠାରେ ହୋଇପାରେ ସେଠାରେ ଏହି ରସିଦ ଅନୁରୂପେ ସହିତ ଛାପ ଚେକ୍ ରସିଦ ଫାରମରେ ହେବା ଉଚିତ। ଚେକ ପାଉଛର ତୟାର ଖର୍ଚ୍ଚ ଏହି ଧାରା ଲିଖିତ ଶତକରା ୧୦ ଟଙ୍କାରୁ ଦିଆ ଯାଇ ପାରେ।

(ଗ). ଏହି ଧାରା ଅନୁସାରେ ପଞ୍ଚାୟତର ଯେଉଁ ସଭ୍ୟ ନିଯୁକ୍ତ ହେବେ ତାଙ୍କୁ "କର ଅଦାୟକାରୀ" ବା 'ତହସିଲଦାର' ସଭ୍ୟ ବୋଲି ଯିବ। ୧ମ ପରିଶିଷ୍ଟ ଲିଖିତ ୪ର୍ଥ ନିୟମ ଅନୁସାରେ ସେ କାଗଜପତ୍ର, ହିସାବ କିତାବ, ଟଙ୍କା ରଖିବା ପ୍ରଭୃତି କାର୍ଯ୍ୟ କରିବାକୁ ବାଧ୍ୟ। ୬ଷ୍ଠ ନିୟମ ଅନୁସାରେ ପଞ୍ଚାୟତଙ୍କୁ ଏକ ଡାଏରି ବା ଦୈନିକ ବିବରଣୀ ରଖିବାକୁ ହେବ ଯେ ତହିଁରେ ସମସ୍ତ ବିବରଣ ପଞ୍ଚାୟତଙ୍କର ହୁକୁମ ପ୍ରଭୃତି ଲେଖାଯିବ ଏବଂ ଏ ଡାଏରିକୁ ସାଧାରଣ ଲୋକେ ଦେଖି ପାରିବେ।

ଚୌକୀଦାରୀ ତହବିଲ ସଂଗଠନର କଥା।

୨୩। ଏହି ଆଇନାନୁସାରେ କୌଣସି ଗ୍ରାମରେ ଯେତେ କର ଆଦାୟ କରାଯିବ ତାହା ଏବଂ ଅନ୍ୟ ଯେଉଁ ଟଙ୍କା ଏହି ଆଇନର ଅଭିପ୍ରାୟ ପକ୍ଷରେ ପ୍ରୟୋଗ ହୋଇ ପାରେ ସେହି ସମସ୍ତ ଟଙ୍କା ନେଇ ସେହି ଗ୍ରାମର ଚୌକୀଦାରୀ ତହବିଲ ବୋଲି ଗୋଟିଏ ତହବିଲ କରାଯିବ।

ଟୀକା—(କ) ଏହି ଆଇନ ଅନୁସାରେ ଯେଉଁ ଜରିମାନା ଓ ଦଣ୍ଡ ଆଦାୟ ହେବ ତାହା ସଂଶୋଧିତ ୫୨ ଧାରା ଅନୁସାରେ ଗ୍ରାମ୍ୟ ଚୌକୀଦାରୀ ପାଣ୍ଠିରେ ଜମା ନ ହୋଇ ଜିଲ୍ଲାର ଚୌକୀଦାରୀ ପୁରସ୍କାର ପାଣ୍ଠିରେ ଜମା ହେବ।

(ଖ) କିନ୍ତୁ ଏହି ଆଇନର ୨୫ ଖଣ୍ଡ ଅନୁସାରେ ଜମିଦାରଙ୍କ ସହିତ ଯେଉଁ ସବୁ ଚୌକିଦାରୀ ଜମିର ବନ୍ଦୋବସ୍ତ ହେବ ତାହାର ଖଜଣା ୫୨ ଧାରା ଅନୁସାରେ ଗ୍ରାମ୍ୟ ଚୌକୀଦାରୀ ପାଣ୍ଠିରେ ଜମା ହେବ।

ଉଦ୍ବୃତ୍ତ ଟଙ୍କା ନେଇ ଯାହା କରିବାକୁ ହେବ ତହିଁର କଥା।

୨୪। କୌଣସି ବର୍ଷ ଶେଷରେ ସେହି ତହବିଲରୁ କିଛି ଟଙ୍କା ବଳିଲେ ତାହା ତତ୍ପରବର୍ତ୍ତୀ ବର୍ଷର ଚୌକୀଦାରୀ ତହବିଲ ହିସାବରେ ଜମା ହେବ ଓ ସେହି ବର୍ଷର କର ଦ୍ୱାରା ଯେଉଁ ଟଙ୍କା ଉତ୍ପନ୍ନ ହେବ ତାହା ତେତେ ଟଙ୍କା ପର୍ଯ୍ୟନ୍ତ ନ୍ୟୂନ ଧରାଯାଇ ପାରିବ।

ବ୍ୟାଖ୍ୟା—କୌଣସି ବର୍ଷରେ ଚୌକୀଦାର ଦରମାହା ପ୍ରଭୃତି ପାଇଁ ଯେତେ ଟଙ୍କା

Digitized by srujan ka@gmail.com

ତହସିଲର ତହିଁରୁ ପୂର୍ବ ବର୍ଷର ଉଦ୍‌ବୃତ୍ତ ବା ଫାଜିଲ ଟଙ୍କା ବାଦ୍ ଦେଇ ଯେତେ ବାକି ରହିବ ସେତିକି ଟଙ୍କା କର ଧାର୍ଯ୍ୟ ଦ୍ୱାରା ଆଦାୟ କରାଯାଇ ପାରେ ।

ଟୀକା—(କ) ଆଗାମୀ ବର୍ଷ ନିମନ୍ତେ ଯେତେ କର ବସାଣ କରିବା ପ୍ରୟୋଜନ ତହିଁରୁ ଏ ଆଇନ ଅନୁସାରେ ଉଦ୍‌ବୃତ୍ତ ଟଙ୍କା ବାଦ୍ ଦିଆଯାଇ ପାରେ ବା ନ ପାରେ କିନ୍ତୁ ୧୮୮୬ ମସିହା ସେପ୍ଟେମ୍ବର ମାସ ୨୮ ତାରିଖ ଗବର୍ଣ୍ଣମେଣ୍ଟଙ୍କ ନଂ ୯୮ କେ ଡି ମ୍ବର ସରକ୍ୟୁଲରରେ ଲେଖାଯାଏ ଯେ ଏକବର୍ଷର ଉଦ୍‌ବୃତ୍ତ ଟଙ୍କା ଅପର ବର୍ଷରେ ଜମା ଦେବାକୁ ହେବ ।

(ଖ) ଉଦ୍‌ବୃତ୍ତ ଟଙ୍କାର କେତେକ ଅଂଶ ୪୬ ଧାରା ଅନୁସାରେ ବ୍ୟୟିତ ହୋଇପାରେ ।

କିସ୍ତିର ଟଙ୍କା ସାତଦିନ ମଧ୍ୟରେ ଦେବାର କଥା ।

୧୫ । ଏହି ଆଇନାନୁଯାୟୀ ନିର୍ଦ୍ଧାରିତ କର ଯେଉଁ ବ୍ୟକ୍ତିର ଦେବାକୁ ହେବ ତାହାର ସେହି କରର କିସ୍ତି ଦେଣା ହେବାର ଦିନଠାରୁ ସାତ ଦିନ ମଧ୍ୟରେ ସେ ପଞ୍ଚାୟତଠାରୁ ସେହି କିସ୍ତି ନେବାର ନିଯୁକ୍ତ ବ୍ୟକ୍ତିକୁ ସେହି କିସ୍ତିର ଟଙ୍କା ଦେବେ କିମ୍ବା ତାହା ଗ୍ରହଣାର୍ଥେ ଦାଖଲ କରିବେ ।

ବ୍ୟାଖ୍ୟା—"ଟଙ୍କା ଦେବେ କିମ୍ବା ତାହା ଗ୍ରହଣାର୍ଥେ ଦାଖଲ କରିବେ" ଅର୍ଥ ଦେବେ ବା ଯାଚିବେ ।

ଟୀକା—(କ) ଗବର୍ଣ୍ଣମେଣ୍ଟଙ୍କର ୧୮୮୬ ମସିହା ଅକ୍ଟୋବର ମାସ ତା ୧୮ ରିଖର ପ୍ରୋସି ନଂ ୪୧୯୫ କେ ଆଦେଶ ଅନୁସାରେ ଷ୍ଟେସନେରି ସୁପରିଣ୍ଟେଣ୍ଡେଣ୍ଟଙ୍କଠାରୁ ରସିଦ ଫାରମ ପଣାଯାଇ ପାରେ ।

ବାକୀଦାରମାନଙ୍କ ନାମର ଫେରସ୍ତ ପ୍ରସ୍ତୁତ କରିବା କଥା ।

୧୬ । ଏହି ଆଇନର ବିଧାନ ଯେଉଁ ଯେଉଁ ଗ୍ରାମର ପ୍ରତି ପ୍ରବର୍ତ୍ତେ ସେହି ସେହି ଗ୍ରାମର କୌଣସି ବ୍ୟକ୍ତି କୌଣସି ତ୍ରୈମାସର କିସ୍ତି ନ ଦେଲେ ସେହି ତ୍ରୈମାସର ଦଶଦିନ ଗତ ହେଲା ମାତ୍ରେ ପଞ୍ଚାୟତ ସେହି ବ୍ୟକ୍ତିମାନଙ୍କ ନାମ ଓ ଯାହାଠାରେ ସେହି ତ୍ରୈମାସର ଯେତେ ପାଉଣା ଥିବ ସେଥିର ଫେରସ୍ତ ପ୍ରସ୍ତୁତ କରି ଗ୍ରାମର କୌଣସି ପ୍ରକାଶ୍ୟ ସ୍ଥାନରେ ପ୍ରକାଶ କରିବେ ।

Digitized by srujan ka@gmail.com

(ଖ) ଯେଉଁଠାରେ ହୋଇପାରେ ସେଠାରେ ଏହି ରସିଦ ଅନୁଲିପି ସହିତ ଭାଗ ଚେକ ଛପିତ ଫାରମରେ ହେବା ଉଚିତ । ଚେକ ପାଉଥର ତିଆରି ଖର୍ଚ୍ଚ ଏହିପ୍ରଜ୍ଞ ଲିଖିତ ଶତକଡ଼ା ୧୦ ଟଙ୍କାରୁ ଦିଆ ଯାଇ ପାରେ ।

(ଗ) ଏହି ଧାରା ଅନୁସାରେ ପଞ୍ଚାୟତର ଯେଉଁ ସଭ୍ୟ ନିଯୁକ୍ତ ହେବେ [illegible] "କର ଅଦାୟକାରୀ" ବା "ତହସିଲଦାର" ସଭ୍ୟ ବୋଲାଯିବ । ୧ମ ପରିଶିଷ୍ଟ ଲିଃ ୪ର୍ଥ ନିୟମ ଅନୁସାରେ ସେ କାଗଜପତ୍ର, ହିସାବ କିତାବ, ଟଙ୍କା ରଖିବା ପ୍ରଭୃତି କାର୍ଯ୍ୟ କରିବାକୁ ବାଧ୍ୟ । ୬ଷ୍ଠ ନିୟମ ଅନୁସାରେ ପଞ୍ଚାୟତଙ୍କୁ ଏକ ଡାଏରି ବା ଦୈନିକ ବିବରଣୀ ରଖିବାକୁ ହେବ ଯେ ତହିଁରେ ସମସ୍ତ ବିବରଣ ପଞ୍ଚାୟତଙ୍କର ହୁକୁମ ପ୍ରଭୃତି ଲେଖାଯିବ ଏବଂ ଏ ଡାଏରିକୁ ସାଧାରଣ ଲୋକେ ଦେଖି ପାରିବେ ।

ଚୌକିଦାରୀ ତହବିଲ ସଂଗଠନର କଥା ।

୨୩ । ଏହି ଆଇନାନୁସାରେ କୌଣସି ଗ୍ରାମରେ ଯେତେ କର ଅଦାୟ କରାଯିବ ତାହା ଏବଂ ଅନ୍ୟ ଯେଉଁ ଟଙ୍କା ଏହି ଆଇନର ଅଭିପ୍ରାୟ ପକ୍ଷରେ ପ୍ରୟୋଗ ହୋଇ ପାରେ ସେହି ସମସ୍ତ ଟଙ୍କା ନେଇ ସେହି ଗ୍ରାମର ଚୌକିଦାରୀ ତହବିଲ ବୋଲି ଗୋଟିଏ ତହବିଲ କରାଯିବ ।

ଟୀକା—(କ) ଏହି ଆଇନ ଅନୁସାରେ ଯେଉଁ ଜରିମାନା ଓ ଦଣ୍ଡ ଅଦାୟ ହେବ ତାହା ସଂଶୋଧିତ ୪୨ ଧାରା ଅନୁସାରେ ଗ୍ରାମ୍ୟ ଚୌକିଦାରୀ ପାଣ୍ଠିରେ ଜମା ନ ହୋଇ ଜିଲ୍ଲାର ଚୌକିଦାରୀ ପୁରସ୍କାର ପାଣ୍ଠିରେ ଜମା ହେବ ।

(ଖ) କିନ୍ତୁ ଏହି ଆଇନର ୨୨ ଖଣ୍ଡ ଅନୁସାରେ ଜମିଦାରଙ୍କ ସହିତ ଯେଉଁ ସବୁ ଚାକରାନ ଜମିର ବନ୍ଦୋବସ୍ତ ହେବ ତାହାର ଖଜଣା ୪୨ ଧାରା ଅନୁସାରେ ଗ୍ରାମ୍ୟ ଚୌକିଦାରୀ ପାଣ୍ଠିରେ ଜମା ହେବ ।

ଉଦ୍ବୃତ୍ତ ଟଙ୍କା ନେଇ
ହା କରିବାକୁ ହେବ
ହିଁର କଥା ।

୨୪ । କୌଣସି ବର୍ଷ ଶେଷରେ ସେହି ତହବିଲରୁ କିଛି ଟଙ୍କା ବଳିଲେ ତାହା ତତ୍ପରବର୍ତ୍ତୀ ବର୍ଷର ଚୌକିଦାରୀ ତହବିଲ ହିସାବରେ ଜମା ହେବ ଓ ସେହି ବର୍ଷର କର ଦ୍ୱାରା ଯେଉଁ ଟଙ୍କା ଉତ୍ପନ୍ନ ହେବ ତାହା ସେତେ ଟଙ୍କା ପର୍ଯ୍ୟନ୍ତ ନ୍ୟୂନ ଧରାଯାଇ ପାରିବ ।

ବ୍ୟାଖ୍ୟା—କୌଣସି ବର୍ଷରେ ଚୌକିଦାର ଦରମାହା ପ୍ରଭୃତି ପାଇଁ ଯେତେ ଟଙ୍କା

Digitized by srujan ka@gmail.com

ପଞ୍ଚାୟତ ତହିଁରୁ ପୂର୍ବ ବର୍ଷର ଉଦ୍‌ବୃତ ବା ଫାଜଲ ଟଙ୍କା ବାଦ୍ ଦେଇ ଯେତେ ବାକି ରହିବ ତେତକ ଟଙ୍କା କର ଧାର୍ଯ୍ୟ ଦ୍ୱାରା ଅଦାୟ କରାଯାଇ ପାରେ ।

ଟୀକା—(କ) ଆଗାମୀ ବର୍ଷ ନିମନ୍ତେ ଯେତେ କର ବସାଣ କରିବା ପ୍ରୟୋଜନ ତହିଁରୁ ଏ ଆଇନ ଅନୁସାରେ ଉଦ୍‌ବୃତ୍ତ ଟଙ୍କା ବାଦ୍ ଦିଆଯାଇ ପାରେ ବା ନ ପାରେ ତନ୍ନିମିତ୍ତ ୧୮୮୬ ମସିହା ସେପ୍ଟେମ୍ବର ମାସ ୧୮ ତାରିଖ ଗବର୍ଣ୍ଣମେଣ୍ଟଙ୍କ ନ ୯୮ ନେ ତମ୍ବର ସରକ୍ୟୁଲରରେ ଲେଖାଯାଏ ଯେ ଏକବର୍ଷର ଉଦ୍‌ବୃତ୍ତ ଟଙ୍କା ଅପର ବର୍ଷରେ ଜମା ଦେବାକୁ ହେବ ।

(ଖ) ଉଦ୍‌ବୃତ୍ତ ଟଙ୍କାର କେତେକ ଅଂଶ ୪୬ ଧାରା ଅନୁସାରେ ବ୍ୟୟିତ ହୋଇପାରେ ।

କିସ୍ତିର ଟଙ୍କା ସାତଦିନ ମଧ୍ୟରେ ଦେବାର କଥା ।

୧୫ । ଏହି ଆଇନାନୁଯାୟୀ ନିର୍ଦ୍ଧାରିତ କର ଯେଉଁ ବ୍ୟକ୍ତିର ଦେବାକୁ ହେବ ତାହାର ସେହି କରର କିସ୍ତି ଦେଣା ହେବାର ଦିନଠାରୁ ସାତ ଦିନ ମଧ୍ୟରେ ସେ ପଞ୍ଚାୟତଠାରୁ ସେହି କିସ୍ତି ନେବାର ନିଯୁକ୍ତ ବ୍ୟକ୍ତିକୁ ସେହି କିସ୍ତିର ଟଙ୍କା ଦେବେ କିମ୍ବା ତାହା ଗ୍ରହଣାର୍ଥେ ଦାଖଲ କରିବେ ।

ବ୍ୟାଖ୍ୟା—"ଟଙ୍କା ଦେବେ କିମ୍ବା ତାହା ଗ୍ରହଣାର୍ଥେ ଦାଖଲ କରିବେ" ଅର୍ଥାତ୍ ଦେବେ ବା ଯାଚିବେ ।

ଟୀକା—(କ) ଗବର୍ଣ୍ଣମେଣ୍ଟଙ୍କର ୧୮୮୭ ମସିହା ଅକ୍ଟୋବର ମାସ ତା ୧୮ ରିଖର ରୁଲ୍‌ସ ନ ୪୧୫୪ ନେ ଆଦେଶ ଅନୁସାରେ ଷ୍ଟେସନେରି ସୁପରିଣ୍ଟେଣ୍ଡେଣ୍ଟଙ୍କଠାରୁ ରସିଦ ଫାରମ ଆଣାଯାଇ ପାରେ ।

ବାକିଦାରମାନଙ୍କ ନାମର ଫେରସ୍ତ ପ୍ରସ୍ତୁତ କରିବା କଥା ।

୧୬ । ଏହି ଆଇନର ବିଧାନ ଯେଉଁ ଯେଉଁ ଗ୍ରାମର ପ୍ରତି ପ୍ରବର୍ତ୍ତେ ସେହି ସେହି ଗ୍ରାମର କୌଣସି ବ୍ୟକ୍ତି କୌଣସି ତ୍ରୈମାସର କିସ୍ତି ନ ଦେଲେ ସେହି ତ୍ରୈମାସର ଦଶଦିନ ଗତ ହେଲା ମାତ୍ରେ ପଞ୍ଚାୟତ ସେହି ବ୍ୟକ୍ତିମାନଙ୍କ ନାମ ଓ ଯାହାଠାରେ ସେହି ତ୍ରୈମାସର ଯେତେ ପାଉଣା ଥିବ ସେଥିର ଫେରସ୍ତ ପ୍ରସ୍ତୁତ କରି ଗ୍ରାମର କୌଣସି ପ୍ରକାଶ୍ୟ ସ୍ଥାନରେ ପ୍ରକାଶ କରିବେ ।

Digitized by srujan ka@gmail.com

ଟୀକା—(ଢ) ୧୮୭୧ ମସିହା ବଙ୍ଗୀୟ ୧ ଆଇନର ୫ ଧାରା ଦ୍ୱାରା ସଂଶୋଧିତ ହୋଇଅଛି ।

କର ନିମନ୍ତେ କ୍ରୋକ କର-ବା କ୍ଷମତାର କଥା ।

୧୭ । ତାହା ହେଲା ଉତ୍ତାରେ, ପଞ୍ଚାୟତର ଯେଉଁ ବ୍ୟକ୍ତି କର ଆଦାୟ କରୁଥିବେ ସେ କ ତଫସୀଲ ଲିଖିତ ପାଠରେ ଲେଖି ଦେଇ ତହିଁରେ ସ୍ୱାକ୍ଷର କରୁ ଚୌକୀଦାରକୁ କିମ୍ବା ସେହି ଲେଖାର ନିର୍ଦ୍ଦିଷ୍ଟ ଅନ୍ୟ ବ୍ୟକ୍ତିକୁ ଏହି ଅନୁମତି ଦେବେ ଯେ ଯାହାର ଯେତେ ବାକୀ ଥାଏ ତାହାର ତେତେ ମୂଲ୍ୟର ଏବଂ ଜରିମାନାସ୍ୱରୂପ ଆଉ ତେତେ ମୂଲ୍ୟର ଅସ୍ଥାବର ସମ୍ପତ୍ତି କ୍ରୋକ ଓ ବିକ୍ରୟ କର ।

ବ୍ୟାଖ୍ୟା—"ସେ କ ତଫସିଲ ଲିଖିତ ପାଠରେ ଲେଖି ଦେଇ ତହିଁରେ ସ୍ୱାକ୍ଷର କରୁ" ସେ କ ତଫସିଲ ଲିଖିତ ନକ୍ସାରେ ନିଜ ଦସ୍ତଖତରେ ଏକ ଲେଖା ବାହାର କରୁ" "ଏହି ଅନୁମତି ଦେବେ" ଏଠାରେ ଅନୁମତି ଶବ୍ଦ ଯେଉଁ ଇଂରାଜୀ ଶବ୍ଦ ପାଇଁ ବ୍ୟବହୃତ ହୋଇଅଛି ସେ ଇଂରାଜୀ ଶବ୍ଦ ୩ (୧) ଧାରାର "ଗବର୍ଣ୍ଣମେଣ୍ଟଙ୍କ ଅନୁମତି" ପଦର ଅନୁମତି ପରିବର୍ତ୍ତରେ ବ୍ୟବହୃତ ହୋଇ ନାହିଁ । ଏଠାରେ ଅନୁମତି ଅର୍ଥ ଆଦେଶ ବା କ୍ଷମତା ବୋଲି ବୁଝିବାକୁ ହେବ ।

"ଜରିମାନା ସ୍ୱରୂପ" ଦଣ୍ଡ ବା ଗୁଣାଗାରସ୍ୱରୂପ କାରଣ ଯେଉଁ ଇଂରାଜୀ ଶବ୍ଦକୁ ଏଠାରେ ଜରିମାନା ବୋଲି ଅନୁବାଦ କରା ହୋଇଅଛି ୪୨ ଧାରାରେ ସେହି ଶବ୍ଦକୁ (Penalty) ଦଣ୍ଡ ବୋଲି ଅନୁବାଦ କରା ହୋଇଅଛି, ଏଣୁକରି ଦଣ୍ଡ ବା ଗୁଣାଗାର ଶବ୍ଦ ଉଭୟ ସ୍ଥଳରେ ଭଲ ହେବ ।

ଟୀକା—(କ) ଏହିପରି ଯେତେ କାର୍ଯ୍ୟ କରାଯିବ ତାହା ସବୁ କର-ଆଦାୟକାରୀ ସଭ୍ୟ ୧ମ ପରିଶିଷ୍ଟ ଲିଖିତ ୫ ମ ନିୟମ ଅନୁସାରେ ଲିପିବଦ୍ଧ କରି ରଖିବେ ।

ଉପରୋକ୍ତ ଅନୁସାରେ କାର୍ଯ୍ୟ କରିବା ନିୟମର କଥା ।

୧୮ । ଯେଉଁ ବ୍ୟକ୍ତି ପ୍ରତି ସେହି ଅନୁମତି ଦିଆଯିବ ସେ ଉକ୍ତ ପ୍ରତ୍ୟେକ ବାକୀଦାରଙ୍କ ଯେତେ ଅସ୍ଥାବର ଦ୍ରବ୍ୟ ଦ୍ୱାରା ସେହି କର ଇତ୍ୟାଦି ପରିଶୋଧ କରିବାକୁ ଯଥେଷ୍ଟ ହେବ ବୋଲି ବୋଧ କରିବେ ତେତେ

Digitized by srujan ka@gmail.com

ଦ୍ରବ୍ୟ କ୍ରୋକ କରିବେ ଓ କ୍ରୋକ ହୋଇଥିବା ସେହି ଅସ୍ଥାବର ଦ୍ରବ୍ୟର ଫେରସ୍ତ ଲେଖି ସେହି ସମୟର ଓ ସ୍ଥାନର ସମ୍ବାଦ ଦେବେ । ଘୋଷଣା ହେବାର ଦିନଠାରୁ ଦୁଇ ଦିନରୁ ଅନ୍ୟୂନ ଓ ପାଞ୍ଚ ଦିନରୁ ଅନଧିକ ସେହି ଦ୍ରବ୍ୟ ବିକ୍ରୟ କରିବାର ଦିନ ନିରୂପଣ କରିବେ ।

ବ୍ୟାଖ୍ୟା—"ସେହି ଅନୁମତି ଦିଆଯିବ" କ୍ଷମତା ବା ଆଦେଶ ଦିଆଯିବ ।

"ଓ କ୍ରୋକ ହୋଇଥିବା ସେହି ଅସ୍ଥାବର ଦ୍ରବ୍ୟର ଫେରସ୍ତ ଲେଖି ସେହି ସମୟର ଓ ସ୍ଥାନର ସମ୍ବାଦ ଦେବେ ।" ଇଂରାଜୀରେ ଏହି ଭାବରେ ଲେଖା ଅଛି "କ୍ରୋକ ହୋଇଥିବା ଚଳନ୍ତି ମାଲର ତାଲିକା କରିବେ ଏବଂ ତାହା ସଙ୍ଗେ ୨ ସେହି ଚଳନ୍ତି ମାଲ ଯେଉଁ ସମୟ ଓ ସ୍ଥାନରେ ବିକ୍ରୀ ହେବ ସେ ସମୟ ଓ ସ୍ଥାନ ଯେଣ୍ତୁସ ଦିଆଇବେ ।"

"ଘୋଷଣା ଦେବାର ଦିନଠାରୁ ଇତ୍ୟାଦି" ଘୋଷଣା ଦେବାର ସମୟରୁ (ଦିନରୁ ନୁହେଁ) ଦୁଇଦିନ ଉତ୍ତାରେ ଏବଂ ପାଞ୍ଚ ଦିନ ମଧ୍ୟରେ ବିକ୍ରୀ ସମୟ (ଦିନ ନୁହେଁ) ନିରୂପଣ କରିବାକୁ ହେବ ।

ଉଆରଣ୍ଟ ଅନୁସାରେ ବିକ୍ରୟ କରିବା କଥା ।

୨୯ । ଘୋଷଣାକ୍ରମେ ଯେଉଁ ସମୟ ନିର୍ଦ୍ଦିଷ୍ଟ ହୋଇଥାଏ, କୌଣସି ବାକିଦାର ସେହି ସମୟ ମଧ୍ୟରେ ଆପଣାର ଦେଣା ଟଙ୍କା ଏବଂ ଜରିମାନାସ୍ୱରୂପ ଆଉ ଯେତେ ଟଙ୍କା ନ ଦେଲେ ସେହି କ୍ରୋକ ହୋଇଥିବା ଦ୍ରବ୍ୟ କିମ୍ବା ସେଥିର ଯେଉଁ ଅଂଶ ବିକ୍ରୟ କରିବାର ଆବଶ୍ୟକ ତାହା ନିର୍ଦ୍ଦିଷ୍ଟ ସମୟରେ ଓ ସ୍ଥାନରେ ନୀଲାମ କରାଯିବ । ନୀଲାମରେ ପ୍ରାପ୍ତ ସେହି ଟଙ୍କାରୁ ସେହି କର ଓ ସେହି ଜରିମାନା ନିଆଯିବ । ଫାଜିଲ ଥିଲେ ସେହି ଦ୍ରବ୍ୟ କ୍ରୋକ ହେବା ସମୟରେ ଯାହାର ଅଧିକାରରେ ଥିଲା ତାକୁ ଫେରସ୍ତ ଦିଆଯିବ ।

ଟୀକା—(କ) ପ୍ରଥମ ପରିଶିଷ୍ଟ ଲିଖିତ ୫ ମ ନିୟମ ଅନୁସାରେ ଏହି ଧାରା ଲିଖିତ ନୀଲାମବେଳେ ପଞ୍ଚାୟତର ୨ ଜଣ ସଭ୍ୟ ଉପସ୍ଥିତ ରହିବା ପ୍ରୟୋଜନ ।

୩୦ । ବାକିଦାରମାନଙ୍କର କୌଣସି ଫେରସ୍ତରେ ଯେଉଁ ବ୍ୟକ୍ତି

Digitized by srujan ka@gmail.com

୧ କର ଅଦାୟ କରିବା ବିଷୟରେ ଯେରୂପ ଅପତ୍ତି କରିବାକୁ ହେବ ସେଥିର କଥା ।

ମାନଙ୍କ ନାମ ଲେଖା ଯାଇଥିବ ସେମାନଙ୍କ ମଧ୍ୟରେ କୌଣସି ବ୍ୟକ୍ତି ସେହି ଫେରସ୍ତ ଲିଖିତ ଟଙ୍କାର କି ସେଥିର ଏକ ଅଂଶର ଦାୟୀ ନୁହେଁ ବୋଲି ଆପତ୍ତି କଲେ ସେ ପ୍ରମୁଖାତ୍ କମ୍ବା ଲେଖି ଜିଲ୍ଲା ମାଜିଷ୍ଟ୍ରେଟ ସାହେବଙ୍କ ନିକଟକୁ ଦରଖାସ୍ତ କରି ଆପଣା ଅପତ୍ତିର କାରଣ ଜଣାଇବେ । ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ସାହେବ ତାଙ୍କର ସେହି ଆପତ୍ତିର ଅନୁସନ୍ଧାନ ନେଇ ଯେଉଁ ହୁକୁମ ବିହିତ ବୋଧ କରନ୍ତି ତାହା କରିବେ ।

ବ୍ୟାଖ୍ୟା—ଏହି ଧାରା ଲିଖିତ ଅପତ୍ତି ଲିଖିତ ବା ମୌଖିକ ହୋଇପାରେ ।

ଟୀକା—(କ) ୧୧ ଦଫାର ଟୀକା ଦେଖ ।

(ଖ) ଯଦି ଅପତ୍ତିକାରୀ ପଞ୍ଚାୟତଙ୍କୁ ଜଣାନ୍ତି ଯେ ଜିଲ୍ଲା ମାଜିଷ୍ଟ୍ରେଟଙ୍କଠାରେ ଅବେଦନ କରିବାକୁ ତାଙ୍କର ଇଚ୍ଛା ଅଛି ତାହା ହେଲେ ୧ମ ପରିଶିଷ୍ଟ ଲିଖିତ ୭ମ ନିୟମ ଅନୁସାରେ ପଞ୍ଚାୟତ ୫ ଦିନ ନିଲାମ ସ୍ଥଗିତ ରଖିବାକୁ ବାଧ୍ୟ ।

୩୧ । ୨୮ ଧାରାର ବିଧାନମତେ ଯେଉଁ ସମ୍ପତ୍ତି କ୍ରୋକ କରାଯାଏ

କ୍ରୋକ ହୋଇଥିବା ସମ୍ପତ୍ତି ରଖିବା କଥା ।

ତାହା ଚୌକୀଦାରଙ୍କର କମ୍ବା ପଞ୍ଚାୟତ ଅନ୍ୟ ଯେଉଁ ବ୍ୟକ୍ତିଙ୍କୁ ସେହି କର୍ମରେ ନିଯୁକ୍ତ କରନ୍ତି ତାଙ୍କ ଜିମ୍ମାରେ ରହିବ ।

୩୨ । ବାକୀଦାରଙ୍କ ଅଧିକୃତ କୌଣସି ଘରେ କି ଭୂମିରେ ହଳିଆ

କର ସକାଶେ ଯେପ୍ରକାର ସମ୍ପତ୍ତି କ୍ରୋକ ହୋଇ ପାରେ ତହିଁର କଥା ।

ଗୋରୁ କି ବ୍ୟବସାୟର କି କୃଷିକାର୍ଯ୍ୟର ହତିୟାର ଓ ଯନ୍ତ୍ର ବ୍ୟତିରେକେ ଯେ ସମସ୍ତ ମାଲ ଓ ଦ୍ରବ୍ୟ ମିଳିବ ତାହା ତାହାର ସମ୍ପତ୍ତି ବୋଲି ଜ୍ଞାନ ହେବ ଓ ବାକୀ ଆଦାୟ ସକାଶେ ତାହା କ୍ରୋକ ଓ ନିଲାମ ହୋଇ ପାରିବ । କ୍ରୋକ ହୋଇଥିବା ମାଲ ଓ ଦ୍ରବ୍ୟ ବାକୀଦାର ଭିନ୍ନ ଅନ୍ୟ ବ୍ୟକ୍ତିର ଦ୍ରବ୍ୟ ହୋଇ ସେ କ୍ରୋକ କରିବା ଦ୍ଵାରା

Digitized by srujan ka@gmail.com

ତାହାରି ହାନି ହେଲେ କମ୍ବା ଦ୍ରବ୍ୟ କ୍ରୋକ କ ନୀଲାମ ନ ହେବା ସକାଶେ ସେ ଟଙ୍କା କ ପଇସା ଦେଲେ ବାଞ୍ଛାଦାର ସେହି କ୍ଷତିପୂରଣର କମ୍ବା ସେହି ଟଙ୍କାର ଦାୟୀ ହେବେ ।

ବ୍ୟାଖ୍ୟା—ହତିୟାର ଓ ଯନ୍ତ୍ର-ଯନ୍ତ୍ର ଅର୍ଥ ଉପକରଣ ମାଲ ଓ ଦ୍ରବ୍ୟ (Goods) ବାଣିଜ୍ୟ ଦ୍ରବ୍ୟ ଓ (Chattels) ଗୃହ ସାମଗ୍ରୀ

୬୩ । ଏହି ଆଇନ ଅନୁଯାୟୀ କର ଦେୟ ହେବାର ଦିନଠାରୁ ଏକ ଏକ ବରଷ ଉତ୍ତାରେ କ୍ରୋକ ହେବା କଥା । ବରଷ ଗତ ହେଲା ଉତ୍ତାରେ କ୍ରୋକ କରିବା ଦ୍ୱାରା ଆଦାୟ ହୋଇ ପାରିବ ନାହିଁ ।

ବ୍ୟାଖ୍ୟା—ଏହି ଆଇନ ଅନୁସାରେ ଦେୟ କର ଯେଉଁ ତାରଖରେ ପାଉଣା ହେବ ସେହି ତାରଖରୁ ଏକ ବର୍ଷ ଅତୀତ ହେଲେ ତାହା ଆଉ କ୍ରୋକ ଦ୍ୱାରା ଆଦାୟ ହୋଇ ପାରିବ ନାହିଁ । ଦେୟ କର ପ୍ରତି ସେମାହିର ପହିଲା ତାରଖରେ ପାଉଣା-(୨୯ ଧାରା ଦେଖ ।)

୬୪ । ଏହି ଆଇନ ବଲରେ ଯେଉଁ କ୍ରୋକ କରାଯାଏ ତତ୍ସମ୍ପର୍କୀୟ କୌଣସି ଫେରସ୍ତରେ କ କର ନିରୂପଣପତ୍ରରେ କ ବିଜ୍ଞାପନରେ କ ସମନରେ କ କ୍ଷମତାପତ୍ରରେ କ ଲେଖାରେ କ ଦ୍ରବ୍ୟ ତାଲିକାରେ କ ଅନ୍ୟ କାର୍ଯ୍ୟରେ କୌଣସି ତ୍ରୁଟି କମ୍ବା ରୀତିର ବ୍ୟତିକ୍ରମ ପ୍ରକାଶ ହେଲେ ହିଁ ସେହି କ୍ରୋକ ଅବୈଧ ଜ୍ଞାନ ହେବ ନାହିଁ ଓ ଯେଉଁ ବ୍ୟକ୍ତି କ୍ରୋକ କରେ ସେ ମଧ୍ୟ ଅନଧିକାର ପ୍ରବେଷ୍ଟା ଜ୍ଞାନ ହେବ ନାହିଁ ଓ ପଶ୍ଚାତ୍ ସେହି ବ୍ୟକ୍ତିର କୃତ କୌଣସି କାର୍ଯ୍ୟରେ ରୀତିର ବ୍ୟତିକ୍ରମ ହେଲେ ସେ ପ୍ରଥମଠାରୁ ଅନଧିକାର ପ୍ରବେଷ୍ଟା ଜ୍ଞାନ ହେବ ନାହିଁ କିନ୍ତୁ ସେହି ବ୍ୟତିକ୍ରମ ହେତୁରୁ କୌଣସି ବ୍ୟକ୍ତି ପକ୍ଷରେ ଅନ୍ୟାୟ ହେଲେ, ସେ ଏହି ଆଇନର ୬୩ ଧାରାର ବିଧାନାଧୀନରେ ଉପଯୁକ୍ତ କ୍ଷମତାପନ୍ନ କୌଣସି ଅଦାଲତରେ କୌଣସି ବିଶେଷ କ୍ଷତିର ସମ୍ପୂର୍ଣ୍ଣ ପରିଶୋଧ ପାଇ ପାରିବେ ।

(ମାର୍ଜିନ: ତ୍ରୁଟି ବା ବ୍ୟତିକ୍ରମ ହେତୁରୁ କ୍ରୋକ ବ୍ୟର୍ଥ ନ ହେବା କଥା ।)

ବ୍ୟାଖ୍ୟା—ଅବୈଧ ଅର୍ଥ ବେଆଇନ ।

Digitized by srujan ka@gmail.com

ଚୌକିଦାରର ନିଯୋଗ ଓ ବରଖାସ୍ତିର କଥା ।

୩୫ । (୧) ଚୌକିଦାରୀ କାର୍ଯ୍ୟ ଖାଲି ହେଲେ, ପଞ୍ଚାୟତ ଏହି ଆଇନାନୁସାରେ ଚୌକିଦାର ହେବା ସକାଶେ ଜଣେ ବ୍ୟକ୍ତିକୁ ମନୋନୀତ କରିବେ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ସାହେବ ତଦ୍ରୂପ ମନନରେ ସନ୍ତୁଷ୍ଟ ହେଲେ ତଦ୍ରୂପ ମନୋନୀତ ବ୍ୟକ୍ତିକୁ ଚୌକିଦାର ହେବା ସକାଶେ ନିଯୁକ୍ତ କରିବେ ।

କିନ୍ତୁ ପଞ୍ଚାୟତ ଯୁକ୍ତିସଙ୍ଗତ ସମୟ ମଧ୍ୟରେ କୌଣସି ବ୍ୟକ୍ତିକୁ ଚୌକିଦାର ହେବା ସକାଶେ ନନୋମୀତ କରିବାକୁ ତ୍ରୁଟି କଲେ କିମ୍ବା ଜିଲ୍ଲା ମାଜିଷ୍ଟ୍ରେଟ ତଦ୍ରୂପ ମନନରେ ସନ୍ତୁଷ୍ଟ ନ ହେଲେ ଜିଲ୍ଲା ମାଜିଷ୍ଟ୍ରେଟ ଯେଉଁ ବ୍ୟକ୍ତିକୁ ଚୌକିଦାର ହେବା ସକାଶେ ଯୋଗ୍ୟ ବିବେଚନା କରିବେ ତାହାଙ୍କୁ ନିଯୁକ୍ତ କରିବେ ।

(୨) ଜିଲ୍ଲା ମାଜିଷ୍ଟ୍ରେଟ କିମ୍ବା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ମଞ୍ଜୁରୀ ସହିତ ପଞ୍ଚାୟତ ସମୟ ୨ରେ ହେବା ତଦ୍ରୂପେ ନିଯୁକ୍ତ କୌଣସି ଚୌକିଦାରଙ୍କୁ ବରଖାସ୍ତ କରି ପାରିବେ ।

ବ୍ୟାଖ୍ୟା —"ସମୟ ୨ରେ ହେବା ତଦ୍ରୂପ" ହେବା ଶବ୍ଦ ଏଠାରେ ଭୁଲରେ ବସିଥିଲା ପରି ବୋଧ ହୁଏ କାରଣ ଏଠାରେ ଏହାର କୌଣସି ସମ୍ପର୍କ ବା ଅର୍ଥ ଦେଖା ଯାଉ ନାହିଁ ।

ଟୀକା—(କ) ୧୮୯୨ ମସିହାର ବଙ୍ଗୀୟ ୧ ଆଇନ ୧୧ ଧାରା ଦ୍ୱାରା ଏହିପରି ସଂଶୋଧିତ ହୋଇଅଛି ।

(ଖ) ପୁରୁଣା ଆଇନ ଅନୁସାରେ ପଞ୍ଚାୟତ ଚୌକିଦାର ନିଯୁକ୍ତ କରି ପାରୁଥିଲେ କିନ୍ତୁ କେବଳ ମାଜିଷ୍ଟ୍ରେଟଙ୍କ ମଞ୍ଜୁରୀ ସହିତ କର୍ମଚ୍ୟୁତ କରି ପାରୁଥିଲେ ।

(ଗ) ନିଯୋଗର ସନନ ନମୁନା ୪ର୍ଥ ପରିଶିଷ୍ଟ ଦେଖ ।

୩୬ । [ପୋଲିସ ଦ୍ୱାରା ଚୌକିଦାରମାନଙ୍କର ନିଯୁକ୍ତି ବିଷୟ ରେଜିଷ୍ଟ୍ରୀ ହେବାର] ୧୮୯୨ ସାଲ ୧ ଆଇନର ୧୨ ଧାରା ଦ୍ୱାରା ରହିତ ହେଲା ।

Digitized by srujan ka@gmail.com

୩୭ । [ଚୌକିଦାରମାନଙ୍କୁ ମାଜୁଲ କରିବାକୁ ମାଜିଷ୍ଟ୍ରେଟଙ୍କ କ୍ଷମତାର କଥା।]

୧୮୯୨ ସାଲ ୧ ଆଇନର ୧୨ ଧାରା ଦ୍ୱାରା ରହିତ ହେଲା ।

ଚୌକିଦାରମାନଙ୍କୁ ଜରିମାନା କରିବା କ୍ଷମତାର କଥା ।

୩୮ । ପ୍ରତ୍ୟେକ ଚୌକିଦାର ଆପଣା ପଦରେ ଇଚ୍ଛାପୂର୍ବକ ମନ୍ଦ ଆଚରଣ କଲେ କିମ୍ବା କର୍ତ୍ତବ୍ୟ କର୍ମରେ ହେଲା କଲେ କିନ୍ତୁ ତାହାର ସେହି ମନ୍ଦ ଆଚରଣ କି ହେଲା ଭାରତବର୍ଷୀୟ ଦଣ୍ଡବିଧି ଆଇନର ଅର୍ଥାନୁସାରେ ଅପରାଧ ନ ହେଲେ, ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ସାହେବଙ୍କ ବିବେଚନାରେ ତାହାକୁ କର୍ମରୁ ବରଖାସ୍ତ ହେବା ଯୋଗ୍ୟ ଗୁରୁତର ଅପରାଧ ନ ହେଲେ ସେହି ଚୌକିଦାରର ଜରିମାନା ହୋଇ ପାରିବ କିନ୍ତୁ ଏକ ମାସ ବେତନରୁ ଅଧିକ ନୁହେ ।

ବ୍ୟାଖ୍ୟା ।—ଯେଉଁ ମନ୍ଦ ଆଚରଣ ବା ହେଲା ଦଣ୍ଡବିଧି ଆଇନ ଅନୁସାରେ ଦଣ୍ଡନୀୟ ନୁହେ କିମ୍ବା ଯାହା ଏପରି ଗୁରୁତର ନୁହେଁ ଯେ ସେଥିପାଇଁ କର୍ମଚ୍ୟୁତ ଦଣ୍ଡ ହୋଇ ପାରେ, ସେ ମନ୍ଦ ଆଚରଣ ବା ହେଲା ପାଇଁ ଜରିମାନା ହୋଇ ପାରିବ-ଅର୍ଥାତ୍ ଯାହା ଅନ୍ୟ ଦୁଇ ପ୍ରକାରରୁ କୌଣସି ଏକ ପ୍ରକାରରେ ଦଣ୍ଡନୀୟ ନୁହେଁ ତାହା ପାଇଁ ଜରିମାନା ହେବ । ଜରିମାନା ଏକ ମାସର ବେତନରୁ ଅଧିକ ହେବ ନାହିଁ ।

ଟୀକା—(କ) ଏହି ଧାରା ଅନୁସାରେ ଯେ ଜରିମାନା ହେବ ତାହା ୪୨ ଧାରା ଅନୁସାରେ "ଜିଲାର ଚୌକିଦାରୀ ପୁରସ୍କାର ପାଣ୍ଠିରେ" ଜମା ହେବ ।

(ଖ) କିଏ ଜରିମାନା କରି ପାରିବ ତାହା ଏଠାରେ ବୋଲି ଯାଇ ନାହିଁ କିନ୍ତୁ ସମ୍ଭବତଃ ଯେ ଚୌକିଦାରକୁ ନିଯୁକ୍ତ କରିବେ ସେ ଜରିମାନା କରି ପାରିବେ ଅର୍ଥାତ୍ ଜିଲ୍ଲା ମାଜିଷ୍ଟ୍ରେଟ କିମ୍ବା ୩ (କ) ଧାରା ଅନୁସାରେ ସେ ଯାହାଙ୍କୁ ୩୫ ଧାରା ଅନୁସାରେ ଚୌକିଦାର ନିଯୁକ୍ତ କରିବା କ୍ଷମତା ସମର୍ପଣ କରିଥିବେ ସେ ବ୍ୟକ୍ତି ଜରିମାନା କରି ପାରିବେ ।

ଚୌକିଦାରର କର୍ତ୍ତବ୍ୟ କର୍ମର କଥା ।

୩୯ । ଏହି ଆଇନର ବିଧାନାନୁସାରେ ନିଯୁକ୍ତ ପ୍ରତ୍ୟେକ ଚୌକିଦାର ନିମ୍ନଲିଖିତ କର୍ତ୍ତବ୍ୟ କର୍ମ ଗୁଡିକ ସମ୍ପାଦନ କରିବେ :—

Digitized by srujan ka@gmail.com

ପ୍ରଥମ ।—ସେ ଯେଉଁ ପୋଲିସ ଥାନାର ସୀମା ମଧ୍ୟରେ ଗ୍ରାମ ସ୍ଥିତ ସେହି ଗ୍ରାମରେ ଯେଉଁ ପ୍ରତ୍ୟେକ ଅସ୍ୱାଭାବିକ, ସନ୍ଦେହଜନକ ବା ଅକସ୍ମିକ ମୃତ୍ୟୁ ଘଟିବ ତହିଁର ସମ୍ବାଦ ଏବଂ ଜାମିନ ଅଯୋଗ୍ୟ ଓ ଉପକ୍ଷୀଲ ନିର୍ଦ୍ଦିଷ୍ଟ ଯେଉଁ କୌଣସି ଅପରାଧ ସେହି ଗ୍ରାମରେ କରାଯିବ ତହିଁର ସମ୍ବାଦ ସେହି ଥାନାର ଭାରପ୍ରାପ୍ତ କର୍ମଚାରୀଙ୍କୁ ଅବିଲମ୍ବରେ ଦେବ, ଏବଂ ସେ ଯେଉଁ ସବୁ ବିବାଦ ହେତୁରୁ ହଙ୍ଗାମା ବା ଭାରି ଦଙ୍ଗା ହେବାର ସମ୍ଭାବନା ଥିବ ତହିଁର ସମ୍ବାଦ ମଧ୍ୟ ପୋଲିସକୁ ଦେବ ।

ବ୍ୟାଖ୍ୟା—"ଥାନାର ସୀମା ମଧ୍ୟରେ ଗ୍ରାମ ସ୍ଥିତ" ଏଠାରେ "ଗ୍ରାମ" ଅର୍ଥ ସେ ଯେଉଁ ଗ୍ରାମର ଚୌକିଦାର ସେ ଗ୍ରାମ ।

ଦ୍ୱିତୀୟ ।—ସେ ଯେଉଁ ସବୁ ଅପରାଧୀମାନଙ୍କ ନାମରେ ଘୋଷଣା ଦିଆ ଯାଇଥିବ ସେମାନଙ୍କୁ, ଯେଉଁ ବ୍ୟକ୍ତି ତାହାଙ୍କ ସାକ୍ଷାତରେ ଜାମିନ ଅଯୋଗ୍ୟ ଓ ଉପକ୍ଷୀଲ ନିର୍ଦ୍ଦିଷ୍ଟ କୌଣସି ଅପରାଧ କରିବ ତାଙ୍କୁ, ଏବଂ ଯେ କୌଣସି ବ୍ୟକ୍ତି ବିରୁଦ୍ଧରେ ତଦ୍ରୂପ କୌଣସି ଅପରାଧରେ ତାହାର ସମ୍ପର୍କ ଥିବାର ଶୋରଗାର ହୋଇଥିବ (ତଦ୍ରୂପ ଅପରାଧ ଆପଣା ଗ୍ରାମ ମଧ୍ୟରେ ବା ଗ୍ରାମ ବାହାରେ ହୋଇ ଥାଉ ବା ହେଉ ଥାଉ) ତାଙ୍କୁ ଧୃତ କରି ପାରିବେ ଏବଂ ତଦ୍ରୂପେ ଧୃତ କୌଣସି ବ୍ୟକ୍ତିଙ୍କୁ ଅବିଲମ୍ବେ ଉକ୍ତ ପୋଲିସ ଥାନାକୁ ଘେନି ଯିବେ ।

ବ୍ୟାଖ୍ୟା—"ଶୋରଗାର ହୋଇଥିବ" ଅର୍ଥାତ୍ 'ହୁଲର୍ ଉଠିଥିବ' ବା ସାଧାରଣ ଲୋକେ କହୁଥିବେ ।

ଟୀକା—ଫୌଜଦାରୀ କାର୍ଯ୍ୟବିଧି ଆଇନର ୫୪ ଧାରାର "ଯାହା ବିରୁଦ୍ଧରେ ଯୁକ୍ତିଯୁକ୍ତ ନାଲିସ ହୋଇଅଛି ବା ଯାହା ଉପରେ ଯୁକ୍ତିଯୁକ୍ତ ସନ୍ଦେହ ହୋଇଅଛି" ଏହି ଶବ୍ଦମାନ ଏ ଧାରାରେ ବସାଇ ଏ ଧାରାକୁ ସଂଶୋଧନ କରିବା ନିମନ୍ତେ ପୁଲିସ ଇନସ୍ପେକ୍ଟର ଜେନେରଲ ତାଙ୍କର ୧୮୧୪ ମସିହା ଯୁନ୍ ମାସ ୧୧ ତାରିଖର ୨୮୬୭ ନମ୍ବର ଚିଠିରେ ଗଭର୍ଣ୍ଣମେଣ୍ଟଙ୍କଠାରେ ପ୍ରସ୍ତାବ କରିଥିଲେ । କିନ୍ତୁ ଏପରି ଆଇନ କରିବା ନିମନ୍ତେ ଗଭର୍ଣ୍ଣମେଣ୍ଟ ୧୮୧୫ ମସିହା ଜାନୁଏରି ମାସ ୨୪ ତାରିଖ ନଂ ୪୦୩ ଜେ ଡି ମ୍ବର ଚିଠିରେ ମନା କଲେ ।

Digitized by srujan ka@gmail.com

ତୃତୀୟ ।—ସେ ଯଥାସାଧ୍ୟ ଉକ୍ତ ତଫସୀଲ ନିର୍ଦ୍ଦିଷ୍ଟ କୌଣସି ଅପରାଧ କରିବାର ନିବାରଣ କରିବେ କିମ୍ବା ନିବାରଣ କରିବା ଅଭିପ୍ରାୟରେ ସାହାଯ୍ୟ କରିବେ ।

ବ୍ୟାଖ୍ୟା—"ନିବାରଣ କରିବା ଅଭିପ୍ରାୟରେ ସାହାଯ୍ୟ କରିବେ" ସାହାଯ୍ୟ କରିବେ କହିଲେ ଅନ୍ୟର ସାପେକ୍ଷ ହେବେ କିନ୍ତୁ ଇଂରାଜୀରେ ଅନ୍ୟର ଉଲ୍ଲେଖ ନ ଥାଇ (Interpose) ଶବ୍ଦ ଅଛି ଏଣୁକରି ସ୍ୱୟଂ ମଧ୍ୟସ୍ଥ ହୋଇ ହସ୍ତକ୍ଷେପ କରିବା ଆଇନର ଉଦ୍ଦେଶ୍ୟ ବୋଲି ଜଣାଯାଏ ।

ଚତୁର୍ଥ ।—ଯେଉଁ ବେସରକାରୀ ବ୍ୟକ୍ତିମାନେ ଆଇନାନୁସାରେ ଧୃତ କରଣ କରି ପାରିବେ, ତଦ୍ରୂପ ଧୃତକରଣମାନଙ୍କରେ ସେ ସେମାନଙ୍କ ସାହାଯ୍ୟ କରିବେ ଏବଂ ଅବିଲମ୍ବେ ତଦ୍ରୂପ ଧୃତକରଣମାନ ଉକ୍ତ ପୋଲିସ ଥାନାର ଭାରପ୍ରାପ୍ତ କାର୍ଯ୍ୟକାରକଙ୍କୁ ଜଣାଇବେ ।

ବ୍ୟାଖ୍ୟା—"ଧୃତକରଣ"—ଗ୍ରେପ୍ତାର । ଯେଉଁ ଇଂରାଜୀ ଶବ୍ଦ ପାଇଁ ଏଠାରେ "ଧୃତକରଣ" ବ୍ୟବହୃତ ହୋଇଅଛି ୪୦ ଧାରାରେ ସେହି ଇଂରାଜୀ ଶବ୍ଦ ପାଇଁ "ଗ୍ରେପ୍ତାର" ଶବ୍ଦ ବ୍ୟବହୃତ ହୋଇଅଛି ।

ପଞ୍ଚମ ।—ସେ ଆପଣାର ଗ୍ରାମ ମଧ୍ୟସ୍ଥିତ ସମସ୍ତ ବଦମାଇସମାନଙ୍କର ଗତିବିଧି ପ୍ରତି ଦୃଷ୍ଟି ରଖିବେ ଏବଂ ସମୟେ ସମୟେ ପୂର୍ବୋକ୍ତ କାର୍ଯ୍ୟକାରକଙ୍କୁ ତାହା ଜଣାଇବେ ।

ଷଷ୍ଠ ।—ଯେଉଁ ସବୁ ଲୋକମାନଙ୍କର ଚରିତ୍ର ସମ୍ବନ୍ଧରେ ସନ୍ଦେହ ହୋଇପାରେ ସେ ଏପ୍ରକାର ଲୋକ ନିକଟବର୍ତ୍ତୀ ସ୍ଥାନରେ ପହୁଞ୍ଚିଲେ ସେ ତହିଁର ସମ୍ବାଦ ତଦ୍ରୂପ ପୋଲିସ ଥାନାର ଭାରପ୍ରାପ୍ତ କାର୍ଯ୍ୟକାରକଙ୍କୁ ଦେବେ ।

ସପ୍ତମ ।—ତାହାର ଗ୍ରାମ ମଧ୍ୟରେ କୌଣସି ଜନ୍ମ ବା ମୃତ୍ୟୁ ଘଟିଲେ ଜିଲ୍ଲା ମାଜିଷ୍ଟ୍ରେଟ ଯେଉଁ ଯେଉଁ ସମୟ ଅବଧାରିତ କରିବେ ସେହି ସେହି ସମୟା-

Digitized by srujan ka@gmail.com

ନ୍ତରେ ସେ ଉପରୋକ୍ତ କର୍ମଚାରୀଙ୍କ ନିକଟକୁ ସେହି ଘଟନାର କଥା ପଞ୍ଚାୟତର ଏକଜଣ ସଭ୍ୟଙ୍କର ସ୍ୱାକ୍ଷରିତ ଷଷ୍ଠ ଫାରମରେ ରିପୋର୍ଟ କରିବେ ।

ଅଷ୍ଟମ ।—ପଞ୍ଚାୟତର କୌଣସି ସଭ୍ୟଙ୍କ ମୃତ୍ୟୁ କିମ୍ବା ସେ କ୍ରମାଗତ ଦୁଇ ମାସରୁ ଅଧିକ କାଳ ଅନୁପସ୍ଥିତ ହେଲେ ସେ ତାହା ପୂର୍ବୋକ୍ତ କାର୍ଯ୍ୟକାରକଙ୍କୁ ଜଣାଇବେ ।

ନବମ ।—ଜିଲ୍ଲା ମାଜିଷ୍ଟ୍ରେଟ କିମ୍ବା ପୋଲିସର କୌଣସି କାର୍ଯ୍ୟକାରକ କୌଣସି ସ୍ଥାନୀୟ ସମ୍ବାଦ ଜାଣିବାକୁ ଚାହିଁଲେ ସେ ତାହା ଜଣାଇବେ ।

ଦଶମ ।—ସେ ଆପଣା ଗ୍ରାମ ମଧ୍ୟରେ ଚୌକି ଦେବା ବିଷୟରେ ଏବଂ ଚୌକିଦାରସ୍ୱରୂପ ଆପଣାର କର୍ତ୍ତବ୍ୟକର୍ମ ସମ୍ପର୍କୀୟ ଅନ୍ୟାନ୍ୟ ବିଷୟରେ ପଞ୍ଚାୟତ ଯେଉଁ ଆଜ୍ଞା ଦେବେ ସେ ତାହା ପାଳନ କରିବେ ।

ଏକାଦଶ ।—ଯେଉଁ ବ୍ୟକ୍ତି କର ଆଦାୟ କରୁଥିବେ ସେହି ବ୍ୟକ୍ତିଙ୍କୁ ତଦ୍ରୂପ କର ଆଦାୟ କାର୍ଯ୍ୟରେ ସେ ସାହାଯ୍ୟ କରିବେ ।

ଟୀକା— (କ) ୧୮୭୨ ମସିହାର ବଙ୍ଗୀୟ ୧ ଆଇନର ୧୦ ଧାରା ଦ୍ୱାରା ପରିବର୍ତ୍ତିତ ହୋଇଅଛି । ୩, ୪, ୭ ଓ ୮ ପ୍ରକରଣମାନ ଏବଂ ଦ୍ୱିତୀୟ ପ୍ରକରଣର ଦ୍ୱିତୀୟ ଅଂଶ ନୂତନ ଏବଂ ସେମାନଙ୍କ ଦ୍ୱାରା ଚୌକିଦାରର ଉପଯୋଗିତା ବୃଦ୍ଧି ପାଇଅଛି । ପୂର୍ବତନ ୫ମ ପ୍ରକରଣରେ ଚୌକିଦାରମାନଙ୍କର ଥାନାରେ ହାଜର ହେବାର ଯେଉଁ ବିଧାନ ଥିଲା ତାହା ଏ ଧାରାରୁ ବାଦ ଦିଆ ଯାଇ ବଙ୍ଗୀୟ ହୁକୁମ ଦ୍ୱାରା ବିଧାନ ହୋଇଅଛି (୫ମ ପରିଶିଷ୍ଟ ଦେଖ)

(ଖ) ଚୌକିଦାର ଆଇନର ଏହି ଆଦେଶମାନ ପାଳନ ନ କଲେ ତାହା ନାମରେ ଦଣ୍ଡବିଧି ଆଇନର ୧୬୬, ୧୭୬, ୧୮୨, ୨୦୨, ଓ ୨୨୧ ଧାରା ଅନୁସାରେ ଫୌଜଦାରୀ ମକଦ୍ଦମା ଚଳି ପାରିବ (୪ର୍ଥ ପରିଶିଷ୍ଟ ଦେଖ) ୩୮ ଧାରାରେ ବଙ୍ଗୀୟ ଦଣ୍ଡର ମଧ୍ୟ ବିଧାନ ହୋଇଅଛି ।

Digitized by srujan ka@gmail.com

(ଗ) ଦଣ୍ଡବିଧି ଆଇନର ଉପର୍ଯ୍ୟୁକ୍ତ ଧାରାମାନଙ୍କ ଅନୁସାରେ ଯେଉଁ ଜରିମାନା ହେବ ତାହା ତଳ ଚୌକିଦାରୀ ପୁରସ୍କାର ପାଣ୍ଠିର ପ୍ରାପ୍ୟ ନୁହେଁ କିନ୍ତୁ ୩୮ ଧାରା ଅନୁସାରେ ଯେଉଁ ଜରିମାନା ହେବ ତାହା ସେ ପାଣ୍ଠିକି ଯିବ (୪୬ ଧାରା ଦେଖ)

(ଘ) ୧୮୭୧ ମସିହା ୬ ଆଇନର ୨୧ ଧାରାରେ ଏହି ବିଧାନ ଅଛି ଯେ ଯେ ନିଯୁକ୍ତ ହେବେ ତାଙ୍କର ଏବଂ ଯେଉଁମାନଙ୍କର ଅର୍ଥାତ୍ ଏହି ଆଇନର ୩୫ ଧାରା ଅନୁସାରେ ପଞ୍ଚାୟତ ଓ ୧୮୧୭ ମସିହାର ୨୦ ଆଇନର ୨୧ ଧାରା ଅନୁସାରେ ଜମିଦାରମାନଙ୍କର (୪ର୍ଥ ପରିଶିଷ୍ଟ ଦେଖ) ମନୋନୀତ କରିବାର ସ୍ୱତ୍ୱ ଅଛି, ସେମାନଙ୍କର ସମ୍ମତି ବିନା କେହି ଉକ୍ତ ୬ ଆଇନ ଅନୁସାରେ ଗ୍ରାମ୍ୟ ପୁଲିସ କର୍ମଚାରୀ ନିଯୁକ୍ତ ହୋଇ ପାରିବେ ନାହିଁ । ସମ୍ଭବତଃ ୧୮୭୧ ମସିହାର ୬ ଆଇନ ଅନୁସାରେ ନିଯୁକ୍ତ ନ ହୋଇଥିବା ସବୁ ଗ୍ରାମ୍ୟ ପୁଲିସ କର୍ମଚାରୀ ଅର୍ଥାତ୍ ଚୌକିଦାର, ପାଏକ, ପାଠୁଆଣି, ଫରଦାର ପ୍ରଭୃତି ସମସ୍ତେ "ଗ୍ରାମ୍ୟ ପୁଲିସ କର୍ମଚାରୀ" ମଧ୍ୟରେ ଯିବେ ।

(ଙ) ଏହି ଧାରାକୁ ଫୌଜଦାରୀ କାର୍ଯ୍ୟବିଧିର ୪୫ ଧାରା ଏବଂ ୪ର୍ଥ ପରିଶିଷ୍ଟରେ ଦଣ୍ଡବିଧିର ଯେଉଁ ଧାରାମାନ ଉଲ୍ଲେଖ କରା ହୋଇଅଛି ତାହା ସହିତ ମିଳାଇ ଦେଖ ।

ଚୌକିଦାରମାନଙ୍କ ଦ୍ୱାରା ଗ୍ରେପ୍ତାର ହେଲେ କାର୍ଯ୍ୟ ପ୍ରଣାଳୀର କଥା ।

୪୦ । ଚୌକିଦାର କୌଣସି ବ୍ୟକ୍ତିକୁ ଗ୍ରେପ୍ତାର କଲେ ଗ୍ରାମ ଯେଉଁ ଥାନାର ସୀମା ମଧ୍ୟରେ ଥିବ ପୋଲିସର ସେହି ଥାନାକୁ ତାହାକୁ ଏକାବେଳକେ ନେଇ ଯିବ କିନ୍ତୁ ରାତ୍ରି ସମୟରେ ଗ୍ରେପ୍ତାର କଲେ ପ୍ରାତଃକାଳେ ସୁବିଧାମତେ ଶୀଘ୍ର ତାକୁ ସେହିରୂପେ ନେଇ ଯିବ ।

ବ୍ୟାଖ୍ୟା—"ଏକାବେଳକେ" ଅର୍ଥାତ୍ "ଅବିଳମ୍ବେ" ଗ୍ରେପ୍ତାର କରିବା ସଙ୍ଗେ ସଙ୍ଗେ ।

ଚୌକିଦାରମାନଙ୍କ ଉପରେ ପଞ୍ଚାୟତର କର୍ତ୍ତୃତ୍ୱର କଥା ।

୪୧ । ଚୌକିଦାରମାନଙ୍କ ଉପରେ ପଞ୍ଚାୟତର ସାଧାରଣ କର୍ତ୍ତୃତ୍ୱ ରହିବ । ଏବଂ ତଦ୍ରୂପ ପଞ୍ଚାୟତର ପ୍ରତ୍ୟେକ ବ୍ୟକ୍ତି ଗ୍ରାମ ମଧ୍ୟରେ ଏହି ଆଇନର ଖ ତଫସିଲ ନିର୍ଦ୍ଦିଷ୍ଟ କୌଣସି ଅପରାଧ ହେବାର କଥା ଜାଣିଲେ କିମ୍ବା ତହିଁର ସନ୍ଧାନ ପାଇଲେ ଗ୍ରାମ ଯେଉଁ ଥାନାର ସୀମା ମଧ୍ୟରେ ଥିବ ସେହି ଥାନାର ଭାରପ୍ରାପ୍ତ କାର୍ଯ୍ୟ-

Digitized by srujan ka@gmail.com

କାରକଙ୍କ ନିକଟକୁ ତତ୍‌କ୍ଷଣାତ୍ ଚୌକିଦାର ଦ୍ୱାରା ସେହି ବିଷୟ ରିପୋର୍ଟ କରାଇବେ ଏବଂ ଚୌକିଦାର ତାହା ନ କଲେ ପଞ୍ଚାୟତର ସେହି ବ୍ୟକ୍ତି ନିଜେ ସେହି କର୍ମକାରକଙ୍କ ନିକଟକୁ ରିପୋର୍ଟ କରିବେ କିମ୍ବା ରିପୋର୍ଟ କରାଇବେ ।

ଟୀକା—(କ) ୧୯୪୬ ମସିହା ବଙ୍ଗୀୟ ୧ ଆଇନ ଦ୍ୱାରା ଉପର୍ଯ୍ୟୁକ୍ତ ପ୍ରକାରେ ସଂଶୋଧିତ ହୋଇଅଛି । ଆହୁରି ମଧ୍ୟ ୬୬ ଧାରା ଦେଖ ।

(ଖ) ଏହି ଧାରାର ବିଧାନ ପାଳନ ନ କଲେ ପଞ୍ଚାୟତ ଦଣ୍ଡବିଧି ଆଇନର ୧୭୬ ଓ ୨୦୨ ଧାରା ଲିଖିତ ଦଣ୍ଡର ଯୋଗ୍ୟ ହେବେ ।

(ଗ) ପଞ୍ଚାୟତ ଯେ ସବୁ ରିପୋର୍ଟ କୈଫିୟତ ପ୍ରଭୃତି ପଠାଇବାକୁ ଇଚ୍ଛା କରନ୍ତି ତାହା ସବୁ ୧୦ମ ନିୟମ (୧ମ ପରିଶିଷ୍ଟ) ଅନୁସାରେ ଥାନା ପୁଲିସ ଚୌକିଦାର-ମାନଙ୍କଠାରୁ ଗ୍ରହଣ କରିବେ ଏବଂ ମାଜିଷ୍ଟ୍ରେଟଙ୍କଠାକୁ ପଠାଇବେ ; ଏଣୁ କରି ସାଧାରଣତଃ ପଞ୍ଚାୟତମାନଙ୍କର ଏହି ବିଧାନ ପାଳନ ନ କରିବାର କୌଣସି କାରଣ ନାହିଁ ।

ଜରିମାନା ଓ ଦଣ୍ଡର ଟଙ୍କା ଜିଲ୍ଲା ଚୌକିଦାର ମାନଙ୍କର ପୁରସ୍କାର ତହବିଲରେ ଜମା ହେବା କଥା ।

୪୨ । ଏହି ଆଇନାନୁସାରେ ଯେଉଁ ସମସ୍ତ ଜରିମାନା ଓ ଦଣ୍ଡ ଟଙ୍କା ଆଦାୟ ହେବ ତାହା ଜିଲ୍ଲାର ଚୌକିଦାରୀ ପୁରସ୍କାର ତହବିଲରେ ଜମା ଦେବାକୁ ହେବ ତହିଁର ତତ୍ତ୍ୱାବଧାନର ଭାର ଜିଲ୍ଲା ମାଜିଷ୍ଟ୍ରେଟଙ୍କଠାରେ ରହିବ ।

ବ୍ୟାଖ୍ୟା—"ଦଣ୍ଡ ଟଙ୍କା" ୬୭ ଧାରାର ବ୍ୟାଖ୍ୟା ଦେଖ ।

ଟୀକା—(କ) ଏହି ଧାରାରେ ୨୦ ଧାରା ଲିଖିତ ଗ୍ରାମ୍ୟ ଚୌକିଦାରୀ ପାଣ୍ଠି ଛଡ଼ା ଅନ୍ୟ ଏକ ପୃଥକ ନୂତନ ପାଣ୍ଠିର ସୃଷ୍ଟି ହୋଇଅଛି ; ଚୌକିଦାରମାନଙ୍କ ଭଲ କାର୍ଯ୍ୟ ନିମନ୍ତେ ପୁରସ୍କାର ଦେବା ଏହି ପାଣ୍ଠିର ଉଦ୍ଦେଶ୍ୟ ଏବଂ ଚୌକିଦାରମାନଙ୍କ ବେତନ ବୃଦ୍ଧି ଓ ଭଲ ଲୋକ ଚୌକିଦାର ନିଯୁକ୍ତ କରିବା ବିଷୟରେ ଏହି ପାଣ୍ଠି ଦ୍ୱାରା ଜିଲ୍ଲା ମାଜିଷ୍ଟ୍ରେଟ ଓ ପୋଲିସଙ୍କର ବିଶେଷ ସାହାଯ୍ୟ ହେବ ।

(ଖ) ଏହି ପାଣ୍ଠିର କର୍ମ ନିର୍ବାହ ଯେଉଁ ନିୟମରେ କରିବାକୁ ହେବ ତାହା ୬ଷ୍ଠ ପରିଶିଷ୍ଟରେ ଦେଖ ।

Digitized by srujan ka@gmail.com

(ଗ) ଏ ପାଣ୍ଡି ଉପରେ ଜଜ୍ ମାଜିଷ୍ଟ୍ରେଟଙ୍କର ଯେ କର୍ତ୍ତୃତ୍ୱ ଅଛି ସେ ତାହା (କ) ଧାରା ଅନୁସାରେ ଅନ୍ୟକୁ ସମର୍ପଣ କରି ପାରନ୍ତି।

(ଘ) ଏହି ଆଇନ ଅନୁସାରେ ଜରିମାନା ଓ ଅର୍ଥଦଣ୍ଡ ଅସୁଲ କରିବାର ବିଧାନମାନ ୮, ୨୭ ଓ ୩୮ ଧାରାମାନଙ୍କରେ ଅଛି।

ଚୌକିଦାରମାନଙ୍କୁ ବେତନ ଦେବା ପ୍ରଣାଳୀର କଥା।

୪୩। ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଏହି ଆଇନାନୁସାରେ ପ୍ରଣୀତ ବିଧି ଦ୍ୱାରା ଯେଉଁ କର୍ମଚାରୀର ନିର୍ଦ୍ଦେଶ ବା ଆଦେଶ କରିବେ ସେହି କର୍ମଚାରୀଠାରୁ ପ୍ରତ୍ୟେକ ଚୌକିଦାର ତିନି ମାସରେ ଆପଣା ବେତନର ପୂରା ଟଙ୍କା ପାଇବେ।

ଟୀକା—(କ) ୧୮୯୨ ମସିହା ବଙ୍ଗୀୟ ୧ ଆଇନ ଦ୍ୱାରା ସଂଶୋଧିତ ହୋଇ ଏହିପରି ହୋଇଅଛି।

ଚୌକିଦାରମାନଙ୍କ ବେତନ ଦେବା ସକାଶେ ପଞ୍ଚାୟତର ତିନି ମାସରେ ଟଙ୍କା ଦେବା ବା ପଠାଇବା କଥା।

୪୪। ପ୍ରତି ତିନି ମାସ ଶେଷ ହେଲାଉତ୍ତାରେ ୩୦ ଦିନ ମଧ୍ୟରେ ପ୍ରତ୍ୟେକ ପଞ୍ଚାୟତ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ପୂର୍ବବର୍ତ୍ତୀ ଧାରାନୁସାରେ ଯେଉଁ କର୍ମଚାରୀର ବା ବ୍ୟକ୍ତିର ନିର୍ଦ୍ଦେଶ ବା ଆଦେଶ କରିବେ ସେହି କର୍ମଚାରୀ ବା ବ୍ୟକ୍ତିଙ୍କୁ ସେହି ତିନି ମାସର ଚୌକିଦାର ବେତନର ସମାନ ଟଙ୍କା କିମ୍ବା ଗ୍ରାମ୍ୟ ଚୌକିଦାରୀ ତହବିଲ ନାମରେ ଯେଉଁ କୌଣସି ଅଳ୍ପତର ଟଙ୍କା ଜମା ଥିବ ତାହା ଦେବେ କିମ୍ବା ତାଙ୍କ ନିକଟକୁ ପଠାଇ ଦେବେ।

ଟୀକା—(କ) ୧୮୮୬ ମସିହାର ବଙ୍ଗୀୟ ୧ ଓ ୧୮୯୨ ମସିହାର ବଙ୍ଗୀୟ ୧ ଆଇନ ଦ୍ୱାରା ସଂଶୋଧିତ ହୋଇ ଏହିପରି ହୋଇଅଛି।

ଚୌକିଦାର ବେତନ

୪୫। ଗ୍ରାମର ଚୌକିଦାରୀ ତହବିଲରେ ଟଙ୍କା ନାହିଁ ଓ ପଞ୍ଚାୟତ ବାକିଦାରଠାରୁ ଦେଣା ଟଙ୍କା ଆଦାୟ କରିବାର ଯଥୋଚିତ ଉଦ୍ଯୋଗ କରି ନାହାନ୍ତି ତେବେ

ଅଦାୟ ହେବା ପ୍ରଣାଳୀର କଥା ।

ମାଜିଷ୍ଟ୍ରେଟଙ୍କର ଏହି ଅନୁଭବ ହେଲେ ସେ ପଞ୍ଚାୟତର ଅନ୍ତର୍ଗତ ବ୍ୟକ୍ତିମାନଙ୍କର ଅସ୍ଥା-ବର ସମ୍ପତ୍ତି କ୍ରୋକ ଓ ନିଲାମ କରିବା ଦ୍ୱାରା ସେମାନଙ୍କଠାରୁ ଚୌକି-ଦାରର ବେତନ ଆଦାୟ କରିବାର ଉଆରଣ୍ଟ ଜାରି କରି ପାରିବେ ଓ ସେହି ଉଆରଣ୍ଟରେ କୌଣସି ବ୍ୟକ୍ତିର ନାମ ଲେଖି ତାହା ପ୍ରତି ସେହି ଉଆରଣ୍ଟ ଅନୁସାରେ କାର୍ଯ୍ୟ କରିବାର ଭାର ଅର୍ପଣ କରିବେ, ଏହି ଆଇନକ୍ରମେ ଯେଉଁ କର ଆଦାୟ କରିବାର ଆଦେଶ ହେଲା ସେ-ଥିର ବାକି ଆଦାୟର ଲେଖା ବାହାର ହେଲେ ପୂର୍ବ ଲିଖିତ ଆଦେଶା-ନୁସାରେ ଯେଉଁ୨ କାର୍ଯ୍ୟ ହୋଇ ପାରେ ଉକ୍ତ ଉଆରଣ୍ଟ ସମ୍ପର୍କରେ ସେହି୨ କାର୍ଯ୍ୟ ହୋଇ ପାରିବ ଏବଂ ତଦ୍ରୂପେ ଯେଉଁ ଟଙ୍କା ଅଦାୟ କରା ଯାଇଥିବ ତହିଁରୁ ଚୌକିଦାରର ପାଉଣା ଦିଆଯିବ ଏବଂ ତହିଁର ଅବଶିଷ୍ଟ ଟଙ୍କାରୁ ତଦ୍ରୂପ ଉଆରଣ୍ଟ ଅନୁଯାୟୀ କାର୍ଯ୍ୟ କରିବା ସମ୍ପର୍କୀୟ ସମସ୍ତ ଖରଚ୍ଚ ଦିଆଗଲା ଉତ୍ତାରେ ଯେଉଁ ବ୍ୟକ୍ତିର ସମ୍ପତ୍ତି କ୍ରୋକ ହୋଇ ସେହି ଟଙ୍କା ଆଦାୟ ହୋଇଥିବ ଫାଜିଲ ଟଙ୍କା ତାଙ୍କୁ ଦିଆ ଯିବ ।

୪୬ କ ଧାରାନୁସାରେ କେବଳ ଜଣେ ତହସୀଲଦାର ନିଯୋଗର ପ୍ରାର୍ଥନା ବାକିଦାରମାନଙ୍କଠାରୁ ବାକିଆ ଟଙ୍କା ଆଦାୟ କରିବାର ଉପ-ଯୁକ୍ତ ଉପାୟ ବୋଲି ଗଣ୍ୟ ହେବ ନାହିଁ ।

ବ୍ୟାଖ୍ୟା—"ଏହି ଅନୁଭବ ହେଲେ" ଦୃଷ୍ଟିରେ ଅଇଲେ । "ଉଆରଣ୍ଟ ଜାରି କରି ପାରିବେ" ଉଆରଣ୍ଟ କରିବା ଜାରି ମାଜିଷ୍ଟ୍ରେଟଙ୍କର ଇଚ୍ଛା ଉପରେ ନିର୍ଭର କରେ ।

"ଏହି ଆଇନକ୍ରମେ ଯେଉଁ କର ଅଦାୟ କରିବାର ଆଦେଶ ହେଲା .. .. ଉକ୍ତ ଉଆରଣ୍ଟ ପକ୍ଷରେ ସେହି୨ କାର୍ଯ୍ୟ ହୋଇ ପାରିବ" ଅର୍ଥାତ୍ ୨୬ ଧାରା ଲିଖିତ ଲେଖା ବାହାରିଲେ ଯେପରି କାର୍ଯ୍ୟ ହୁଏଇ ଏ ଧାରା ଲିଖିତ ଉଆରଣ୍ଟ ବାହାରିଲେ ;ସେହିପରି କାର୍ଯ୍ୟ କରିବାକୁ ହେବ । (୨୬, ୨୮, ୨୯, ୩୧ ଓ ୩୨ ଧାରାମାନ ଦେଖ)

Digitized by srujan ka@gmail.com

ଟୀକା—(କ) ୧୮୮୨ ମସିହାର ବଙ୍ଗୀୟ ୧ ଆଇନର ୧୬ ଧାରା ଦ୍ୱାରା "ମାଜିଷ୍ଟ୍ରେଟ ଜାରି କରିବେ" "ପରିବର୍ତ୍ତରେ ଜାରି କରି ପାରିବେ" ଶବ୍ଦମାନ ପରିବର୍ତ୍ତିତ ହୋଇଅଛି, ଏବଂ ଦ୍ୱିତୀୟ ପ୍ରକରଣ ଯୋଗ ହୋଇଅଛି ।

(ଖ) ଏହି ଧାରା ଅନୁସାରେ କିପରି ଉଆରଣ୍ଟ ଜାରି କରିବାକୁ ହେବ, ଏହି ସବୁ ବିଷୟରେ ୨ୟ ପରିଶିଷ୍ଟ ଲିଖିତ ଗବର୍ଣ୍ଣମେଣ୍ଟଙ୍କ ନଂ ୪୦ ଓ ୬୪ ନମ୍ବର ସରକ୍ୟୁଲରମାନଙ୍କର ଖୋଲସା ଦେଖ ।

(ଗ) ଉଆରଣ୍ଟର ଫାରମ କାର୍ଯ୍ୟବିଧି ନଂ ୧୬୧ ନମ୍ବର ଫାରମ ।

(ଘ) ବଙ୍ଗଲା ପୁଲିସର ୧୮୭୬ ଫିବ୍ରୁଏରି ତା ୨୪ ତାରିଖର ୩ ନମ୍ବର ସରକ୍ୟୁଲର ଉପରେ ବାକି ରିପୋର୍ଟ କରିବା ଫାରମ ବାହାରି ଥିଲା ।

ପଞ୍ଚାୟତର କୌଣସି ସଭ୍ୟ ବେତନ ଦେଲେ ତାଙ୍କର ତାହା ଫେରି ପାଇବାର କଥା ।

୪୬ । ଶେଷୋଲ୍ଲିଖିତ ଧାରାର ବିଧାନାନୁସାରେ ପଞ୍ଚାୟତର କୌଣସି ସଭ୍ୟଠାରୁ କମ୍ବା ତାଙ୍କ ଦ୍ୱାରା ଟଙ୍କା ଆଦାୟ କରା କି ଦିଆ ଗଲେ ଯେଉଁ ବରଷରେ ସେହି ଟଙ୍କା ଆଦାୟ କରିବେ କି ଦେବେ ସେହି ବରଷର ଶେଷରେ ଗ୍ରାମର ଚୌକୀଦାରୀ ତହ-ବୀଲର ଯେଉଁ ଟଙ୍କା ଫାଜିଲ ଥିବ ତହିଁରୁ ତାଙ୍କ ଦ୍ୱାରା ଆଦାୟ ହୋଇଥିବା କମ୍ବା ଦିଆ ଯାଇଥିବା ସେହି ଟଙ୍କା ତାହାଙ୍କୁ ଫେରି ଦିଆଯିବ ।

ଟୀକା ।—(କ) ୨ୟ ପରିଶିଷ୍ଟ ଲିଖିତ ବଙ୍ଗଲା ଗବର୍ଣ୍ଣମେଣ୍ଟଙ୍କ ସରକ୍ୟୁଲର ଅନୁସାରେ ପଞ୍ଚାୟତ ଆପଣା ହାତରୁ ଉଆରଣ୍ଟର ଖର୍ଚ୍ଚ ଦେବେ, ତାହା ଗ୍ରାମ୍ୟ ଚୌକୀ-ଦାରୀ ପାଣ୍ଠିରୁ ଦିଆଯିବ ନାହିଁ ।

(ଖ) ଅନ୍ୟର ମଧ୍ୟ ୨୪ ଧାରା ଓ ତାହାର ଟୀକା ଦେଖ ।

ତହସୀଲଦାର ନିଯୁକ୍ତ ହେବା କଥା ।

୪୬ କ । କୌଣସି ଗ୍ରାମର ପଞ୍ଚାୟତଙ୍କ ଦରଖାସ୍ତ ଅନୁସାରେ କମ୍ବା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ସାହେବଙ୍କ ମତରେ କର ଆଦାୟ କାର୍ଯ୍ୟ ମନ୍ଦରୂପେ ଚଳୁଥିଲେ ବା ଚୌକୀଦାର ନିୟମିତରୂପେ ବେତନ ପାଉ ନ

Digitized by srujan ka@gmail.com

ସ୍ଥଲେ, ଜିଲ୍ଲା ମାଜିଷ୍ଟ୍ରେଟ ଯେ କୌଣସି ସମୟରେ କର ଆଦାୟ କରୁଥିବା ବ୍ୟକ୍ତିକୁ ସାହାଯ୍ୟ କରିବା ନିମନ୍ତେ ଆପଣା ଇଚ୍ଛା ଅନୁସାରେ ଜଣେ ତହସୀଲଦାର ନିଯୁକ୍ତ କରି ପାରିବେ; ଏବଂ ତଦ୍ରୂପ ତହସୀଲଦାର ଉକ୍ତ କର ଆଦାୟ କରିବା ନିମିତ୍ତ ପଞ୍ଚାୟତଙ୍କଠାରେ ଯେଉଁ ସମସ୍ତ କ୍ଷମତା ନ୍ୟସ୍ତ ହୋଇଥିବ, ସେହି ସମସ୍ତ କ୍ଷମତା ପ୍ରୟୋଗ କରି ପାରିବେ; ଏବଂ ଜିଲ୍ଲାର ମାଜିଷ୍ଟ୍ରେଟ ସାହେବ ତତ୍ତୁଲ୍ୟ ଦରଖାସ୍ତ ଅନୁସାରେ ତଦ୍ରୂପ ନିୟୋଗ ରହିତ କରି ପାରିବେ । ସେ ଆପଣାର ଇଚ୍ଛାନୁସାରେ ମଧ୍ୟ ତଦ୍ରୂପ ନିୟୋଗ ରହିତ କରି ପାରିବେ ।

ବ୍ୟାଖ୍ୟା—"ଦରଖାସ୍ତ ଅନୁସାରେ ତଦ୍ରୂପ ନିୟୋଗ ରହିତ କରି ପାରିବେ" ଏଠାରେ ଇଂରାଜୀ ଅନୁସାରେ "ରହିତ କରିବେ" ଅର୍ଥାତ୍, ଦରଖାସ୍ତ ହେଲେ ମାଜିଷ୍ଟ୍ରେଟ ରହିତ କରିବାକୁ ଆଇନ ଅନୁସାରେ ବାଧ୍ୟ; ଏଠାରେ ଇଂରାଜୀ ଶବ୍ଦ shall ଅଛି । "ସେ ଆପଣା ଇଚ୍ଛା ଅନୁସାରେ ମଧ୍ୟ .. .. ରହିତ କରି ପାରିବେ" ଏଠାରେ ଇଂରାଜୀ ଶବ୍ଦ may ଅଛି ଏଣୁକରି ରହିତ କରିବା ନ କରିବା ମାଜିଷ୍ଟ୍ରେଟଙ୍କ ଇଚ୍ଛାଧୀନ; ସେ ତାହା କରିବାକୁ ଆଇନ ଅନୁସାରେ ବାଧ୍ୟ ନୁହନ୍ତି ।

ଟୀକା—(କ) ୧୮୯୨ ମସିହାର ବଙ୍ଗୀୟ ୧ ଆଇନର ୧୨ ଧାରା ଦ୍ୱାରା ଏହାପର ସଂଶୋଧିତ ହୋଇଅଛି ।

(ଖ) ତହସୀଲଦାର ନିଯୁକ୍ତ କରିବାର ଛାପା ଫାରମ ଷ୍ଟେଶନରି ସୁପରିଣ୍ଟେଣ୍ଡେଣ୍ଟଙ୍କଠାରୁ ମିଳିବ । ତାଙ୍କଠାରୁ ଗବର୍ଣ୍ଣମେଣ୍ଟଙ୍କ ୧୮୮୭ ତା ୧୮ ରିଖ ଅକ୍ଟୋବରର ଧୁଲ୍ସ ନ ୪୧୫୫ ମ୍ବର ଚିଠି ଦେଖ ।

୪୭ ଖ । ବିଭାଗୀୟ କମିଶନର ସାହେବଙ୍କ ଅନୁମୋଦନ ସହକାରେ ଜିଲ୍ଲା ମାଜିଷ୍ଟ୍ରେଟ ସାହେବ ସମୟ ୨ ରେ ଯେଉଁ ଦର ଓ ପ୍ରଣାଳୀ ନିର୍ଦ୍ଦେଶ କରିବେ, ଶେଷୋଲ୍ଲିଖିତ ଧାରାନୁସାରେ ନିଯୁକ୍ତ ପ୍ରତ୍ୟେକ ତହସୀଲଦାରଙ୍କୁ ସେହି ଦରରେ ଓ ସେହି ପ୍ରଣାଳୀରେ ପାରିଶ୍ରମିକ ଦିଆଯିବ ଏବଂ ତଦ୍ରୂପ ପାରିଶ୍ରମିକ ଯେଉଁମାନେ ଚୌକିଦାରୀ କର ଦେବାକୁ ତ୍ରୁଟି

ତହସୀଲଦାରର ପାରିଶ୍ରମିକ କଥା ।

Digitized by srujan ka@gmail.com

ହଉଥିବେ, ସେମାନଙ୍କଠାରୁ ଚୌକୀଦାରୀ କରର ଉସୁଲ ପ୍ରଣାଳୀ ଓ ଅନୁପାତ ତୁଲ୍ୟ ଆଦାୟ କରାଯିବ ।

କିନ୍ତୁ ଜିଲ୍ଲା ମାଜିଷ୍ଟ୍ରେଟ ସାହେବଙ୍କ ବିବେଚନାନୁସାରେ ଜଣେ ତହସୀଲଦାର ଏକାଧିକ ଗ୍ରାମ ସକାଶେ ନିଯୁକ୍ତ ହୋଇ ପାରିବ ।

ବ୍ୟାଖ୍ୟା—ତହସୀଲଦାରଙ୍କ ଦରମାହା ସମସ୍ତଙ୍କଠାରୁ ଅଦାୟ ନ ହୋଇ କେବଳ ବାକିଦାରମାନଙ୍କଠାରୁ ଅଦାୟ ହେବ । ତହସୀଲଦାର ନିଯୁକ୍ତ ହେଲେ ବାକିଦାରମାନଙ୍କୁ ଦୁଇ ଦଣ୍ଡ ଭୋଗ କରିବାକୁ ହେବ ଅର୍ଥାତ ୨୭ ଧାରା ଲିଖିତ ଧାର୍ଯ୍ୟ ହୋଇଥିବା କର ସମାନ ଦଣ୍ଡ ଓ ଏ ଧାରା ଲିଖିତ ତହସୀଲଦାରର ବେତନ ।

ଟୀକା—(କ) ୧୮୮୬ ମସିହା ବଙ୍ଗୀୟ ୧ ଅଇନ ଦ୍ୱାରା ୪୬ (କ) ଓ (୪୭) (ଖ) ଧାରାମାନ ଯୋଗ ହୋଇଅଛି ।

(ଖ) ତହସୀଲଦାରଙ୍କର ଦରମାହା ୧୩ ଧାରା ଅନୁସାରେ ଶତକରା ୫ ୧୪ କା ହିସାବ ଯେଉଁ ଅଧିକା କର ଅସୁଲ ହୁଏ ତହିଁରୁ ନ ଦିଆଯାଇ ବାକିଦାରମାନଙ୍କଠାରୁ ନିଆଯିବ ; ସେହି ବାକିଦାରମାନେ କଏନ୍ତ ତାହା ସ୍ଥିର କରିବାକୁ ହେବ ଏବଂ ସେମାନଙ୍କ ଉପରେ ଧାର୍ଯ୍ୟ ହୋଇଥିବା କରର ଅନୁପାତରେ ତହସୀଲଦାରର ଦରମାହା ଅଦାୟ କରିବାକୁ ହେବ (୧୮୮୬ ମସିହା ୨୮ ତାରିଖ ସେପ୍ଟେମ୍ବରର ଗବର୍ଣ୍ଣମେଣ୍ଟଙ୍କ ୧୮ ନେ ଛ ନମ୍ବର ସରକ୍ୟୁଲର ଦେଖ)

କର ନିରୂପଣପତ୍ର ସଂଶୋଧନ କରିବା କ୍ଷମତାର କଥା ।

୪୭ । କର ନିରୂପଣ କରିବାରେ କୌଣସି ଭ୍ରମ ହେବା ପ୍ରଯୁକ୍ତ ଗ୍ରାମର ଚୌକୀଦାରୀ ତହବିଲରେ ଟଙ୍କାର ନିଅଣ୍ଟ ହୋଇଅଛି ଜିଲ୍ଲା ମାଜିଷ୍ଟ୍ରେଟ ସାହେବଙ୍କ ଏମନ୍ତ ଅନୁଭବ ହେଲେ, ସେ ସେହି କର ନିରୂପଣପତ୍ର ତଲବ କରି ସୁବିବେଚନାପୂର୍ବକ ତଦ୍ରୂପ ସଂଶୋଧନ କରି ପଞ୍ଚାୟତ ନିକଟକୁ ଫେରି ପଠାଇବେ । ଏବଂ ପଞ୍ଚାୟତ ସେହି ସଂଶୋଧିତ ପତ୍ରାନୁସାରେ ଯେତେ ଟଙ୍କା ପାଉଣା ଦେଖା ଯିବ ତେତେ ଟଙ୍କା ଆଦାୟ କରିବାକୁ ତତ୍‌କ୍ଷଣାତ୍ ଅଗ୍ରସର ହେବେ ।

Digitized by srujan ka@gmail.com

ବ୍ୟାଖ୍ୟା—"କର ନିରୂପଣପତ୍ର ତଲବ କରି" ଏଠାରେ ଜଜ ମାଜିଷ୍ଟ୍ରେଟ କର ନିରୂପଣପତ୍ର ତଲବ କରିବାକୁ ଆଇନ ଅନୁସାରେ ବାଧ୍ୟ ।

ଟୀକା—୧୧ ଓ ୨୦ ଧାରାମାନଙ୍କରେ କରନିରୂପଣପତ୍ର ସଂଶୋଧନ କରିବାର ଅନ୍ୟ ବିଧାନମାନ ଅଛି ।

ଦ୍ୱିତୀୟ ଭାଗ ।

ଚୌକିଦାରୀ ଚାକରାଣ ଭୂମିର କଥା ।

ଚୌକିଦାରୀ ଚାକରାଣ ଭୂମି ଜମିଦାରଙ୍କୁ ହସ୍ତାନ୍ତର କରିବା କଥା ।

୪୮ । ଏହି ଆଇନ ପ୍ରଚଳିତ ହେବା ପୂର୍ବେ କୌଣସି ଗ୍ରାମର ହିତାର୍ଥେ ଚୌକିଦାରୀ ଚାକରାଣ ଭୂମି ନିରୂପଣ ହେଲେ ସେହି ଗ୍ରାମରେ ପଞ୍ଚାୟତ ନିଯୁକ୍ତ ହେଲା ଉତ୍ତାରେ ସେହି ଭୂମି ଯେଉଁ ମାହାଲ ବା ତାଲୁକ ଅନ୍ତର୍ଗତ ଥାଏ ତଳ ଲେଖିତ ନିୟମର ଅଧୀନରେ ତଳ ଲେଖିତ ପ୍ରକାରେ ସେହି ମାହାଲର ବା ତାଲୁକର ଜମିଦାରଙ୍କୁ ହସ୍ତାନ୍ତରିତ କରାଯିବ ।

ବ୍ୟାଖ୍ୟା—"ଏହି ଆଇନ ପ୍ରଚଳିତ ହେବା ପୂର୍ବେ .. .. ଚାକରାଣ ଭୂମି ନିରୂପଣ ହେଲେ" ଇଂରାଜୀ ଅନୁସାରେ ଏହାର ଅର୍ଥ ଏହି ଯେ ଏହି ଆଇନ ପ୍ରଚଳିତ ହେବା ପୂର୍ବେ କୌଣସି ଗ୍ରାମର ହିତାର୍ଥେ ଯେଉଁ ଚୌକିଦାରୀ ଚାକରାଣ ଜମି ଦିଆ ଯାଇଥିବ ।

ଏଠାରେ ଜମିଦାର ଶବ୍ଦ ମଧ୍ୟ ସତ୍ତ୍ୱାଧିକାରୀ ମୋକଦ୍ଦମ ପ୍ରଭୃତିଙ୍କୁ ମଧ୍ୟ ବୁଝାଉଛି ।

୧ ଧାରାର ବ୍ୟାଖ୍ୟା ଦେଖ ।

ଟୀକା—(କ) ଚୌକିଦାରୀ ଚାକରାଣ ଜମି ଓ ଥାନାଦାରୀ (ମାଲ ସରଞ୍ଜାମୀ ବା ଗ୍ରାମ ସରଞ୍ଜାମୀ) ଜମୀ ମଧ୍ୟରେ ପ୍ରଭେଦ ଅଛି । ଶେଷୋକ୍ତ ପ୍ରକାର ଜମି ୧୭୯୩ ମସିହାର ୧ ଆଇନର ୮ ଧାରାର ୪ର୍ଥ ପ୍ରକରଣ ଅନୁସାରେ ବାଜେଆପ୍ତ କରା ଯାଇ ପାରେ । ପୂର୍ବୋକ୍ତ ଜମି ସମ୍ବନ୍ଧରେ ୧୭୯୩ ମସିହାର ୮ ଆଇନର ୪୧ ଧାରାରେ ବିଧାନମାନ ଅଛି ଓ ତାହା ମାହାଲ ଜମି ସାମିଲ ହୋଇଅଛି ଏବଂ ବେତନ ପରିବର୍ତ୍ତେ ତାକୁ ସରକାରୀ ବା ବେସରକାରୀ କର୍ମଚାରୀ ଧରିଥିଲେ ସୁଦ୍ଧା ତାହା ରାଜସ୍ୱ ପାଇଁ ଦାୟୀ ବୋଲି ସ୍ଥିର କରା ହୋଇଅଛି ।

Digitized by srujan ka@gmail.com

ଏ ସମ୍ବନ୍ଧରେ ମୁର ସାହେବଙ୍କ ଇଣ୍ଡିଅନ ଅପିଲ କାମକ ବହିର ୧୦ମ ଖଣ୍ଡର ୧୬ ପୃଷ୍ଠା ଲିଖିତ ଜୟକୃଷ୍ଣ ମୁଖର୍ଜୀଙ୍କ ମକଦମା, ୧୬ ଉଇକ୍ଲି ରିପୋର୍ଟର ୨୨ ପୃଷ୍ଠା ଏବଂ ୧୮୭୨ ମସିହା ଲିଖିତ ଜର୍ଜ, ମ୍ୟାକମାଲ ସାହେବଙ୍କ ଗ୍ରାମ୍ୟ ଚୌକୀଦାରୀ ସମ୍ବନ୍ଧୀୟ ରିପୋର୍ଟର ପୃ ୧୯ ଷ୍ଠା ଦେଖା ଯାଇପାରେ ।

(ଖ) ସାଧାରଣ କାର୍ଯ୍ୟ ନିମନ୍ତେ ଯେଉଁ ଚୌକୀଦାରୀ ଜମି ସରକାର କେବେ ଭାହା ସମ୍ବନ୍ଧରେ ବୋର୍ଡଙ୍କ ଇଣ୍ଡିଅନ୍ ଇଭଟସନ ମାନୁଏଲ ଓ ୧୮୮୨ ଭସମ୍ବନ୍ଧରେ ବୋର୍ଡଙ୍କ ନଂ ୨ ମର ସରକ୍ୟୁଲର ଦେଖ (ଅନୁର ମଧ୍ୟ ବର୍ତ୍ତମାନ କମିଶନରଙ୍କଠାକୁ ବୋର୍ଡ୍ଙ୍କ ୧୮୮୮ ଫିବୃଏରି ତା ୧୬ ରିଖର ୧୦୮ ୬ ନମ୍ବର ଚିଠି ଦେଖ)

(ଗ) ବଙ୍ଗୀୟ ମ୍ୟୁନିସିପାଲ ଆଇନର ୩୨୪ ଧାରାରେ ଏହିପରି ବିଧାନ ଅଛି ଯଥା;—

"୩୨୪ । ୧୮୭୦ ସାଲର ବଙ୍ଗୀୟ ୬ ଆଇନ (ଅର୍ଥାତ୍ ଗ୍ରାମ୍ୟ ଚୌକିଦାରମାନଙ୍କୁ ନିଯୁକ୍ତ ଓ ଅବସର କରିବାର ଓ ସେମାନଙ୍କର ଭରଣ ପୋଷଣର ବିଧାନ କରଣାର୍ଥେ ଆଇନ) ପ୍ରଚଳିତ ହେବା ପୂର୍ବରେ କୌଣସି ମ୍ୟୁନିସିପାଲଟୀର କୌଣସି ଅଂଶ ଉପକାରାର୍ଥେ ଯେଉଁ ସକଳ ଚୌକିଦାରୀ ଚାକରାନ ଭୂମି

ଚୌକିଦାରୀ ଚାକରାନ ଭୂମିର କଥା ।

ନିରୂପଣ କରା ଯାଇଥିଲା ତେବେ ସେହି ଆଇନର ୩ ଧାରାରେ ଲିଖିତ ବିଧାନ ଥିଲେ ମଧ୍ୟ ସେହି ଭୂମି ପ୍ରତି ସେହି ଭୂମି ବିଷୟକ ଉକ୍ତ ଆଇନର ୨ୟ ଅଧ୍ୟାୟର ବିଧାନ ପ୍ରବର୍ତ୍ତିବ, ଏବଂ ସେହି ଅଧ୍ୟାୟର ବିଧାନ ଅନୁସାରେ ଗ୍ରାମର ପଞ୍ଚାୟତଙ୍କ ପ୍ରତି କିମ୍ବା ପଞ୍ଚାୟତର କୌଣସି ବ୍ୟକ୍ତି ପ୍ରତି କର୍ତ୍ତବ୍ୟାଦ ବୋଲି ଯେଉଁ ସକଳ କର୍ମ ନିର୍ବାହ କରିବାର ଆଦେଶ ଥାଏ ଓ ସେହି ଅଧ୍ୟାୟ ଅନୁସାରେ କୌଣସି ଗ୍ରାମର ପଞ୍ଚାୟତର କିମ୍ବା ପଞ୍ଚାୟତର କୌଣସି ବ୍ୟକ୍ତିର ଯେଉଁ ସମସ୍ତ କ୍ଷମତା ଅନୁସାରେ କାର୍ଯ୍ୟ କରିବାର ଅନୁମତି ଦିଆ ଯାଇଅଛି, ଉକ୍ତ ମ୍ୟୁନିସିପାଲଟୀର କମିଶନରମାନେ ସେହି ସମସ୍ତ କର୍ମ ନିର୍ବାହ କରିବେ ଓ ସେହି ସକଳ କ୍ଷମତାନୁସାରେ କାର୍ଯ୍ୟ କରିବେ ଏବଂ ଉକ୍ତ ଅଧ୍ୟାୟ ଅନୁସାରେ ସେହି ଭୂମି ଉପରେ ଯେଉଁ ଟାକ୍ସ ଧାର୍ଯ୍ୟ ହେବ ତହିଁର ଉତ୍ପନ୍ନ ଟଙ୍କା ମ୍ୟୁନିସିପଲ ଫଣ୍ଡରେ ଦିଆଯିବ ଓ ସେହି ଫଣ୍ଡର ଟଙ୍କା ଯେଉଁ କାର୍ଯ୍ୟରେ ପ୍ରୟୋଗ କରା ଯାଇ ପାରେ ସେହି କାର୍ଯ୍ୟରେ ପ୍ରୟୋଗ କରାଯିବ ।"

ଗବର୍ଣ୍ଣମେଣ୍ଟ ମ୍ୟୁନିସିପାଲଟୀମାନଙ୍କୁ ମ୍ୟୁନିସିପାଲ ପୁଲିସ ଖର୍ଚ୍ଚରୁ ମୁକ୍ତ ଦେଇ ଉପରେ ଉପର୍ଯ୍ୟୁକ୍ତ ଧାରା ବିଧାନ କରା ହୋଇଅଛି (୧୮୮୨ ମାର୍ଚ୍ଚ ୧ ତାରିଖ କଲିକତା ଗେଜେଟର ସପ୍ଲିମେଣ୍ଟର ୧୨୪ ପୃଷ୍ଠାରେ ପ୍ରକାଶିତ ୧୮୮୨ ଫିବୃଏରି ୨୮ ତାରିଖର

Digitized by srujan ka@gmail.com

ଗବର୍ଣ୍ଣମେଣ୍ଟଙ୍କ ମନ୍ତବ୍ୟ ଦେଖ) ଏଣୁକରି ଏହା ନିଃସନ୍ଦେହ ବୋଧ ହେଉଅଛି ଯେ ବର୍ତ୍ତମାନ ଆଇନ ଯେପରି ଅଛି ତଦନୁସାରେ ମ୍ୟୁନିସିପାଲଟୀମାନ୍ତ ଚୌକିଦାର ଜମିମାନଙ୍କରୁ ଯାହା ଉତ୍ପନ୍ନ ହେବ ତାହା ପୋଲିସ ଭିନ୍ନ ଅନ୍ୟ ଉଦ୍ଦେଶ୍ୟରେ ଖର୍ଚ୍ଚ ହେଲେ ବେଆଇନ ହେବ ନାହିଁ ।

ମ୍ୟୁନିସିପାଲିଟିମାନଙ୍କର ସ୍ୱାସ୍ଥ୍ୟର ଉଚିତ ବ୍ୟବସ୍ଥା କରିବାର ଅଧିକ ପ୍ରୟୋଜନ ପଡ଼ିବାରୁ ଉପର୍ଯ୍ୟୁକ୍ତ ଅନୁସାରର ଅନେକ କାରଣ ମଧ୍ୟରେ ଗୋଟିଏ କାରଣ ବୋଲି ଉକ୍ତ ମନ୍ତବ୍ୟରେ ପ୍ରକାଶ କରା ହୋଇଅଛି ।

ହୁଗଲି ଜିଲ୍ଲାରେ ଯେଉଁ ଫାରମରେ ରିପୋର୍ଟ ହୋଇଥିଲା ତାହା ପ୍ରଥମ ପରିଶିଷ୍ଟ ଅଧ୍ୟାୟରେ ଦିଆଗଲା ।

(ଘ) ଗବର୍ଣ୍ଣମେଣ୍ଟଙ୍କର ବର୍ଦ୍ଧମାନ କମିଶନରଙ୍କଠାରୁ ୧୮୭୪ ଜୁଲାଇ ୨୩ ତାରିଖର ନ ୩୦୨୦ ଜେ ଡ ମ୍ବର ଓ ଭାଗଲପୁର କମିଶନରଙ୍କଠାରୁ ୧୮୭୫ ମାର୍ଚ୍ଚ ୧୩ ତାରିଖ ନ ୧୩୪୨ ଜେ ଡ ମ୍ବର ଚିଠିମାନଙ୍କରେ ଏହି ପ୍ରକାର ଆଦେଶ ଦେଇଅଛନ୍ତି ଯଥା,—

"୧୮୭୦ ମସିହା ବଙ୍ଗୀୟ ୬ ଆଇନର ଦ୍ୱିତୀୟ ଭାଗ ଲିଖିତ ବନ୍ଦୋବସ୍ତ ଏକାବେଳକେ ନ କରି ଯଥା ନିୟମରେ କ୍ରମେ୨ ଦୃଢ଼ରୂପେ କରିବାକୁ ହେବ ।"

ମୂଲ୍ୟର ଅର୍ଦ୍ଧାଂଶ ଧରି କର ନିରୂପଣର କଥା ।

୪୯ । ତଦ୍ରୂପେ ଯେ ସମସ୍ତ ଭୂମି ହସ୍ତାନ୍ତର କରି ଦିଆଯାଏ ତାହା ଉପରେ କର ଧାର୍ଯ୍ୟ ହେବ ଅର୍ଥାତ୍ ତଦ୍ଭୂସ୍ଥାନରେ ତତ୍ତୁଲ୍ୟ ପ୍ରକାର ଭୂମିର ପଟ୍ଟା ଯେଉଁ ହିସାବରେ ଦିଆଯାଇ ଥାଏ ତହିଁର ହାରାହାରି ଧରି ସେହି ଭୂମିର ବାର୍ଷିକ ମୂଲ୍ୟର ଅର୍ଦ୍ଧାଂଶ ସେହି କର ନିରୂପଣ ହେବ । ଏବଂ ଗ୍ରାମର ପଞ୍ଚାୟତ ସେହି କର ନିରୂପଣ କରିବେ ।

ଟୀକା—(କ) ଚୌକିଦାରମାନଙ୍କର କାର୍ଯ୍ୟ ଅର୍ଦ୍ଧେକ ସରକାରୀ ଓ ଅର୍ଦ୍ଧେକ ଜମିଦାରର କଳ୍ପନା କରା ହୋଇଥିବା ହେତୁରୁ ଅଧା ଦରରେ କର ଧାର୍ଯ୍ୟ କରିବାର ବିଧାନ ହୋଇଅଛି । ୩୮ ଧାରାର ଟୀକା ଓ ଡି. ଜେ. ମାକ୍‌ନୀଲ ସାହେବଙ୍କ ରିପୋର୍ଟର ୨୭ ପୃଷ୍ଠା ଦେଖ

୫୦ । ସେହି କର ପଞ୍ଚାୟତ ଦ୍ୱାରା ନିରୂପଣ କରାଗଲେ ସେହି କର

Digitized by srujan ka@gmail.com

ହସ୍ତାନ୍ତର କରିବା ସ୍ୱର କଲେକ୍ଟର ସାହେବଙ୍କ ପ୍ରତି ପ୍ରବର୍ତ୍ତିବା କଥା ।

ନିରୂପଣପତ୍ର ଜିଲ୍ଲାର କଲେକ୍ଟର ସାହେବଙ୍କ ନିକଟରେ ଦାଖଲ କରାଯିବ । ସେ କିମ୍ବା କଲେକ୍ଟରଙ୍କ କ୍ଷମତାନୁଯାୟୀ କର୍ମକାରୀ ଅନ୍ୟ ଯେଉଁ କାର୍ଯ୍ୟକାରକ ତାଙ୍କ ଦ୍ୱାରା ସେଥିନିମନ୍ତେ ନିଯୁକ୍ତ ହୋଇଥିବେ ସେ ସେହି କର ନିରୂପଣପତ୍ର ମଞ୍ଜୁର କରି କିମ୍ବା ସଂଶୋଧନ କରି ମଞ୍ଜୁର କରି ପାରିବେ । (କିନ୍ତୁ ଉକ୍ତ ପ୍ରକାରେ ସେହି ନିରୂପିତ କର ମଞ୍ଜୁର ହେବା ପୂର୍ବେ ଜମିଦାର ତଦ୍ବିଷୟର ଆପତ୍ତି କରି ପାରିବେ ।) ମଞ୍ଜୁର ହେଲା ଉତ୍ତାରେ ଜିଲ୍ଲାର କଲେକ୍ଟର ସାହେବ C (ଗ) ତପସୀଲ ପାଠରେ ଆପଣାର ସ୍ୱାକ୍ଷରଯୁକ୍ତ ହୁକୁମନାମା ଦ୍ୱାରା ତଦ୍ରୂପ ମଞ୍ଜୁର ହୋଇଥିବା ସେହି କରର ଅଧୀନ ଭୂମି ସେହି ଜମିଦାରଙ୍କୁ ହସ୍ତାନ୍ତର କରି ଦେବେ ।

ଟୀକା—(କ) ସି (ଗ) ତପସୀଲର ଫାରମ କାର୍ଯ୍ୟ କର ନ ୧୫୬ ମ୍ବର ଫାରମ ପରି ଛାପା ହେଲା ।

(ଖ) ଜମିଦାର ଜମି ନେବାକୁ ମନା କଲେ କପର କାର୍ଯ୍ୟ କରିବାକୁ ହେବ ତାହା ଆଇନରେ ବଧାନ କରା ହୋଇ ନାହିଁ । ଏପରି ସ୍ଥଳରେ କଲେକ୍ଟର ସାହେବ ଜମିକି ଇଜରା ଦେଲେ କିମ୍ବା ଚୌକିଦାରୀ ପାଣ୍ଠିରେ ଜମା ହେବା ନିମନ୍ତେ ଯେଉଁ ପଞ୍ଚାୟତଙ୍କୁ ଉକ୍ତ ଜମିର ଖଜଣା ଦେଇ ତାଙ୍କ ଜରିଆରେ ପ୍ରତି ବର୍ଷ ନୀଲାମ କରାଇଲେ ନ୍ୟାୟସଙ୍ଗତ ହୋଇପାରେ । ଅବଶ୍ୟ ଜମିଦାର ଅସ୍ୱୀକାରକୁ ପୁନଃସ୍ୱୟଂ ବର୍ଦ୍ଧିତ କର ଜମି ନେବା ପାଇଁ କୌଣସି ସମୟରେ ଦାବୀ କରି ପାରନ୍ତି ।

୫୧ । ସେହି ହୁକୁମନାମାର ଏହି ଫଳ ହେବ ଯେ ସେହି ହୁକୁମନାମା

ହସ୍ତାନ୍ତର କରିବା ଫଳର କଥା ।

ଲିଖିତ ଭୂମି ଜମିଦାରଙ୍କୁ ଦଆଯିବ କିନ୍ତୁ ସେହି ହୁକୁମନାମା ଅନୁସାରେ ସେହି ଭୂମିର ଯେତେ ଟଙ୍କା କର ଧାର୍ଯ୍ୟ ହେଲା ତାହା ତାହାର ଦେବାକୁ ହେବ । ଏବଂ ସେହି ଭୂମି ଯେଉଁ ସ୍ଥାନରେ ଥିବ ସେହି ସ୍ଥାନରେ ପୂର୍ବକୃତ କୌଣସି ଚୁକ୍ତିର ଉପଲକ୍ଷରେ କି ତଦ୍ଦ୍ୱାରା କି ତାହା ବଳରେ

Digitized by srujan ka@gmail.com

ସେହି ଜମିଦାରୀର ମାହାଲ କି ତାଲୁକର ଏକାଂଶ କୌଣସି ଭୂମିରେ ଜମିଦାର ବ୍ୟତିରେକେ କୌଣସି ବ୍ୟକ୍ତିର ଅଧିକାର ଥିଲେ ସେହି ଚୁକ୍ତି ପ୍ରବଳ ରହିବ ।

ବ୍ୟାଖ୍ୟା—"ସେହି ସ୍ଥାନରେ ପୂର୍ବକୃତ କୌଣସି ଚୁକ୍ତିର" ଇତ୍ୟାଦି ପୂର୍ବକୃତ ଚୁକ୍ତି କ ଜମି ହସ୍ତାନ୍ତର ହେବା ପର୍ଯ୍ୟନ୍ତ ଯେଉଁ ଚୁକ୍ତିମାନ ହୋଇଥିବ ।

"ଏବଂ ସେହି ଭୂମି ଯେଉଁ ସ୍ଥାନରେ ଥିବ .. .. ସେହି ଚୁକ୍ତି ପ୍ରବଳ ରହିବ" ଏହାର ତାତ୍ପର୍ଯ୍ୟ ଏହି ଯେ ଯେଉଁ ମାହାଲ ବା ମୋକଦମି ପ୍ରଭୃତିରେ କଥିତ ଜମି ଥିବ ତାହା ସମ୍ବନ୍ଧରେ ଯେଉଁ ଚୁକ୍ତି ଥିବ କଥିତ ଜମି ସେ ଚୁକ୍ତିରେ ଆବଦ୍ଧ ହେବ ଅର୍ଥାତ୍ ମାହାଲ ବନ୍ଧକ ଥିଲେ କଥିତ ଜମି ମାହାଲ ସହିତ ବନ୍ଧ ବୋଲି ଜ୍ଞାନ କରାଯିବ । ଏହାର ଉଦ୍ଦେଶ୍ୟ ଏହି ଯେ ମାହାଲ ବା ମୋକଦମି ପ୍ରଭୃତି ଯାହାର ହାତକୁ ଯାଉଥିବ କଥିତ ଜମି ତାହାର ହାତକୁ ଯାଉଥିବ ; ଏହା ନ ହେଲେ ଜମିର ଖଜଣା ଅସୂଲ ସୁସାଧ୍ୟ ହେବ ନାହିଁ ।

ଏଠାରେ "ତାଲୁକ" ଶବ୍ଦ ମୋକଦମି ପ୍ରଭୃତି ମଧ୍ୟସ୍ୱତ୍ୱ ପାଇଁ ବ୍ୟବହୃତ ହୋଇ ଅଛି; ତାଲୁକ ଅର୍ଥ ଏଠାରେ ଜମିଦାରୀ ବା ମାହାଲ ନୁହେ ।

ଉକ୍ତ କର ଭୂମି ଉପରେ ସର୍ବଦା ଦାୟସ୍ୱରୂପ ଜ୍ଞାନ ହେବା କଥା ।

୬୨ । ସେହି ହୁକୁମନାମାର ଯେତେ ଟଙ୍କା କର ଲେଖାଥିବ ତାହା ସେହି ଭୂମି ଉପରେ ସର୍ବଦା ବାର୍ଷିକ ଦାୟସ୍ୱରୂପ ପ୍ରବର୍ତ୍ତିବ ଏବଂ ପଞ୍ଚାୟତର ଯେଉଁ ବ୍ୟକ୍ତି କର ଆଦାୟ କରୁଥିବେ ସେହି ଭୂମିର ଅଧିକାରୀଠାରୁ ଖଜଣା ଆଦାୟ କର ଯାହାର ଯେଉଁ ସମୟରେ ଅଧିକାର ଥିବ ତାଙ୍କ ନିକଟରୁ ଗ୍ରାମର ପ୍ରଚଳିତ ସନର ପ୍ରଥମ ଦିବସରେ ସେହି ଟଙ୍କା ବର୍ଷକୁବର୍ଷ ଆଗତୁରା ପାଇ ପାରିବେ ।

ବ୍ୟାଖ୍ୟା ।—"ଏବଂ ପଞ୍ଚାୟତର ଯେଉଁ ବ୍ୟକ୍ତି କର ଆଦାୟ କରୁଥିବେ .. .. ବର୍ଷକୁବର୍ଷ ଅଗତୁରା ପାଇ ପାରିବ" ଏହାର ଅର୍ଥ ଏହି ଯେ ଜମି ଯାହାଙ୍କ ଦଖଲରେ ଥିବ ତାଙ୍କଠାରୁ ସେ ଜମିର ଖଜଣା ପାଇବାର ସେ ହକଦାର ସେ ନିର୍ଦ୍ଧାରିତ କର ବର୍ଷର ପ୍ରଥମ ଦିନରେ ଅଗତୁରା ଦେବାକୁ ବାଧ୍ୟ ।

Digitized by srujan ka@gmail.com

"ଅଗ୍ରୁସ୍ତ ପାଇ ପାରିବେ" ପାରିବେ ଶବ୍ଦରୁ ମନେ କରିବା ଉଚିତ ନୁହେ ଯେ ସକଳ ଅଗ୍ରୁସ୍ତ ଦେବା ବା ନେବା, ଦେବା ବା ନେବା ବ୍ୟକ୍ତିଙ୍କ ଇଚ୍ଛା ଉପରେ ନିର୍ଭର କରେ; ଏଠାରେ shall ଶବ୍ଦ ଥିବାରୁ ଅଗ୍ରୁସ୍ତ ଦେବାକୁ ବା ନେବାକୁ ଆଇନ ଅନୁସାରେ ଉଭୟ ପକ୍ଷ ବାଧ୍ୟ ।

ଅଦାୟ କରିବାର ପ୍ରଣାଳୀର କଥା ।

୬୩ । ନିମ୍ନଲିଖିତ ବିଧାନମତେ ଯେଉଁ ପାଉଣା ଅଦାୟ ହୋଇ ପାରେ ଉକ୍ତ ପ୍ରକାର ନିର୍ଦ୍ଧାରିତ କର ସେହି ପାଉଣା ମଧ୍ୟରେ ଗଣ୍ୟ ହେବ ।

ବ୍ୟାଖ୍ୟା ।—ଏ ଧାରାର ଅର୍ଥ ଏହି ଯେ ପୂର୍ବୋକ୍ତ ପ୍ରକାରେ ଯେଉଁ କର ଧାର୍ଯ୍ୟ ହେବ ତାହା ନିମ୍ନଲିଖିତ ପ୍ରକାରେ ଅଦାୟ କରାଯିବ ।

ବାକିର ନୋଟିସର କଥା ।

୬୪ । ଉକ୍ତ ନିର୍ଦ୍ଧାରିତ କର ଦେୟ ହେଲା ଉତ୍ତାରେ ଯେବେ ୧୫ ଦିନ ବାକି ଥିବ, ତେବେ ଯେଉଁ ଭୂମିର ସେହି କର ନିର୍ଦ୍ଧାର୍ଯ୍ୟ ହେଲା ତାହା ଯେଉଁ ଜିଲ୍ଲାର ଅନ୍ତର୍ଗତ ଥିବ, ପଞ୍ଚାୟତର ଯେଉଁ ବ୍ୟକ୍ତି ସେହି କର ଅଦାୟ କରିବେ ସେ ସେହି ଜିଲ୍ଲାର କଲେକ୍ଟର ସାହେବଙ୍କ ନିକଟକୁ ଏହି ଆଇନ ସଂଯୁକ୍ତ D (ଘ) ତଫସୀଲ ଲେଖିତ ପାଠରେ ସେହି ବାକିର ଏବଂ ଯେଉଁ ବ୍ୟକ୍ତି ସେହି କରର ଦାୟୀ ହେବେ ତାଙ୍କ ନାମର ନୋଟିସ ପଠାଇବେ ।

ବ୍ୟାଖ୍ୟା ।—"ଯେବେ ୧୫ ଦିନ ବାକି ଥିବ" ଅର୍ଥ ୧୫ ଦିନ ବାକି ରହିଲେ-

"ଏବଂ ଯେଉଁ ବ୍ୟକ୍ତି ସେହି କରର ଦାୟୀ ହେବେ-ଯେଉଁ ବ୍ୟକ୍ତି ସେହି କର ଦେବାକୁ ଦାୟୀ ।

ଟୀକା ।—D (ଘ) ତଫସୀଲ ଫାରମ ବାନ୍ଧିବାର ୧୬୩ ନମ୍ବର ଫାରମ ।

ବିକ୍ରୟ କରିବା ପ୍ରଣାଳୀର ଓ ଫଳର କଥା ।

୬୫ । ଉକ୍ତ ନୋଟିସ୍ ପାଇଲାର ଅବ୍ୟବହିତ ପରେ କଲେକ୍ଟର ସାହେବ କମ୍ପା ବାକି ରାଜସ୍ୱ ନିମନ୍ତେ ଭୂମି ବିକ୍ରୟର ବିଧାନକରଣାର୍ଥ ଯେଉଁ ଆଇନ ପ୍ରବଳ ଥିବ ତଦନୁସାରେ ଅନ୍ୟ ଯେଉଁ କାର୍ଯ୍ୟକାରକ

Digitized by srujan ka@gmail.com

ନୀଲାମ କରିବାର କ୍ଷମତାପନ୍ନ ହୋଇଥିବେ ସେ ଟଙ୍କା ଦେବାର କୌଣସି ନୋଟିସ୍ ଆଗେ ନ ଦେଇ ତତ୍କ୍ଷଣାତ୍ ଭାରତବର୍ଷୀୟ ବ୍ୟବସ୍ଥାପକ ସଭା ପ୍ରକାଶିତ ୧୮୫୯ ସାଲର ୧୧ ଆଇନର ୭ ଧାରାମତେ ନୀଲାମର ଇସ୍ତାହାର ପ୍ରକାଶ କରିବେ । ସେହି ଇସ୍ତାହାର ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସେହି ବାକୀ ଦିଆ ନ ଗଲେ ସେହି ପୂର୍ବୋକ୍ତ ଆଇନର ବିଧାନାନୁସାରେ ହଜୁର କୌନ୍ସିଲର ବଙ୍ଗଦେଶର ଶ୍ରୀଯୁତ ଲେପ୍ଟେନେଣ୍ଟ ଗବର୍ଣ୍ଣର ସାହେବଙ୍କ ପ୍ରକାଶିତ ୧୮୬୮ ସାଲର ୭ ଆଇନ ଅନ୍ତର୍ଗତ ମାହାଲର ତୁଲ୍ୟ ସେହି ଭୂମି ବିକ୍ରୟ କରିବେ । ଏବଂ ତଦ୍ରୂପ ମାହାଲ ବିକ୍ରୟ ସମ୍ପର୍କରେ ଯେଉଁ ଆଇନ ଯେଉଁ ସମୟରେ ପ୍ରବଳ ଥିବ ସେହି ଆଇନର ସମସ୍ତ ବିଧାନ ସେହି ଭୂମିର ବିକ୍ରୟ କାର୍ଯ୍ୟ ପ୍ରତି ପ୍ରବର୍ତ୍ତିବ । ଏବଂ କୌଣସି ମାହାଲ ନିଜ ବାକୀ ସକାଶେ ବିକ୍ରୟ ହେଲେ ସେହି ବିକ୍ରୟ କାର୍ଯ୍ୟର ଯେଉଁ ବଳ ଓ ଯେଉଁ ଫଳ ହେବ ଉକ୍ତ ଭୂମି ବିକ୍ରୟର ସେହି ବଳ ଓ ସେହି ଫଳ ହେବ । ଏବଂ ସେହି ଭୂମିର ଖରିଦଦାର ଉକ୍ତ ଅବଧାରିତ ଚୌକିଦାରୀ କର ଦେବାକୁ ହେବ । କିନ୍ତୁ ସେହି ଭୂମି ନିଜ ରାଜସ୍ୱର ବାକୀ ନିମନ୍ତେ ବିକ୍ରୀତ ମହାଲ ହେଲେ ଖରିଦଦାରର ତତ୍ସଂକ୍ରାନ୍ତ ଯେଉଁ ଦାବୀ ଓ ଦାୟ ସ୍ୱୀକାର କରିବାକୁ ହୁଅନ୍ତା ସେହି ଭୂମିର ଖରିଦଦାର ସେହି ଦାବୀ ଓ ଦାୟ ଭିନ୍ନ ଅନ୍ୟ ଦାୟରୁ ମୁକ୍ତ ହୋଇ ସେହି ଭୂମି ଭୋଗ କରିବେ ।

ବ୍ୟାଖ୍ୟା—"ସେ ଟଙ୍କା ଦେବାର କୌଣସି ନୋଟିସ୍ ଆଗେ ନ ଦେଇ" ନୋଟିସ୍ ଦ୍ୱାରା ଟଙ୍କା ତଲବ ନ କରି । "ଇସ୍ତାହାର ପ୍ରକାଶ କରିବେ" - ଇସ୍ତାହାର ଜାରି କରିବେ "ସେହି ଇସ୍ତାହାର ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ" ଇସ୍ତାହାରରେ ଯେଉଁ ସମୟ ଉଲ୍ଲେଖ ଥିବ ତହିଁ ମଧ୍ୟରେ । "ବାକୀ ନିମନ୍ତେ ବିକ୍ରୀତ ମାହାଲ ହେଲେ" ହୋଇଥିଲେ ।

ବିକ୍ରୟୋତ୍ପନ୍ନ ଟଙ୍କା ପ୍ରୟୋଗର କଥା ।

୫୬ । ସେହି କଲେକ୍ଟର ସାହେବ ସେହି ବିକ୍ରୟୋତ୍ପନ୍ନ ଟଙ୍କାରୁ ସେହି ବିକ୍ରୟ କରିବାର ଖର୍ଚ୍ଚ ଓ ତତ୍ସମ୍ପର୍କୀୟ ଅନ୍ୟାନ୍ୟ ଖର୍ଚ୍ଚ ଦେଇ ପଶ୍ଚାତର ଯେଉଁ ବ୍ୟକ୍ତି

Digitized by srujan ka@gmail.com

ସେହି କର ଆଦାୟ କରୁଥିବେ ତାହାଙ୍କୁ ସେହି ବକେୟା ସିଦ୍ଧ ହେବାର ଦିନଠାରୁ ଏକ ସପ୍ତାହ ମଧ୍ୟରେ ସେହି କରର ବାକୀ ଟଙ୍କା ଦେବେ ଏବଂ ପଞ୍ଚାୟତର ଯେଉଁ ସଭ୍ୟ ସେହି କର ଆଦାୟ କରିବେ ସେ ଆପଣା ନୋଟିସରେ ସେହି ଭୂମି ନିମନ୍ତେ କରଦାୟୀ ବୋଲି ଯେଉଁ ବ୍ୟକ୍ତିର ନାମ ଲେଖି ଥିବେ ତାହାଙ୍କୁ ସେହି ବକେୟାୋତ୍ପନ୍ନ ଫାଜିଲ ଟଙ୍କା ଦେବେ ।

ବ୍ୟାଖ୍ୟା—"ଏବଂ ପଞ୍ଚାୟତର ଯେଉଁ ସଭ୍ୟ ସେହି କର ଆଦାୟ କରିବେ" ପଞ୍ଚାୟତର ଯେଉଁ ସଭ୍ୟ କର ଆଦାୟ କରନ୍ତି ବା ପଞ୍ଚାୟତର କର ଆଦାୟକାରୀ ସଭ୍ୟ ।

ଏ ଧାରା ଅନୁସାରେ ପଞ୍ଚାୟତର କର ଆଦାୟକାରୀ ସଭ୍ୟ ନୋଟିସରେ ଯାହାଙ୍କ ନାମ ଲେଖିଥିବେ କଲେକ୍ଟର ସାହେବ କେବଳ ତାଙ୍କୁ ଫାଜିଲ ଟଙ୍କା ଦେବା ନିମନ୍ତେ ବାଧ୍ୟ ; ଏ ସମ୍ବନ୍ଧରେ ଅନ୍ୟ କାହାର ଦାବୀ ବା ଆପତ୍ତି ଶୁଣିବାର ବିଧାନ ନାହିଁ । ଅନ୍ୟ କାହାର ଦାବୀ ଥିଲେ ତାଙ୍କର ଉଚିତ ଯେ ସେ ୭୩ ଧାରା ଅନୁସାରେ କାର୍ଯ୍ୟ କରିବେ ; କଲେକ୍ଟରଙ୍କଠାରେ ଏ ସମ୍ବନ୍ଧୀୟ ଦାବୀ ବା ଆପତ୍ତି କରିବା ଉଚିତ ନୁହେ ।

ଟୀକା ।—(କ) ନୀଲାମ ତାରିଖଠାରୁ ଷଷ୍ଟିତମ (୬୦) ଦିବସର ମଧ୍ୟାହ୍ନ ସମୟରେ ନୀଲାମ ସିଦ୍ଧ ହେବ । ୧୮୪୫ ମସିହାର ୧୧ ଅଇନର ୨୬ ଧାରା ଦେଖ ।

ହସ୍ତାନ୍ତରିତ ଭୂମିଭୋଗିଠାରୁ ଖଜଣା ପାଇବାର ସ୍ୱତ୍ୱ ରହିତ ହେବାର କଥା ।

୫୭ । ପୂର୍ବୋକ୍ତ ବିଧାନମତେ କୌଣସି ଜମିଦାରଙ୍କ କୌଣସି ଭୂମି ହସ୍ତାନ୍ତର କରି ଦିଆଗଲେ ସେହି ଭୂମି ଭୋଗ କରିବା ଉପଲକ୍ଷରେ ଅନ୍ୟ ବ୍ୟକ୍ତି ନିକଟରେ ଦଖଲ କାରକଙ୍କୁ ଖଜଣା ଦେବାର ଯେଉଁ ଅଧିକାର ଥିଲା ତାହା ସମ୍ପୂର୍ଣ୍ଣରୂପେ ରହିତ ହୋଇ ଶେଷ ହେବ ।

ବ୍ୟାଖ୍ୟା—"ଖଜଣା ଦେବାର" ଅର୍ଥାତ୍ ଜାଗିର ଜମି ଭୋଗ କରୁଥିବାରୁ କୌଣସି କାର୍ଯ୍ୟ ବା ବେଠି କରିବାର ଅଧିକାର ହେବ ନାହିଁ ।

ବଙ୍ଗ ଦେଶର ଶ୍ରୀଯୁକ୍ତ

୫୮ । କୌଣସି ଜିଲ୍ଲାରେ ବା ଜିଲ୍ଲାର କୌଣସି ଭାଗରେ ଏହି ଆଇନ ପ୍ରଚଳିତ ହେବା ପୂର୍ବେ କୌଣସି ଗ୍ରାମରେ ଚୌକୀ ଦେବାର ଓ ପୋଲିସ ନିକଟକୁ ଅପରାଧ

ଲେପ୍ଟେନେଣ୍ଟ ଗବର୍ଣ୍ଣର ସା-ହେବଙ୍କର କମିଶନ ନିଯୁକ୍ତ କରିବା କଥା ।

ରିପୋର୍ଟ କରିବା କାର୍ଯ୍ୟରେ ନିଯୁକ୍ତ କାର୍ଯ୍ୟ-କାରକଙ୍କ ଖୋରାକ ପୋଷାକ ନିମନ୍ତେ ଭୂମି ଥିଲେ, ଏହି ଆଇନ ପ୍ରଚଳିତ ହେବା ପୂର୍ବେ ଗ୍ରାମରେ ଚୌକୀ ଦେବାର ଓ ଜିଲ୍ଲାର ପୋଲିସ ନିକଟକୁ ଅପରାଧ ରିପୋର୍ଟ କରିବାର କର୍ମକାରକଙ୍କ ଖୋରାକି ପୋଷାକ ନିମନ୍ତେ ଯେଉଁ ଚୌକୀଦାରୀ ଚାକରାଣ ଭୂମି ଓ ଅନ୍ୟାନ୍ୟ ଭୂମି ନିରୂପିତ ଥିବ ବଙ୍ଗଦେଶର ଶ୍ରୀଯୁକ୍ତ ଲେପ୍ଟେ-ନେଣ୍ଟ ଗବର୍ଣ୍ଣର ସାହେବ କଲିକତା ଗେଜେଟରେ ହୁକୁମନାମା ପ୍ରକାଶ କରିବା ଦ୍ୱାରା ସେହି ସମସ୍ତ ଭୂମି ନିଶ୍ଚୟ ରୂପେ ନିର୍ଣ୍ଣୟ କରଣାର୍ଥେ ଏକ ବା ଅଧିକ ବ୍ୟକ୍ତିଙ୍କୁ କମିଶନ ସ୍ୱରୂପ ନିଯୁକ୍ତ କରି ପାରିବେ ।

ଚାକରାଣ ଭୂମି ବିଷୟରେ ବିବାଦ କମିଶନଙ୍କ ପ୍ରତି ଅର୍ପଣ କରିବା କଥା ।

୫୯ । କୌଣସି ଜିଲ୍ଲାରେ ତଦ୍ରୂପ କମିଶନ ନିଯୁକ୍ତ କରାଗଲା ଉତ୍ତାରେ ସେହି ଜିଲ୍ଲା ମଧ୍ୟରେ ଏହି ଆଇନ ପ୍ରଚଳିତ ହେବା ପୂର୍ବେ ଗ୍ରାମରେ ଚୌକୀଦାରୀ ଏବଂ ପୋ-ଲିସ ନିକଟକୁ ଅପରାଧ ରିପୋର୍ଟ କରିବାର କର୍ମକାରକଙ୍କ ଖୋରାକ ପୋଷାକ ନିମନ୍ତେ ଚୌକୀଦାରୀ ଚାକରାଣ ଭୂମି କି ଅନ୍ୟ ଭୂମି ନିରୂପଣ କରାଗଲା କି ନାହିଁ ଓ କେଉଁ ଭୂମିଖଣ୍ଡ ତଦ୍ରୂପେ ନିରୂପଣ ହୋଇଅଛି ଏହି ବିଷୟରେ ବିବାଦ ହେଲେ ସେହି କମିଶନ ସେହି ବିବାଦର ଅନୁସନ୍ଧାନ ନେଇ ପାରିବେ ।

ବ୍ୟାଖ୍ୟା—ଏ ଧାରାର ତାତ୍ପର୍ଯ୍ୟ ଏହି ଯେ ଗ୍ରାମରେ ଚୌକୀ ଦେବା ଓ ପୋଲିସରେ ଅପରାଧ ରିପୋର୍ଟ କରିବାର କର୍ମକାରକଙ୍କ ଭରଣ ପୋଷଣ ନିମନ୍ତେ ଯେଉଁ ଜମିମାନ ଏହି ଆଇନ ଜାରି ହେବା ପୂର୍ବେ ଦତ୍ତ ହୋଇଥିବ ସେ ଜମିମାନଙ୍କ ମଧ୍ୟରୁ କେଉଁ ଚୌକୀ-ଦାରୀ ଚାକରାଣ ଜମି ଏବଂ କେଉଁ ଅନ୍ୟ ପ୍ରକାର ଜମି କିମ୍ବା ସେ ଜମିମାନ ଚୌକୀଦାରୀ ଚାକ-ରାଣ ଜମି କି ଅନ୍ୟ ଜମି ଏହା ମୀମାଂସା କରିବା କମିଶନଙ୍କ ପକ୍ଷରେ ଆଇନ ସିଦ୍ଧ ହେବ ।

୬୦ । କଲେକ୍ଟର ସାହେବ ଭୂମିର ରାଜସ୍ୱ ବନ୍ଦୋବସ୍ତ କରିବା

Digitized by srujan ka@gmail.com

କମିଶନଙ୍କ କ୍ଷମତାର କଥା ।

କାର୍ଯ୍ୟରେ ୧୮୬୨ ସାଲର ୭ ଆଇନମତେ ଓ ସେହି ଆଇନ ସଂଶୋଧନାର୍ଥ ଅନ୍ୟାନ୍ୟ ବ୍ୟବସ୍ଥା ଓ ଆଇନମତେ ଯେଉଁ୨ କ୍ଷମତା ପ୍ରାପ୍ତ ହେବେ ଉକ୍ତ ବିବାଦର ଅନୁସନ୍ଧାନ ସମୟରେ ଏହି ଆଇନର କାର୍ଯ୍ୟ ପକ୍ଷରେ ଯେତେଦୂର ଆବଶ୍ୟକ ହେବ ତେତେଦୂର ସେହି କମିଶନଙ୍କ ଉକ୍ତ ସମସ୍ତ ଓ ତତ୍ତୁଲ୍ୟ କ୍ଷମତା ରହିବ ।

ବ୍ୟାଖ୍ୟା—"ଅନ୍ୟାନ୍ୟ ବ୍ୟବସ୍ଥା ଓ ଆଇନମତେ ଯେଉଁ୨ କ୍ଷମତା ପ୍ରାପ୍ତ ହେବେ" କଲେକ୍ଟର ସାହେବଙ୍କର ଯେଉଁ୨ କ୍ଷମତା ଅଛି ।

କମିଶନଙ୍କ କର୍ତ୍ତବ୍ୟ କର୍ମର ଓ ସେମାନଙ୍କର ହୁକୁମର ଫଳର କଥା ।

୭୧ । ସେହି କମିଶନ ଏହି ଆଇନ ପ୍ରଚଳିତ ହେବା ପୂର୍ବେ ଗ୍ରାମରେ ଚୌକୀ ଦେବାର ଏବଂ ପୋଲିସ ନିକଟରେ ଅପରାଧ ରିପୋର୍ଟ କରିବା କର୍ମକାରକଙ୍କ ଖୋରାକ ପୋଷାକ ନିମନ୍ତେ ଚୌକୀଦାରୀ ଚାକରାଣ ଭୂମି କି ଅନ୍ୟ ଭୂମି ବୋଲି ଯେଉଁ ଭୂମି ନିର୍ଣ୍ଣୟ କରିବେ ସେଥିର ସୀମାରେ ଚିହ୍ନ ଦେବେ ଏବଂ ସେମାନେ ପୂର୍ବୋକ୍ତରୂପେ ଚୌକୀଦାରୀ ଚାକରାଣ ଭୂମି କି ଅନ୍ୟ ଭୂମି ବୋଲି ଯେଉଁ ଭୂମି ନିର୍ଣ୍ଣୟ କରିବେ ତାହା ଓ ସେହି ଭୂମିର ସୀମା ଏବଂ ଯେଉଁ ଗ୍ରାମର ହିତାର୍ଥେ ସେହି ଭୂମି ନିରୂପଣ ହୋଇଥିବ ସେଥିର ନାମ ପ୍ରକାଶକ ହୁକୁମନାମା ଦସ୍ତଖତ କରି ପ୍ରକାଶ କରିବେ । ତନ୍ମଧ୍ୟରେ ସେହି ଭୂମି ପୂର୍ବୋକ୍ତରୂପେ ଚୌକୀଦାରୀ ଚାକରାଣ କିମ୍ବା ଅନ୍ୟ ଭୂମି ଅଛି କି ନାହିଁ ଏହି୨ କଥା ସେହି ହୁକୁମନାମାରେ ବିଶେଷ କରି ନିର୍ଣ୍ଣୟ କରିବେ । ଏହି ଆଇନମତେ ସେହି ହୁକୁମନାମାରେ ଯେଉଁ କଥା ପ୍ରଚାର କରିବାର ଆଦେଶ ହୋଇଥିବ ତାହା ସେହି ପକ୍ଷରେ ଯେତେ ଦୂର ନିର୍ଦ୍ଦିଷ୍ଟ ହେଲା ସେହି ପକ୍ଷ ମଧ୍ୟ ତେତେଦୂର ତଦ୍ଘଟିତ କଥାସମ୍ପର୍କରେ ବୃତ୍ତାନ୍ତ ଓ ସିଦ୍ଧାନ୍ତ ହେବ ।

Digitized by srujan ka@gmail.com

ବ୍ୟାଖ୍ୟା—କମିଶନରମାନେ ଯେଉଁ ଜମି ଚୌକୀଦାର ଜମି ଓ ତାହାର ଚୌହଦ୍ଦ ତଥା ଓ କେଉଁ ଗ୍ରାମ ପାଇଁ ଉକ୍ତ ଜମି ଦଆ ହୋଇଥ ଛନ୍ତି ଏ ସବୁ ବିଷୟ ସ୍ଥିର କରି ସେ ବିଷୟରେ ଗୋଟିଏ ହୁକୁମ ଲିପିବଦ୍ଧ କରିବେ ଓ ଉକ୍ତ ହୁକୁମ ନାତକ ବୋଲି ଜ୍ଞାନ କରା ଯିବ ।

ତୃତୀୟ ଭାଗ ।

ବିବିଧ ବିଧି ।

ପଞ୍ଚାୟତର କ୍ଷମତା ଜିଲ୍ଲାର ମାଜିଷ୍ଟ୍ରେଟଙ୍କ ଦ୍ୱାରା ପରିଚାଳିତ ହେବା କଥା ।

୬୨ । ଚୌକୀଦାରମାନଙ୍କୁ ମନୋନୀତ ଓ ମାଲୁଲ କରିବା ସମ୍ବନ୍ଧରେ ଏବଂ ଏଥିପୂର୍ବେ ଯେଉଁ କର ଧାର୍ଯ୍ୟ କରିବାର ଆଦେଶ ଦିଆ ଯାଇଅଛି ସେହି କର ଧାର୍ଯ୍ୟ କରିବା ସମ୍ବନ୍ଧରେ ପଞ୍ଚାୟତର ଯେଉଁ ସମସ୍ତ କ୍ଷମତା ଅର୍ପିତ ହୋଇଅଛି ସେହି ସବୁ କ୍ଷମତା ବା ତହିଁମଧ୍ୟରୁ କୌଣସି କ୍ଷମତା ପରିଚାଳନ କରିବା ନିମିତ୍ତ ଜିଲ୍ଲାର ମାଜିଷ୍ଟ୍ରେଟଙ୍କ ନିକଟରୁ ଲେଖିତ ନୋଟିସ ପାଇଲା ଉତ୍ତାରେ ପଞ୍ଚାୟତ ଯେବେ ତାହା ତତ୍‌କ୍ଷଣାତ୍ ପରିଚାଳନ କରିବାକୁ ଅସ୍ୱୀକାର କରିବେ କିମ୍ବା ତଦର୍ଥେ ଯୁକ୍ତିସଙ୍ଗତ ସମୟ ଅତୀତ ହେବା ଉତ୍ତାରେ ଅବହେଳା କରିବେ ତାହା ହେଲେ ସେହି ସମସ୍ତ କ୍ଷମତା ଜିଲ୍ଲାର ମାଜିଷ୍ଟ୍ରେଟଙ୍କ ଦ୍ୱାରା ପରିଚାଳିତ ହୋଇ ପାରିବ ।

ଟୀକା—(କ) ୧୯୧୨ ମସିହାର ବଙ୍ଗୀୟ ୧ ଆଇନର ୧୮ ଧାରା ଦ୍ୱାରା ଏହିପରି ସଂଶୋଧିତ ହୋଇଅଛି ।

କ୍ଷତିପୂରଣର ଧାରା ।

୬୩ । ଏହି ଆଇନମତେ କୌଣସି କାର୍ଯ୍ୟ କରାଗଲେ କିମ୍ବା କୌଣସି କାର୍ଯ୍ୟ ଏହି ଆଇନମତ ବୋଲି ସ୍ୱୀକାର କରାଗଲେ, କିମ୍ବା ସେହି ଭାବ ପ୍ରକାଶ ହେଲେ ଯେବେ ସେହି ହେତୁରୁ ଜିଲ୍ଲା ମାଜିଷ୍ଟ୍ରେଟ ସାହେବଙ୍କର, କିମ୍ବା କୌଣସି ପଞ୍ଚାୟତର

Digitized by srujan ka@gmail.com

କିମ୍ବା କୌଣସି ପଞ୍ଚାୟତର ଅନ୍ତର୍ଗତ କୌଣସି ବ୍ୟକ୍ତିର କିମ୍ବା ତାହାର କି ସେମାନଙ୍କର କୌଣସି କାର୍ଯ୍ୟକାରକର କିମ୍ବା ତାହାର କି ସେମାନଙ୍କର ଆଦେଶମତେ କର୍ମକାରି କୌଣସି ବ୍ୟକ୍ତି ନାମରେ ନାଲିଶ କରିବାର ଅଭିପ୍ରାୟ ଥିବ, ତେବେ ନାଲିଶର ହେତୁ ଓ ଯେଉଁ ବ୍ୟକ୍ତି ମୁଦେଇ ହେବ ତାହାର ନାମ ଓ ସାକିନ ଲେଖି ଜିଲ୍ଲା ମାଜିଷ୍ଟ୍ରେଟ ସାହେବଙ୍କ କଚେରୀରେ ଓ ମୁଦେଇର ବାସସ୍ଥାନରେ ସେହି ଅଭିପ୍ରାୟର ନୋଟିସ୍ ଦେବାକୁ ହେବ ଓ ସେହି ନୋଟିସ୍ ଦେଲା ଉତ୍ତାରୁ ଏକ ମାସ ଗୁଜୁରୁ ନ ହେଲେ ନାଲିଶ ଉପସ୍ଥିତ କରାଯାଇ ପାରିବ ନାହିଁ। ସେହି ନୋଟିସ ଦେବାର ପ୍ରମାଣ କରା ନ ଗଲେ ଅଦାଲତ ମୁଦାଇଙ୍କର ସପକ୍ଷ ହୁକୁମ ଦେବେ। ନାଲିଶର ହେତୁ ହେବା ଉତ୍ତାରେ ଅବ୍ୟବହିତ ଛଅ ମାସ ମଧ୍ୟରେ ସେହି ନାଲିଶର କାର୍ଯ୍ୟ ଆରମ୍ଭ କରିବାକୁ ହେବ ତହିଁ ଉତ୍ତାରେ ନୁହେ। କୌଣସି ବ୍ୟକ୍ତିକୁ ତଦ୍ରୂପ ନାଲିଶ କରିବା ମାନସର ନୋଟିସ ଦିଆଗଲେ ସେ ନାଲିଶ ରୁଜୁ କରିବା ପୂର୍ବେ ଯେବେ ମୁଦେଇର ଉପଯୁକ୍ତ କ୍ଷତିପୂରଣ ଦେବାର ପ୍ରସଙ୍ଗ କରିବ ତେବେ ମୁଦେଇ ନାଲିଶ କରି ଜୟୀ ହୋଇ ପାରିବ ନାହିଁ।

ବ୍ୟାଖ୍ୟା—"କିମ୍ବା କୌଣସି ପଞ୍ଚାୟତର ଅନ୍ତର୍ଗତ କୌଣସି ବ୍ୟକ୍ତିର" କୌଣସି ପଞ୍ଚାୟତର କୌଣସି ସଭ୍ୟର। "ଜିଲ୍ଲା ମାଜିଷ୍ଟ୍ରେଟ ସାହେବଙ୍କ କଚେରୀରେ ଓ ମୁଦେଇର ବାସସ୍ଥାନରେ" ଏଠାରେ ମୁଦେଇର ବାସସ୍ଥାନରେ ନୋଟିସ ଦେବା ଅସଙ୍ଗତ କଥା; ଯେଉଁ ଇଂରାଜୀ ଶବ୍ଦ ପରିବର୍ତ୍ତରେ ମୁଦେଇ ଶବ୍ଦ ବ୍ୟବହୃତ ହୋଇଅଛି ତାହାର ଅର୍ଥ "ତଦ୍ରୂପ ବ୍ୟକ୍ତି" ଅର୍ଥାତ୍ ଯେଉଁ ବ୍ୟକ୍ତି ମାଜିଷ୍ଟ୍ରେଟ ବା ପଞ୍ଚାୟତଙ୍କ ଆଦେଶାନୁସାରେ କାର୍ଯ୍ୟ କରିଥିବେ ତାଙ୍କ ବାସସ୍ଥାନ ବୋଲି ପ୍ରକାଶ ପାଉଅଛି, ସୁତରାଂ ଏଠାରେ ଅନୁବାଦ ଭ୍ରମାତ୍ମକ ପରି ବୋଧ ହୁଏ।

ଏ ଧାରା ନୋଟିସ ଦୁଇ ଜାଗାରେ ଦେବାକୁ ହେବ। ଜିଲ୍ଲା ମାଜିଷ୍ଟ୍ରେଟ ସ୍ୱୟଂ କିମ୍ବା ତାଙ୍କ ହୁକୁମ ଅନୁସାରେ ଅନ୍ୟ କେହି କାର୍ଯ୍ୟ କରି ଥାଉ ବା ନ ଥାଉ, ଜିଲ୍ଲା ମାଜିଷ୍ଟ୍ରେଟଙ୍କ କଚେରୀରେ ନୋଟିସ ଦେବାକୁ ହେବ ଏବଂ ତାହା ବ୍ୟତୀତ ଯାହାଙ୍କ ନାମରେ ନାଲିଶ ହେବ ତାଙ୍କ ବାସସ୍ଥାନରେ ଆଉ ଖଣ୍ଡେ ନୋଟିସ ଦେବାକୁ ହେବ। ଜିଲ୍ଲା ମାଜିଷ୍ଟ୍ରେଟ

Digitized by srujan ka@gmail.com

କମ୍ପାନୀଙ୍କ ହୁକୁମ ଅନୁସାରେ ଅଙ୍କ କେହି କାର୍ଯ୍ୟ କର ନ ଥିଲେ ସୁଦ୍ଧା ଜିଲ୍ଲା ମାଜିଷ୍ଟ୍ରେଟଙ୍କ କଚେରୀରେ ନୋଟିସ ଦେବାକୁ ହେବ ।

ଟୀକା ।—(କ) କୌଣସି ଦେୱାନୀ (civil) ମୋକଦ୍ଦମା ହେଲେ ସିଭିଲ୍ସୁଟ ନିୟମାବଳୀର ୧୫ ଶ ନିୟମ ଅନୁସାରେ ଉକ୍ତ ନିୟମମାନ ଏହି ଧାରା ଲକ୍ଷିତ ମୋକଦ୍ଦମା ପ୍ରତି ଖଟିବ । ଫୌଜଦାରୀ ମୋକଦ୍ଦମା ହେଲେ ଗବର୍ଣ୍ଣମେଣ୍ଟଙ୍କ ୧୮୮୫ ସେପ୍ଟେମ୍ବର ୪ ତାରିଖର ନମ୍ବର ଜେଭ ସରକ୍ୟୁଲର ଖଟିବ ।

୬୪ । ପଞ୍ଚାୟତ ଓ ଜିଲ୍ଲା ମାଜିଷ୍ଟ୍ରେଟମାନଙ୍କର ଏହି ଆଇନ ଅନୁଯାୟୀ ସମସ୍ତ କାର୍ଯ୍ୟ ଉପରେ ଡିଭିଜନ କମିଶନର ସାହେବଙ୍କର ସାଧାରଣ କର୍ତ୍ତୃତ୍ୱ ରହିବ ।

ଡିଭିଜନ କମିଶନରମାନଙ୍କ ପ୍ରତି କର୍ତ୍ତୃତ୍ୱ ଅର୍ପଣ ହେବାର କଥା ।

୬୫ । ବଙ୍ଗଦେଶର ଶ୍ରୀଯୁକ୍ତ ଲେପ୍ଟେନେଣ୍ଟ ଗବର୍ଣ୍ଣର ସାହେବ ସମୟ ସମୟରେ ପଞ୍ଚାୟତର ନିୟମନାର୍ଥ ଏବଂ କମିଶନର ପ୍ରତି କୌଣସି ବିବାଦ ଅର୍ପଣ କରାଗଲେ ସେଥିର ଅନୁସନ୍ଧାନ ନେଇ ନିଷ୍ପତ୍ତି କରିବାର ଦସ୍ତୁର ଓ କାର୍ଯ୍ୟ ପ୍ରଣାଳୀର ବିଧାନ କରଣାର୍ଥେ ଏବଂ ଏହି ଆଇନ ସମ୍ପର୍କୀୟ ଅନ୍ୟାନ୍ୟ ଅଭିପ୍ରାୟାର୍ଥ ବିଧି ପ୍ରଣୟନ କରି ପାରିବେ ଏବଂ ସେହି ବିଧିକୁ ସମୟେ ସମୟେ ପରିବର୍ତ୍ତିତ କି ରୂପାନ୍ତରିତ କି ରହିତ କରି ପାରିବେ ଏବଂ ତଦ୍ରୂପ ପ୍ରତ୍ୟେକ ବିଧିକୁ ବା ତଦ୍ରୂପ ବିଧିର ପରିବର୍ତ୍ତନ କି ରୂପାନ୍ତର କରଣ ବା ରହିତ କରଣକୁ କଲିକତା ଗେଜେଟରେ ପ୍ରକାଶ କରିବେ । ଯେଉଁ ସମୟରେ ଯେଉଁ ବିଧି ପ୍ରବଳ ଥିବ ତାହା ପ୍ରକାଶ ହେବାର ତାରିଖରୁ ଏହି ଆଇନ ଦ୍ୱାରା ବିଧିବଦ୍ଧ ହେଲା ତୁଲ୍ୟ ପ୍ରବଳ ଓ ସଫଳ ହେବ ।

ପଞ୍ଚାୟତ ନିୟମନାର୍ଥ ବିଧାନାବଳୀ ।

ଟୀକା—(କ) ଏହି ଧାରା ଅନୁସାରେ ଲେପ୍ଟେନେଣ୍ଟ ଗବର୍ଣ୍ଣର ସାହେବ ଯେଉଁ ନିୟମାବଳୀ କରିଅଛନ୍ତି ତାହା ୨ୟ ପରିଶିଷ୍ଟରେ ଦିଆଗଲା ।

୬୬ । ଜମିଦାରୀର ମାହାଲ ବା ମଧ୍ୟସ୍ୱତ୍ୱ ମଧ୍ୟରେ ଅପରାଧ କ

Digitized by srujan ka@gmail.com

ଅପରାଧ ରିପୋର୍ଟ କରିବାକୁ ଜମିଦାରମାନଙ୍କର ଯାହା କର୍ତ୍ତବ୍ୟ ତାହା ଲୁପ୍ତ ନ ହେବା କଥା ।

ଦୋଷ କୃତ ହେଲେ ଏହି ଆଇନ ପ୍ରବଳ ହେବା ସମୟରେ ବଳବତ୍ତର ଅନ୍ୟ କୌଣସି ଆଇନାନୁସାରେ ସେହି ଅପରାଧ ବା ଦୋଷକୁ ରିପୋର୍ଟ କରିବାର ଯେଉଁ ଦାୟ୍ୱ ବା ବାଧ୍ୟତା ଥିବ ଏହି ଆଇନର କୌଣସି କଥାକ୍ରମେ ତାହା ହ୍ରାସ ବା କୌଣସି ପ୍ରକାରେ ଲୁପ୍ତ ହେବ ନାହିଁ ।

ବ୍ୟାଖ୍ୟା—"ଯେଉଁ ଦାୟ୍ୱ, ବା ବାଧ୍ୟତା ଥିବ" ଇଂରାଜୀ ନୁସାରେ "ଯେଉଁ ଦାୟିତ୍ୱ କର୍ତ୍ତବ୍ୟ ବା ବାଧ୍ୟତା ଥିବ" ।

ଟୀକା—(କ) ଏହି ଦଫାରେ ଯେଉଁ ଦାୟ୍ୱ ବା ବାଧ୍ୟତାର ଉଲ୍ଲେଖ ହେଲା ତାହା ସାଧାରଣତଃ ଫୌଜଦାରୀ କାର୍ଯ୍ୟବିଧି ଆଇନର ୪୫ ଧାରା ଲିଖିତ ଦାୟ୍ୱ ବା ବାଧ୍ୟତା ଅଟେ । ୧୮୭୧ ମସିହାର ୬ ଆଇନର ୨୧ ଓ ୨୨ ଧାରାରେ ଏବଂ ୧୮୯୨ ମସିହାର ୨୦ ଆଇନର ୨୧ ଧାରା ୧୦ମ ପ୍ରକରଣରେ କେତେକ ଲୋକଙ୍କ ଦ୍ୱାରା ଏହିପରି ଦାୟ୍ୱ ବା ବାଧ୍ୟତା ବିଧାନ କରା ହୋଇଅଛି । ୪ର୍ଥ ପରିଶିଷ୍ଟ ଦେଖ ।

ପଞ୍ଚାୟତ ଯେଉଁ ଗ୍ରାମରେ ନିଯୁକ୍ତ ନ ହେବ ସେହି ଗ୍ରାମରେ ଗ୍ରାମ୍ୟ ପହରା ବ୍ୟତିକ୍ରମ ନ ହେବା କଥା ।

୬୭ । ଯେଉଁ ଗ୍ରାମରେ ପଞ୍ଚାୟତ ନିଯୁକ୍ତ ନ ହେବେ ସେହି ଗ୍ରାମରେ ଏହି ଆଇନ ପ୍ରବଳ ହେବା ପୂର୍ବେ ଚୌକିଦାର ଓ ପୋଲିସ ନିକଟରେ ଅପରାଧର ରିପୋର୍ଟ କରିବାର କର୍ମକାରିକମାନଙ୍କର ଖୋରାକ ପୋଷାକ ନିମନ୍ତେ ଯେଉଁ ଭୂମି ନିରୂପଣ ହୋଇଥିବ, ୫୮, ୫୯, ୬୦, ଓ ୬୧ ଧାରାର ବିଧାନ ଭିନ୍ନ ଏହି ଆଇନର କୌଣସି କଥା ସେହି ଭୂମି ପ୍ରତି ପ୍ରବର୍ତ୍ତିବ ନାହିଁ । ଉକ୍ତ ପ୍ରତ୍ୟେକ କର୍ମକାରକ ସେହି ଗ୍ରାମରେ ଯେଉଁ ଯେଉଁ କାର୍ଯ୍ୟ କରିବାକୁ ଅବଦ୍ଧ ଥିବେ ଓ ଉକ୍ତ ଭୂମିରେ ତାହାର ଅଧିକାର ଥିବାର ଯେଉଁ ନିୟମ ଥିବ, ଓ ତାହାକୁ ପଦଚ୍ୟୁତ କରିବାର ଓ ତାହା ପଦରେ ଅନ୍ୟ ବ୍ୟକ୍ତିକୁ ନିଯୁକ୍ତ କରିବାର ଯେଉଁ ବିଧି ଥିବ ତାହା ଏହି ଆଇନ ପ୍ରଚଳିତ ନ ହେବା ତୁଲ୍ୟ ପ୍ରବଳ ରହିବ ।

Digitized by srujan ka@gmail.com

୬୮ । ବଙ୍ଗଦେଶର ଶ୍ରୀଯୁତ ଲେଫ୍ଟେନେଣ୍ଟ ଗବର୍ଣ୍ଣର ସାହେବ କଲି-କତା ଗେଜେଟରେ ପ୍ରକାଶିତ ଆଜ୍ଞା ଦ୍ୱାରା ଆପ-ଣାର ଶାସିତ ଦେଶର ଅନ୍ତର୍ଗତ ଯେଉଁ ୨ ଜିଲ୍ଲାରେ କ ଜିଲ୍ଲାର ଯେଉଁ ୨ ସବ୍-ଡିବିଜନରେ ଏହି ଆଇନ ପ୍ରଚଳିତ କରିବେ ଏହି ଆଇନର ବିଧାନ ସେଠାରେ ପ୍ରଚଳିତ ହୋଇ ପ୍ରବଳ ହେବ । ସେହି ଆଜ୍ଞାରେ ଏହି ଆଇନ ପ୍ରଚଳିତ ହେବାର ଯେଉଁ ଦିନ ନିର୍ଦ୍ଦିଷ୍ଟ ହେବ ସେହି ଦିନଠାରୁ ଏହି ଆଇନ ସେହି ଆଜ୍ଞା ନିର୍ଦ୍ଦିଷ୍ଟ ସମସ୍ତ ଜିଲ୍ଲାରେ ଓ ଜିଲ୍ଲାର ସବ-ଡିବିଜନରେ ପ୍ରଚଳିତ ହୋଇ ପ୍ରବଳ ରହିବ ।

ଏହି ଆଇନ ଯେଉଁ ଦିନ-ଠାରୁ ପ୍ରଚଳିତ ହେବ ତହିଁର କଥା ।

୬୯ । ଏହି ଆଇନ "୧୮୭୦ ସାଲର ଗ୍ରାମ୍ୟ ଚୌକିଦାରୀବିଷୟକ ଆଇନ" ନାମରେ ଅଭିହିତ ହେବ ।

ସଂକ୍ଷେପ ନାମ ।

ବ୍ୟାଖ୍ୟା—"ନାମରେ ଅଭିହିତ ହେବ" ନାମରେ ଅଭିହିତ ହୋଇ ପାରିବ ।

---

୨୭ ଧାରା ଉଲ୍ଲେଖିତ ।

A (କ) ତଫସୀଲ ।

କ୍ରୋକ କରିବା ଉୟାରଣ୍ଟର ପାଠ ।

୧୮୭୦ ସାଲର ୬ ଆଇନ ।

ଗ୍ରାମ୍ୟ ଚୌକିଦାରୀ ତହବୀଲ ।

ଅମୁକ ଗ୍ରାମରେ ପଞ୍ଚାୟତ ପକ୍ଷରେ ।

ଯେହେତୁ ପଶ୍ଚାଲ୍ଲିଖିତ ଫେରସ୍ତରେ ଯେଉଁ ୨ ବ୍ୟକ୍ତିର ନାମ ଉଲ୍ଲେଖ ହୋଇଅଛି ସେମାନେ ଆପଣା ୨ ନାମର ପାର୍ଶ୍ୱଲିଖିତ ଟଙ୍କା ଉକ୍ତ ପଞ୍ଚାୟତଙ୍କୁ ଦେବାକୁ ତ୍ରୁଟି କରିଅଛନ୍ତି, ଅତଏବ ତୁମ୍ଭ ପ୍ରତି ଏହି

Digitized by srujan ka@gmail.com

ଆଦେଶ ଓ ହୁକୁମ କରା ଯାଉଅଛି ଯେ, ସେହି ବାକିଦାରମାନଙ୍କ ନାମର ପାର୍ଶ୍ୱରେ ଯେତେ ଟଙ୍କା ଲେଖାଅଛି ତେତେ ଟଙ୍କା ଓ ଜରିମାନାସ୍ୱରୂପ ଅଉ ତେତେ ଟଙ୍କା ଓ ଆଦାୟ କରଣାର୍ଥେ ସେମାନଙ୍କର ଅସ୍ଥାବର ଯେତେ ଦ୍ରବ୍ୟ ବିକ୍ରୟ କରିବାର ପ୍ରୟୋଜନ ତୁମ୍ଭେ ସେମାନଙ୍କର ତେତେ ଦ୍ରବ୍ୟ କ୍ରୋକ ଓ ନୀଲାମ କରି ସେହି ଟଙ୍କା ଆଦାୟ କର ।

ସନ ତାରିଖ ।

ଇ । ବ ।

ନାମ ଓ ଯେତେ ଟଙ୍କା ।		ପଞ୍ଚାୟତର ଟଙ୍କା ଆଦାୟକାରୀ । ଯେଉଁ ସମୟରେ ଜରିମାନା	
ବର୍ଣ୍ଣନା ।		ଦେଣା ହେଲା	
ବ, ଗ,	୧	୧ ବୈଶାଖ	୧
କ, ବ,	୵	୧ ଏଜନ	୵

---

* B (ଖ) ତଫସୀଲ ।

(୩୨ ଓ ୪୧ ଧାରା ଉଲ୍ଲିଖିତ ।)

ଯେଉଁ ସବୁ ଅପରାଧର ରପୋର୍ଟ କରିବାକୁ ହେବ ଓ ଯେଉଁ ସବୁ ଅପରାଧ ହେଲେ ଚୌକିଦାର ଧୃତ କରି ପାରିବେ ।

ଜ୍ଞାନକୃତ ବଧ, ଅପରାଧଯୁକ୍ତ ନରହତ୍ୟା, ବଳାତ୍କାର (ଯେଉଁ ସ୍ତ୍ରୀ ଲୋକ ଉପରେ ବଳାତ୍କାର ହୋଇଥିବ ଅପରାଧୀ ସେହି ସ୍ତ୍ରୀ ଲୋକର ସ୍ୱାମୀ ହୋଇ ନ ଥିଲେ) ଡକାଇତି, ଦସ୍ୟୁତା, ଚୋରି, ଅଗ୍ନି ଦ୍ୱାରା ଅପକାର, ସିନ୍ଧି, ମୁଦ୍ରା କୃତ୍ରିମ କରଣ, ଗୁରୁତର ଆଘାତ କରିବା, ହଙ୍ଗାମା, ଜ୍ଞାନ-

* ୧୮୯୨ ସାଲର ୧ ଆଇନର ୧୧ ଧାରା ଦ୍ୱାରା ଏହି ତଫସୀଲ ସନ୍ନିବେଷ୍ଟ ହୋଇଅଛି ।

Digitized by srujan ka@gmail.com

ପହାରକ ଔଷଧୀୟ ଦ୍ରବ୍ୟର ପ୍ରୟୋଗ, ମନୁଷ୍ୟ ଚୋରି, ଏବଂ ସେହି ଅପରାଧ କରିବାର ସମସ୍ତ ଉଦ୍‌ଯୋଗ ଓ ପ୍ରସ୍ତୁତ କରଣ ଏବଂ ସେହି ଅପରାଧର ସହାୟତା ।

---

୫୦ ଧାରା ଉଲ୍ଲିଖିତ ।

C (ଗ) ତଫସୀଲ ।

ହସ୍ତାନ୍ତର କରିବା ହୁକୁମନାମାର ପାଠ ।

ଅମୁକ ଜିଲ୍ଲାର

ଅମୁକ ଜିଲ୍ଲାର କଲେକ୍ଟର ଆମ୍ଭେ ଶ୍ରୀ ଅମୁକ ହଜୁର କୌନ୍ସିଲ ବଙ୍ଗ-ଦେଶର ଶ୍ରୀଯୁତ ଲେପ୍ଟେନେଣ୍ଟ ଗବର୍ଣ୍ଣର ସାହେବଙ୍କ ପ୍ରକାଶିତ ୧୮୭୦ ସାଲର ୬ ଆଇନ ଅନୁସାରେ ଆପଣାର ସ୍ୱାକ୍ଷରିତ ଏହି ହୁକୁମନାମା-ଦ୍ୱାରେ ଅମୁକ ସ୍ଥାନର ଜମିଦାର ଶ୍ରୀ ଅମୁକ ପ୍ରତି ଉକ୍ତ ମାହାଲ ଇତ୍ୟାଦି ଅନ୍ତର୍ଗତ ଅମୁକ ଗ୍ରାମର ଚୌକିଦାରୀ ଚାକରାଣ ଭୂମି ହସ୍ତାନ୍ତର କରି ଦେଲୁଁ ।

ସେହି ଜମିର ସୀମା ଏହି । ପରିମାଣ ଏତେ ମାଣ ଏତେ ଗୁଣ୍ଠ । ସେ ଉକ୍ତ ଅମୁକର ଓ ତାଙ୍କର ଉତ୍ତରାଧିକାରୀ ମାନଙ୍କର ଓ ସମ୍ପତ୍ତି ଗ୍ରହୀତାମାନଙ୍କ ପକ୍ଷରେ ତାହା ଭୋଗ କରିବେ । ଏବଂ ଉକ୍ତ ଆଇନର ବିଧାନ ଅନୁସାରେ ସେହି ଗ୍ରାମର ଚୌକିଦାରୀ ଫଣ୍ଡରେ ବରଷକୁ ଏତେ ଟଙ୍କା ଖଜଣା ଦେବେ । ଏବଂ ସେହି ମାହାଲ ଇତ୍ୟାଦିର ଅଂଶ ବୋଲି ସେହି ଗ୍ରାମର ଅନ୍ତର୍ଗତ କୌଣସି ଜମି ସମ୍ପର୍କରେ ଉକ୍ତ ଶ୍ରୀ ଅମୁକ ଯେ ସମସ୍ତ ଚୁକ୍ତିରେ ବଦ୍ଧ ଥାଆନ୍ତି ତହିଁରେ ଆବଦ୍ଧ ଥିବେ ।

ସନ   ତାରିଖ

ଜେ. ଏସ୍,

ଅମୁକ ଜିଲ୍ଲାର କଲେକ୍ଟର ।

Digitized by srujan ka@gmail.com

୪୬ ପୃଷ୍ଠାଲିଖିତ ୩ୟ ଧାରା (ଘ) ଟୀକା ଦେଖ

(୫୭ ପୃଷ୍ଠାରେ ଦେଖିବ ।)

ଅନ୍ୟାନ୍ୟ ଜିଲ୍ଲାମାନଙ୍କର କଲେକ୍ଟରମାନେ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ "ଫନ୍ଦୀଦାରୀ" ଜମିମାନ ବାଜେୟାପ୍ତ କରି ବନ୍ଦୋବସ୍ତ କଲେ ତତ୍ସମ୍ବନ୍ଧ ଉପର ଶୋଭିତ ଯେଉଁ ନିମ୍ନଲିଖିତ ଫାରମ ବ୍ୟବହାର କରିଥିଲେ ତାହା କାର୍ଯ୍ୟରେ ଆସିପାରେ ।

ଯେଉଁ ଜାଗିରଦାରର ଦଖଲରେ ଜମି ଅଛି ତାହାର ନାମ ।	ଘଟଣା ଅନୁସାରେ ତାହାର ମୂଲ, ଉତ୍ପତ୍ତି, ପଦବୀ ଅପସୃତ ବା ଲୁପ୍ତହେବାର କାରଣ ।	ଜାଗିରଦାର ଜମିର ବର୍ଣ୍ଣନା ।— ଜରୀପ ନମ୍ବର ।	ଜମି ।	ଜିଲ୍ଲା ।	ମୌଜା ।	ପରଗଣା ।	ଥାନା ।	ଯେଉଁ ଜମିଦାରୀ ବା ମହାଲରେ ଜମିଅଛି ତାହା ଏବଂ ସେ ମହାଲର ମାଲିକଙ୍କ ନାମ ଓ ସାକିନ ।	ଯୋତଦାରମାନଙ୍କ ନାମ ଓ ସାକିନ ।	ପ୍ରତ୍ୟେକ ଯୋତଦାର ବର୍ଷକୁ କେତେ ଖଜଣା ଦେବ ।	ଫନ୍ଦୀଦାରଙ୍କୁ ପ୍ରତ୍ୟେକ ଯୋତଦାର ଯେଉଁକାଳ ପର୍ଯ୍ୟନ୍ତ ଖଜଣା ଦେଇଅଛି ତାହା ।	ପ୍ରତ୍ୟେକ ଯୋତଦାରଠାରୁ ଯେଉଁକାଳ ପାଇଁ ଓ ଯେତେ ବାକି ।	କୈଫିୟତ ।
୧	୨	୩	୪	୫	୬	୭	୮	୯	୧୦	୧୧	୧୨	୧୩	୧୪

Digitized by srujan ka@gmail.com

୬୪ ଧାରର ଉଲ୍ଲିଖିତ ।

1) (ଘ) ତଫସୀଲ ।

ଭୂମି ବାବଦ ବାକି କର ଧାର୍ଯ୍ୟର ନୋଟିସ ଲେଖିବାର ପ ଠ ।

ଅମୁକ ଗ୍ରାମର ପଞ୍ଚାୟତ ।

ଅମୁକ ଜିଲ୍ଲାର କଲେକ୍ଟର ଶ୍ରୀଯୁତ ଅମୁକ ସମୀପେଷୁ ।

ଏହି ଗ୍ରାମର ଯେଉଁ ଚୌକିଦାରୀ ଚାକରାଣ ଜମି ଅମୁକ ସ୍ଥାନର ଜମିଦାରଙ୍କୁ ହସ୍ତାନ୍ତର କରି ଦିଆଗଲା ଅମୁକ ସାଲର ଅମୁକ ମାସର ଅମୁକ ତାରିଖରେ ତାହା ଏକ ବରଷରେ ଏତେ ଟଙ୍କା କର ପାଉଣା ହେଲେ ମଧ୍ୟ ଅଦ୍ୟାବଧି ଦିଆ ଯାଇ ନାହିଁ ।

ଅମୁକ ସ୍ଥାନ ବାସୀ ଶ୍ରୀ ଅମୁକ ସେହି କରଦାୟୀ

ସାଲ ତା ରିଖ ।

ଶ୍ରୀ ଅମୁକ,
ପଞ୍ଚାୟତ ପକ୍ଷରେ କର ଆଦାୟକାରୀ ।

Digitized by srujan ka@gmail.com

ପ୍ରଥମ ପରିଶିଷ୍ଟ ।

ପୋଲିସ ।

କଲିକତା ୧୬ତାରିଖ ଏପ୍ରେଲ ୧୮୮୭ ।

ବିଜ୍ଞାପନ ।

ପଞ୍ଚାୟତମାନଙ୍କୁ ନିଜ ନିଜ କାର୍ଯ୍ୟରେ ପରିଚାଳନ ଓ ୧୮୭୦ ସାଲର ଗ୍ରାମ୍ୟ ଚୌକିଦାରି ଆଇନ କାର୍ଯ୍ୟରେ ପରିଣତ କରିବା ନିମନ୍ତେ ଉକ୍ତ ଆଇନର ୬୫ ଧାରା ପ୍ରଦତ୍ତ କ୍ଷମତା ଅନୁସାରେ ବଙ୍ଗଳାର ମହାମାନ୍ୟ ଛୋଟ ଲାଟ ସାହେବ ନିମ୍ନଲିଖିତ ଯେଉଁ ନିୟମମାନ କରି-ଅଛନ୍ତି ତାହା ସାଧାରଣଙ୍କ ଗୋଚରାର୍ଥ ପ୍ରକାଶିତ ହେଲା ।

ଟୀକା—(ଉକ୍ତ ଆଇନର ୬୫ଧାରା ଅନୁସାରେ ଏହି ନିୟମମାନ ଆଇନ ପରି ପ୍ରବଳ ଅଟେ ।)

ନିୟମାବଳୀ ।

୧ମ—ମାଜିଷ୍ଟ୍ରେଟ କେଉଁ ଗ୍ରାମରେ କେଉଁ ସନ ବା ବର୍ଷ ପ୍ରଚଳିତ ତାହା ସ୍ଥିର କରି ପାରନ୍ତି, ଏବଂ ଆଇନର ୧୬ଧାରା ଅନୁସାରେ କାର୍ଯ୍ୟ କରିବା ନିମନ୍ତେ ପଞ୍ଚାୟତଙ୍କୁ ତାହା ଜଣାଇ ପାରନ୍ତି । ୧୬ଧାରା ଅନୁସାରେ ଯେଉଁ ଫେରସ୍ତ (ତାଲିକା) ପ୍ରସ୍ତୁତ ହେବ ତାହା କାଲମ ବା ସ୍ତମ୍ଭ ଉପରରେ ନିମ୍ନଲିଖିତ ପ୍ରକାରେ ପ୍ରସ୍ତୁତ ହେବ, ଏବଂ ଯେଉଁମାନେ କର ଦେବାକୁ ବାଧ୍ୟ ସେମାନଙ୍କ ସମ୍ବନ୍ଧରେ ଆଇନ ଅନୁଯାୟୀ ଯେଉଁ ବିଷୟ-ମାନ ପ୍ରୟୋଜନୀୟ ସେମାନଙ୍କ ନାମର ଡାହାଣରେ ସେହି ଫେରସ୍ତରେ ସେହି ବିଷୟମାନ ଲେଖାଯିବ ।

Digitized by srujan ka@gmail.com

ନାମ ।	ବ୍ୟବସାୟ ପ୍ରଭୃତି ।	ଯେତେ କର ଧାର୍ଯ୍ୟ ହେଲା ।

ଟୀକା—(୨୮ ଧାରା ଅନୁସାରେ କର ପ୍ରତି ଛଅ ମାସ ବା ସେମାନ୍ତରେ ଦେବାକୁ ହେବ କିନ୍ତୁ ଧାରା ୧୭ ର ଅନୁସାରେ ଯେତେ କର ଧାର୍ଯ୍ୟ ହେଲା ତାହା ତୃତୀୟ ସ୍ତମ୍ଭ ବା ଘରେ ଲେଖିବାକୁ ହେବ ।

ଉକ୍ତ ତାଲିକା ଗ୍ରାମର କୌଣସି ପ୍ରାକାଶ୍ୟ ସ୍ଥାନରେ ପ୍ରକାଶିତ ହେବ । ପଞ୍ଚାୟତର ଯେଉଁ ସଭ୍ୟ କର ଗ୍ରହଣ ଓ ଅସୁଲ କରିବା ନିମନ୍ତେ ଏବଂ ତାହାର ହିସାବ ପତ୍ର ରଖିବା ନିମନ୍ତେ ନିଯୁକ୍ତ ହୋଇଥିବେ ତାହାଙ୍କର ନାମ ଫେରସ୍ତ (ତାଲିକା) ର ଅଧୋଭାଗରେ ଲେଖିବାକୁ ହେବ ।

୨ୟ—ତାଲିକା ପ୍ରକାଶିତ ହେବା ପୂର୍ବେ ପଞ୍ଚାୟତର ପ୍ରତ୍ୟେକ ସଭ୍ୟ ତାଲିକାରେ ସ୍ୱାକ୍ଷର କରିବେ ।

୩ୟ—କୌଣସି ଧାର୍ଯ୍ୟକର ପ୍ରକାଶିତ ହେବାର ଏକ ମାସ ଉତ୍ତାରୁ ପୂର୍ବରୁ ବିଜ୍ଞାପିତ ସ୍ଥାନ ଏବଂ ସମୟରେ ଆପତ୍ତିମାନ ଶୁଣିବା ଏବଂ ନିଷ୍ପତ୍ତି କରିବା ନିମନ୍ତେ ପଞ୍ଚାୟତ ମଧ୍ୟରୁ ତିନି କିମ୍ବା ତତୋଽଧିକ ସଭ୍ୟ ପ୍ରତି ସପ୍ତାହରେ ନିତାନ୍ତ ପକ୍ଷରେ ଥରେ ବୈଠକ କରିବେ । ନିଷ୍ପତ୍ତି ହୋଇଥିବା ପ୍ରତ୍ୟେକ ଅପିଲରେ ଯେଉଁ ହୁକୁମ ଦିଆଯିବ ତାହା ଲିପିବଦ୍ଧ ହୋଇ ରଖାଯିବ ।

୪ର୍ଥ—ସମସ୍ତ କାଗଜପତ୍ର ହିସାବ, ଏବଂ ପଞ୍ଚାୟତ ଏହି ଆଇନ କାର୍ଯ୍ୟରେ ପରିଣତ କରି ତନ୍ମଧ୍ୟରେ ଯେ ନଥି କରିବେ ତାହା, କର ଆଦାୟକାରୀ ସଭ୍ୟ ରଖିବେ ଏବଂ ସେଥିପାଇଁ ଦାୟୀ ହେବେ ।

୫ମ— ୨୭ଧାରା ଅନୁସାରେ ଯେ ସମସ୍ତ କାର୍ଯ୍ୟ ହେବ ତାହା ଲିପିବଦ୍ଧ କରାଯିବ ଏବଂ ତାହା କର ଆଦାୟକାରୀ ସଭ୍ୟ ରଖିଥିବେ ।

Digitized by srujan ka@gmail.com

୬୯ ଧାରା ଅନୁସାରେ ହେଉଥିବା ପ୍ରତ୍ୟେକ ନୀଲାମ ସ୍ଥଳରେ ପଞ୍ଚାୟତର ଦୁଇଜଣ ସଭ୍ୟ ଉପସ୍ଥିତ ରହିବେ ।

୭ଣ—ପଞ୍ଚାୟତ କିମ୍ବା ପଞ୍ଚାୟତର ଜଣେ ବା ତତୋଽଧିକ ସଭ୍ୟ ଯେଉଁ କାର୍ଯ୍ୟ କରିବେ, କିମ୍ବା କାର୍ଯ୍ୟର ବିବରଣୀ ଲେଖିବେ ତାହା ଲିପିବଦ୍ଧ ହୋଇ ଡ଼ାଏରି ବା ଦୈନିକ ବିବରଣୀ ଆକାରରେ ରହିବ ଓ ତାହା ଲୋକ ସାଧାରଣ ଦେଖି ପାରିବେ ।

୭ମ—ଯଦି ୭୦ ଧାରା ଅନୁସାରେ କୌଣସି ବ୍ୟକ୍ତି ତାହାର କର ଦେବା ଦାୟିତ୍ୱ ବିଷୟରେ ଆପତ୍ତି କରେ ଏବଂ ତାହା ପଞ୍ଚାୟତର କୌଣସି ସଭ୍ୟଙ୍କୁ ଜଣାଏ ତାହା ହେଲେ ପଞ୍ଚାୟତ କୋରକ ହୋଇଥିବା ସମ୍ପତ୍ତିର ନୀଲାମ ପାଞ୍ଚ ଦିନପାଇଁ ବନ୍ଦ ରଖିବେ; ଏବଂ ସେହି ସମୟ ମଧ୍ୟରେ ମାଜିଷ୍ଟ୍ରେଟଙ୍କର ହୁକୁମ ଅଣାଇବା ପାଇଁ ଆପତ୍ତିକାରକ ଜଣାଇ ଦେବେ ।

୮ମ—ନିମ୍ନଲିଖିତ ନକସାରେ ପଞ୍ଚାୟତ ହିସାବ ପତ୍ର ରଖିବେ ଯଥା—

୧ ନମ୍ବର ରେଜେଷ୍ଟରୀ ହିସାବ ବହି ।

ନାମ ।	ବର୍ଷିକ ସଂଖ୍ୟା ଡଉଡ଼ ।	ଯେତେ ଟେ ଧାର୍ଯ୍ୟ ହୋଇ ଅଛି ।	୧ ମ ସେମାହି ।	୨ୟ ସେମାହି	୩ୟ । ସେମାହି ।	୪ର୍ଥ ସେମାହି ।

୧୬ ଧାରା ଅନୁସାରେ ପ୍ରସ୍ତୁତ ହୋଇଥିବା ତାଲିକାର ଘରମାନଙ୍କରେ ଲିଖିତ ବିଷୟମାନଙ୍କ ପର ବିଷୟମାନ ନକସାର ପ୍ରଥମ ତିନି ଘରେ

Digitized by srujan ka@gmail.com

ଲେଖିବାକୁ ହେବ । ଉପରବର୍ତ୍ତୀ ୪ଟି ଘର ଗ୍ରାମରେ ପ୍ରଚଳିତ ବର୍ଷର ପ୍ରଥମ ସେମାହିରୁ ଆରମ୍ଭ କରି ବର୍ଷରି ଶ୍ରୁର ସେମାହି କ୍ରମନ୍ତେ ଅଛି; ଏବଂ ସେମାନଙ୍କର ହେଡ଼ିଂ ବା ଶିରୋନାମା ସେହି ଅନୁସାରେ ହେବା ଉଚିତ । ପ୍ରତ୍ୟେକ ଗ୍ରାମବାସୀ ପ୍ରତିସେମାହିର ଦେୟ ଅସୁଲ ଦେଲେ ତାହା ତାହାଙ୍କର ନାମର ଡାହାଣରେ ପ୍ରତି ସେମାହି ପାଇଁ ଯେଉଁ ଘର ଅଛି ତହିଁରେ ଲେଖା ଯିବ । ପ୍ରତ୍ୟେକ ଗ୍ରାମବାସିଙ୍କି ଏହି ଉପଦେଶ ଦେବାକୁ ହେବ ଯେ ସେ କର ଆଦାୟ ଦେଲାବେଳେ ହୁଦ୍‌ବୋଧମତେ ଦେଖିବେ ଯେ ତାହାଙ୍କ ନାମର ଡାହାଣରେ କର ଆଦାୟ-ଜାରୀ ସଭ୍ୟ ଅସୁଲ୍ ଟଙ୍କା ବହିରେ ଚଢ଼ାଇଲେ କି ନାହିଁ । ଏହି ପ୍ରଣାଳୀ ଭଲରୂପେ ବୁଝାଗଲେ ଏବଂ ତଦନୁସାରେ କାର୍ଯ୍ୟ ହେଲେ ଅସୁଲର ପ୍ରମାଣ ପକ୍ଷରେ ୨୨ ଧାରା ଲିଖିତ ରସିଦଠାରୁ ଏହା (ଅସୁଲ୍ ଟଙ୍କା ବହିରେ ଚଢ଼ାଇବା) ସମ୍ଭବତଃ ଅଧିକ ମୂଲ୍ୟବାନ୍ ହେବ । ଏହା ହେଲେ ସୁଦ୍ଧା ଆଇନର ୨୨ ଧାରା ଅନୁସାରେ ରସିଦ୍ ଦେବାକୁ ହେବ ।

(ଵ) ବାର୍ଷିକ ଯେତେ କର ଧାର୍ଯ୍ୟ ହୋଇଥିବ ତାହା ଡ଼ିଣ୍ଡସ୍ ଘରେ ଲେଖିବାକୁ ହେବ । ବର୍ତ୍ତମାନ କର ପ୍ରତି ଛଅ ମାସରେ ଦେୟ ହେବାରୁ ଅସୁଲ ପାଇଁ ଗ୍ରୁର ଗୋଟି ଘର ଯଥେଷ୍ଟ ହେବ; ଅର୍ଥାତ୍ ପ୍ରତି ମାସ ପରବର୍ତ୍ତେ ପ୍ରତି ଛଅ ମାସ ପାଇଁ ଗୋଟିଏ ଘରର ପ୍ରୟୋଜନ—୧୮୮୭ ମସିହା ଅପ୍ରେଲ ୧୨ ତାରିଖର ବିଜ୍ଞାପନ ଏବଂ ଉକ୍ତ ସନ ଉକ୍ତ ମାସ ୧୭ ତାରିଖର ଗବର୍ଣ୍ଣମେଣ୍ଟଙ୍କ ୧୭୨୧ ଙ୍କ ନମ୍ବର ହୁକୁମ ଦେଖ ।

୨ ନମ୍ବର ରେଜେଷ୍ଟରୀ ହିସାବ—ଆୟ ଏବଂ ବ୍ୟୟର ହିସାବ ।

ନିମ୍ନଲିଖିତ ନକସାରେ ହିସାବ ରଖିବା ଯଦିଓ ନିହାତି ସରଳ । ଏଥିରୁ ପ୍ରତି ସେମାହି ଶେଷରେ ମୋଟ କରି ଜେର ଉଠାଇ ନେବାକୁ ହେବ ।

Digitized by srujan ka@gmail.com

(କାର୍ଯ୍ୟଙ୍କର ୧୭୬ ନମ୍ବର ନକସା)

ତାରଖ ।	ଜମା ।	ଟଙ୍କା ।	ତାରଖ ।	ଖରଚ ।	ଟଙ୍କା ।

(କ) ଉକ୍ତ ମାଜିଷ୍ଟ୍ରେଟ, କମ୍ବା ସେ ଯେଉଁ କର୍ମଗୃରଙ୍କି ଭାର ଦେଇଥିବେ ସେ ଏହି ହସାବ ପରୀକ୍ଷା କଲାରୁ କମ୍ବା ହସାବ ମିଳାଇଲାରୁ ଏ ହସାବ ନଷ୍ଟ କସଯାଇ ପାରେ (ବର୍ତ୍ତମାନ କମିଶନରଙ୍କ ସମୀପକୁ ଗବର୍ଣ୍ଣମେଣ୍ଟଙ୍କର ୧୮୮୮ ମସିହା ଫେବୃଏର ମାସ ୨ ତାରଖର ପୋଲସ ୪୪୦ ନେ ନମ୍ବର ଚିଠି ଦେଖ)

(ଖ) ଏ ରେଜିଷ୍ଟ୍ରମାନ ଜମୀଦାରୀ ଓ ମହାଜନୀ ହସାବ ପର ରଖାଯିବ; ଏବ ଖାତୁଅରେ ବନ୍ଧା ଯିବ (ବର୍ତ୍ତମାନ କମିଶନରଙ୍କଠାକୁ ଗବର୍ଣ୍ଣମେଣ୍ଟଙ୍କର ୧୮୮୭ ମସିହା ଅପ୍ରେଲ ୧୬ ତାରଖର ୧୭୬୧ ନେ ନମ୍ବର ଚିଠି ଦେଖ ଓ ୬୦ ନମ୍ବର ପୋଲିସ ସରକ୍ୟୁଲର ଦେଖ)

୯ମ—ପ୍ରତ୍ୟେକ ଚୌକିଦାର ଖଣ୍ଡେ ଲେଖାଏ ଆକୁଇଟାନ୍ସ ରୋଲ ବା ଦରମା ବହି ରଖିବେ ଯେ ତାହା ପ୍ରତି ବର୍ଷ ପାଇଁ ନୂଆ ହେବ, ଏବ ପଞ୍ଚାୟତର କର-ଆଦାୟ-କାରୀ ସଭ୍ୟ ଚୌକିଦାରକୁ ବେତନସ୍ୱରୂପ ଯାହା କଛି ଟଙ୍କା ଦେବେ ତାହା ସେହି ବହିରେ ଲେଖାଯିବ । ପ୍ରତି ମାସରେ କମ୍ବା ୩୯ ଧାରା ଅନୁସାରେ ଯେତେବେଳେ ଚୌକିଦାର ପୋଲିସ କଚେରୀରେ ହାଜର ଦେବାକୁ ଆସିବ ତେତେବେଳେ ସବ୍-ଇନସ୍ପେକ୍ଟର କମ୍ବା ଥାନାର ଭାର ପ୍ରାପ୍ତ କର୍ମଚାରୀ ଉକ୍ତ ଦରମା ବହି ତଦନ୍ତ ଓ ସ୍ୱାକ୍ଷର କରିବେ । ବହିରେ ଯାହା ଲେଖାଥିବ ତାହା ଉକ୍ତ କର୍ମଚାରୀ ଚୌକିଦାରକୁ ବୁଝାଇ ଦେବେ; ଏବ ଚୌକିଦାରର ଦରମା ବାକିପଡ଼ିଲା ନ ଥିବାର ଦେଖିଲେ ରିପୋର୍ଟ କରିବେ ।

Digitized by srujan ka@gmail.com

(କ) ବାର୍ଷିକର ବିଭାଗୀୟ ୧୫୬ ନମ୍ବର ଫାରମ ଦରମା ବହି ଅଟେ ।

(ଖ) ୫ମ ପରିଶିଷ୍ଟରେ ମଷ୍ଟର ବା ହାଜର ଜାବ୍‌ଦର ୧ମ ପାସ ଦେଖ ।

(ଗ) "କର ଆଦାୟକାରୀ ସଭ୍ୟ" ଏହି ପଦର ଅର୍ଥ ୪୩ ଧାରା ଅନୁସାରେ ବୁଝିବାକୁ ହେବ ।

୯ମ (କ) (୧୮୯୪ ସାଲ ସେପ୍ଟେମ୍ବର ମାସ ୩ ତାରିଖର ଗବର୍ଣ୍ଣମେଣ୍ଟଙ୍କ ୩୮୩୧ ନେ ନମ୍ବର ବିଜ୍ଞାପନ) ଯେଉଁ ସ୍ଥଳରେ ବାର ମାସ ମଧ୍ୟରେ ୪୫ ଧାରା ଲିଖିତ କୋରଫା ଉଆରଣ୍ଟ ଦୁଇଥର ବାହାର ହେବା ଦେଖାଯିବ ସେ ସ୍ଥଳରେ ଦ୍ୱିତୀୟ ଘଟଣାରେ ମାଜିଷ୍ଟ୍ରେଟ୍ ଏହି ହୁକୁମ ଦେବେ ଯେ ଅନ୍ୟ ଆଦେଶ ପର୍ଯ୍ୟନ୍ତ ୧୮୯୨ ସାଲ ସେପ୍ଟେମ୍ବର ୧୪ ତାରିଖର ୫ ନମ୍ବର ପୋଲିସ ସରକ୍ୟୁଲରରେ ବ୍ୟବସ୍ଥା ହୋଇଥିବା ଚୌକିଦାରମାନଙ୍କ ପରେଟ ସ୍ଥାନରେ ମାଜିଷ୍ଟ୍ରେଟ ଯେଉଁ ଦିନ ନିର୍ଦ୍ଧାରିତ କରିଥିବେ ସେହି ଦିନ ପଞ୍ଚାୟତର କର ଆଦାୟକାରୀ କିମ୍ବା ଅନ୍ୟ କୌଣସି ସଭ୍ୟ ଉପସ୍ଥିତ ହୋଇ ପୋଲିସ ଷ୍ଟେଶନର ଭାରପ୍ରାପ୍ତ କିମ୍ବା ମାଜିଷ୍ଟ୍ରେଟଙ୍କ ଆଜ୍ଞାପ୍ରାପ୍ତ ଅନ୍ୟ କୌଣସି କର୍ମ୍ମଚାରୀଙ୍କ ସମ୍ମୁଖରେ ପୂର୍ବବର୍ତ୍ତୀ ସେମାହର ପୂରା ବେତନ ଚୌକିଦାରଙ୍କୁ ଦେବେ । (ସାରନରେ ପ୍ରଚଳିତ ପ୍ରଣାଳୀଙ୍କ ପ୍ରଶଂସା କରି ଗବର୍ଣ୍ଣମେଣ୍ଟଙ୍କ ୧୮୯୪ ସାଲ ଅଗଷ୍ଟ ମାସ ୩୧ ତାରିଖର ଯେଉଁ ୩୮୦୦ ନେ ନମ୍ବର ହୁକୁମ ହୋଇଅଛି ତାହା ଦେଖ)

୧୦ମ—ପଞ୍ଚାୟତ ଯେ ସମସ୍ତ ରିପୋର୍ଟ, ବିବରଣୀ, କୈଫିୟତ ଏବଂ ଅନ୍ୟାନ୍ୟ ଚିଠିପତ୍ର ମାଜିଷ୍ଟ୍ରେଟଙ୍କଠାକୁ ପଠାଇବାକୁ ଇଚ୍ଛା କରିବେ ଥାନା ପୋଲିସ ସେ ସମସ୍ତ ଚୌକିଦାରଠାରୁ ଗ୍ରହଣ କରିବେ ଏବଂ ପଠାଇ ଦେବେ ।

Digitized by srujan ka@gmail.com

ଦ୍ୱିତୀୟ ପରିଶିଷ୍ଟ ।

୧୮୮୦ ସାଲ ଡିସେମ୍ବର ମାସ ୧୬ ତାରିଖର ଗବର୍ଣ୍ଣମେଣ୍ଟଙ୍କ ୭୪ ନମ୍ବର ସରକ୍ୟୁଲର ଓ ୧୮୮୭ ସାଲର ବଙ୍ଗୀୟ ୧ ଅଇନର ୧୧ ଧାରା ଦ୍ୱାରା ପରିବର୍ତ୍ତିତ ଗବର୍ଣ୍ଣମେଣ୍ଟଙ୍କ ୧୮୮୦ ମସିହା ସେପ୍ଟେମ୍ବର ମାସ ୧୦ ତାରିଖର ୫୦ ନମ୍ବର ସରକ୍ୟୁଲରର ସାରାଂଶ ।

୧ମ—୫୪ ଧାରା ଲିଖିତ ପ୍ରତ୍ୟେକ ଜୋରଙ୍କୀ ଉଆରଣ୍ଟ ନିମନ୍ତେ ଉକ୍ତ ଧାରାର ପ୍ରଥମ ପ୍ରକରଣର ବିଧାନ ଅନୁସାରେ ପକ୍ଷୀୟମାନଙ୍କଠାରୁ ସର୍ବଦା ସେହି ଏକା ପରିମାଣରେ ୬୦/୦ ଅଠଅଣା ଦରରେ ଫିଜ ବା ଖର୍ଚ୍ଚା ଅସୁଲ ହେବ (୫୦ ନମ୍ବର ସରକ୍ୟୁଲରର ୬ଯ଼ ଧାରା) ।

୨ଯ଼—ଅନ୍ୟାନ୍ୟ ପରବାନା ପାଇଁ ଯେପରି କୋର୍ଟ ଫି ଟିକଟ ଦ୍ୱାରା ଫିଜ ଆଦାୟ ହୁଏ ଉପରୋକ୍ତ ଫିଜ ସେହିପରି କୋର୍ଟଫି ଟିକଟ ଦ୍ୱାରା ଆଦାୟ କରାଯିବ ଏବଂ ନାଜର ସେହି ଉଆରଣ୍ଟରେ କୋର୍ଟଫି ଲଗାଇ ଦେବେ । ଏହି ପ୍ରଣାଳୀ ଉଭୟ ସଦର ଏବଂ ମଫସଲ ସବ-ଡିବିଜନରେ ଅବଲମ୍ବନ କରିବା ଉଚିତ । (୭୪ ନମ୍ବର ସରକ୍ୟୁଲରର ୨ଯ଼ ଧାରା)

୩ଯ଼—ଗ୍ରାମ୍ୟ ଚୌକୀଦାରୀ ଆଇନ ଅନୁସାରେ ପରବାନା ପ୍ରଭୃତି ଜାରି କରିବା ପାଇଁ ଯେଉଁ ପିଅଦାମାନେ ନିଯୁକ୍ତ ହେବେ ସେମାନେ କୋର୍ଟଫି ଆଇନ ଅନୁସାରେ ପରବାନା ଜାରି କରିବା ନିମନ୍ତେ ନିଯୁକ୍ତ ବନା ପିଅଦାଙ୍କ ମଧ୍ୟରେ ପରିଗଣିତ ହେବେ । ଏବଂ ଏହି ଆଇନ ଅନୁସାରେ ଯେତେ ପରବାନା ପ୍ରଭୃତି ବାହାରିବ ତାହା ଜାରି କରିବା ନିମନ୍ତେ ଯେତେ ପିଅଦା ଯଥେଷ୍ଟ ହେବେ ତେତେ ପିଅଦା ସଂଖ୍ୟା ଦ୍ୱାରା ଜଜର ପିଅଦା ସଂଖ୍ୟା ସମୟ ସମୟରେ ବୃଦ୍ଧି କରିବାକୁ ହେବ ; ଏବଂ କୋର୍ଟଫି ଆଇନ ଅନୁସାରେ ହାଇ କୋର୍ଟଙ୍କ କୃତ ନିୟମାନୁଯାଇ ସେହି ସଂଖ୍ୟା ନ୍ୟୁନାଧିକ କରିବାକୁ ହେବ । (୭୪ ନମ୍ବର ସରକ୍ୟୁଲରର ୩ଯ଼ ଧାରା)

Digitized by srujan ka@gmail.com

୪ର୍ଥ—ଉଭୟ ସଦର ଓ ସବ-ଡିଭିଜନରେ ୪୫ ଧାରା ଲିଖିତ ଉପାରଣ୍ଟା ଜାରୀ ଓ ତତ୍ତ୍ୱବଧାନ କରିବାର ଭାର ନାଜରମାନଙ୍କ ଉପରେ ରହିବ । ଆଶା କରାଯାଏ ଯେ ଏହି କର୍ମଚାରୀମାନଙ୍କ ତତ୍ତ୍ୱବଧାନ ହେତୁରୁ ପିଆଦାମାନେ ପଞ୍ଚାୟତର ଏକ ଜଣ ସଭ୍ୟର ସମ୍ପତ୍ତି କୋରକ କରି ସମୁଦାୟ ବାକୀ ଆଦାୟ କରିବାରୁ ଯେ ଅନିଷ୍ଟ ହୁଏ ତାହା ଆଉ ଘଟିବ ନାହିଁ ।

ପଞ୍ଚାୟତର ସମସ୍ତ ସଭ୍ୟମାନଙ୍କଠାରୁ ସମାନ ଅଂଶରେ ବାକୀ ଆଦାୟ କରିବା ବିଷୟରେ ଯତ୍ନ କରିବା ଉଚିତ । (୮୪ ନମ୍ବର ସରକ୍ୟୁଲରର ୧ମ ଧାରା ଦ୍ୱାରା ପରିବର୍ତ୍ତିତ ୫୦ ନମ୍ବର ସରକ୍ୟୁଲରର ୬ଷ୍ଠ ଧାରା)

ଟିକା—(୧୮୯୩ ସାଲ ମେ ମାସ ୮ ତାରିଖର ଗବର୍ଣ୍ଣମେଣ୍ଟଙ୍କ ୪୬ ଜେ ଡି ନମ୍ବର ହୁକୁମ ଅନୁସାରେ ଉପର୍ଯ୍ୟୁକ୍ତ ପାଉଣାମାନ ଅସୁଲ କରିବାର ଭାର କୋର୍ଟ ସବ-ଇନସ୍ପେକ୍ଟରଙ୍କ ହାତରୁ ନାଜରଙ୍କ ହାତକୁ ଯାଇଅଛି ।

Digitized by srujan ka@gmail.com

ତୃତୀୟ ପରିଶିଷ୍ଟ ।

ଯେଉଁ ଗ୍ରାମମାନଙ୍କରେ ଗ୍ରାମ୍ୟ ଚୌକୀଦାରୀ ଆଇନ ଜାରି ହୋଇଅଛି ସେ ଗ୍ରା ମାନଙ୍କରେ କ୍ରତ ଆଇନ ଅନୁସାରେ କପର କାର୍ଯ୍ୟ ହେଉଅଛି ତାହା ତଦନ୍ତ କରି ନିମନ୍ତେ ଟିକା ।

୧ମ—ପଞ୍ଚାୟତର ସଭ୍ୟମାନଙ୍କର ଯୋଗ୍ୟତା ବିଷୟରେ ୭ ଧା ବିଧାନ ଅନୁସାରେ କାର୍ଯ୍ୟ ହୋଇ ଅଛି କି ନା ?

୨ୟ—୯, ୯,(କ) ଏବଂ ୯ (ଖ) ଧାରାମାନଙ୍କ ଦୃଷ୍ଟିରେ ପଞ୍ଚାୟତର କୌଣସି ସଭ୍ୟ ତାହାଙ୍କ ପଦର ସମୟ ଅତିକ୍ରମ କରି ଅଛନ୍ତି କି ନା ?

୩ୟ—୧୧ ଧାରା ଓ ୧୨ ଧାରାମାନଙ୍କ ଦୃଷ୍ଟିରେ ଚୌକୀଦାରମାନଙ୍କ ସଂଖ୍ୟା କେତେ ? ସେମାନେ ପ୍ରତ୍ୟେକେ କେତେ ବେତନ ପାଆନ୍ତି ?

୪ର୍ଥ—(କ) ଚଳିତ ବର୍ଷ ନିମନ୍ତେ କେତେ କର ଧାର୍ଯ୍ୟ କରାଯାଇଅଛି? (ଖ) ୧୩ ଧାରା ଅନୁସାରେ ଏହା ଠିକ୍ ଅଛି କି ନା ? ଅର୍ଥାତ୍ ଚୌକୀ-ଦାରର ଦରମା ଓ ତାହା ଉପରେ ଶତକରା ୧୫ ଟଙ୍କା ଅଧିକ ନେଲେ ଯେତେ ହେବ ତେତେ ହୋଇଅଛି କି ନା ?

୫ମ—(କ) କୌଣସି ବ୍ୟକ୍ତି ମାସକୁ ଏକ ଟଙ୍କାରୁ ଅଧିକ ଦଏ କି ନା ? (ଖ) ୧୫ ଧାରା ଅନୁସାରେ କେତେ ଜଣ ଉପରେ କର ଧାର୍ଯ୍ୟ ହୋଇ ନାହିଁ ?

୬ଷ୍ଠ—(କ) ଶେଷ ଥର କର ଧାର୍ଯ୍ୟ ହୋଇଥିଲା କେବେ ? (ଖ) ୧୬ ଧାରା ଅନୁସାରେ ତାଲିକା ବିଧିମତ ପ୍ରକାଶିତ ହୋଇଥିଲା କି ନାହିଁ ? ଏବଂ ୧ମ ନିୟମ ପ୍ରତିପାଳିତ ହୋଇଥିଲା କି ନାହିଁ ? (ଗ) ୧୬ ଧାରା ଅନୁସାରେ ସ୍ତୁତ ହୋଇଥିବା ତାଲିକାର ଶେଷ ଘରେ ବା କାଲମରେ ମାସିକ ଦେୟ ର ଲେଖା ହୋଇଥିଲା କି ନା ?

Digitized by srujan ka@gmail.com

ତୃତୀୟ ପରୀକ୍ଷା

ଯେଉଁ ଗ୍ରାମମାନଙ୍କରେ ଗ୍ରାମ୍ୟ ଚୌକୀଦାରୀ ଆଇନ ଜାରି ହୋଇଅଛି ସେହି ଗ୍ରାମମାନଙ୍କରେ ଉକ୍ତ ଆଇନ ଅନୁସାରେ ଟପର ବାନ୍ଧି ହୋଇଅଛି ତାହା ତଦନ୍ତ କରିବା ନିମନ୍ତେ ଟିକା ।

୧ମ—ପଞ୍ଚାୟତର ସଭ୍ୟମାନଙ୍କର ଯୋଗ୍ୟତା ବିଷୟରେ ୭ ଧାରା ବିଧାନ ଅନୁସାରେ କାର୍ଯ୍ୟ ହୋଇ ଅଛି କି ନା ?

୨ୟ—୯, ୯,(କ) ଏବଂ ୯ (ଖ) ଧାରାମାନଙ୍କ ଦୃଷ୍ଟିରେ ପଞ୍ଚାୟତର କୌଣସି ସଭ୍ୟ ତାହାଙ୍କ ପଦର ସମୟ ଅତିକ୍ରମ କରି ଅଛନ୍ତି କି ନା ?

୩ୟ—୧୧ ଧାରା ଓ ୧୨ ଧାରାମାନଙ୍କ ଦୃଷ୍ଟିରେ ଚୌକିଦାରମାନଙ୍କ ସଂଖ୍ୟା କେତେ ? ସେମାନେ ପ୍ରତ୍ୟେକେ କେତେ ବେତନ ପାଆନ୍ତି ?

୪ର୍ଥ—(କ) ଚଳିତ ବର୍ଷ ନିମନ୍ତେ କେତେ କର ଧାର୍ଯ୍ୟ କରାଯାଇଅଛି? (ଖ) ୧୩ ଧାରା ଅନୁସାରେ ଏହା ଠିକ୍ ଅଛି କି ନା ? ଅର୍ଥାତ ଚୌକି-ଦାରର ଦରମା ଓ ତାହା ଉପରେ ଶତକରା ୧୫ ଟଙ୍କା ଅଧିକ ନେଲେ ଯେତେ ହେବ ତେତେ ହୋଇଅଛି କି ନା ?

୫ମ—(କ) କୌଣସି ବ୍ୟକ୍ତି ମାସକୁ ଏକ ଟଙ୍କାରୁ ଅଧିକ ଦଏ କି ନା ? (ଖ) ୧୫ ଧାରା ଅନୁସାରେ କେତେ ଜଣ ଉପରେ କର ଧାର୍ଯ୍ୟ ହୋଇ ନାହିଁ ?

୬ଷ୍ଠ—(କ) ଶେଷ ଥର କର ଧାର୍ଯ୍ୟ ହୋଇଥିଲା କେବେ ? (ଖ) ୧୬ ଧାରା ଅନୁସାରେ ତାଲିକା ବିଧିମତ ପ୍ରକାଶିତ ହୋଇଥିଲା କି ନାହିଁ ? ଏବଂ ୧ମ ନିୟମ ପ୍ରତିପାଳିତ ହୋଇଥିଲା କି ନାହିଁ ? (ଗ) ୧୬ ଧାରା ଅନୁସାରେ ପ୍ରସ୍ତୁତ ହୋଇଥିବା ତାଲିକାର ଶେଷ ଘରେ ବା କାଲମରେ ମାସିକ ଦେୟ କର ଲେଖା ହୋଇଥିଲା କି ନା ?

Digitized by srujan ka@gmail.com

୭ମ— ୧୭ ଧାରା ଅନୁସାରେ ସଂଶୋଧିତ କମ୍ବା ବଜାଏ ରହୁଥିବା କର ବସଣୀର ତାଲିକା ସେହି ପର ପ୍ରକାଶିତ ହୋଇଥିଲା କି ନା ?

୮ମ—(କ) ବଙ୍ଗଲା (ଓଡ଼ଆ) ବର୍ଷ ମଧ୍ୟରେ ବର୍ଷର କୌଣସି ଅଂଶ ନିମନ୍ତେ କର ବସଣୀ ହୋଇଥିଲା କି ନାହିଁ ? (ଖ) ଯଦ ହୋଇଥାଏ ତାହାହେଲେ ୧୮ ଧାରା ବିଧାନମାନ ପ୍ରତିପାଳିତ ହୋଇଥିଲା କି ନାହିଁ ?

୯ମ—(କ) ୧୯ ଧାରା ଅନୁସାରେ କୌଣସି ଆପତ୍ତି ଦାଏର ହୋଇଥିଲା କି ନାହିଁ (ଖ) ଯଦ ହୋଇଥାଏ, ତେବେ ପଞ୍ଚାୟତ ୬ଯ଼ ନିୟମର କାର୍ଯ୍ୟବିଧି ପାଳନ କରିଥିଲେ କି ନାହିଁ ?

୧୦ମ—(କ) ଯେଉଁ ଟିକସ ଆଦାୟ ହୁଏ ସେଥି ନିମନ୍ତେ ପଞ୍ଚାୟତ ୨୨ ଧାରା ଓ ୮ମ ନିୟମ ଅନୁସାରେ ରସିଦ ଦଅନ୍ତି କି ନାହିଁ ? ଏବଂ ସେହି ନିୟମରେ ବିଧାନ କରା ଯାଇଥିବା ସମସ୍ତ ରେଜିଷ୍ଟରୀ ଓ ହିସାବ ବହିମାନ ରଖନ୍ତି କି ନାହିଁ ? (ଗ) ୭ଷ୍ଠ ନିୟମ ଅନୁସାରେ ଡାଏରି ବା ଦୈନିକ ବିବରଣୀ ରଖନ୍ତି କି ନାହିଁ ? (ଘ) ଏହି ଡାଏରି ଇନ୍‌ସ୍ପେକ୍‌ଶନ ବା ପରିଦର୍ଶନ ବହିର କାର୍ଯ୍ୟ କରେ କି ନାହିଁ ?

୧୧ଶ—ଜମା ଓ ଖରଚ ବହି ତଦାରଖ କରି ଲେଖ (କ) ପୂର୍ବବର୍ଷର ଜମା ଖରଚ ବହିରୁ ଫାଜିଲ ଟଙ୍କା ପରବର୍ଷ ବହିରେ ଉଠିଅଛି କି ନାହିଁ ? ଏବଂ ୨୪ ଧାରାର ଅନୁସାରେ ତାହା ବ୍ୟବହୃତ ହୋଇଅଛି କି ନାହିଁ ? (ଖ) ଚୌକିଦାରୀ ଜମିମାନଙ୍କର ଖଜଣା ୫୨ ଧାରା ଅନୁସାରେ ଅସୁଲ ହୋଇ ଜମା ଦିଆ ହୋଇଅଛି କି ନା ? (ଗ) ୨୨ ଧାରା ଅନୁସାରେ କରଆଦାୟକାରୀ ସଭ୍ୟ ଶତକରା କେତେ ହାରରେ ଟଙ୍କା କାଟି ନେଇଅଛନ୍ତି ? (ଘ) ଟଙ୍କା କିପରି ଖରଚ ହୋଇଅଛି ? (ଙ) ଯେ ତହବିଲ ହାତରେ ଅଛି ତାହା ଗଣିବା ଉଚିତ (ଚ) ଏହି ଆଇନ ଅନୁସାରେ କୌଣସି ଜରିମାନା (fines) ବା ଦଣ୍ଡ (penalties) ଆଦାୟ ହୋଇଅଛି କି ନା ? (ଛ) ଯଦ ଆଦାୟ

Digitized by srujan ka@gmail.com

ହୋଇଥାଏ ତାହା ୪୨ ଧାରା ଅନୁସାରେ ଜିଲ୍ଲାର ଚୌକୀଦାରୀ ପୁରସ୍କାର ପାଣ୍ଠିରେ ଜମା ଦିଆ ହୋଇଅଛି କି ନା? (ଙ) ୨ ନମ୍ବର ରେଜିଷ୍ଟରରେ ଯାହା ଲେଖା ଅଛି ତନ୍ମଧ୍ୟରୁ କେତେକ ରସିଦର କାଉଣ୍ଟର ଫଏଲ ବା (ମୁଣ୍ଡା ଚେକ୍) ସଙ୍ଗେ ମୁକାବିଲା କର (ଚ) ୨ ନମ୍ବର ରେଜିଷ୍ଟରୀ ପ୍ରତିଦିନ ଲେଖାଯାଏ କି, ଘଟଣା ଅନୁସାରେ ଲେଖାଯାଏ କି କୌଣସି୨ ସମୟରେ ଲେଖା ଯାଏ?

୧୨ଶ—ବାକୀଦାରଙ୍କ ତାଲିକା ପ୍ରକାଶ କରିବା ବିଷୟରେ ପଞ୍ଚାୟତ ୨୭ ଧାରାର ବିଧାନ ପ୍ରତିପାଳନ କରିଅଛନ୍ତି କି ନା?

୧୩ଶ—(କ) ୨୭ ଧାରା ଅନୁସାରେ କୌଣସି କୋରକୀ ହୋଇଅଛି କି ନା? (ଖ) ସବୁ ସ୍ଥଳରେ ତଣ୍ଡ ଅଦାୟ ହୋଇଅଛି କି ନା? (ଗ) ୫ମ ନିୟମ ଅନୁସାରେ ବିବରଣୀ ଲିପିବଦ୍ଧ ହୋଇ ନଥି ହୋଇଅଛି କି ନା? (ଘ) ଏପ୍ରକାର ସବୁ ମକଦ୍ଦମାରେ ୨୮ ଧାରାର ବିଧାନମାନ ପାଳିତ ହୋଇଅଛି କି ନା?

୧୪ଶ—(କ) ୨୯ ଧାରା ଅନୁସାରେ କୌଣସି ନିଲାମ ହୋଇ ଅଛି କି ନା? (ଖ) ଯଦି ହୋଇଥାଏ ତେବେ ୫ମ ନିୟମ ପ୍ରତିପାଳିତ ହୋଇଅଛି କି ନାହିଁ?

୧୫ଶ—ଜିଲ୍ଲା ମାଜିଷ୍ଟ୍ରେଟଙ୍କ ମଞ୍ଜୁରୀ ନ ନେଇ ପଞ୍ଚାୟତ କୌଣସି ଚୌକୀଦାରଙ୍କୁ କର୍ମଚ୍ୟୁତ କରିଅଛନ୍ତି କି? (୩୫ ଧାରା)

୧୬ଶ—ଚୌକୀଦାରମାନେ ୩୯ ଧାରା ଓ ୪୦ ଧାରା ଲିଖିତ ସେମାନଙ୍କର କର୍ତ୍ତବ୍ୟ କର୍ମ୍ମ ଜାଣନ୍ତି କି ନା?

୧୭ଶ—(କ) ପଞ୍ଚାୟତ ଉପର୍ଯ୍ୟୁକ୍ତ ବିଷୟ ଏବଂ ୪୧ ଧାରା ଓ ନିୟମମାନଙ୍କ ଅନୁସାରେ ସେମାନଙ୍କର ଯେ କର୍ତ୍ତବ୍ୟ କର୍ମ୍ମ ତାହା ଜାଣନ୍ତି କି

Digitized by srujan ka@gmail.com

ନା ? (ଖ) ପ୍ରତ୍ୟେକ ସବ୍ଡିଭିଜନର ଏକ ଖଣ୍ଡ ଓଡ଼ିଆ ବା ଇଂରାଜୀରେ ଆଇନ ଓ ନିୟମାବଳୀ ଅଛି କି ନା ?

୧୮ଶ—(କ) ପଞ୍ଚାୟତଙ୍କଠାରୁ ବାକୀ ଅଦାୟ କରିବା ନିମନ୍ତେ ୪୫ ଧାରା ଅନୁସାରେ ଉପାରମ୍ଭ କରିବାର କେବେ ପ୍ରୟୋଜନ ହୋଇଅଛି କି ନାହିଁ ? (ଖ) ଯେବେ ହୋଇଥାଏ ତେବେ ତାହାର ସବିଶେଷ ବୃତ୍ତାନ୍ତ ଲେଖ । ଏବଂ (ଗ) ଯଦି ତାହା ହୋଇଥାଏ ତାହାହେଲେ ୪୬ ଧାରା ଅନୁସାରେ ଗ୍ରାମର ଚୌକୀଦାରୀ ପାଣ୍ଠିରୁ କେତେ କ୍ଷତିପୂରଣ ନିଆ ହୋଇ-ଅଛି ତାହା ଲେଖ ।

୧୯ଶ—(କ) ୪୬ (କ) ଓ ୪୭ (ଖ) ଧାରା ଅନୁସାରେ କୌଣସି ତହସିଲଦାର ନିଯୁକ୍ତ ହୋଇଅଛି କି ନା ? (ଖ) ଯଦି ହୋଇଥାଏ, ତେବେ ତାହାର ବିଶିଷ୍ଟ ବିବରଣ ଏବଂ ଫଳାଫଳ ଉଲ୍ଲେଖ କର ।

୨୦ଶ—୪୭ ଧାରା ଅନୁସାରେ କର ବସଣୀ (assessment) ସଂଶୋ-ଧିତ ହୋଇଅଛି କି ନା ? ଏପରି ସଂଶୋଧନ ଦରକାର ବୋଧ ହେଉ-ଅଛି କି ?

୨୧ଶ—(କ) ଆଇନର ୨ୟ ଖଣ୍ଡ ଅନୁସାରେ ଯେଉଁ ସବୁ ଚାକରାଣ ଜମିର ବନ୍ଦୋବସ୍ତ ହୋଇଅଛି ତାହାର ପରିମାଣ କେତେ ? ଏବଂ ତାହାପାଇଁ ଜମିଦାର ବାର୍ଷିକ କେତେ ଖଜଣା ଦିଅନ୍ତି (ଖ) ଏହି ସବୁ ଖଜଣା ତଦନ୍ତର ତାରିଖ ପର୍ଯ୍ୟନ୍ତ ଅସୁଲ ହୋଇଅଛି କି ନାହିଁ ?

୨୨ଶ—ଉପରୋକ୍ତ ପ୍ରକାରେ ବନ୍ଦୋବସ୍ତ ହେବା ଉଚିତ କିନ୍ତୁ ବନ୍ଦୋ-ବସ୍ତ ହୋଇ ନାହିଁ ଏପରି ଜମି ଅଛି ବୋଲି ମନେ କରିବାର କାରଣ ଅଛି କି ନାହିଁ ?

୨୩ଶ—୭୨ ଧାରା ଅନୁସାରେ ପଞ୍ଚାୟତଙ୍କୁ ଅତିକ୍ରମ କରିବା ପାଇଁ

Digitized by srujan ka@gmail.com

କେବେ ଦରକାର ହୋଇଅଛି କି ? ଯଦି ହୋଇଥାଏ ତେବେ ତାହାର ବିବରଣ ଦିଅ ।

୧୪ଣ—(କ) କିଏ ଏବଂ କେବେ ଶେଷ ଇନସ୍ପେକ୍‌ଶନ ବା ତଦାରଖ କରିଥିଲେ ? (ଖ) ଯେଉଁ ସବୁ ଅଭାବମାନ ପ୍ରଦର୍ଶିତ ହୋଇଥିଲା ତାହା ପୂରଣ କରା ଯାଇଅଛି କି ନା ? (ଗ) ସେମାନ ୬୫, ନିୟମ ଅନୁସାରେ ରଖା ଯାଉଥିବା ପଞ୍ଚାୟତଙ୍କ ଡାଏରି ବା ଦୈନିକ ବିବରଣରେ ଟିପା ଯାଇଅଛି କି ନା ?

ଟୀକା—ଏହି ପ୍ରଶ୍ନମାନଙ୍କର ଉତ୍ତର ଲେଖିବା କିମ୍ବା ତହିଁରେ ଯେଉଁ ୧ ବିଷୟମାନ ଉଲ୍ଲେଖ ଅଛି ସେ ସବୁ ବିଷୟମାନ ତଦନ୍ତ କରିବା ସବୁ ସମୟରେ ଆବଶ୍ୟକ ହେବ ନାହିଁ । କିନ୍ତୁ ଏଥିରେ ସବୁ ବିଷୟ ଥିବାରୁ ଏହି ପ୍ରଶ୍ନମାନ ବ୍ୟବହାର କରିବା ଦ୍ୱାରା ଏହି ଆଇନ କାର୍ଯ୍ୟରେ ପରିଣତ କରିବା ବିଷୟରେ ଅନେକ ଭଲ ହୋଇ ପାରେ ଏବଂ ଏହାଦ୍ୱାରା ଗୁରୁତର ବିଷୟମାନଙ୍କ ପ୍ରତି ପଞ୍ଚାୟତଙ୍କ ମନ ଆକୃଷ୍ଟ ହୋଇପାରେ ।

Digitized by srujan ka@gmail.com

ଚତୁର୍ଥ ପରିଶିଷ୍ଟ

୧୮୭୦ ସାଲର ବଙ୍ଗୀୟ ୬ ଆଇନ ଅନୁସାରେ ନିଯୁକ୍ତ ନୋହିଥିବା ଗ୍ରାମ୍ୟ ଚୌକୀଦାରୀ ସମ୍ବନ୍ଧୀୟ ଆଇନ ୧୮୯୬ ସାଲର ୨୦ ଆଇନର ୨୧ ଧାରା ଦେଖ)

ଦାରୋଗାମାନେ ଗ୍ରାମ୍ୟ ଚୌକୀଦାରମାନଙ୍କର ସୂଚୀ ତାଲିକା ରଖିବେ

୧ ମ— ପୋଲିସ ଦାରୋଗାମାନଙ୍କର ଏହା କର୍ତ୍ତବ୍ୟ କର୍ମ୍ମ ହେବ ଯେ ସେମାନେ ମାଜିଷ୍ଟ୍ରେଟଙ୍କ ଉପଦେଶ ଓ ପରିଚାଳନ ଅନୁସାରେ ଆପଣା ଇଲାକାମାନଙ୍କ ମଧ୍ୟରେ ନିଯୁକ୍ତ ଥିବା ସମସ୍ତ ଚୌକୀଦାରମାନଙ୍କର ଏକ ରେଜିଷ୍ଟରୀ ପରିଶିଷ୍ଟ ଲିଖିତ ୬ ନମ୍ବର ଫାରମରେ ପ୍ରସ୍ତୁତ କରିବେ ଏବଂ ଥାନାରେ ରଖିବେ ; ଏବଂ କୌଣସି ଗ୍ରାମ୍ୟ ଚୌକୀଦାର ମୃତ ବା ତାହାର ପଦରୁ ଅପସୃତ ହେଲେ ଭୂସ୍ୱାମୀ ଏବଂ ଅନ୍ୟ ଯେଉଁ ବ୍ୟକ୍ତିମାନଙ୍କର ସେହି ଶୂନ୍ୟ ପଦ ପାଇଁ ଲୋକ ମନୋନୀତ କରିବାର ଅଧିକାର ଅଛି ସେମାନେ ଯାହାକୁ ନିଯୁକ୍ତ କରିବେ ତାହାର ନାମ, ସେମାନେ ସେ ଇଲାକା ଦାରୋଗାଙ୍କ ନିକଟକୁ ପଠାଇବେ ଯେ ସେ ଦାରୋଗା ଉକ୍ତ ଚୌକୀଦାର ନାମ ଉକ୍ତ ରେଜିଷ୍ଟରୀ ଭୁକ୍ତ କରିବେ ।

ଚୌକୀଦାର ପଦ ଖାଲି ହେଲେ ଜମିଦାର ବା ଅନ୍ୟ ଯେଉଁମାନଙ୍କର ଚୌକୀଦାର ମନୋନୀତ କରିବାର ଅଧିକାର ଥିବ ସେମାନଙ୍କର ଚୌକୀଦାର ମନୋନୀତ କରିବା କଥା ।

ଗ୍ରାମ୍ୟ ଚୌକୀଦାରମାନେ ପୁଲିସ ଦାରୋଗାଙ୍କର ତାବେ ହେବା କଥା ।

୨ୟ— ଗ୍ରାମ୍ୟ ଚୌକୀଦାରମାନେ ପୋଲିସ ଦାରୋଗାମାନଙ୍କ ହୁକୁମର ଅଧୀନ ବୋଲି ପ୍ରଚାର କରାଗଲା ।

ଥାନାଠାରୁ ଦୂରରେ ଥିବା ଚୌକୀଦାରମାନଙ୍କର

୩ୟ—ଆପଣା ଇଲାକାର ଥାନାଠାରୁ ଏକ କ୍ରୋଶ ମଧ୍ୟରେ ଯେଉଁ ଚୌକୀଦାରମାନଙ୍କର ଘର, ସେମାନେ ଆପଣା ଗ୍ରାମମାନଙ୍କରେ ଗତ ଚବିଶ ଘଣ୍ଟା

Digitized by srujan ka@gmail.com

ରିପୋର୍ଟ କରିବା ସମ୍ବନ୍ଧୀୟ ନିୟମ ।

ମଧ୍ୟରେ ପୋଲିସ ସମ୍ବନ୍ଧୀୟ ଯେ ସମସ୍ତ ଘଟଣା ଘଟିଥିବ ତାହା ସବୁ ପ୍ରତି ଦିନ ଥାନାରେ ରିପୋର୍ଟ କରିବେ । ଥାନାଠାରୁ ଏକ କ୍ରୋଶ ବାହାରେ ଓ ତିନି କ୍ରୋଶ ମଧ୍ୟରେ ଥିବା ଗ୍ରାମ୍ୟ ଚୌକିଦାରମାନେ ସେମାନଙ୍କ ରିପୋର୍ଟ ସପ୍ତାହରେ ଦୁଇଥର କରିବେ ; ଏବଂ ଅନ୍ୟ ଯେ ଚୌକିଦାରମାନେ ଏଥିରୁ ଅଧିକ ଦୂରରେ ରହନ୍ତି ସେମାନେ ପୋଲିସ ଦାରୋଗାଙ୍କର ବିଶେଷ ଉପଦେଶ ଅନୁସାରେ ସପ୍ତାହରେ ବା ଏକ ପକ୍ଷରେ ଏକ ଥର ରିପୋର୍ଟ କରିବେ ।

୪ର୍ଥ—ଗ୍ରାମ୍ୟ ଚୌକିଦାରମାନେ ଯେ ସବୁ ଘଟଣାମାନ ରିପୋର୍ଟ

ଗ୍ରାମ୍ୟ ଚୌକିଦାରମାନେ ଯେଉଁ ସବୁ ଘଟଣା ରିପୋର୍ଟ କରିବେ ତାହା ଥାନା ଡାଏରୀରେ ଚଢାଇବା କଥା ।

କରିବେ ସେ ସବୁ ମୋହରରର ଥାନା ଡାଏରୀ ବା ଦୈନିକ ବିବରଣୀରେ ଲେଖିବେ ; କିନ୍ତୁ ଶେଷ ରିପୋର୍ଟ ଉକ୍ତରେ ସେମାନଙ୍କ ଇଲାକାରେ ଶାନ୍ତିଭଙ୍ଗ ହୋଇ ନାହିଁ ଏହି ସମ୍ବାଦ ବ୍ୟତୀତ ଅନ୍ୟ କିଛି ସମ୍ବାଦ ନ ଦେଲେ ଚୌକିଦାରମାନଙ୍କ ରିପୋର୍ଟ ଉକ୍ତ ଡାଏରିରେ ଚଢ଼ାଇବାର ଆବଶ୍ୟକ ନାହିଁ ।

୫ମ—ଯେ କୌଣସି ବ୍ୟକ୍ତି ଜ୍ଞାନକୃତ ବଧ, ଦସ୍ୟୁତା, ସିନ୍ଧି କିମ୍ବା

ଘୋଷିତ ଅପରାଧୀ ପ୍ରଭୃତି ଗ୍ରାମ୍ୟ ଚୌକିଦାର ଦ୍ୱାରା ଥାନାକୁ ପ୍ରେରିତ ହେବାର କଥା ।

ଚୋରି କରିବା ସମୟରେ ଧରାଯିବ ତାକୁ ଗ୍ରାମ୍ୟ ଚୌକିଦାରମାନେ ଗ୍ରେପ୍ତାର କରିବେ ଏବଂ ଦାରୋଗା କିମ୍ବା ଥାନାର ପ୍ରଧାନ ପୋଲିସ କର୍ମଚାରୀଙ୍କଠାକୁ ପଠାଇ ଦେବେ ; ଆହୁରି ମଧ୍ୟ ଯେଉଁ ଅପରାଧୀ ଲୋକମାନଙ୍କ ନାମ ଘୋଷଣା କରା ଯାଇଥିବ, ଏବଂ ଯେଉଁ ବ୍ୟକ୍ତିମାନଙ୍କ ନାମରେ ସଦ୍ୟ ଫୌଜଦାରୀ ମୋକଦ୍ଦମାରେ ଲିପ୍ତ ବୋଲି ଗୋଲ ଚହଲ ପଡ଼ି ହୁଲିର ବାହାରି ଥିବ ସେ ବ୍ୟକ୍ତିମାନଙ୍କୁ ଗ୍ରେପ୍ତାର କରି ଉକ୍ତ ପ୍ରକାରେ ପଠାଇ ଦେବେ । ଏହା ମଧ୍ୟ ପ୍ରତ୍ୟେକ

Digitized by srujan ka@gmail.com

ଚୌକିଦାରଙ୍କର ବିଶେଷ କର୍ତ୍ତବ୍ୟ ଯେ ସେ ଅନତିବିଲମ୍ବରେ ଥାନାରେ ତାହାଙ୍କ ଗ୍ରାମରେ କିମ୍ବା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ କୌଣସି ଦସ୍ୟୁ ଲୁଚିଥିବାର କିମ୍ବା ଦୃଶ୍ୟତଃ ଭରଣପୋଷଣର ଉପାୟହୀନ ଏବଂ ସନ୍ତୋଷଜନକ ଆତ୍ମ ପରିଚୟ ଦେବାକୁ ଅକ୍ଷମ ବାରବୁଲା କିମ୍ବା ଅପରିବ୍ୟକ୍ତି ଦେଶରେ ଲୁଚି ଲୁଚି ବୁଲୁଥିବାର ସମ୍ବାଦ ଦେବେ । ସେହିପରି ଏହା ମଧ୍ୟ ଗ୍ରାମ୍ୟ ଚୌକିଦାରମାନଙ୍କର କାର୍ଯ୍ୟ ଯେ ସେମାନେ ଯେଉଁ ଗ୍ରାମ ବା ସ୍ଥାନରେ ନିଯୁକ୍ତ ହୋଇଥିବେ ସେ ଗ୍ରାମ ବା ସ୍ଥାନରେ ଘଟିତ ଜ୍ଞାନକୃତ ବଧ, ଦସ୍ୟୁତା ଚୋରି ବଡ଼ ବଡ଼ ମାରପିଟ ଏବଂ ଅନ୍ୟାନ୍ୟ ଗୁରୁତର ଅପରାଧମାନଙ୍କର ଶୀଘ୍ର ସମ୍ବାଦ ଦେବେ ।

ଗ୍ରାମ୍ୟ ଚୌକିଦାରମାନଙ୍କର ରିପୋର୍ଟ ଗ୍ରହଣ କରିବା ସମ୍ବନ୍ଧୀୟ ନିୟମ

୬୪ –ଗ୍ରାମ୍ୟ ଚୌକିଦାରମାନେ ନିଯୁକ୍ତିତ ପୋଲିସ କର୍ମଚାରୀମାନଙ୍କଠାରେ ମୌଖିକ ରିପୋର୍ଟ କରିବେ, ସେମାନେ ମୁଦେଇ ନ ହେଲେ ଥାନାରେ ସେମାନଙ୍କୁ ହାଲପ ଦିଆଯିବ ନାହିଁ ବା ଅଟକାଇ ରଖାଯିବ ନାହିଁ କିମ୍ବା ସେମାନଙ୍କର ମନ୍ଦ ଆଚରଣ ନ ଥିବା କିମ୍ବା ମାଜିଷ୍ଟ୍ରେଟଙ୍କ ବିଶେଷ ହୁକୁମ ନ ଥିବା ସତ୍ତ୍ୱେ ସେମାନେ ମାଜିଷ୍ଟ୍ରେଟଙ୍କ ଅଦାଲତକୁ ପଠାଯିବେ ନାହିଁ ।

ଦାରୋଗାମାନଙ୍କ ତତ୍ତ୍ୱାବଧାନର କଥା ।
(Supervision)

୬୫ –ଦସ୍ୟୁତା, ଡକାୟତି, ବା ଚୋରି ତଦାରଖ କରିବା ସମୟରେ ପୋଲିସ ଦାରୋଗାମାନେ ସତତ ଗ୍ରାମ୍ୟ ଚୌକିଦାରମାନଙ୍କ ଆଚରଣ ସମ୍ବନ୍ଧରେ ଅନୁସନ୍ଧାନ କରିବେ ଓ ରିପୋର୍ଟ କରିବେ; ଏବଂ ଅପରାଧ ଘଟନା ସମୟରେ ସେମାନେ ସେମାନଙ୍କ କର୍ମ୍ମରେ ଉପସ୍ଥିତ ଥିଲେ କି ନା ତାହା ଅନୁସନ୍ଧାନ କରିବେ ଓ ରିପୋର୍ଟ କରିବେ ; ଯଦି ସେମାନେ ଆପଣା ଆପଣା କର୍ମ୍ମରେ ଉପସ୍ଥିତ ନ ଥାନ୍ତି, ତେବେ ଅନୁପସ୍ଥିତିର କାରଣ ଏବଂ ସେମାନେ ଅପରାଧରେ ଲିପ୍ତ ଥିଲେ

Digitized by srujan ka@gmail.com

ଇଙ୍ଗିତାଦ୍ୱାରା ସେଥିର ପୋଷକତା କରିଥିଲେ ବୋଲି ବିଶ୍ୱାସ କରିବାର କୌଣସି କାରଣ ଅଛି କି ନା ତାହା ଅନୁସନ୍ଧାନ କରି ରିପୋର୍ଟ କରିବାକୁ ହେବ । କୌଣସି ଗ୍ରାମ୍ୟ ଚୌକିଦାରର ତ୍ରୁଟି ବା କୁବ୍ୟବହାର ଦେଖା ଗଲେ କିମ୍ବା ସେ ଅପରାଧରେ ଲିପ୍ତ ବୋଲି ସନ୍ଦେହ ହେଲେ କଥିତ

ତ୍ରୁଟି ବା କୁବ୍ୟବହାର ପ୍ରମାଣିତ ହେଲେ ତାହାର ଦଣ୍ଡର କଥା ।

ଅପରାଧର ଅବସ୍ଥା ଅନୁସାରେ ଦାରୋଗା ଅଭିଯୋଗର ହେତୁ ସମ୍ବଳିତ ପୃଥକ୍ ରିପୋର୍ଟ ପ୍ରମାଣ ସହିତ ପଠାଇ ଦେବେ, କିମ୍ବା ପ୍ରଥମେ ମାଜିଷ୍ଟ୍ରେଟଙ୍କଠାକୁ ରିପୋର୍ଟ ପଠାଇ ତାହାଙ୍କ ହୁକୁମର ଅପେକ୍ଷାରେ ରହିବେ । କୌଣସି ଚୌକିଦାର ବିରୁଦ୍ଧରେ ପୋଲିସ କର୍ମ୍ମରେ ଗୁରୁତର ଅବହେଳା ବା ମନ୍ଦ ଆଚରଣ ପ୍ରମାଣିତ ହେଲେ ବିଶେଷ ଅପରାଧ ପାଇଁ ପ୍ରଚଳିତ ଆଇନ ଅନୁସାରେ ଯେ ଦଣ୍ଡ ହେବ ତାହା ଛଡ଼ା ସେ ମାଜିଷ୍ଟ୍ରେଟଙ୍କ ହୁକୁମ ଦ୍ୱାରା କର୍ମ୍ମଚ୍ୟୁତ ହେବାର ଯୋଗ୍ୟ ହେବ ।

ଦାରୋଗାମାନଙ୍କର ଘରୋଇ କାର୍ଯ୍ୟରେ ଚୌକିଦାରମାନଙ୍କୁ ନିଯୁକ୍ତ କରିବାର କଥା ।

୮ମ—ଦାରୋଗା ବା ଅନ୍ୟ ପୋଲିସ କର୍ମ୍ମଚାରୀମାନଙ୍କୁ ନିଷେଧ କରା ଯାଉଅଛି ଯେ ସେମାନେ ଗ୍ରାମ୍ୟ ଚୌକିଦାରମାନଙ୍କୁ ନିଜ କାର୍ଯ୍ୟ କିମ୍ବା ଅନ୍ୟ ଯେଉଁ କାର୍ଯ୍ୟରେ ପୋଲିସ ସହିତ ସମ୍ପର୍କ ନାହିଁ ସେ କାର୍ଯ୍ୟରେ ନିଯୁକ୍ତ କରିବେ ନାହିଁ, କଲେ ସେମାନେ କର୍ମ୍ମଚ୍ୟୁତ ହେବେ ।

ଯେଉଁଠାରେ ନିୟମିତ ପୁଲିସ ଅବସ୍ଥାପିତ ହେବ ସେଠାରେ କେଉଁମାନେ ପହରା ଦେବେ ତାହାର କଥା ।

୯ମ—ଯେଉଁ ନଗର ଏବଂ ଗ୍ରାମମାନଙ୍କରେ ମୋଫସଲ ଇଲାକାର ଦାରୋଗାମାନେ କିମ୍ବା ଆଉଟ୍ ପୋଷ୍ଟର ପୋଲିସ କର୍ମ୍ମଚାରୀ ଅବସ୍ଥାପିତ ହେବେ ସେ ସ୍ଥାନମାନଙ୍କରେ ନିୟମିତ ପୁଲିସ କର୍ମ୍ମଚାରୀମାନେ ଏବଂ ଗ୍ରାମ୍ୟ ଚୌକିଦାରମାନେ ଏକତ୍ର ହୋଇ ପହରା ଦେବେ ବା ଗସ୍ତ କରିବେ; ଏବଂ ଅନ୍ୟ

Digitized by srujan ka@gmail.com

ବ୍ୟକ୍ତିମାନେ ଆପଣା ୨ର ବାସସ୍ଥାନ, ଦୋକାନ ବା ଗୋଦାମରେ ପହରା ଦେବାକୁ ଯେଉଁ ଘରୋଇ ପହରାଦାରମାନଙ୍କୁ ନିଯୁକ୍ତ କରିଥିବେ ସେମାନେ ମଧ୍ୟ ସାହାଯ୍ୟ କରିବେ; ଏବଂ ଏହି କାର୍ଯ୍ୟ କରିବାରେ ସେମାନେ ଷ୍ଟେଶନର ପୁଲିସ ଦାରୋଗାମାନଙ୍କ ହୁକୁମର ବଶବର୍ତ୍ତୀ ବୋଲି ବିବେଚିତ ହେବେ ।

ଗ୍ରାମ୍ୟ ଚୌକିଦାରମାନେ ଯଥାସାଧ୍ୟ ଦସ୍ୟୁମାନଙ୍କ ବାଧା ଦେବା ଏବଂ ଅପରାଧୀମାନଙ୍କର ଗ୍ରେପ୍ତାର ଓ ଅନୁଧାବନ କରିବା ସକାଶେ ଜମିଦାର ଓ ମୁଖିଆମାନଙ୍କ ସାହାଯ୍ୟ ଘେନିବା କଥା ।

୧୦ମ—ଦଳବଦ୍ଧ ଦସ୍ୟୁତା ବା ରାଜପଥରେ ଦସ୍ୟୁତା ବା ବଳପ୍ରୟୋଗ ସହିତ ଦସ୍ୟୁତା, ଜ୍ଞାନକୃତ ବଧ, ଡକାୟତି, ଆଘାତ ବା ଅନ୍ୟ ଗୁରୁତର ଅପରାଧ ସହିତ ଚୋରି, କିମ୍ବା ଗୁରୁତର ଶାନ୍ତିଭଙ୍ଗ ଘଟିଲେ ଗ୍ରାମ୍ୟ ଚୌକିଦାରମାନେ ତାହା ବାରଣ କରିବାକୁ ଏବଂ ଅପରାଧୀମାନଙ୍କୁ ଗ୍ରେପ୍ତାର କରିବାକୁ ଯଥାସାଧ୍ୟ ଚେଷ୍ଟା କରିବେ; ଏବଂ ଗ୍ରାମ-ବାସିମାନଙ୍କୁ ଏକତ୍ରିତ କରିବା ନିମନ୍ତେ, ଅପରାଧୀମାନଙ୍କୁ ବାଧା ଦେବା ଓ ଧରିବା ନିମନ୍ତେ କିମ୍ବା ସେମାନେ ପଳାଇ ଯାଇଥିଲେ ସେମାନଙ୍କ ପଛରେ ଗୋଡାଇବା ନିମନ୍ତେ ଗ୍ରାମର ହେଡ୍‌ମେନ୍ ବା ମୁଖିଆ ବ୍ୟକ୍ତିମାନଙ୍କୁ ଡାକିବେ; ଗ୍ରାମ୍ୟ ଚୌକିଦାର ବା ଅନ୍ୟ ପୁଲିସ କର୍ମଚାରୀ ଡାକିଲେ ଯେଉଁ ଗ୍ରାମମାନଙ୍କ ବାଟେ ବା ଯେଉଁ ଗ୍ରାମମାନଙ୍କ ନିକଟ ଦେଇ ଗୋଡାଇବାକୁ ହେବ ସେ ସବୁ ଗ୍ରାମର ନିବାସିମାନେ ଦସ୍ୟୁତା ବା ଅନ୍ୟ ଅପରାଧରେ ଅପରାଧୀମାନଙ୍କୁ ଧରିବା ପାଇଁ ବା ଚୋରି ଯାଇଥିବା ବା ଲୁଟି ହୋଇଥିବା ମାଲ୍ ପୁନରୁଦ୍ଧାର କରିବା ପାଇଁ ଯଥାସାଧ୍ୟ ସାହାଯ୍ୟ କରିବାକୁ ଏବଂ ଏକ ଗ୍ରାମରୁ ଅନ୍ୟ ଗ୍ରାମକୁ ଗୋଡ଼ାଇବାକୁ ବାଧ୍ୟ; ଯେଉଁ ହେଡମେନ୍ କିମ୍ବା ଗ୍ରାମ୍ୟ ଚୌକିଦାର ଏପରି ତଲବ ପ୍ରତି ଅମନୋଯୋଗୀ ହୋଇଅଛନ୍ତି ବୋଲି ମାଜିଷ୍ଟ୍ରେଟଙ୍କ ନିକଟରେ

(Refusal) ଅସ୍ୱୀକାର କଲେ ଦଣ୍ଡର କଥା ।

Digitized by srujan ka@gmail.com

ଦୋଷୀ ପ୍ରମାଣିତ ହେବେ ସେ ପ୍ରତ୍ୟେକେ ୧୮୦୭ ସାଲର ୧ ଅଧି-ନର ୧୧ ଧାରା ଲିଖିତ ପରିମାଣର ଅନଧିକ କାରାବାସ ବା ଅର୍ଥଦଣ୍ଡର ଯୋଗ୍ୟ ହେବେ ।

ଟୀକା— (କ) ପ୍ରଥମ ପ୍ରକରଣ ଅନୁସାରେ ପତ୍ତନୀଦାରମାନଙ୍କର ଚୌକୀଦାର ମନୋନୀତ କରିବାର ସ୍ୱତ୍ୱ ଅଛି (୪୮ ଧାରାର କ ଟୀକାରେ ଜୟକୃଷ୍ଣ ମୁଖୁର୍ଯ୍ୟାଙ୍କର ସେଉଁ ମୋକଦ୍ଦମାର ଉଲ୍ଲେଖହୋଇ ଅଛି ତାହା ଏବଂ ୧୮୬୬ ସାଲର ଡ଼ି କେ ମ୍ୟାକନାଲ ସାହେବଙ୍କ ଗ୍ରାମ୍ୟ ଚୌକୀଦାରୀ ସମ୍ବନ୍ଧୀୟ ରିପୋର୍ଟର ୬୮ ପୃଷ୍ଠା ଦେଖ ।)

(ଖ) ଯଦି ଅନେକ ଅଂଶୀ ଥାଆନ୍ତି ଏବଂ ସେମାନେ ଚୌକୀଦାର ମନୋନୀତ କରିବାରେ ଏକମତ ନ ହୁଅନ୍ତି, ତାହା ହେଲେ ସମ୍ଭବତଃ ଜିଲ୍ଲା ମାଜିଷ୍ଟ୍ରେଟ ଅଧିକାଂଶ ଅଂଶୀମାନଙ୍କ ମୀମାଂସା କିମ୍ବା ସଂଖ୍ୟାରେ ଅଳ୍ପ ହୋଇ ସୁଦ୍ଧା ଯେଉଁମାନଙ୍କର ଅଂଶ ସମଷ୍ଟି ଅଧିକ ହେବ ସେହିମାନଙ୍କର ମୀମାଂସାକୁ ଗ୍ରହଣ କରି ପାରନ୍ତି । କିମ୍ବା ଏପରି ମତ ଅମେଳକୁ ମନୋନୀତ କରଣରେ ଅସ୍ୱୀକାର ବା ହେଲା ବୋଲି ମନେ କରି ପାରନ୍ତି ।

(ଗ) ଯୁକ୍ତିସଙ୍ଗତ ସମୟ ମଧ୍ୟରେ ଚୌକୀଦାର ମନୋନୀତ କରିବାକୁ ମନା କିମ୍ବା ହେଲା ସ୍ଥଳରେ ଜିଲ୍ଲା ମାଜିଷ୍ଟ୍ରେଟ ନିଜେ ଚୌକୀଦାର ମନୋନୀତ କଲେ ତାହା ନ୍ୟାୟ-ସଙ୍ଗତ ହେବାର ସମ୍ଭବ । (ଜେ ଡ଼ି ମାକ୍‌ନାଲ ସାହେବଙ୍କ ରିପୋର୍ଟର ୬୬ ପୃଷ୍ଠା ଦେଖ)

(ଘ) ଜମିଦାର କିମ୍ବା ଚୌକୀଦାର ମନୋନୀତ କରିବାର ସ୍ୱତ୍ୱାଧିକାରୀ ଅନ୍ୟ ବ୍ୟକ୍ତି-ମାନେ ଚୌକୀଦାର ମନୋନୀତ ନ କଲେ ସେମାନଙ୍କ ନାମରେ ଦଣ୍ଡବିଧି ଆଇନର ୧୭୬ ଧାରା ଅନୁସାରେ ମକଦ୍ଦମା ଚଳିବ କି ନାହିଁ ଏହା ଠିକ ହୋଇ ନାହିଁ । ଏହି ଧାରାର ଶବ୍ଦ-ବିନ୍ୟାସ ଯେପରି ହେବା ଉଚିତ ସେପରି ହୋଇ ନ ଥିବାରୁ ମନୋନୀତ କରିବା ଓ ନିଯୁକ୍ତ କରିବା ଏ ଦୁଇ ସ୍ୱତ୍ୱରେ ଗୋଲମାଲ ହୋଇଅଛି । ଉପର୍ଯ୍ୟୁକ୍ତ ବ୍ୟକ୍ତି ଚୌକୀଦାର ମନୋନୀତ କରି ତାହାର ନାମ ଥାନାରେ ରେଜିଷ୍ଟ୍ରି ନ କରାଇଲେ ତାଙ୍କ ନାମରେ ନିଶ୍ଚୟ ମକଦ୍ଦମା ଚଳିବ ।

(ଙ) ନିମ୍ନଲିଖିତ ପ୍ରକାରେ କାର୍ଯ୍ୟ କଲେ ସୁବିଧା ଓ ଫଳଦାୟକ ହେବାର ଅଧିକ ସମ୍ଭାବନା ଯଥା—

(/) ଚୌକୀଦାର ପଦ ଖାଲି ହେଲେ ସେଥିପାଇଁ ଲୋକ ନିଯୁକ୍ତ କରିବା ନିମନ୍ତେ ଥାନାର ଭାର ପ୍ରାପ୍ତ କର୍ମଚାରୀ ଜମିଦାରଙ୍କଠାକୁ ମୌଖିକ ଖବର ପଠାଇବେ ।

(//) ୧୫ ଦିନ ମଧ୍ୟରେ ମୌଖିକ ଖବର ଦ୍ୱାରା କୌଣସି କାର୍ଯ୍ୟ ହେବାର ଦେଖା ନ ଗଲେ ଲିଖିତ ନୋଟିସ ଦେବାକୁ ହେବ ।

Digitized by srujan ka@gmail.com

ଦୋଷୀ ପ୍ରମାଣିତ ହେବେ ସେ ପ୍ରତ୍ୟେକେ ୧୮୦୬ ସାଲର ୬ ଆଇନର ୧୧ ଧାରା ଲିଖିତ ପରିମାଣର ଅନଧିକ କାରାବାସ ବା ଅର୍ଥଦଣ୍ଡର ଯୋଗ୍ୟ ହେବେ ।

ଟୀକା— (କ) ପ୍ରଥମ ପ୍ରକରଣ ଅନୁସାରେ ପତ୍ତନୀଦାରମାନଙ୍କର ଚୌକୀଦାର ମନୋନୀତ କରିବାର ସ୍ୱତ୍ତ୍ୱ ଅଛି (୪୮ ଧାରାର କ ଟୀକାରେ ଜସ୍‌କୃଷ୍ଣ ମୁଖୁର୍ଜୀଙ୍କର ଯେଉଁ ମୋକଦ୍ଦମାର ଉଲ୍ଲେଖହୋଇ ଅଛି ତାହା ଏବଂ ୧୮୬୬ ସାଲର ଡ଼ି ଜେ ମ୍ୟାକନଲ ସାହେବଙ୍କ ଗ୍ରାମ୍ୟ ଚୌକୀଦାରୀ ସମ୍ବନ୍ଧୀୟ ରିପୋର୍ଟର ୬୮ ପୃଷ୍ଠା ଦେଖ ।)

(ଖ) ଯଦି ଅନେକ ଅଂଶୀ ଥାଆନ୍ତି ଏବଂ ସେମାନେ ଚୌକୀଦାର ମନୋନୀତ କରିବାରେ ଏକମତ ନ ହୁଅନ୍ତି, ତାହା ହେଲେ ସମ୍ଭବତଃ ଜିଲ୍ଲା ମାଜିଷ୍ଟ୍ରେଟ ଅଧିକାଂଶ ଅଂଶୀମାନଙ୍କ ମୀମାଂସା କିମ୍ବା ସଂଖ୍ୟାରେ ଅଳ୍ପ ହୋଇ ସୁଦ୍ଧା ଯେଉଁମାନଙ୍କର ଅଂଶ ସମଷ୍ଟି ଅଧିକ ହେବ ସେହିମାନଙ୍କର ମୀମାଂସାକୁ ଗ୍ରହଣ କରି ପାରନ୍ତି । କିମ୍ବା ଏପରି ମତ ଅମେଳକୁ ମନୋନୀତ କରଣରେ ଅସ୍ୱୀକାର କରା ହେଲା ବୋଲି ମନେ କରି ପାରନ୍ତି ।

(ଗ) ଯୁକ୍ତିସଙ୍ଗତ ସମୟ ମଧ୍ୟରେ ଚୌକୀଦାର ମନୋନୀତ କରିବାକୁ ମନା କିମ୍ବା ହେଲା ସ୍ଥଳରେ ଜିଲ୍ଲା ମାଜିଷ୍ଟ୍ରେଟ ନିଜେ ଚୌକୀଦାର ମନୋନୀତ କଲେ ତାହା ନ୍ୟାୟସଙ୍ଗତ ହେବାର ସମ୍ଭବ । (ଜେ ଡ଼ି ମାକ୍‌ନଲ ସାହେବଙ୍କ ରିପୋର୍ଟର ୬୭ ପୃଷ୍ଠା ଦେଖ)

(ଘ) ଜମିଦାର କିମ୍ବା ଚୌକୀଦାର ମନୋନୀତ କରିବାର ସ୍ୱତ୍ୱାଧିକାରୀ ଅନ୍ୟ ବ୍ୟକ୍ତିମାନେ ଚୌକୀଦାର ମନୋନୀତ ନ କରିଲେ ସେମାନଙ୍କ ନାମରେ ଦଣ୍ଡବିଧି ଆଇନର ୧୭୬ଧାରା ଅନୁସାରେ ମକଦ୍ଦମା ଚଳିବ କି ନାହିଁ ଏହା ଠିକ ହୋଇ ନାହିଁ । ଏହି ଧାରାର ଶବ୍ଦବିନ୍ୟାସ ଯେପରି ହେବା ଉଚିତ ସେପରି ହୋଇ ନ ଥିବାରୁ ମନୋନୀତ କରିବା ଓ ନିଯୁକ୍ତ କରିବା ଏ ଦୁଇ ସ୍ୱତ୍ୱରେ ଗୋଳମାଳ ହୋଇଅଛି । ଉପର୍ଯ୍ୟୁକ୍ତ ବ୍ୟକ୍ତି ଚୌକୀଦାର ମନୋନୀତ କରି ତାହାର ନାମ ଥାନାରେ ରେଜିଷ୍ଟ୍ରି ନ କରାଇଲେ ତାଙ୍କ ନାମରେ ନିଶ୍ଚୟ ମକଦ୍ଦମା ଚଳିବ ।

(ଙ) ନିମ୍ନଲେଖିତ ପ୍ରକାରେ କାର୍ଯ୍ୟ କଲେ ସୁବିଧା ଓ ଫଳଦାୟକ ହେବାର ଅଧିକ ସମ୍ଭାବନା ଯଥା—

(୵) ଚୌକୀଦାର ପଦ ଖାଲି ହେଲେ ସେଥିପାଇଁ ଲୋକ ନିଯୁକ୍ତ କରିବା ନିମନ୍ତେ ଥାନାର ଭାର ପ୍ରାପ୍ତ କର୍ମଚାରୀ ଜମିଦାରଙ୍କଠାକୁ ମୌଖିକ ଖବର ପଠାଇବେ ।

(୶) ୧୫ ଦିନ ମଧ୍ୟରେ ମୌଖିକ ଖବର ଦ୍ୱାରା କୌଣସି କାର୍ଯ୍ୟ ହେବାର ଦେଖା ନ ଗଲେ ଲିଖିତ ନୋଟିସ ଦେବାକୁ ହେବ ।

Digitized by srujan ka@gmail.com

(ଘ) ଲିଖିତ ନୋଟିସ ଦେଇ ଉତ୍ତରୁ ୧୫ ଦିନ ମଧ୍ୟରେ କୌଣସି ଫଳ ଦେଖା ନ ଗଲେ ଚୌକିଦାର ମନୋନୀତ କରି ହୁକୁମ ଦେବା ନିମନ୍ତେ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟଙ୍କର ଜରିଆରେ ଜଇଣ୍ଟ ମାଜିଷ୍ଟ୍ରେଟଙ୍କଠାକୁ ରିପୋର୍ଟ କରିବାକୁ ହେବ ।

(ଙ) ତହିଁରେ ଜଇଣ୍ଟ ମାଜିଷ୍ଟ୍ରେଟ୍ ସ୍ୱୟଂ ଚୌକିଦାର ମନୋନୀତ କରିବେ କିମ୍ବା ଅନ୍ୟ ଯେପରି ବିହିତ ମନେ କରିବେ ସେପରି ହୁକୁମ ଦେବେ ।

(ଚ) ଏହି ପ୍ରକରଣରେ ଯେ ରେଜିଷ୍ଟ୍ରି ମାନଙ୍କର ନାମୋଲ୍ଲେଖ ହୋଇଅଛି ସେମାନ ରୋଲବୁକ୍ ନାମରେ ସାଧାରଣତଃ ଜଇଣ୍ଟ ମହାଫିସଖାନାରେ ରଖା ହୋଇଥାଏ ।

(ଛ) ୭ମ ପ୍ରକରଣ—ଏହି ପ୍ରକରଣ ଅନୁସାରେ ଜଇଣ୍ଟ ମାଜିଷ୍ଟ୍ରେଟ୍ କର୍ତ୍ତୃକ ହୁକୁମ ଦେଲେ ସନ ୧୮୬୧ ସାଲର ୧ ଆଇନ ଅନୁସାରେ କମିଶନରଙ୍କ ନିକଟରେ ତାହାର ଅପୀଲ ହେବ ।

ଗବର୍ଣ୍ଣମେଣ୍ଟଙ୍କ ୧୮୮୪ ସାଲର ଅପ୍ରେଲ ୧୪ ତାରିଖର ୫ ଜେ. ଡି. ନମ୍ବର ସର୍କ୍ୟୁଲର ଅନୁସାରେ ଏହି ଅପୀଲମାନ ଜଇଣ୍ଟ ମାଜିଷ୍ଟ୍ରେଟଙ୍କ ଜରିଆରେ ପଠାଯିବ ।

ଦଣ୍ଡବିଧି ଆଇନ

ଦଣ୍ଡବିଧି ଆଇନର ନିମ୍ନଲିଖିତ ଧାରାମାନ ପଞ୍ଚାୟତ ଓ ଚୌକିଦାର-ମାନଙ୍କର ମୁଖ୍ୟ ଓ ଗୌଣ କର୍ତ୍ତବ୍ୟ କର୍ମ୍ମ ଓ ଦାୟିତ୍ୱ ପ୍ରଭୃତିର ସୂଚନା କରେ ଏବଂ କର୍ତ୍ତବ୍ୟ ସମ୍ପାଦନରେ ଆଇନ ସେମାନଙ୍କୁ ପ୍ରତ୍ୟବାୟରୁ ଯେଉଁ ଆଶ୍ରୟ ଦିଏ ତାହା ନିର୍ଦ୍ଦେଶ କରୁଅଛି ।

୨୧ ଧାରା—୭ମ ଓ ୮ମ ପ୍ରକରଣମାନଙ୍କ ଅନୁସାରେ ଗ୍ରାମ୍ୟ ଚୌକିଦାର ଓ ୧୦ମ ପ୍ରକରଣ ଅନୁସାରେ ପଞ୍ଚାୟତ "ସରକାରୀ କାର୍ଯ୍ୟକାରକ ।"

୧୧୯ ଧାରା—ଯେଉଁ ଅପରାଧ ସରକାରୀ କର୍ମ୍ମଚାରୀଙ୍କର ନିବାରଣ କରିବା ଉଚିତ, ସେହି ଅପରାଧ କରିବାର ମନସୁବା ଗୁପ୍ତ କରି ରଖିବାର କଥା ।

୧୨୮ ଓ ୧୨୯ ଧାରା—ରାଜନୀତିସମ୍ପର୍କୀୟ କଏଦକୁ ସରକାରୀ

Digitized by srujan ka@gmail.com

କାର୍ଯ୍ୟକାରକର ଇଚ୍ଛାପୂର୍ବକ ବା ଅମନୋଯୋଗରେ ଆପଣା କର୍ମରୁ ପଳାଇବାକୁ ଦେବାର କଥା ।

୧୬୧ ଧାରା—ସରକାରୀ କାର୍ଯ୍ୟକାରକ ବେଆଇନ ପୁରସ୍କାର ଗ୍ରହଣ କରିବାର କଥା ।

୧୬୪ ଧାରା—ସରକାରୀ କାର୍ଯ୍ୟକାରକ ୧୬୨ ଓ ୧୬୩ ଧାରା ଲିଖିତ ଅପରାଧର ସହାୟତା କରିବାର କଥା ।

୧୬୫ ଧାରା—ସରକାରୀ କାର୍ଯ୍ୟକାରକ ମୂଲ୍ୟ ନ ଦେଇ ମୂଲ୍ୟବାନ୍ ଦ୍ରବ୍ୟ ଗ୍ରହଣ କରିବାର କଥା ।

୧୬୬ ଧାରା—କୌଣସି ଲୋକର କ୍ଷତି କରିବା ଅଭିପ୍ରାୟରେ ସରକାରୀ କାର୍ଯ୍ୟକାରକ ଆଇନର ବିଧାନ ନ ମାନିବାର କଥା ।

୧୬୭ ଧାରା—ସରକାରୀ କାର୍ଯ୍ୟକାରକ ଅଶୁଦ୍ଧ ଦଲିଲ କରିବାର କଥା ।

୧୭୪ ଧାରା—ସରକାରୀ କାର୍ଯ୍ୟକାରକଙ୍କର ହୁକୁମ ଅନୁସାରେ ହାଜର ନ ହେବାର କଥା ।

୧୭୬ ଧାରା—ସରକାରୀ କାର୍ଯ୍ୟକାରକଙ୍କ ନିକଟରେ ଏଭଳି କମ୍ପା ସମ୍ବାଦ ଦେବାକୁ ଆଇନ ପ୍ରମାଣେ ବଦ୍ଧ ହୋଇ ଏଭଳି କମ୍ପା ସମ୍ବାଦ ନ ଦେବାର କଥା ।

୧୭୭ ଧାରା—ମିଥ୍ୟା ସମ୍ବାଦ ଦେବା କଥା ।

୧୭୯ ଧାରା—ସରକାରୀ କାର୍ଯ୍ୟକାରକଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଅସ୍ୱୀକାର କରିବାର କଥା ।

୧୮୨ ଧାରା—ଅନ୍ୟ ଲୋକର ଯହିଁରେ କ୍ଷତି ହୁଏ ଏପରି କର୍ମ

ସରକାରୀ କାର୍ଯ୍ୟକାରିକଙ୍କ ଦ୍ୱାରା ତାଙ୍କର ଆଇନସିଦ୍ଧ କ୍ଷମତାକ୍ରମେ କରାଇବା ଅଭିପ୍ରାୟରେ ତାଙ୍କୁ ମିଥ୍ୟା ସମ୍ବାଦ ଦେବା କଥା ।

୧୮୩ ଧାରା— ସରକାରୀ କାର୍ଯ୍ୟକାରକଙ୍କର ଆଇନସିଦ୍ଧ କ୍ଷମତା ପ୍ରମାଣେ ସମ୍ପତ୍ତି ନେବାରେ ବଳପୂର୍ବକ ବାଧା ଦେବାର କଥା ।

୧୮୪ ଧାରା—ସରକାରୀ କାର୍ଯ୍ୟକାରକଙ୍କର କ୍ଷମତା ଅନୁସାରେ ଯେଉଁ ସମ୍ପତ୍ତି ନିଲାମ କରିବା ନିମନ୍ତେ ଥୁଆଯାଏ ତାହା ନିଲାମକୁ ବାଧା ଦେବାର କଥା ।

୧୮୬ ଧାରା—ସରକାରୀ କାର୍ଯ୍ୟକାରକଙ୍କର ଆପଣା ପଦର କାର୍ଯ୍ୟ କରିବା ସମୟରେ ବାଧା ଦେବା କଥା ।

୧୮୭ ଧାରା—ଆଇନ ପ୍ରମାଣେ ସରକାରୀ କାର୍ଯ୍ୟକାରକଙ୍କୁ ସାହାଯ୍ୟ କରିବାକୁ ଅବଦ୍ଧ ହୋଇ ତାଙ୍କୁ ସାହାଯ୍ୟ ନ କରିବା କଥା ।

୧୮୮ ଧାରା—ସରକାରୀ କାର୍ଯ୍ୟକାରକ ଯେଉଁ ହୁକୁମ ଧାରା ପ୍ରମାଣେ ଘୋଷଣା କରନ୍ତି ତାହା ନ ମାନିବାର କଥା ।

୧୮୯ ଧାରା—ସରକାରୀ କାର୍ଯ୍ୟକାରକଙ୍କର କ୍ଷତି କରିବାର ଭୟ ଦେଖାଇବାର କଥା ।

୨୦୨ ଧାରା—ଅପରାଧର ସମ୍ବାଦ ଦେବା ଯାହାର ଅବଶ୍ୟ କର୍ତ୍ତବ୍ୟ ସେ ସମ୍ବାଦ ଦେବାକୁ ମନସ୍ଥପୂର୍ବକ ତ୍ରୁଟି କରିବାର କଥା ।

୨୦୩ ଧାରା—ଯେଉଁ ଅପରାଧ ହୋଇଅଛି ସେଥିର ମିଥ୍ୟା ସମ୍ବାଦ ଦେବା କଥା ।

୨୧୩ ଧାରା—ଅପରାଧୀଙ୍କ ଦଣ୍ଡରୁ ବଞ୍ଚାଇବା ନିମନ୍ତେ ଦାନପ୍ରଭୃତି ଗ୍ରହଣ କରିବା କଥା ।

୨୧୭ ଧାରା—କାହାରି ଦଣ୍ଡ ନ ହେବା କିମ୍ବା କୌଣସି ସମ୍ପତ୍ତି ଜବ୍ଦ

Digitized by srujan ka@gmail.com

ନୋହିବା ଅଭିପ୍ରାୟରେ ସରକାରୀ କାର୍ଯ୍ୟକାରକ ଆଇନର ହୁକୁମ ନ ମାନିବା କଥା ।

୨୧୮ ଧାରା—ସେହି ଅଭିପ୍ରାୟରେ ସରକାରୀ କାର୍ଯ୍ୟକାରକ ଅଶୁଦ୍ଧ ଦଲିଲ ପ୍ରସ୍ତୁତ କରିବା କଥା ।

୨୨୧ ଓ ୨୨୨ ଧାରା—ଆଇନ ପ୍ରମାଣେ ବଦ୍ଧ ହୋଇ ସରକାରୀ କାର୍ଯ୍ୟକାରକ କୌଣସି ଲୋକକୁ ଗ୍ରେପ୍ତାର କରିବାକୁ ତ୍ରୁଟି କରିବା କଥା ।

୨୨୩ ଧାରା—ସରକାରୀ କାର୍ଯ୍ୟକାରକ କୌଣସି ଲୋକକୁ ଅମନୋଯୋଗରେ କଏଦରୁ କିମ୍ବା ବନ୍ଦୀମାନଙ୍କରୁ ପଳାଇବାକୁ ଦେବା କଥା ।

୨୨୪, ୨୨୫, ଓ ୨୨୫ (ଖ) ଧାରାମାନ—କୌଣସି ଲୋକ ଅପଣାର ବା ଅନ୍ୟର ଆଇନସିଦ୍ଧ ଗ୍ରେପ୍ତାର ପ୍ରତି ବଳପୂର୍ବକ ବାଧା ଦେବା କଥା ।

୨୨୫ (କ) ଧାରା—ଯେଉଁ ୨ ସ୍ଥଳରେ ଅନ୍ୟ ବିଧାନ ନାହିଁ ସେହି ୨ ସ୍ଥଳରେ ରାଜକୀୟ କାର୍ଯ୍ୟକାରକ ଧରିବାକୁ ତ୍ରୁଟି କରିବା ଓ ପଳାଇବାକୁ ଛାଡ଼ ଦେବା କଥା ।

୩୩୨ ଓ ୩୩୩ ଧାରା—ସରକାରୀ କାର୍ଯ୍ୟକାରକଙ୍କର କର୍ତ୍ତବ୍ୟ କର୍ମରେ ବାଧା କରିବା ନିମନ୍ତେ ତାଙ୍କର ଇଚ୍ଛାପୂର୍ବକ ଆଘାତ ବା ଗୁରୁ ଆଘାତ କରିବା କଥା ।

୩୫୩ ଧାରା—ସରକାରୀ କାର୍ଯ୍ୟକାରକଙ୍କର କର୍ତ୍ତବ୍ୟ କର୍ମରୁ ତାଙ୍କୁ କ୍ଷାନ୍ତ କରିବା ଲାଗି ଅପରାଧଯୁକ୍ତ ଜୋର ପ୍ରକାଶ କରିବାର କଥା ।

Digitized by srujan ka@gmail.com

ଫୌଜଦାରୀ କାର୍ଯ୍ୟପ୍ରଣାଳୀ (୧୮୯୮ ସାଲର ୫) ଆଇନର ୪୫ ଧାରା ।

୪୫ । (୧) ନିମ୍ନଲିଖିତ କୌଣସି ବିଷୟ ସମ୍ବନ୍ଧରେ କୌଣସି ସନ୍ଧାନ ପାଇଲେ ପ୍ରତ୍ୟେକ ଗ୍ରାମର ପଧାନ, ହିସାବ ନବୀସ, ଗ୍ରାମ୍ୟ ଚୌକିଦାର, ଗ୍ରାମ୍ୟ ପୋଲିସ କର୍ମଚାରୀ, ଭୂମ୍ୟଧିକାରୀ ବା ଦଖଲକାର ଏବଂ ତଦ୍ରୂପ କୌଣସି ଭୂମ୍ୟଧିକାରୀ ବା ଦଖଲକାରର ଏଜେଣ୍ଟ, ଏବଂ ଗବର୍ଣ୍ଣମେଣ୍ଟଙ୍କ ବା କୋର୍ଟ ଅବ୍ ଉଆର୍ଡସଙ୍କ ପକ୍ଷରେ ଭୂମିର ରାଜସ୍ୱ ବା ଖଜଣା ଆଦାୟ କାର୍ଯ୍ୟରେ ନିଯୁକ୍ତ ପ୍ରତ୍ୟେକ କର୍ମଚାରୀ ସର୍ବାପେକ୍ଷା ନିକଟସ୍ଥ ମାଜିଷ୍ଟ୍ରେଟ ବା ସର୍ବାପେକ୍ଷା ନିକଟସ୍ଥ ପୋଲିସ ଥାନାର ଭାରପ୍ରାପ୍ତ କାର୍ଯ୍ୟକାରକ ଏହି ଉଭୟଙ୍କ ମଧ୍ୟରେ ଯେ ବେଶି ନିକଟରେ ଥିବେ ତାଙ୍କୁ ଅବିଲମ୍ବେ ସେହି ସନ୍ଧାନ ଜଣାଇବେ—

ଗ୍ରାମର ପଧାନ, ହିସାବ ନବୀସ, ଭୂମ୍ୟଧିକାରୀ ଓ ଅନ୍ୟାନ୍ୟ ବ୍ୟକ୍ତିଙ୍କର କୌଣସି୨ ବିଷୟର ରିପୋର୍ଟ କରିବାକୁ ବାଧ୍ୟ ହେବା କଥା ।

(କ) ସେ ଯେଉଁ ଗ୍ରାମର ପଧାନ, ହିସାବ ନବୀସ, ଚୌକିଦାର ବା ପୋଲିସ କର୍ମଚାରୀ କିମ୍ବା ଯେଉଁ ଗ୍ରାମରେ ଭୂମି ଅଧିକାର ବା ଦଖଲ କରୁଥିବ କିମ୍ବା ଏଜେଣ୍ଟ ହୋଇଥିବ କିମ୍ବା ରାଜସ୍ୱ ବା ଖଜଣା ଆଦାୟ କରୁଥିବ ସେହି ଗ୍ରାମରେ କୌଣସି ପ୍ରସିଦ୍ଧ ଚୋରା ଦ୍ରବ୍ୟର ଗ୍ରାହକର ବା ବିକ୍ରେତାର ଚିରକାଳୀନ ବା କ୍ଷୟିକ୍ଷକାଳୀନ ବାସ କରିବା ସମ୍ବନ୍ଧରେ ;

(ଖ) ଯେଉଁ ବ୍ୟକ୍ତିକୁ ଠଗ, ଦସ୍ୟୁ, ପଳାତକ କଏଦ ବା ଘୋଷିତ ଅପରାଧୀ ବୋଲି ସେ ଜାଣୁଥିବେ ବା ଯୁକ୍ତିସଙ୍ଗତରୂପେ ସନ୍ଦେହ କରୁଥିବେ ତଦ୍ରୂପ ଗ୍ରାମ ଅନ୍ତର୍ଗତ କୌଣସି ସ୍ଥାନକୁ ତାହାର ସର୍ବଦା ଆସିବା ସମ୍ବନ୍ଧରେ କିମ୍ବା ତଦ୍ରୂପ ଗ୍ରାମର ମଧ୍ୟ ଦେଇ ଚାଲିଯିବା ସମ୍ବନ୍ଧରେ ;

(ଗ) ଯେଉଁ ଅପରାଧ ନିମିତ୍ତ ହାଜର ଜାମିନ ନିଆଯାଇ ନ ପାରେ

Digitized by srujan ka@gmail.com

ସେହି ଅପରାଧ କିମ୍ବା ଭାରତବର୍ଷୀୟ ଦଣ୍ଡବିଧି ଆଇନର ୧୪୩, ୧୪୪, ୧୪୫, ୧୪୭ କିମ୍ବା ୧୪୮ ଧାରାନୁସାରେ ଦଣ୍ଡନୀୟ କୌଣସି ଅପରାଧ ତଦ୍ରୂପ ଗ୍ରାମ ମଧ୍ୟରେ ବା ନିକଟରେ କୃତ ହେବା ସମ୍ବନ୍ଧରେ ବା କୃତ ହେବାର ଅଭିପ୍ରାୟ ଥିବା ସମ୍ବନ୍ଧରେ ;

(ଘ) ତଦ୍ରୂପ ଗ୍ରାମ ମଧ୍ୟରେ ବା ନିକଟରେ କୌଣସି ଆକସ୍ମିକ ବା ଅସ୍ୱାଭାବିକ ମୃତ୍ୟୁ କିମ୍ବା ସନ୍ଦେହଜନକ ଅବସ୍ଥାରେ କୌଣସି ମୃତ୍ୟୁ ଘଟିବା ସମ୍ବନ୍ଧରେ ;

(ଙ) ଯେଉଁ କାର୍ଯ୍ୟ ବ୍ରିଟିଶ ଭାରତବର୍ଷ ମଧ୍ୟରେ କରି ଯାଇଥିଲେ ଭାରତବର୍ଷୀୟ ଦଣ୍ଡବିଧି ଆଇନର ନିମ୍ନଲିଖିତ ଧାରାମାନଙ୍କ, ଅର୍ଥାତ୍ ୩୦୨, ୩୦୪, ୩୮୨, ୩୯୨, ୩୯୩, ୩୯୪, ୩୯୫, ୩୯୬, ୩୯୭, ୩୯୮, ୩୯୯, ୪୦୨, ୪୩୫, ୪୩୬, ୪୪୯, ୪୫୦, ୪୫୬, ୪୫୮, ୪୫୯, ଏବଂ ୪୬୦, ଧାରାମାନଙ୍କ ମଧ୍ୟରୁ କୌଣସି ଧାରାନୁସାରେ ଦଣ୍ଡନୀୟ ହୁଅନ୍ତା ସେହି କାର୍ଯ୍ୟ ବ୍ରିଟିଶ ଭାରତବର୍ଷର ବାହାରେ ସେହି ଗ୍ରାମ ନିକଟରେ କୌଣସି ସ୍ଥାନରେ କରିବା ସମ୍ବନ୍ଧରେ କିମ୍ବା କରିବାର ଅଭିପ୍ରାୟ ଥିବା ସମ୍ବନ୍ଧରେ ;

(ଚ) ସୁଶୃଙ୍ଖଳା ରକ୍ଷାର ବ୍ୟାଘାତ ହେବାର ସମ୍ଭବ କିମ୍ବା ଅପରାଧ ନିବାରଣର ବ୍ୟାଘାତ ହେବାର ସମ୍ଭବ କିମ୍ବା ଶରୀର ବା ସମ୍ପତ୍ତି ନିରାପଦରେ ରହିବାର ବ୍ୟାଘାତ ହେବାର ସମ୍ଭବ ଏପରି ଯେଉଁ ବିଷୟର ସନ୍ଧାନ ଦେବା ସକାଶେ ଜିଲ୍ଲା ମାଜିଷ୍ଟ୍ରେଟ ଆଗେ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କ ଅନୁମୋଦନ ଗ୍ରହଣ କରି ସାଧାରଣ ବା ବିଶେଷ ଆଜ୍ଞାକ୍ରମେ ତାହାଙ୍କୁ ଆଦେଶ ଦେଇଥିବେ ସେହି ବିଷୟ ସମ୍ବନ୍ଧରେ ।

(୨) ଏହି ଧାରାରେ—

(କ) "ଗ୍ରାମ୍ୟ" ଶବ୍ଦରେ ଗ୍ରାମର ଜମି ମଧ୍ୟ ବୁଝାଇବ ; ଏବଂ

Digitized by srujan ka@gmail.com

(୬) ଯେଉଁ କାର୍ଯ୍ୟ ବ୍ରିଟିଶୀୟ ଭାରତବର୍ଷ ମଧ୍ୟରେ କରା ଯାଇଥିଲେ ଭାରତବର୍ଷୀୟ ଦଣ୍ଡବିଧି ଆଇନର ନିମ୍ନଲିଖିତ ଧାରାମାନଙ୍କ, ଅର୍ଥାତ୍ ୩୦୨, ୩୦୪, ୩୮୨, ୩୯୨, ୩୯୩, ୩୯୪, ୩୯୫, ୩୯୬, ୩୯୭, ୩୯୮, ୩୯୯, ୪୦୨, ୪୩୫, ୪୩୬, ୪୪୯, ୪୫୦, ୪୫୭, ୪୫୮, ୪୫୯, ଓ ୪୬୦ ଧାରାମାନଙ୍କ ମଧ୍ୟରୁ କୌଣସେ ଧାରାନୁସାରେ ଦଣ୍ଡନୀୟ ହୋଇ ପାରନ୍ତା ମନ୍ତ୍ରିସଭାଧିଷ୍ଠିତ ଶ୍ରୀଯୁତ ଗବର୍ଣ୍ଣର ଜେନେରଲ ସାହେବଙ୍କ କର୍ତ୍ତୃକ ଭାରତବର୍ଷର କୌଣସି ଅଂଶରେ ସ୍ଥାପିତ ବା ରଖା ଯାଇଥିବା କୌଣସି ଅଦାଲତ ବା କର୍ତ୍ତୃପକ୍ଷଙ୍କ କର୍ତ୍ତୃକ ଯେଉଁ ବ୍ୟକ୍ତି ସେହି କାର୍ଯ୍ୟ ସମ୍ବନ୍ଧରେ ଅପରାଧୀ ବୋଲି ଘୋଷିତ ହେବ "ଘୋଷିତ ଅପରାଧୀ" ଶବ୍ଦରେ ସେହି ବ୍ୟକ୍ତିଙ୍କୁ ମଧ୍ୟ ବୁଝାଇବ ।

(୩) ଯେଉଁ ଗ୍ରାମ ସକାଶେ ଅନ୍ୟ କୌଣସି ଆଇନାନୁସାରେ କୌଣସେ ଗ୍ରାମ୍ୟ ପଧାନ ନିଯୁକ୍ତ କରାଯାଇ ନ ଥିବ ଜିଲ୍ଲାର ମାଜିଷ୍ଟ୍ରେଟ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଏତଦର୍ଥେ ଯେଉଁ ବିଧାନାବଳୀ ପ୍ରଣୟନ କରିବେ ତଦଧୀନରେ ଏହି ଧାରାର ପ୍ରୟୋଜନାର୍ଥ ସମୟ୍ ୨ ରେ ସେହି ଗ୍ରାମରେ ଏକ ବା ତଦଧିକ ଜଣ ଗ୍ରାମ୍ୟ ପଧାନ ନିଯୁକ୍ତ କରି ପାରିବେ ।

ଏହି ଧାରାର ପ୍ରୟୋଜନାର୍ଥ କୌଣସି ୨ ସ୍ଥଳରେ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ଗ୍ରାମର ପଧାନ ନିଯୁକ୍ତ ହେବା କଥା ।

ଅପରାଧକାରୀ ଜାତିମାନଙ୍କ ସମ୍ବନ୍ଧୀୟ ୧୮୭୧ ସାଲର ୨୭ ଆଇନର ୧୧ ଓ ୧୨ ଧାରାମାନ ।

୧୧ ଧାରା—ଅପରାଧକାରୀ ବୋଲି ପ୍ରଚାର କରା ଯାଇଥିବା ଜାତି, ଶ୍ରେଣୀ ବା ଦଳର କୌଣସି ଲୋକ ଯେଉଁ ଗ୍ରାମରେ ବାସ କରେ (reside) ସେ ଗ୍ରାମର ପ୍ରତ୍ୟେକ ମୁଖିଆର (ପ୍ରଧାନ) ଓ ଚୌକୀଦାରର କମ୍ଭା ତଦ୍ରୂପ ଲୋକ ଯେଉଁ ଜମିରେ ବାସ କରେ ସେ ଜମିର ମାଲିକର ବା ଦଖଲ-

କାରର କିମ୍ବା ଉକ୍ତ ମାଲିକ ବା ଦଖଲକାରର ଗୁମାସ୍ତାର ଏହା କର୍ତ୍ତବ୍ୟ କର୍ମ ଯେ ସେ ନିକଟତମ ପୋଲିସ ଷ୍ଟେଶନରେ ଯଥାସମ୍ଭବ ଅବିଲମ୍ବେ ନିମ୍ନଲିଖିତ ବିଷୟମାନଙ୍କରେ ସମ୍ବାଦ ଦେବ, ଯଥା—

(୧) ତଦ୍ରୂପ ଲୋକ ଉପସ୍ଥିତ ହୋଇ ୮ ଧାରା ଲିଖିତ ସମ୍ବାଦ ନ ଦେଲେ; (୨) ଗ୍ରାମ ବା ଜମିରୁ (ଯେପରି ଘଟିଥିବ) ତଦ୍ରୂପ ଲୋକ ଚାଲି ଗଲେ; ଏବଂ ଅପରାଧକାରୀ ଜାତି, ଶ୍ରେଣୀ ବା ଦଳର ଲୋକ ବୋଲି ଯାହାକୁ ଯୁକ୍ତିସଙ୍ଗତରୂପେ ସନ୍ଦେହ କରା ଯାଇ ପାରେ ସେ କୌଣସି ଗ୍ରାମ ବା ଭୂମିରେ ପହୁଞ୍ଚିଲେ ଯଥାସମ୍ଭବ ଅବିଲମ୍ବେ ନିକଟତମ ପୋଲିସ ଷ୍ଟେଶନରେ ତାହାର ସମ୍ବାଦ ଦେବା (ଘଟଣା ଅନୁସାରେ) ସେ ଗ୍ରାମର ପ୍ରତ୍ୟେକ ମୁଖିଆ (ପ୍ରଧାନ) ଓ ଚୌକିଦାର ଏବଂ ଭୂମିର ପ୍ରତ୍ୟେକ ମାଲିକ ବା ଦଖଲକାରର କିମ୍ବା ତଦ୍ରୂପ ମାଲିକ ବା ଦଖଲକାରର ଗୁମାସ୍ତାର କର୍ତ୍ତବ୍ୟ କର୍ମ ହେବ ।

୨୨ ଧାରା—କୌଣସି ଗ୍ରାମ୍ୟ ମୁଖିଆ, ଚୌକିଦାର ବା ଭୂମିର ମାଲିକ ବା ଦଖଲକାର କିମ୍ବା ତଦ୍ରୂପ ମାଲିକ ବା ଦଖଲକାରର ଗୁମାସ୍ତା ୨୧ ଧାରାର ବିଧାନ ପାଳନ କରିବାରେ ତ୍ରୁଟି କଲେ ସେ ଦଣ୍ଡବିଧି ଆଇନର ୧୭୬ ଧାରାର ପ୍ରଥମାଂଶ ଲିଖିତ ଅପରାଧ କରିଅଛି ବୋଲି ବିବେଚିତ ହେବ ।

(ଆମ୍ଭ ଦ୍ୱାରା ଅନୁବାଦିତ ।)

Digitized by srujan ka@gmail.com

୭ମ ପରିଶିଷ୍ଟ ।

---

୨୨୫ ଜେ. ଡି. ନମ୍ବର ।

ଏସ. ଜେ. କଟନ, ଏସ୍କ୍ୱାୟାର ସି. ଏସ. ଆଇ ।

ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କ ଚିଫ ସେକ୍ରେଟେରୀଙ୍କଠାରୁ

ବଙ୍ଗଳାର ପୋଲିସ ଇନସ୍ପେକ୍ଟର ଜେନେରଲଙ୍କ ସମୀପେଷୁ ।

ଦାରଜିଲିଂ ୨୨ ତାରିଖ ସେପ୍ଟେମ୍ବର ୧୮୯୨

ମହାଶୟ

୧୮୭୦ ସାଲର ଗ୍ରାମ୍ୟ ଚୌକୀଦାରୀ ଆଇନ ସଂଶୋଧନ ବିଷୟକ ପାଣ୍ଡୁଲିପିର ସଂଶୋଧନ ନିମନ୍ତେ ମାନନୀୟ ଆଡ୍‌ଭୋକେଟ୍ ଜେନେରଲ ନିମ୍ନଲିଖିତ ଯେଉଁ ପ୍ରସ୍ତାବ ଆଗତ କରିଥିଲେ ତାହା ସମ୍ବନ୍ଧରେ ବଙ୍ଗୀୟ ବ୍ୟବସ୍ଥାପକ ସଭାରେ ଯେଉଁ ତର୍କବିତର୍କ ହୋଇଥିଲା ତାହା, ବିଶେଷତଃ ମାନ୍ୟବର ସଭାପତିଙ୍କର ଯେଉଁ ମନ୍ତବ୍ୟ ୧୮୯୨ ସାଲ ସେପ୍ଟେମ୍ବର ମାସ ୧୪ ତାରିଖର କଲିକତା ଗେଜେଟର କ୍ରୋଡ଼ପତ୍ରର ୧୭୧୫ ଠାରୁ ୧୭୧୮ ପୃଷ୍ଠାମାନଙ୍କରେ ପ୍ରକାଶିତ ହୋଇଅଛି ତାହା ଆପଣଙ୍କ ଅବଧାନରେ ଆଣିବା ନିମନ୍ତେ ଆମ୍ଭେ ଆଦିଷ୍ଟ ହୋଇଅଛୁଁ ; ଉକ୍ତ ପ୍ରସ୍ତାବ ଏହି ଯେ ;—

"କିନ୍ତୁ କୌଣସି ପୋଲିସ କର୍ମଚାରୀ ଏହି ଆଇନ ଅନୁସାରେ ନିଯୁକ୍ତ ହୋଇଥିବା କୌଣସି ଚୌକୀଦାରକୁ ତାଙ୍କ ଘରେଇ କାର୍ଯ୍ୟରେ କିମ୍ବା ଏହି ଆଇନ ଅନୁସାରେ ଯେଉଁ କାର୍ଯ୍ୟ କରିବାକୁ ଚୌକୀଦାରମାନେ ବାଧ୍ୟ ନୁହନ୍ତି ସେପରି କାର୍ଯ୍ୟରେ ନିଯୁକ୍ତ କରିବେ ନାହିଁ, ଏବଂ କୌଣସି ପୋଲିସ କର୍ମଚାରୀ କୌଣସି ଚୌକୀଦାରକୁ ସେପରି ନିଯୁକ୍ତ କଲେ ପଞ୍ଚାଶ ଟଙ୍କାରୁ ଅନଧିକ ଅର୍ଥଦଣ୍ଡରେ ଦଣ୍ଡନୀୟ ହେବେ ।"

୨ୟ । ଦଣ୍ଡସମ୍ବନ୍ଧୀୟ ଅଂଶ ବ୍ୟତୀତ ଏହି ପ୍ରସ୍ତାବ ବ୍ୟବସ୍ଥାପକ ସଭାର ଅଧିକାଂଶ ସଭ୍ୟମାନଙ୍କ ମନକୁ ଘେନିଥିଲା, କିନ୍ତୁ ଅବଶେଷରେ ତାହା

Digitized by srujan ka@gmail.com

ପାଣ୍ଡୁଲିପିରୁ ଏହି ସର୍ତ୍ତରେ ବାଦ ଦିଆଗଲା ଯେ ବ୍ୟବସ୍ଥାପକ ସଭା ଯେଉଁ ଉଦ୍ଦେଶ୍ୟରେ ଉକ୍ତ ପ୍ରସ୍ତାବ ଅନୁମୋଦନ କରୁଥିଲେ ଗବର୍ଣ୍ଣମେଣ୍ଟଙ୍କର କାର୍ଯ୍ୟକାରୀ ବିଭାଗ ସେ ଉଦ୍ଦେଶ୍ୟ ସାଧନ କରିବେ । ଚୌକିଦାରମାନଙ୍କୁ ଦାସୋଚିତ ସେବା କାର୍ଯ୍ୟରେ ନିଯୁକ୍ତ ହେବାକୁ ନ ଦେବା ଏହାର ଉଦ୍ଦେଶ୍ୟ ଅଟେ ।

୩ୟ—ଚୌକିଦାରମାନଙ୍କର ମଫସ୍ସଲ ପରେଟ ସମ୍ବନ୍ଧରେ ପୋଲିସ କର୍ମଚାରୀମାନଙ୍କ ନିମନ୍ତେ ଯେଉଁ ନିୟମାବଳୀ ହୋଇଅଛି ତହିଁରେ ନିମ୍ନଲିଖିତ ବିଧାନ ହୋଇଥିବାର ଦେଖି ମାନ୍ୟବର ଷ୍ଟେଟ ଲାଟ ସାହେବ ସନ୍ତୁଷ୍ଟ ହୋଇଅଛନ୍ତି; ସେ ନିୟମଟି ଏହି;—

" (୧୬)—କୌଣସି ବିଶେଷ ଜରୁର କିମ୍ବା ବିଏଦମାନଙ୍କୁ ପହଞ୍ଚ ଦେବା ବା ସେ-ମାନଙ୍କୁ ନେଇଯିବା କାର୍ଯ୍ୟବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟ ନିମନ୍ତେ ଚୌକିଦାରମାନେ ସେମାନଙ୍କ ଗ୍ରାମର ବାହାରକୁ ଅବଶ୍ୟ ନ ଆସିବେ ନାହିଁ; ପୋଲିସ କର୍ମଚାରୀମାନେ ଚୌକି-ଦାରମାନଙ୍କୁ ନିଜନିଜର ଘରୋଇ କାର୍ଯ୍ୟରେ ନିଯୁକ୍ତ କଲେ କିମ୍ବା ସେମାନଙ୍କୁ ଦାସବତ ସେବା କାର୍ଯ୍ୟରେ ନିଯୁକ୍ତ କଲେ ସେମାନେ ଗୁରୁତର ଦଣ୍ଡର ପାତ୍ର ହେବେ, ଏବଂ ସରକାରୀ ବିଷୟରେ କର୍ମଚ୍ୟୁତର ଯୋଗ୍ୟ ବୋଲି ବିବେଚିତ ହେବେ ।

୪ର୍ଥ—ଆପଣଙ୍କ ୧୮୯୧ ସାଲର ବାର୍ଷିକ ପୋଲିସ ରିପୋର୍ଟ ଉପରେ ଗବର୍ଣ୍ଣମେଣ୍ଟଙ୍କ ୧୮୯୬ ସାଲ ସେପ୍ଟେମ୍ବର ମାସ ୧୪ ତାରିଖର ମନ୍ତବ୍ୟର ୮ମ ପାରାରେ ମଧ୍ୟ ଏବିଷୟର ଏହିପରି ଉଲ୍ଲେଖ ଅଛି :—

"ଚୌକିଦାରମାନେ ନିଜନିଜଠାରେ ଓ ସାଧାରଣରେ ହେୟ ବିବେଚିତ ହେବାର ଏବଂ ସଦନୁଷ୍ଠାନ ବିଷୟରେ ସେମାନଙ୍କର ପ୍ରଭାବ ଊଣା ହେବାର କାରଣମାନଙ୍କ ମଧ୍ୟରେ ନୀଚ ଜାତି ଓ ପଦର ଦୁର୍ନାମ ବ୍ୟତୀତ ଆଉ ଗୋଟିଏ କାରଣ ଏହି ଯେ ପ୍ରାଦେଶିକ ପୋଲିସ କର୍ମଚାରୀମାନେ ଚୌକିଦାରମାନଙ୍କୁ ସାଧାରଣତଃ ଭାରବାହକ ପଶୁ ଏବଂ ଦାସପରି ବ୍ୟବହାର କରି ଥାଆନ୍ତି । ଏହି ପ୍ରଥା ରହିତ କରିବା ନିମନ୍ତେ ଗବର୍ଣ୍ଣମେଣ୍ଟ ଯାହା କରିପାରନ୍ତି ତାହା କରିବା ନିମନ୍ତେ ପ୍ରସ୍ତୁତ ହୋଇଅଛନ୍ତି, ଏବଂ ଏ ବିଷୟରେ ବିଶେଷ ଆଦେଶ ବାହାରୁ ଅଛି, କିନ୍ତୁ ଲେପ୍ଟେନେଣ୍ଟ ଗବର୍ଣ୍ଣର ସାହେବ ତାଙ୍କର ଏହି ମନୋବାଞ୍ଛା ପ୍ରକାଶ କରିବାକୁ ଚାହାନ୍ତି ଯେ ଏହି ପ୍ରଥା

Digitized by srujan ka@gmail.com

ପ୍ରତି ଲକ୍ଷ୍ୟ ଦେଖାଇବା ମାଜିଷ୍ଟ୍ରେଟ୍ ଓ ଡିଷ୍ଟ୍ରିକ୍ଟ ପୋଲିସ ସୁପରିଣ୍ଟେଣ୍ଡେଣ୍ଟମାନଙ୍କର ଉଚିତ । ଏହା ଭରସା କରା ଯାଉଥାଏ ଯେ ଚୌକିଦାରମାନେ ଯେତେବେଳେ ବୁଝି ପାରିବେ ଯେ ସେମାନେ ସରକାରୀ ଚାକର ଏବଂ ମାଜିଷ୍ଟ୍ରେଟଙ୍କ ସ୍ୱାକ୍ଷରିତ ଓ ମୋହରଯୁକ୍ତ ସନନ୍ଦ ପାଇଅଛନ୍ତି ସେତେବେଳେ ସେମାନେ ଏପରି ନୀଚ ବ୍ୟବହାର ସହ୍ୟ କରିବେ ନାହିଁ, ଏବଂ ନିମ୍ନ ଶ୍ରେଣୀର ପୋଲିସ କର୍ମଚାରୀମାନେ ମଧ୍ୟ ବୁଝି ପାରିବେ ଯେ ଚୌକିଦାରମାନଙ୍କର ଅବସ୍ଥାର ଉନ୍ନତି ହେବାରୁ ସେମାନଙ୍କୁ ଦାସ୍ୟ କାର୍ଯ୍ୟରେ ନିଯୁକ୍ତ କରିବାକୁ ମନ ବଳାଇବା ଉଚିତ ନୁହେଁ ।"

୫ମ—ବର୍ତ୍ତମାନ ଏହା ଭରସା ହେଉଅଛି ବୋଲି କହିବାକୁ ଲେପ୍ଟେନେଣ୍ଟ ଗଭର୍ଣ୍ଣର ସାହେବ ଆଦେଶ ଦେଉଅଛନ୍ତି ଯେ ପ୍ରତ୍ୟେକ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ଏହି ଆଦେଶମାନ କାର୍ଯ୍ୟରେ ପରିଣତ କରିବେ, ଏବଂ ଥାନା କମ୍ପା ଫାଣ୍ଡି ପରିଦର୍ଶନ ସମୟରେ ଚୌକିଦାରମାନେ ଅନୁପଯୁକ୍ତ କାର୍ଯ୍ୟରେ ନିଯୁକ୍ତ ହେଉଥିବା ବା ହେଉ ନ ଥିବା ଏବଂ ଏହି ବିଷୟରେ ଗଭର୍ଣ୍ଣମେଣ୍ଟଙ୍କର ଏହି ଆଦେଶମାନ ସମସ୍ତ ପକ୍ଷମାନେ ବୁଝି ପାରୁଥିବା କି ନ ଥିବା ବିଶେଷ ବିଷୟ ମନେକରି ଅନୁସନ୍ଧାନ କରିବେ । ଅଧିକନ୍ତୁ ମଧ୍ୟ ସେ ଏ ସମ୍ବନ୍ଧରେ କି କି କରିଅଛନ୍ତି ତାହା ଏବଂ କୌଣସି ସ୍ଥଳରେ ଏତତ୍ସମ୍ବନ୍ଧୀୟ ନିୟମର ଅବହେଳା ବା ବିରୁଦ୍ଧାଚରଣ ହୋଇଥିଲେ ତାହାର ସମ୍ବାଦ ନେଇ ତାଙ୍କ ବାର୍ଷିକ ରିପୋର୍ଟରେ ଗୋଟିଏ ବିଶେଷ ପାରା ଲେଖିବେ । ଆପଣଙ୍କୁ ମଧ୍ୟ ଅନୁରୋଧ କରା ଯାଉଅଛି ଯେ ଆପଣଙ୍କ ବାର୍ଷିକ ରିପୋର୍ଟରେ ଆପଣ ଏ ବିଷୟରେ ଗୋଟିଏ ବିଶେଷ ପାରା ଲେଖିବେ ଏବଂ ସ୍ଥାନୀୟ ପରିଦର୍ଶନ ସମୟରେ ଆପଣ ଓ ଡେପୁଟି ଇନସ୍ପେକ୍ଟର ଜେନେରଲ ଏହି ଆଦେଶମାନ ବଳବତ୍ତର କରିଇବା ପ୍ରତି ମନୋଯୋଗୀ ହେବାକୁ ତ୍ରୁଟି କରିବେ ନାହିଁ ।

୬ଷ୍ଠ—ଆମ୍ଭେ ଏହା ମଧ୍ୟ ଉଲ୍ଲେଖ କରୁଅଛୁଁ ଯେ ଚୌକିଦାର ଏବଂ ମୁକରରୀ ପୋଲିସଙ୍କର ସମ୍ବନ୍ଧ ବିଷୟରେ ଏହି ହୁକୁମମାନଙ୍କର

Digitized by srujan ka@gmail.com

ସାର୍ଯାଂଶକୁ ଇଂରେଜ ଏବଂ ଦେଶୀୟ ଭାଷାରେ ଲିଖିତ ହୋଇ ଏହି ପ୍ରଦେଶର ପ୍ରତି ଥାନା ଓ ଆଉଟ-ପୋଷ୍ଟରେ ଟଙ୍ଗା ଯିବ ।

ଆପଣଙ୍କର ——————

ଏସ୍. ଜେ, ଏଚ୍. କଟନ,
ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କର ଚିଫ୍ ସେକ୍ରେଟେରି ।

୬୭୫ ଜେ. ଡ. ନମ୍ବର ।

——————ର କମିଶନରଙ୍କଠାରୁ ପ୍ରତିଲିପି ପ୍ରେରିତ ହେଲା ଯେ ସେ ଅଧୀନସ୍ଥ ମାଜିଷ୍ଟ୍ରେଟଙ୍କୁ ଅବଗତ କରାଇବେ ।

ଲେପ୍ଟେନେଣ୍ଟ ଗବର୍ଣ୍ଣରଙ୍କ ଆଦେଶ ମତେ ।

ଦାରଜିଲିଂ }
୨୨ ସେପ୍ଟେମ୍ବର ୮୧୨ }

ଏଚ୍. ସି. ଷ୍ଟ୍ରୀଟ୍ ଫିଲ୍ଡ୍,
ଅଣ୍ଡର୍ ସେକ୍ରେଟେରି ।

ବଙ୍ଗଳା ପୋଲିସ ।

ସରକୁଲର ନ ୫ ମ୍ବର ।

ଇ. ଆର୍. ହେନ୍ରି. ଏସ୍କୁଆର୍ ସି. ଏସ ।

ବଙ୍ଗଳା ପୋଲିସ ଇନ୍ସପେକ୍ଟର ଜେନରଲଙ୍କଠାରୁ
ସକଳ ପୋଲିସ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ସମୀପେଷୁ ।

(ମାଜିଷ୍ଟ୍ରେଟମାନଙ୍କ ଓ ଡେପୁଟୀ କମିଶନରମାନଙ୍କ ଜ୍ଞାତାର୍ଥରେ)

କଲିକତା, ୧୪ ସେପ୍ଟେମ୍ବର ୮୧୨ ।

ମହାଶୟ,

ଚୌକିଦାରମାନଙ୍କ ମଷ୍ଟର ପରେଡ଼ ନିମନ୍ତେ ସଂଶୋଧିତ ନିୟମାବଳୀ ପଠାଇବା ସଙ୍ଗେ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟମାନଙ୍କୁ ଗବର୍ଣ୍ଣମେଣ୍ଟଙ୍କର ଏହି ଇଚ୍ଛା ବୋଲି ଜଣାଇ ଦିଆ ଯାଉଅଛି ଯେ ଏହି ପ୍ରଣାଳୀ କପରି କାର୍ଯ୍ୟ-କର ହୋଇଅଛି ତାହା ଅନୁସନ୍ଧାନ କରିବା ପ୍ରତ୍ୟେକ ପରିଦର୍ଶକ କର୍ମ-

Digitized by srujan ka@gmail.com

ଣ୍ଟଙ୍କର ଉଚିତ; ଏବଂ ଏହି ବିଷୟ ବିଭାଗୀୟ ବାର୍ଷିକ ରିପୋର୍ଟରେ ବିଶେଷରୂପେ ଲିଖିତ ହେବ ।

୨ୟ । ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟମାନଙ୍କୁ ଅନୁରୋଧ କରା ଯାଉଅଛି ଯେ ସେମାନେ ସଦରର ପ୍ରଥମ ଦୁଇ ପରେଡ ସମୟରେ ସ୍ୱୟଂ ଉପସ୍ଥିତ ହେବେ, ଏବଂ ଦେଖିବେ ଯେ ନିୟମମାନ ବୁଝାଗଲା ଓ କାର୍ଯ୍ୟରେ ପରିଣତ ହେଲା; ଏବଂ ପ୍ରଶ୍ନମାନଙ୍କ ମଧ୍ୟରୁ ଯେଉଁମାନ ସ୍ଥାନୀୟ ଅବସ୍ଥାର ଉପଯୋଗୀ ସେମାନ ବଛାଗଲା । ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଥିଲେ ତାଙ୍କୁ ଗସ୍ତରେ ପଠାଇବା ଉଚିତ ଯେ ସେ ଏହି ନିୟମମାନ ବୁଝା ଗଲା କି ନା ଏବଂ ପାଳିତ ହେଇଅଛି କି ନା ଏହା ଥାନା ଥାନା ବୁଲି ଦେଖିବେ, ଏବଂ ତାହାଙ୍କ ଗସ୍ତ ଏପରି ହେବା ଉଚିତ ଯେ ପରେଡ ଦିନ ସେ ଥାନାରେ ଉପସ୍ଥିତ ଥିବେ । ଇନ୍ସ୍ପେକ୍ଟରମାନେ ଆପଣା୨ ଇଲାକାର ସବୁ ଥାନା ପରେଡମାନ କ୍ରମେ୨ ଦେଖିବେ ଏବଂ ନିୟମମାନ ପାଳିତ ହେଉଅଛି କି ନା ତାହା ମଧ୍ୟ ଦେଖିବେ । ଅଧିକ ମଧ୍ୟ ସେମାନେ ଦେଖିବେ ଯେ ବିହିତ ଫାରମରେ ହାଜିରା ବହି ଲେଖା ଯାଉଅଛି କି ନା ଏବଂ ଉପଦେଶମାନଙ୍କ ଅନୁସାରେ ପ୍ରୟୋଜନୀୟ ସମ୍ବାଦମାନ ତହିଁରେ ଲେଖା ଯାଉଅଛି କି ନା ।

୩ୟ—ନିୟମମାନ ଓ ବଛା ପ୍ରଶ୍ନମାନ ଭାଷାନ୍ତରିତ (ତର୍ଜମା) ହେବା ଉଚିତ; ଏବଂ ସାମାନ୍ୟ ଖର୍ଚ୍ଚରେ ସମ୍ଭବପର ହେଲେ ଜିଲାର ପ୍ରଚଳିତ ଅକ୍ଷରରେ ଛପା ହେବ ଯେ ତାହା ପୋଲିସ ଷ୍ଟେସନ୍ ଓ ଆଉଟ୍-ପୋଷ୍ଟ-ମାନଙ୍କୁ ପଠାଯିବ ।

ଇ. ଆର୍. ହେନ୍ରି.

ବଙ୍ଗଲା ପୋଲିସ ଇନସ୍ପେକ୍ଟର ଜେନେରଲ ।

Digitized by srujan ka@gmail.com

ଚୌକିଦାରୀ ମଷ୍ଟର ପରେଡ଼ କରିବା ପାଇଁ ଉପଦେଶ ।

୧ମ—ପ୍ରତ୍ୟେକ ଷ୍ଟେଶନ୍ ଓ ଆଉଟ୍-ପୋଷ୍ଟ ଇଲାକାର ଚୌକିଦାରଙ୍କ ମାନେ ଦୁଇ ଶ୍ରେଣୀରେ ବିଭକ୍ତ ହେବେ—

(କ) ଦଶ ମାଇଲ ମଧ୍ୟରେ ଯେଉଁମାନଙ୍କ ଗ୍ରାମ ।

(ଖ) ଦଶ ମାଇଲ ବାହାରେ ଯେଉଁମାନଙ୍କ ଗ୍ରାମ ।

୨ୟ—ଉକ୍ତ ଦୁଇ ଶ୍ରେଣୀର ଚୌକିଦାରମାନେ ୨୦ ବା ତହିଁରୁ ନ୍ୟୂନ, ସଂଖ୍ୟକ ଉପବିଭାଗ ବା ପିଁଢ଼ାରେ ବିଭକ୍ତ ହେବେ ; ଏବଂ ପ୍ରତିପିଁଢ଼ା ଜଣେ, ଦଫାଦାର ବା ସର୍ଦ୍ଦାରଙ୍କ ଅଧୀନରେ ରହିବ ।

୩ୟ—ପ୍ରଥମ ଶ୍ରେଣୀ (ଅର୍ଥାତ୍ ଯେଉଁମାନଙ୍କର ଗ୍ରାମ ଦଶ ମାଇଲ ମଧ୍ୟରେ ସେମାନେ) ସପ୍ତାହରେ ଥରେ ଓ ଦ୍ୱିତୀୟ ଶ୍ରେଣୀ (ଅର୍ଥାତ୍ ଯେଉଁମାନଙ୍କ ଗ୍ରାମ ଦଶ ମାଇଲ ବାହାରେ ସେମାନେ) ଏକ ପକ୍ଷରେ ଥରେ ଲେଖାଁଏ ହାଜିର ଦେବେ ।

୪ର୍ଥ—ପ୍ରତ୍ୟେକ ଚୌକିଦାରଙ୍କୁ ତାହା ପିଁଢ଼ାରେ ତାହାର ଯେତେ ନମ୍ବର ବା ସଂଖ୍ୟା ତାହା ଓ ସେହି ପିଁଢ଼ାର ନମ୍ବର ବା ସଂଖ୍ୟା ଦିଆଯିବ ।

୫ମ—ପ୍ରତି ପିଁଢ଼ାର ସମ ଓ ବିଷମ* ନମ୍ବରଧାରୀ ଚୌକିଦାରମାନେ ସପ୍ତାହର ହାଟବାର ବା ସେହିପରି ସ୍ଥାନୀୟ ଅନ୍ୟ ଘଟଣା ଦୃଷ୍ଟିରେ ଉଦ୍ଦିଷ୍ଟ ସୁପରିଣ୍ଟେଣ୍ଡେଣ୍ଟ ଯେଉଁ ଭିନ୍ନ ଦିନମାନ ଧାର୍ଯ୍ୟ କରିବେ ସେହି ଭିନ୍ନ ଦିନରେ ଉପସ୍ଥିତ ହେବେ ଏବଂ ସେମାନଙ୍କ ସଙ୍ଗରେ ସେମାନଙ୍କ ଦଫାଦାରମାନେ ଥିବେ । କୌଣସି ଗ୍ରାମରେ ଦୁଇ ବା ତତୋଧିକ ଚୌକିଦାର ଥିଲେ ସେମାନେ ପାଳି କରି ଉପସ୍ଥିତ ହେବେ ଯେ ଜଣେ ଚୌକିଦାର ସର୍ବଦା ଗ୍ରାମରେ ରହିବ ।

---

* ସମ ୨, ୪, ୬ . . . . ଏବଂ ବିଷମ ୩, ୫, ୭, ୯ ।

୬ଷ୍ଠ—ଚୌକୀଦାରୀ ପରେଡ ଏପରି ସମୟରେ କରିବା ଉଚିତ ଯେ ଯଥା ସମ୍ଭବ ସୂର୍ଯ୍ୟାସ୍ତ ପୂର୍ବରୁ ଯେପରି ସେମାନେ ଆପଣା ୨ ଗ୍ରାମକୁ ଫେରି ଯାଇ ପାରନ୍ତି । ନିର୍ଦ୍ଦିଷ୍ଟ ସମୟର ପରେଡ କରିବା ପ୍ରତି ବିଶେଷ ଧ୍ୟାନ ରହିବାକୁ ହେବ ।

୭ମ—ପୋଲିସ ଷ୍ଟେଶନ୍ ବା ଆଉଟ୍-ପୋଷ୍ଟର ହତାରେ ଚୌକୀଦାର ପରେଡ କରିବାକୁ ହେବ । ପ୍ରତି ଦଲ ପାଇଁ ୧୦ ଖଣ୍ଡ କରି ଟାଇଲ ଜମିରେ ଯୋଡା ଥିବ । ପ୍ରତ୍ୟେକ ଚୌକୀଦାରର ବ୍ୟବହୃତ ଟାଇଲରେ ତାହାର ନମ୍ବର ଲେଖାଯିବ । ଚୌକୀଦାରମାନଙ୍କ ଖରା ବର୍ଷାରୁ ରକ୍ଷା କରିବା ପାଇଁ ଛାତଥିବା ପକ୍କା ଚଟାଣ କରି ତହିଁରେ ଚତୁଷ୍କୋଣିଆ ଦାଗ ଦେଲେ ଭଲ ହେବ ।

ଥାନାଠାରୁ ୧୦ ମାଇଲ ମଧ୍ୟରେ ଥିବା ୮୬ ଜଣ ଚୌକୀଦାରଙ୍କର ପରେଡ ଭୂମି ।

ପରେଡକାରୀ ଅଫିସର ।

୧ମ ପୁଞ୍ଜ ।

୧-୨	୩-୪	୫-୬	୭-୮	୯-୧୦	୧୧-୧୨	୧୩-୧୪	୧୫-୧୬	୧୭-୧୮	୧୯-୨୦

୨ୟ ପୁଞ୍ଜ ।

୧-୨	୩-୪	୫-୬	୭-୮	୯-୧୦	୧୧-୧୨	୧୩-୧୪	୧୫-୧୬	୧୭-୧୮	୧୯-୨୦

୩ୟ ପୁଞ୍ଜ ।

୧-୨	୩-୪	୫-୬	୭-୮	୯-୧୦	୧୧-୧୨	୧୩-୧୪	୧୫-୧୬	୧୭-୧୮	୧୯-୨୦

୪ର୍ଥ ପୁଞ୍ଜ ।

୧-୨	୩-୪	୫-୬	୭-୮	୯-୧୦	୧୧-୧୨	୧୩-୧୪	୧୫-୧୬	୧୭-୧୮	୧୯-୨୦

୫ମ ପୁଞ୍ଜ ।

୧-୨	୩-୪	୫-୬

Digitized by srujan ka@gmail.com

କୌଣସି ଟାଇଲ ଖାଲି ଥିଲେ ଅନୁପସ୍ଥିତ ଚୌକୀଦାର ଚିହ୍ନ ଧରା ପଡ଼ିବ ।

୮ମ—ଚୌକୀଦାରମାନଙ୍କର ପରେଡ଼ ହେଲା ଉତ୍ତାରୁ ହାଜିରା ବହିର ସବୁ କାଲମ ବା ସ୍ତମ୍ଭମାନ ପୂରଣ କରିବାକୁ ହେବ । ଉପସ୍ଥିତ ଚୌକୀଦାରମାନଙ୍କ ସମ୍ବନ୍ଧରେ କଳା ସେହାଇ ଓ ଅନୁପସ୍ଥିତ ଚୌକୀଦାରମାନଙ୍କ ସମ୍ବନ୍ଧରେ ଲାଲ ସେହାଇ ବ୍ୟବହାର କରିବାକୁ ହେବ । କୌଣସି ସ୍ଥାନ କଦାପି ପୂରିତ ନ ହୋଇ ରହିବ ନାହିଁ । ଉପଯୁକ୍ତ କାରଣ ଦେଖାଇ ପାରିଲେ ବଦଳିଆ ପଠାଇବା ପାଇଁ ଚୌକୀଦାରମାନଙ୍କୁ ଅନୁମତି ଦିଆ ଯାଇ ପାରେ; କିନ୍ତୁ ବଦଳିଆର ଶାରୀରିକ ଅବସ୍ଥା ଉପଯୁକ୍ତ ହେବା ଉଚିତ । ଏ ଅନୁଗ୍ରହର ଯେପରି ଅପବ୍ୟବହାର ନ ହୁଏ, ତତ୍ପ୍ରତି ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ଅବଶ୍ୟ ଦୃଷ୍ଟି ରଖିବେ ।

୯ମ—ହାଜିରା ବହିରେ ନିମ୍ନଲିଖିତ ବିଷୟମାନ ଲେଖାଯିବ ଯଥା—

(କ) ଗ୍ରାମରେ ସମ୍ପତ୍ତି ସମ୍ବନ୍ଧୀୟ ଅପରାଧ ଘଟିଥିଲେ ତାହାର ଉକ୍ତ ତାରିଖ ଓ ଆଇନର ଧାରା (ଖ) ଏଥିସଙ୍ଗେ ଥିବା ଫାରମ ଲିଖିତ ପ୍ରକାରରେ ଜନ୍ମ ଓ ମୃତ୍ୟୁ (ଗ) ସେ ଶ୍ରେଣୀର ଦାଗିମାନଙ୍କର କିମ୍ବା ଯେଉଁମାନଙ୍କର ଉପରେ ସନ୍ଦେହ ହୋଇଅଛି ସେମାନଙ୍କର ନାମ ଏବଂ (ଘ) ଗ୍ରାମର ପଳାତକ ଲୋକମାନଙ୍କର ନାମ । ବର୍ଷ ଶେଷରେ ଏହା ପ୍ରତ୍ୟେକ ଗ୍ରାମ ଓ ପ୍ରତ୍ୟେକ ଗ୍ରାମପୁଞ୍ଜି ସମ୍ବନ୍ଧରେ ମୂଲ୍ୟବାନ ସ୍ଥାୟୀ କାଗଜ ହେବ ।

N.B.—ଚୌକୀଦାରମାନେ ସେମାନଙ୍କ ଦରମା ପାଇବା ବହି ନିଶ୍ଚୟ ସଙ୍ଗରେ ଆଣିଥିବେ । ଚୌକୀଦାର ବେତନ ପ୍ରାପ୍ତି ସ୍ୱୀକାର କଲେ ଷ୍ଟେସନ ବା ଆଉଟ୍-ପୋଷ୍ଟର ଭାରପ୍ରାପ୍ତ କର୍ମ୍ମଚାରୀ ବହିର ପ୍ରତ୍ୟେକ ଦରଜ ସ୍ଥଳେ ସାଙ୍କେତିକ ସ୍ୱାକ୍ଷର କରିବେ; ବେତନ ପ୍ରାପ୍ତି ଅସ୍ୱୀକାର କଲେ, ମାଜିଷ୍ଟ୍ରେଟଙ୍କ ଆଦେଶ ନିମନ୍ତେ ସକଳ ବୃତ୍ତାନ୍ତର ରିପୋର୍ଟ କରିବାକୁ ହେବ ।

Digitized by srujan ka@gmail.com

୧୦ମ—ହାଜର ନେଇ ପରେଟ କରାଉଥିବା କର୍ମଚାରୀ (କ) ଚିହ୍ନିତ ପରିଶିଷ୍ଟ ଲିଖିତ ପ୍ରଶ୍ନାବଳୀ ମଧ୍ୟରୁ ଯେଉଁ ପ୍ରଶ୍ନମାନ ତାଙ୍କ ଜିଲ୍ଲାର ଅବସ୍ଥା ଦୃଷ୍ଟିରେ ପ୍ରୟୋଜନୀୟ ସେହି ପ୍ରଶ୍ନମାନ ପଢ଼ି ଶୁଣାଇ ଦେବେ ଏବଂ ଯତ୍ନକରି ବୁଝାଇ ଦେବେ । ଏପରି ପ୍ରଶ୍ନ ସିବାୟ ଅନ୍ୟ ଯେଉଁ ସମ୍ବାଦମାନ ପ୍ରୟୋଜନୀୟ ମନେ କରିବେ ସେଥିପାଇଁ ସେ ପ୍ରଶ୍ନ କରିବେ । ଡାଇରି ନମ୍ବର ଅନୁସାରେ (ସଂଖ୍ୟାର ଅନୁକ୍ରମରେ) ପ୍ରଶ୍ନମାନ କରାଯିବ । ଯେଉଁ ଚୌକିଦାରମାନଙ୍କୁ କୌଣସି ପ୍ରଶ୍ନ ବିଶେଷର ଉତ୍ତର ଦେବାକୁ ଥିବ ସେମାନେ ସମସ୍ତେ ଛିଡ଼ା ହେବେ ଏବଂ ସେମାନଙ୍କ ସମ୍ବାଦ କୌଣସି ଏକ ରେଜିଷ୍ଟରରେ ଲେଖା ନ ହେବା ଯାଏ ଠିଆ ହୋଇ ରହିବେ । ଯେଉଁ ପଳାୟକ ଆସାମିମାନେ, ଘୋଷିତ ହୋଇଥିବା ଆସାମିମାନେ, (କଏଦ ଖଲାସ) କାରାମୁକ୍ତ ବ୍ୟକ୍ତିମାନେ, ସନ୍ଦିଗ୍ଧ ବ୍ୟକ୍ତିମାନେ ଏବଂ ଲୁଟିଆଲ ଗ୍ରାମରେ ଥାନ୍ତି କିମ୍ବା ଯେଉଁ ପଳାୟକ ଅସାମୀ ପ୍ରଭୃତିଙ୍କ ଭାଇବନ୍ଧୁ ନେ ଗ୍ରାମରେ ଥାନ୍ତି ସେମାନଙ୍କୁ ଚୌକିଦାରମାନେ ଜାଣନ୍ତି କି ନା ଏହା ସ୍ଥିର କରିବା ନିମନ୍ତେ ସେମାନଙ୍କୁ ପ୍ରଶ୍ନ କରି ସେମାନଙ୍କଠାରୁ ଉତ୍ତର ନେବା ଉଚିତ; ଏବଂ ଉକ୍ତ ପ୍ରକାର ବ୍ୟକ୍ତିମାନଙ୍କର ତାଲିକା ଚୌକିଦାରମାନଙ୍କୁ ଦେବା ଉଚିତ; କିନ୍ତୁ କୌଣସି ଚୌକିଦାରର କିଛି ନୂତନ ସମ୍ବାଦ ଦେବାକୁ ଥିଲେ ସେ ତାହା ପରେଟ ଉତ୍ତାରେ ସବ୍-ଇନ୍‌ସ୍ପେକ୍ଟରଙ୍କୁ ଗୁପ୍ତରେ ଜଣାଇବା ଉଚିତ ।

୧୧ଶ—ଜନ୍ମମୃତ୍ୟୁ ରିପୋର୍ଟ ତଲବ ହେଲେ ପ୍ରତ୍ୟେକ ଚୌକିଦାର ସାନିଟାରୀ କମିଶନରଙ୍କ ଦତ୍ତ ହାତଚିଠା ବଡ଼ାଇ ଦେବ । ଏହି ଦଲିଲରେ କିଛି ଲେଖାଥିବା ବା ନ ଥିବାର ପ୍ରମାଣସ୍ୱରୂପ ପଞ୍ଚାୟତର ସରପଞ୍ଚ ବା ଅନ୍ୟ ସଭ୍ୟର ସ୍ୱାକ୍ଷର ଥିବ; ଏବଂ ତହିଁରେ କିଛି ଲେଖା ନ ଥିଲେ ସୁଦ୍ଧା ଚୌକିଦାର ତାକୁ ସଙ୍ଗରେ ଆଣିବାକୁ ବାଧ୍ୟ । ତହିଁରେ କିଛି ନୂତନ ସମ୍ବାଦ ଲେଖା ଥିଲେ ତାକୁ ପରେଟ ହେଉଥିବା ବେଳେ ପୋଲିସ କର୍ମଚାରୀ ରେଜିଷ୍ଟ୍ରିଭୁକ୍ତ କରିବେ ।

Digitized by srujan ka@gmail.com

୧୨ଶ—ପ୍ରାପ୍ତ ସମ୍ବାଦ, ଅନୁପସ୍ଥିତ ଚୌକୀଦାରମାନଙ୍କ ନାମ ଓ ନମ୍ବର ମଣ୍ଡଳର ଠିକ୍ ସମୟ ଏବଂ ଯେଉଁ ସମୟ ଯାଏ ପରେଡ଼ ହେବ ତାହା ସବୁ ଷ୍ଟେଶନ ଡ଼ାଏରୀ ଏବଂ ଯଥୋପଯୁକ୍ତ ରେଜିଷ୍ଟ୍ରିରେ ଲେଖା ହେଲା ଉତ୍ତାରୁ ପରେଡ଼ କରାଉଥିବା କର୍ମ୍ମଚାରୀ ଅନତିବିଳମ୍ବରେ ଚୌକୀଦାରମାନଙ୍କୁ ବିଦାୟ ଦେବେ ଯେ ସେମାନେ ସନ୍ଧ୍ୟା ହେବା ପୂର୍ବରୁ ଆପଣା ୨ ଘରେ ପହୁଞ୍ଚି ପାରିବେ । କେବଳ ବିଶେଷ କାରଣ ହେଲେ ଚୌକୀଦାର—ପରେଡ଼ର ଭାର ଅଧୀନସ୍ଥ କର୍ମ୍ମଚାରୀମାନଙ୍କୁ ଦିଆଯିବ; ଏବଂ ତାହା ହେଲେ ସେହି ବିଶେଷ କାରଣ ଷ୍ଟେଶନ ଡ଼ାଏରୀରେ ଲେଖିବାକୁ ହେବ ।

୧୩ଶ—ପରେଡ଼ ଦିନ ପୁରସ୍କାର ବିତରଣ କରିବା ଓ ଦଣ୍ଡ ଜଣାଇ ଦେବା ଉଚିତ । ଚୌକୀଦାରମାନଙ୍କର କୌଣସି ଭଲ କାର୍ଯ୍ୟ ଉପେକ୍ଷିତ ବା ଅନବଧାରିତ ରହିବ ନାହିଁ । ପୁରସ୍କାର ନିମନ୍ତେ ଟଙ୍କାର ଅଭାବ ହେଲେ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ଆପଣା କଟେଗୀ—ମୋହରଯୁକ୍ତ ପ୍ରଶଂସାପତ୍ର ଦେବେ ।

୧୪ଶ—ପ୍ରତ୍ୟେକ ଚୌକୀଦାରଙ୍କୁ ପାର୍ଚ୍ଚମେଣ୍ଟ କାଗଜରେ ସନନ୍ଦ ଦିଆଯିବ । ଏହି ସନନ୍ଦ ସର୍ଭିସ୍ ଶିଟ୍ ସ୍ଥାନୀୟ ହେବ, ଏବଂ ନିଯୁକ୍ତି ଓ ଭଲମନ୍ଦ ଆଚରଣର ଦଲିଲ ହେବ । ଜନ୍ମ ମୃତ୍ୟୁର ହାତଚିଠା, ସନନ୍ଦ ଓ ବେତନ ହିସାବ ବହି ରଖିବା ନିମନ୍ତେ ପ୍ରତ୍ୟେକ ଚୌକୀଦାର ଗୋଟିଏ ଲେଖାଏ ଟିନ୍ ବା ବାଉଁଶର ନଳ ରଖିବେ ।

୧୫ଶ—କଏଦୀମାନଙ୍କୁ ପହରା ଦେବା ବା ସେମାନଙ୍କ ସଙ୍ଗରେ ଯିବା ପରି ବିଶେଷ ଜରୁରୀ କାର୍ଯ୍ୟ ବ୍ୟତୀତ ବାଜେ ବା ଅନ୍ୟ କାର୍ଯ୍ୟ ନିମନ୍ତେ ଚୌକୀଦାରମାନେ ଆପଣା ୨ ଗ୍ରାମର ବାହାରକୁ ନିଆଯିବେ ନାହିଁ । ପୋଲିସ କର୍ମ୍ମଚାରୀମାନେ ଚୌକୀଦାରମାନଙ୍କୁ ନିଜ ବେସରକାରୀ

Digitized by srujan ka@gmail.com

କାର୍ଯ୍ୟରେ କିମ୍ବା ଅନ୍ୟ କୌଣସି କାର୍ଯ୍ୟରେ ନିଯୁକ୍ତ କଲେ ଗୁରୁତର ଦଣ୍ଡ ପାଇବେ ଏବଂ ସରାସରି ବର୍ଖରରେ କର୍ମ୍ମଚ୍ୟୁତର ଉପଯୁକ୍ତ ବୋଲି ବିବେଚିତ ହେବେ ।

୧୬ଶ—ଚୌକିଦାରମାନଙ୍କ ମନରେ ଏହା ମୁଦ୍ରିତ କରାଇ ଦେବା ଉଚିତ ଯେ କୌଣସି ଦୋଷ କିମ୍ବା ଶାନ୍ତିଭଙ୍ଗର ସମ୍ଭାବନା ଘଟିଲେ ତାହା ଅତିଶୀଘ୍ର ପୋଲିସକୁ ଜଣାଇ ଦେବା ସେମାନଙ୍କର କର୍ତ୍ତବ୍ୟ କର୍ମ୍ମ ଏବଂ ସେମାନେ ଏପରି ସମ୍ବାଦ ଜମିଦାର ବା ତାଙ୍କ ଗୁମାସ୍ତାଙ୍କୁ ଦେବା ନିମନ୍ତେ ବାଧ୍ୟ ନ ଥିବାରୁ ପୋଲିସରେ ସମାଦ ଦେବାରେ ବିଳମ୍ବ ହେଲେ ସେମାନଙ୍କର ଜମିଦାର ବା ଜମିଦାର ଗୁମାସ୍ତାଙ୍କୁ ସମ୍ବାଦ ଦେଇଥିବା ଆପତ୍ତି ଗ୍ରାହ୍ୟ ହେବ ନାହିଁ ।

ଇ. ଆର୍. ହେନ୍ରି,

ପୋଲିସ ଇନ୍‌ସ୍ପେକ୍ଟର ଜେନରଲ ।

ଚୌକିଦାରମାନଙ୍କ—ମଷ୍ଟର ପଢେଇ ନିମନ୍ତେ ପ୍ରଶ୍ନାବଳୀ ।

୧ମ—ତୁମ୍ଭ ଗ୍ରାମରେ କୌଣସି ଦୋଷ ବା ଅପରାଧ କରା ହୋଇଅଛି କି ନା କିମ୍ବା କୌଣସି ଘଟନା ଲୁକ୍କାୟିତ ହୋଇଅଛି ବୋଲି ତୁମ୍ଭର ମନେ କରିବାର କୌଣସି କାରଣ ଅଛି କି ନା ?

୨ୟ—କୌଣସି ଅସ୍ୱାଭାବିକ, ଅକସ୍ମାତ୍ ବା ସନ୍ଦିଗ୍ଧ ମୃତ୍ୟୁ ଘଟିଛି କି ? କୌଣସି ଜନ୍ମ ବା ମୃତ୍ୟୁ ରିପୋର୍ଟ କରିବାର ଅଛି କି ?

୩ୟ— ଝାଡ଼ାବାନ୍ତି, ବସନ୍ତ, ବା ଅନ୍ୟାନ୍ୟ ବ୍ୟାପକ ରୋଗ ଦେଖା ଦେଇଛି କି ?

୪ର୍ଥ— କୌଣସି ଘରପୋଡ଼ି ହୋଇଛି କି ନା ? ଯଦି ହୋଇଥାଏ ତେବେ ତହିଁରେ କେହି ସହାୟ କରିଥିବାର ସନ୍ଦେହ ହୁଏ କି ?

Digitized by srujan ka@gmail.com

୫ମ—ରେଜଷ୍ଟ୍ରି ଭୁକ୍ତ କୌଣସି କଏଦ ଖଲାସି କିମ୍ବା କୌଣସି କଏଦୀମାନ ଗ୍ରାମରୁ ପଳାଇ ଯାଇଅଛନ୍ତି କି? ଯଦି ଏପରି ହୋଇଥାଏ ତେବେ ତୁମ୍ଭେ ଅନୁସନ୍ଧାନ କରିଛ କି? ତୁମ୍ଭ ଗ୍ରାମକୁ କୌଣସି ମନ୍ଦ ଆଚରଣର ଲୋକେ ଆସିଛନ୍ତି କି? ସେମାନଙ୍କ ନାମ ଓ ବାସ ସ୍ଥାନର ବିବରଣ ଦିଅ।

୬ଷ୍ଠ—ଗ୍ରାମର ଆଖପାଖରେ କୌଣସି ସନ୍ଦିଗ୍ଧ ଚରିତ୍ରର ଲୋକ, ଜୁଆରି, ବା ଜୁଆଚୋର, କିମ୍ବା କୌଣସି ବିଦେଶୀ ବା ବାରବୁଲା ଜାତିର ଲୋକ ଦେଖା ଯାଇଛନ୍ତି କି?

୭ମ—ଫସଲ ସମ୍ବନ୍ଧରେ ତୁମ୍ଭର କୌଣସି ସମ୍ବାଦ ଅଛି କି?

୮ମ—କୌଣସି ଗୋ ମହିଷ ରୋଗ ହୋଇଅଛି କି?

୯ମ—ତୁମ୍ଭ ଗ୍ରାମରେ ରହୁଥିବା କୌଣସି ବ୍ୟକ୍ତି ଏପରି କୌଣସି ଗୋରୁ ଆଣିଛି କି ଯେ ତହିଁରେ ସନ୍ଦେହ ହୋଇପାରେ? ତୁମ୍ଭ ଗ୍ରାମରେ ଚମାର (ଷ୍ଟେଟଜାଡ) ମାନଙ୍କ ମଧ୍ୟରୁ କେହି ଗୋରୁଙ୍କୁ ବିଷ ଦେଇ ମାରୁଥିବାର ସନ୍ଦେହ ହୁଏ କି? ତୁମ୍ଭ ଗ୍ରାମକୁ କେହି ଚମଡ଼ା ବେପାରି ଆସିଛି କି? ଗୋରୁମାନଙ୍କର ମୃତ୍ୟୁ ବା ବୁଲା ଗୋରୁଙ୍କର ସଂଖ୍ୟା ବୃଦ୍ଧି ହୋଇଅଛି କି?

୧୦ମ—ତୁମ୍ଭ ଗ୍ରାମକୁ କୌଣସି ସରକାରୀ କର୍ମଚାରୀ ଯାଇଥିଲେ କି ନା? କିମ୍ବା ଗ୍ରାମ ନିକଟରେ ଉତ୍ତରି ଥିଲେ କି ନା?

୧୧ଶ—ଗଛ, ଡାଳ, ବା ବାଉଁଶ ଲାଗି କୌଣସି ଡାକଡାକର ତାର ଅବରୋଧ କିମ୍ବା କୌଣସି ସର୍ଭେ ପିଲପାୟା, ରାସ୍ତା ପାଖରେ ଲାଗିଥିବା ଗଛ, ପୋଲ, ସଙ୍କ ବା ସରକାରୀ ଜିନିସର କିଛି ଲୋକସାନ ହେବାର ଦେଖିଛ କି?

୧୨ଶ—ଜମିଦାର ଓ ରୟତ କିମ୍ବା ରୟତମାନଙ୍କର ଆପଣା ମଧ୍ୟରେ ମନାନ୍ତର ହେବାର କୌଣସି କାରଣ ଶୁଣିଛ କି? କିମ୍ବା ଜମି, ଜଳର

Digitized by srujan ka@gmail.com

୧୮୩—ଭୁମ୍ବ ଅଞ୍ଚଳରେ ନାଳ ଥିଲେ କେହ ଗ୍ରେସ ପାଣି ମଜ୍ଜାଭୁ-
ଣ୍ଡବାର ଜାଣ କି ?

ଇ. ଆର. ହେନ୍ରି,
ପୋଲିସ ଇନ୍‌ସ୍ପେକ୍ଟର ଜେନରଲ।

Digitized by srujan ka@gmail.com

(୪୮ ପୃଷ୍ଠାଠାରେ ଦଣ୍ଟବ୍ୟ ।)

୫ମ ପରିଶିଷ୍ଟ ।

ଗ୍ରାମ୍ୟ ବୈସବାରିମାନଙ୍କର ଦାଖଲ ରେକର୍ଡ଼ ଓ ଦୋଷପତ୍ରର ନକ୍ସା ନମ୍ବର ୧।

୧ ନମ୍ବର ପରିଚ୍ଛେଦ—ପ୍ରଥମ ସଂଖ୍ୟାଧାରୀ ବୈସବାରିମାନଙ୍କର ସୋମବାରରେ ଓ ଦ୍ୱିତୀୟ ସଂଖ୍ୟାଧାରୀ ବୈସବାରିମାନଙ୍କର ମଙ୍ଗଳବାରରେ ଦାଖଲ ।

୧	୨	୩	୪	୫	୬	୭	୮	୯	୧୦	୧୧	୧୨	୧୩	୧୪	୧୫	୧୬	୧୭	୧୮
ବୈସବାରିଶ ନମ୍ବର ।	ପୋଲିସ ଷ୍ଟେସ-ନରୁ କେତେ ଦୂରରେ ଏବଂ କେଉଁ ଦିଗରେ ଗ୍ରାମ ।	ଘର ସଂଖ୍ୟା ।	ବୈସବାର ଓ ଗ୍ରାମର ନାମ ।	ଜାନୁଏରି ।	ଫେବ୍ରୁଏରି ।	ମାର୍ଚ୍ଚ ।	ଏପ୍ରିଲ ।	ମେ ।	ଜୁନ ।	[illegible]	ଜୁଲାଇ ।	ଅଗଷ୍ଟ ।	ସେପ୍ଟେମ୍ବର ।	ଅକ୍ଟୋବର ।	ନଭେମ୍ବର ।	[illegible]	ପ୍ରତ୍ୟେକର ପରାଧୀନତାର କାମ, ଶ୍ରେଣୀ ନମ୍ବର ଓ ଗ୍ରାମ ଏବଂ ମଣ୍ଡଳର ରେକର୍ଡ଼ର ନାମ, ଏବଂ ୧୩ ନମ୍ବର ରେକର୍ଡ଼ର ନମ୍ବର ।
୧	୪ ମାଇଲ । ପୂ ।	୧୦୨	ବେଗର ଗ୍ରାମ ଗଲ	୩, ୧୨, ୧୯ × × × × — = ୭.୪୫୬ ଘ.	୨, ୯, ୧୬, ୨୩, × × × × ≡ − ≡ × × × ୨, ୩୮୦ ଘ	୨, ୮, ୧୫, ୨୨ × ≡ × × × ≡ ×	..	..	..	..	..	..	..	..	..	..	ପି ୨୦ ବାବର ଟେଉ—୦୧୩ ଧାର ପଣ୍ଡକୁ । ୭ ନମ୍ବର ୧ ସ୍ତ୍ରୀ ପରଦ୍ଧ ବର ପଲାୟନ—୪୧୨ ପଣ୍ଡକୁ ।
୨	୬ ମାଇଲ । ପୂ ।	୧୦୬	ବୋଲଗାର ହବୁ ଗାଁ	୪, ୧୧, ୧୮, ୨୫ ≡ × × ≡ × — ୨, ୫୫୭ ଘ.	୭, ୧୪, ୨୧ ୨୮.	୭, ୧୪, ୨୧, ୨୮ ≡ − = × ୭.୩୮୦ ଘ.	..	..	..	..	..	..	..	..	..	..	ପି ୧୪ ଗୋଲକୁଣ୍ଡ ପେଣ—୪୧୨ ଧାର । ୨ ନମ୍ବର ୨ ଜଣ ଉଦ୍ଧୃତ ବନ୍ଧୁ ପଲାୟନ ୩୦୨ ଧାର ପଣ୍ଡକୁ ।
୩	୨ ମାଇଲ । ଉ । ପୂ ।	୮୧	ଜଗନ୍ନାଥ ଗ୍ରାମ ବନ୍ଧୁ,	୫, ୧୨, ୧୯, ୨୬ ୨,୪୧୧ ଘ. × = ୫,୧୪୩ ଘ. × × × × × × ୨,୪୫୭ ଘ.	୨, ୨, ୧୬, ୨୩. × ୪,୩୧୨ ଘ ≡ − ×	୧, ୮, ୧୫, ୨୨ × × × × ≡	..	..	..	..	..	..	..	..	..	..	ପଲାୟନ ବେଓ ବାରମ୍ବର ସିଂହ (୩୪୦୦ ଟି. ଭ.) ପି ୨ ଘର ଗାଁ ୩୫୭ ପଣ୍ଡକୁ ।

ସଂକେତ—ମୁଦ୍ରର ଚିହ୍ନ ×
ଗଜ୍ଜୁ „ —
ଉପସ୍ଥିତ ଗ୍ରାହକ କଳାରେଖା
ଅନୁପସ୍ଥିତ ଗ୍ରାହକ ଲାଲରେଖା
୧ ନମ୍ବରର ୭,୪୫୬ ଘ—ଜାନୁଏରିର ୭ ନମ୍ବର ୪୫୭ ଧାର ଅନୁବାଦିତ
୩ ନମ୍ବରର ୪,୩୧୨ ଘ— „ ୪ „ ୩୧୨ „ ପ୍ରକାଶିତ

୧୮ ସ୍ତମ୍ଭର ସ୍ତ୍ରୀ ମାନେ ସ୍ତ୍ରୀ ଶ୍ରେଣୀର ଦାଗୀ ।
୧୮ ସ୍ତମ୍ଭର ସି. ଭ. ମାନେ ବଦଲେଷ ନମ୍ବର ।

୬ଷ୍ଠ ପରିଶିଷ୍ଟ ।

ଜିଲାର ଚୌକିଦାରୀ ପୁରସ୍କାର ପାଣ୍ଠି ବା ପୁଞ୍ଜି ବା ତହବିଲ ।

ଏଚ, ଜେ, ଏସ୍ କଟନ, ଏସ୍କ୍ୱାୟାର, ସି, ଏସ୍ ଆଇ ।

ବଙ୍ଗଳା ଗବର୍ଣ୍ଣମେଣ୍ଟର ଚିଫ ସେକ୍ରେଟେରୀଙ୍କଠାରୁ

ପୋଲିସ ଇନ୍ସ୍ପେକ୍ଟର ଜେନରଲଙ୍କ ସମୀପେଷୁ ।

କଲିକତା ୩୧ ତାରିଖ ଡିସେମ୍ବର ୧୮୯୪

ପୋଲିସ ୫୨୨୪ ଜେ ନମ୍ବର ।

ମହାଶୟ ।

ଆପଣଙ୍କର ୧୮୯୪ ସାଲ ୧୨ ତାରିଖ ମଇ ମାସର ୧୭୫ ଟି ନମ୍ବର ପତ୍ରର ପ୍ରତ୍ୟୁତ୍ତରରେ ଜିଲା ଚୌକିଦାରୀ ପୁରସ୍କାର ପାଣ୍ଠିର କାର୍ଯ୍ୟ ନିର୍ବାହ ନିମନ୍ତେ ନିୟମାବଳୀ ବିଧାନ କରି ଗବର୍ଣ୍ଣମେଣ୍ଟ ଯେଉଁ ବିଜ୍ଞାପନ ବାହାର କରିଅଛନ୍ତି ତାହାର ଏକ ପ୍ରତିଲିପି ଏହା ସଙ୍ଗେ ଆପଣଙ୍କଠାକୁ ପଠାଇବାକୁ ଆମ୍ଭେ ଆଦିଷ୍ଟ ହୋଇଅଛୁଁ ।

୨ୟ—ଆମ୍ଭେ ଏହା ମଧ୍ୟ ଉଲ୍ଲେଖ କରୁଅଛୁଁ ଯେ ଚୌକିଦାରୀ ସନନ୍ଦ ପାଇଁ ଆପଣ ଯେଉଁ ଫାରମ ବା ନକସା ପ୍ରସ୍ତାବ କରିଥିଲେ ତାହା ମହାମାନ୍ୟ ଲେପ୍ଟେନେଣ୍ଟ ଗବର୍ଣ୍ଣର ସାହେବ ମଞ୍ଜୁର କରିଅଛନ୍ତି; କିନ୍ତୁ କାଳେ ଚୌକିଦାରମାନେ ଯେଉଁ ସନନ୍ଦରେ ସେମାନଙ୍କ ସମ୍ବନ୍ଧରେ ପ୍ରତିକୂଳ ମନ୍ତବ୍ୟ ଲେଖା ଥିବ ତାହା ହଜାଇ ଦେବେ, ସେଥିପାଇଁ ଯହିଁରୁ ସନନ୍ଦ ପୁନଶ୍ଚ ଲେଖାଯାଇ ପାରିବ ଏପରି କୌଣସି ସ୍ଥାୟୀ ନିଦର୍ଶନ ରଖିବା ପ୍ରୟୋଜନୀୟ ବୋଧ ହେଉଅଛି ଏବଂ ଏହିହେତୁରୁ ଆମ୍ଭେ କହୁଁ ଯେ ପୋଲିସ ଷ୍ଟେଶନ୍‌ରେ ରହୁଥିବା ଚୌକିଦାରମାନଙ୍କ ରେଜେଷ୍ଟ୍ରିର ମନ୍ତବ୍ୟ ଘରେ ସେମାନଙ୍କ ସନନ୍ଦ ପିଠିରେ ଲେଖାଥିବା ଭଲ ମନ୍ଦ ମନ୍ତବ୍ୟର ନକଲ ରଖିବା ନିମନ୍ତେ ଆପଣ ଆଦେଶ ଦେବେ ।

Digitized by srujan ka@gmail.com

୬ଯ୍—ଲେପ୍ଟେନେଣ୍ଟ ଗବର୍ଣ୍ଣର ସାହେବ ବାହାଦୁର ମନେକରି ବା ଯେଉଁ କାଗଜରେ ଲେଖାଯାଏ ତାହାର ଖର୍ଚ୍ଚା ଚୌକିଦାରମାନଙ୍କଠାରୁ ନେବା ଉଚିତ ମନେ କରୁ ନାହାନ୍ତି । ଅସ୍ତୁ, ଉକ୍ତ ଅଧିନର ଅଭିପ୍ରାୟ ପାଇଁ ଯେଉଁପର କାଗଜ ବ୍ୟବହୃତ ହୋଇଥାଏ ସେହିପର କାଗଜ ବ୍ୟବହାର କରିବା ଉଚିତ ।

ଆପଣଙ୍କର——

ଏଚ. କେ. ଏସ. କଟନ,

ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କ ଚିଫ ସେକ୍ରେଟେରୀ ।

ଟୀକା—ଏବଦର ଖର୍ଚ୍ଚା ଗବର୍ଣ୍ଣମେଣ୍ଟ ଦେବେ— (୧୮୧୫ ମାର୍ଚ୍ଚ ୨୧ ତାରିଖର ଗବର୍ଣ୍ଣମେଣ୍ଟଙ୍କ ୧୬୧୦ କେ ନମ୍ବର ଚିଠି ଦେଖ)

୫୨୨୫ କେ ନମ୍ବର ।

ଓଡ଼ିଶା ଓ ଛୋଟନାଗପୁର ବ୍ୟତୀତ ଅନ୍ୟ ବିଭାଗର କମିଶନର ଓ ସେମାନଙ୍କ ଅଧୀନସ୍ଥ ସମସ୍ତ ଜିଲ୍ଲା ହାକିମମାନଙ୍କ ଅବଗତ ନିମନ୍ତେ ବିଜ୍ଞାପନର ପ୍ରତିଲିପି ସହିତ ଏହାର ପ୍ରତିଲିପି ପ୍ରେରିତ ହେଲା ।

ଲେପ୍ଟେନେଣ୍ଟ ଗବର୍ଣ୍ଣର ସାହେବଙ୍କ ଅନୁମତିକ୍ରମେ

ଇ. ଭି. ଲେଭିଞ୍ଜ,

କଲିକତା
୩୧ ତାରିଖ ଡିସମ୍ବର ୧୮୯୪ } ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କର ଏଣ୍ଡର୍ ସେକ୍ରେଟେରୀ ।

ନିଯୁକ୍ତିର ସନନ୍ଦ ।

———— ପିତାର ନାମ ———— ମାହାଲ ———— ଗ୍ରାମ ————
ପୋଲିସ ଷ୍ଟେସନ୍ / ଆଉଟ୍-ପୋଷ୍ଟ ———— ———— ଜିଲ୍ଲା ———— ହାଲ ସାକିନ୍ ————

ପୋଲିସ ଷ୍ଟେଶନ ——— ଜିଲା ——— ସଂଶୋଧିତ ୧୮୭୦ ସାଲର
ଅଭୀତ-ପୋଷ୍ଟ
ବଙ୍ଗୀୟ ୬ ଆଇନର ୨୫ ଧାରା ଅନୁସାରେ ଚୌକୀଦାର ନିଯୁକ୍ତ ହେଲେ
ଚୌକୀଦାର ମୌଜେ ——— ପୋଲିସ ଷ୍ଟେଶନ ——— ଜିଲେ ———.
ଅଭୀତ-ପୋଷ୍ଟ

ତା   ରଖ ।   ମାଜିଷ୍ଟ୍ରେଟ୍

ସନନ୍ଦର ପୃଷ୍ଠଭାଗ । କର୍ମ୍ମରେ ଥିବାବେଳେ ଚୌକୀଦାରର ଭଲ ଆଚରଣ ସମ୍ବନ୍ଧୀୟ ଟୀପା ।			ସନନ୍ଦର ପୃଷ୍ଠଭାଗ । କର୍ମ୍ମରେ ଥିବାବେଳେ ଚୌକୀଦାରର ମନ୍ଦ ଆଚରଣ ସମ୍ବନ୍ଧୀୟ ଟୀପା ।		
ହୁକୁମର ନମ୍ବର ଓ ତାରଖ ଏବଂ ଯାହାଙ୍କର ହୁକୁମ ।	ସଂକ୍ଷେପରେ ବିଷୟ ଅର୍ଥାତ୍ ପୁରସ୍କାର ବା ପ୍ରଶଂସା ।	ସଂକ୍ଷେପରେ ମକଦ୍ଦମାର ନମ୍ବର ଓ ତାରିଖ କିମ୍ବା ସଦାଚରଣ ସମ୍ବନ୍ଧ ସମ୍ପର୍କ ଥିବା ତାରିଖ, ସ୍ଥାନ ଓ ବ୍ୟକ୍ତି ।	ହୁକୁମର ନମ୍ବର ଓ ତାରିଖ ଏବଂ ଯାହାଙ୍କର ହୁକୁମ ।	ସଂକ୍ଷେପରେ ବିଷୟ ଅର୍ଥାତ୍ ଜରିମାନା ଖାରଜ କରାଇ ଦେବା, ବା ସସ୍ପେଣ୍ଡ ପ୍ରଭୃତି ।	ସଂକ୍ଷେପରେ ମକଦ୍ଦମାର ନମ୍ବର ଓ ତାରିଖ କିମ୍ବା ମନ୍ଦାଚରଣ ସମ୍ବନ୍ଧ ସମ୍ପର୍କ ଥିବା ତାରିଖ, ସ୍ଥାନ ଓ ବ୍ୟକ୍ତି ।

ବିଜ୍ଞାପନ—୪୮୦୧ ଜେ ନମ୍ବର ୧୬ ତାରିଖ ଡିସମ୍ବର ୧୮୯୫—
ଗ୍ରାମ ଚୌକୀଦାରୀ ପୁରସ୍କାର ପାଣ୍ଠିର କର୍ମ ନିର୍ବାହ ନିମନ୍ତେ ମହାମାନ୍ୟ
ଲେପ୍ଟେନେଣ୍ଟ ଗବର୍ଣ୍ଣର ସାହେବ ୧୮୭୧ ସାଲର ବଙ୍ଗୀୟ ୧ ଓ ୧୮୮୬

Digitized by srujan ka@gmail.com

ଓ ୧୮୯୨ ସାଲର ଆଇନମାନଙ୍କଦ୍ୱାରା ସଂଶୋଧିତ ୧୮୭୦ ସାଲର ବଙ୍ଗୀୟ ୬ ଆଇନର ୭୫ ଧାରାରେ ପ୍ରଦତ୍ତ କ୍ଷମତା ଅନୁସାରେ ଯେଉଁ ପୁନରାଲୋଚିତ ନିୟମାବଳୀ ବିଧାନ କରୁଅଛନ୍ତି ତାହା ୧୮୮୬ ସାଲ ଅପ୍ରେଲ ୧୨ ତାରିଖର ବିଜ୍ଞାପନ ଓ ୧୮୯୪ ସାଲ ସେପ୍ଟେମ୍ବର ୩ ତାରିଖର ୩୮୩୧ ନେ ନମ୍ବର ବିଜ୍ଞାପନର ଅନୁବୃତ୍ତିରେ (in continuation of) ସର୍ବସାଧାରଣଙ୍କ ଗୋଚର ନିମନ୍ତେ ପ୍ରକାଶିତ ହେଲା ;—

୧ମ—ଚୌକିଦାରୀ ଆଇନର ୪୨ ଧାରା ଅନୁସାରେ ଗଠିତ ଜିଲ୍ଲା ଚୌକିଦାରୀ ପୁରସ୍କାର ପାଣ୍ଠି ଇନ୍‌କର୍‌ପୋରେଟେଡ୍ ଲୋକାଲ୍ ଫଣ୍ଡ ବା ସଂମିଶ୍ରିତ ସ୍ଥାନୀୟ ପାଣ୍ଠି ବୋଲି (ଅର୍ଥାତ୍ ଯେଉଁ ପାଣ୍ଠି ସରକାରୀ ହିସାବର ସାମିଲ ହୁଏ ତାହା) ପର ପରିଗଣିତ ହେବ, ଏବଂ ତାହାର ଆୟ ବ୍ୟୟ ହିସାବ ସିଭିଲ ଏକାଉଣ୍ଟ୍ କୋଡ଼ର ୧୬ ଅଧ୍ୟାୟ ନିର୍ଦ୍ଦେଶ ଅନୁସାରେ ରଖାଯିବ ।

୨ୟ—ଆଇନର ୪୨ ଧାରା ଅନୁସାରେ ଗଠିତ ପାଣ୍ଠିର ଆୟ ବା ପାଉଣା (assets) (କ) ୨୬ ଓ ୩୮ ଧାରାମାନଙ୍କ ଅନୁସାରେ ଯେଉଁ ଜରିମାନା ଓ ଗଣାଗାର ବା ଦଣ୍ଡ ଆଦାୟ କରାଯିବ ତାହା ଓ (ଖ) ଗବର୍ଣ୍ଣମେଣ୍ଟ ଯେଉଁ ଟଙ୍କା ଦେବେ ତାହା—

୩ୟ—ଜିଲ୍ଲା ମାଜିଷ୍ଟ୍ରେଟ୍ ଏହି ପାଣ୍ଠିର କର୍ମ୍ମନିର୍ବାହକ (administrator) ହେବେ ।

(୧) ଏହି ପାଣ୍ଠି ସମ୍ବନ୍ଧୀୟ ତାଗିଦୀୟ ବିଲ୍ ସେ ସ୍ୱାକ୍ଷରିତ କରିବେ; ଏବଂ ତହିଁର ବ୍ୟୟ ସାଧାରଣ ଆୟ ବ୍ୟୟ ଗଣନାର (estimate) ନିୟମ ଅନୁସାରେ ଚଳିବ ।

(୨) ସେ ମଧ୍ୟ ପ୍ରଚଳିତ ରୀତିରେ ଏ ପାଣ୍ଠିର ଆୟ ବ୍ୟୟର ଗଣନା (estimate) ପ୍ରସ୍ତୁତ କରିବେ ; ଏବଂ ସେ ଗଣନାକୁ ଅନ୍ୟାନ୍ୟମାନଙ୍କ

Digitized by srujan ka@gmail.com

(୧୦୬ ପୃଷ୍ଠାଠାରେ ଦ୍ରଷ୍ଟବ୍ୟ ।)

୧୭-୧୨-୧୪ ତାରିଖର ୩୮୦୧ ହେ. ଡ଼. ନମ୍ବର ବିଜ୍ଞାପନର ପରିଶିଷ୍ଟ ।

ଏ (କ) ରେଜିଷ୍ଟ୍ରି ।

ଜଙ୍ଗ ଚୌକିଦାରୀ ପାଣ୍ଠିରେ ଯେ ଜରିମାନା ଓ ଦଣ୍ଡମାନ ଜମା ହୁଏ ତାହାର ରେଜିଷ୍ଟ୍ରି ।

୮ ଧାରା ଅନୁସାରେ ପଞ୍ଚାୟତମାନଙ୍କ ଉପରେ ଯେ ଜରିମାନା ହୁଏ ।					୨୮ ଧାରା ଅନୁସାରେ ଚୌକିଦାରମାନଙ୍କ ଉପରେ ଯେଉଁ ଜରିମାନା ହୁଏ ।						୨୭ ଧାରା ଅନୁସାରେ ଯେଉଁ ଦଣ୍ଡ ଅଦାୟ ହୁଏ ।				
ଯେଉଁ ମାଜେଷ୍ଟ୍ରେଟ ଜରିମାନା କଲେ ତାଙ୍କର ନାମ ଓ ପଦବୀ ଏବଂ ତାହାର ତାରିଖ ।	ଯେଉଁ ପଞ୍ଚାୟତ ଉପରେ ଜରିମାନା ହେଲା ତାହାଙ୍କର ଓ ତାଙ୍କ ଗ୍ରାମ ବା ଗ୍ରାମ ସଂଯୋଗ ଏବଂ ପୋଲିସ ଷ୍ଟେସନ ବା ଫାଣ୍ଡିର ନାମ ।	ଯେତେ ଜରିମାନା ହେଲା ।	ଯେତେ ଜରିମାନା ଅସୁଲ ହେଲା ।	ଯେଉଁ ତାରିଖରେ ଖଜଣାଖାନାରେ ଦାଖଲ ହେଲା ।	ଯେଉଁ କର୍ମଚାରୀ ଜରିମାନା କଲେ ତାଙ୍କର ନାମ ଓ ପଦବୀ ଏବଂ ତାହାର ତାରିଖ ।	ଚୌକିଦାରର ନାମ ଓ ବିଟ ନମ୍ବର ଓ ପୋଲିସ ଷ୍ଟେସନ ବା ଫାଣ୍ଡିର ନାମ ।	ଯେଉଁ ଅପରାଧ ପାଇଁ ଜରିମାନା ହେଲା ।	ଯେତେ ଜରିମାନା ହେଲା ।	ଯେତେ ଜରିମାନା ଅଦାୟ ହେଲା ।	ଯେଉଁ ତାରିଖରେ ଖଜଣାଖାନାରେ ଦାଖଲ ହେଲା ।	ଯେଉଁ ପଞ୍ଚାୟତ ବା ଚୌକିଦାରଙ୍କଠାରୁ ଦଣ୍ଡ ପ୍ରାପ୍ତ ହେଲେ ତାଙ୍କର ଓ ଗ୍ରାମ ସଂଯୋଗର ଓ ପୋଲିସ ଷ୍ଟେସନ ବା ଫାଣ୍ଡିର ନାମ ।	ପୋଲିସ ଷ୍ଟେସନକୁ ଦଣ୍ଡ ପଠାଇବାର ତାରିଖ ।	ପୋଲିସ ଷ୍ଟେସନକୁ ଯେତେ ଟଙ୍କା ପଠାଗଲା ।	ଖଜଣାଖାନାରେ ଦାଖଲର ତାରିଖ ।	କୈଫିୟତ ।
୧	୨	୩	୪	୫	୬	୭	୮	୯	୧୦	୧୧	୧୨	୧୩	୧୪	୧୫	୧୬

ବ (ଖ) ରେଜିଷ୍ଟ୍ରି ।

ଜଙ୍ଗ ଚୌକିଦାରୀ ପାଣ୍ଠିରୁ ଦଅ ଯାଉଥିବା ପୁରସ୍କାରମାନଙ୍କର ରେଜିଷ୍ଟ୍ରି ।

ଚୌକିଦାରମାନଙ୍କୁ ଯେଉଁ ପୁରସ୍କାର ଦିଆଗଲା ।						
ପୁରସ୍କାର ଦେବା ହୁକୁମର ତାରିଖ ।	ଯେଉଁ କର୍ମଚାରୀ ପୁରସ୍କାର ଦେଲେ ତାଙ୍କର ପଦବୀ ।	ଯେଉଁ ଚୌକିଦାରକୁ ପୁରସ୍କାର ଦିଆଗଲା ତାହାର ନାମ, ବିଟ ନମ୍ବର, ଏବଂ ଗ୍ରାମ ଓ ସେ ପୋଲିସ ଷ୍ଟେସନ ବା ଫାଣ୍ଡିର ନାମ ।	ଯେଉଁ କାର୍ଯ୍ୟ କରିଥିବାରୁ ତାହା ।	ଯେତେ ଟଙ୍କା ପୁରସ୍କାର ଦିଆଗଲା ।	ପୁରସ୍କାର ଦିଆ ହେବାର ତାରିଖ ।	କୈଫିୟତ ।
୧	୨	୩	୪	୫	୬	

Digitized by srujan ka@gmail.com

ସଙ୍ଗେ ଆଡ଼ମିନଷ୍ଟ୍ରେଟର୍ ଜେନେରଲଙ୍କଠାକୁ ପଠାଇବେ ଯେ ସେ ସାଧାରଣ ଆୟ ବ୍ୟୟ ଗଣନାର ନିୟମ ଅନୁସାରେ ସେ ସମ୍ବନ୍ଧରେ ବିହିତ ଅନୁଷ୍ଠାନ କରିବେ ।

(୩) ପ୍ରାଦେଶିକ ରାଜସ୍ୱରୁ ଯାହା ପ୍ରାପ୍ୟ ତାହା ଏହି ଗଣନା (estimate) ମଧ୍ୟରେ ନିଆଯିବ କିନ୍ତୁ ପ୍ରତ୍ୟେକ ସ୍ଥଳରେ ଗବର୍ଣ୍ଣମେଣ୍ଟଙ୍କର ବିଶେଷ ହୁକୁମ ଅଧୀନରେ ଆଡ଼ମିନଷ୍ଟ୍ରେଟର୍ ଜେନେରଲଙ୍କ ଆଜ୍ଞା ବିନା ପ୍ରାଦେଶିକ ରାଜସ୍ୱରୁ ପ୍ରାପ୍ୟ ଟଙ୍କା ନିଆ ଯାଇ ଏହି ପାଣ୍ଠିରେ ଜମା ଦିଆଯାଇ ପାରିବ ନାହିଁ ।

୪ର୍ଥ—୩ (କ) ଧାରା ଅନୁସାରେ ୩୮ ଧାରା ଲିଖିତ ବିଭାଗୀୟ ଦଣ୍ଡ ଦେବାର କ୍ଷମତା ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଅର୍ପିତ କିମ୍ବା ମାଜିଷ୍ଟ୍ରେଟଙ୍କଠାରେ ନ୍ୟସ୍ତ ହୋଇଅଛି । ଜିଲ୍ଲା ମାଜିଷ୍ଟ୍ରେଟ ନିଜ କ୍ଷମତା ୩ (କ) ଧାରା ଅନୁସାରେ ଯେଉଁ କର୍ମଚାରୀଙ୍କୁ ଅର୍ପଣ କରିଥିବେ ସେ ୮ ବା ୩୮ ଧାରା ଅନୁସାରେ କୌଣସି ହୁକୁମ ଦେଲେ ସେ ହୁକୁମର ପ୍ରତିଲିପି ତଦ୍ଦଣ୍ଡ ଜିଲ୍ଲା ମାଜିଷ୍ଟ୍ରେଟଙ୍କଠାକୁ ପଠାଯିବ । ତାହା ପ୍ରାପ୍ତ ହେଲାପରେ ତାହାର ବିବରଣ (Particulars) ୮ମ ନିୟମରେ ବିହିତ ହୋଇଥିବା (କ) ରେଜିଷ୍ଟ୍ରି ଭୁକ୍ତ ହେବ ।

୫ମ—ଜିଲ୍ଲା ମାଜିଷ୍ଟ୍ରେଟଙ୍କ ବ୍ୟତୀତ ଅନ୍ୟ କୌଣସି କର୍ମଚାରୀ ୮ ବା ୩୮ ଧାରା ଅନୁସାରେ ଜରିମାନାର ହୁକୁମ ଦେଲେ ଯେଉଁ ପଞ୍ଚାୟତ ବା ଚୌକିଦାର ଉପରେ ଜରିମାନା ହୋଇଥିବ ସେହି ପଞ୍ଚାୟତ ବା ଚୌକିଦାରକୁ ସେ ହୁକୁମ ଜଣାଇ ଦେବା ଦିନଠାରୁ ୩୦ ଦିନ ମଧ୍ୟରେ ସେ ହୁକୁମ ବିରୁଦ୍ଧରେ ଜିଲ୍ଲା ମାଜିଷ୍ଟ୍ରେଟଙ୍କଠାରେ ଆପୀଲ ହୋଇ ପାରିବ । ୬୪ ଧାରାରେ ଯେପରି ବିଧାନ ହୋଇଅଛି ତାହା ବ୍ୟତୀତ ଜିଲ୍ଲା ମାଜିଷ୍ଟ୍ରେଟଙ୍କର ଏପରି ହୁକୁମ ବିରୁଦ୍ଧରେ ଆଉ ଆପୀଲ ନାହିଁ ।

(କ) ୮ ଓ ୩୮ ଧାରାମାନଙ୍କ ଅନୁସାରେ ହୋଇଥିବା ସବୁ ଜରିମାନା ଏବଂ ୪୬ (କ) ଧାରା ଅନୁସାରେ ନିଯୁକ୍ତ ତହସିଲଦାର ୬୨ ଧାରା

Digitized by srujan ka@gmail.com

ଲିଖିତ ଯେଉଁ ଗୁଣାଗାର ଅଦାୟ କରିବେ ତାହା ଅସୁଲ ହେଲାରୁ ଜିଲ୍ଲା ଚୌକିଦାରୀ ପୁରସ୍କାର ପାଣ୍ଠିରେ ଜମା ହେବା ନିମନ୍ତେ ଦୁଇଖଣ୍ଡ ଚୃଲାନ ଦ୍ୱାରା ଜିଲ୍ଲା ବା ସବ-ଡିବିଜନର ଖଜଣାଖାନାରେ ଅବିଲମ୍ବରେ ଦାଖଲ ହେବ ।

(ଖ) ୨୭ ଧାରା ଅନୁସାରେ ପଞ୍ଚାୟତ ଯେଉଁ ଗୁଣାଗାର ବା ଦଣ୍ଡ ଅଦାୟ କରିବେ ତାହା ୧୮୮୭ ସାଲର ଅପ୍ରେଲ ୧୬ ତାରିଖର ବିଜ୍ଞାପନ ଦ୍ୱାରା ପ୍ରକାଶିତ ୮ମ ନିୟମରେ ବହିତ ହୋଇଥିବା ୬ ନମ୍ବର ରେଜେଷ୍ଟ୍ରିରେ ଚଢିବ ଏବଂ ପ୍ରତି ସେମାହ ଶେଷରେ ପୋଲିସ ଷ୍ଟେଶନର ଭାରପ୍ରାପ୍ତ କର୍ମ-ଚାରୀଙ୍କଠାକୁ ପଠାଯିବ ଯେ ସେ ସେ ଟଙ୍କା ପାଇଁ ରସିଦ ଦେବେ ; ଏବଂ ସେ ଟଙ୍କା ସମ୍ବନ୍ଧରେ ପୂର୍ବ ପ୍ରକରଣ ଅନୁସାରେ କାର୍ଯ୍ୟ କରିବେ ।

୭ମ— ଖଜଣାଖାନାର ଭାରପ୍ରାପ୍ତ ହାକିମ ଖଣ୍ଡେ ଚୃଲାନ ରଖିବେ ଏବଂ ଅନ୍ୟ ଖଣ୍ଡ ରସିଦ କରି ଯେଉଁ କର୍ମଚାରୀ ଟଙ୍କା ଉପାର୍ଜିତ ବା ଥାପିତ ରଖିଥିବେ ତାଙ୍କଠାକୁ ପଠାଇ ଦେବେ ଯେ ଉକ୍ତ କର୍ମଚାରୀ ପାଣ୍ଠିର ହିସା-ବରେ ଚଢିବା ନିମନ୍ତେ ସେ ଚୃଲାନକୁ ୯ମ ନିୟମ ଲିଖିତ ତ୍ରୈମାସିକ ଜଣ୍ଟି-ମାନା ତାଲିକା ସହିତ ପଠାଇ ଦେବେ ।

୮ମ—ଉପରୋକ୍ତ ନିୟମମାନଙ୍କ ଅନୁସାରେ ଯେଉଁ କାର୍ଯ୍ୟ ହୁଏ ତାହାର ବିଶେଷ ବୃତ୍ତାନ୍ତ ଲେଖାଯିବା ନିମନ୍ତେ ଜିଲ୍ଲା ମାଜିଷ୍ଟ୍ରେଟ ବା (ପୋଲିସ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ) ଙ୍କ କାର୍ଯ୍ୟାଳୟରେ ପରିଶିଷ୍ଟ ଲିଖିତ କ ଓ ଖ ନକ୍ସାରେ ଦୁଇ ଗୋଟି ରେଜେଷ୍ଟ୍ରି ରଖାଯିବ ।

୯ମ—ଚୌକିଦାରମାନଙ୍କର ତ୍ରୈମାସିକ ବେତନ ଦେବା ନିମନ୍ତେ ନିର୍ଦ୍ଧାରିତ ଦିନର ପୂର୍ବ୍ବେ ଏକ ସପ୍ତାହ ପୂର୍ବେ ଜିଲ୍ଲା ମାଜିଷ୍ଟ୍ରେଟ କୌଣସି ପୋଲିସ ଷ୍ଟେଶନ୍ ଇଲାକାର ସମସ୍ତ ଚୌକିଦାରମାନଙ୍କଠାରୁ ପାଉଣା ସବୁ ଜରିମାନାର ଏକ ମୋଟ ତାଲିକା ସେହି ପୋଲିସ ଷ୍ଟେଶନର ଭାରପ୍ରାପ୍ତ

Digitized by srujan ka@gmail.com

(୧୦୩ ପୃଷ୍ଠାରେ ଦେଖିବ)

ସି (ଗ) ଫାରମ

ଷେମାହ ବାବଦ ——————— ଜିଲାର ଚୌକିଦାରୀ ପୁରସ୍କାର ଖଣ୍ଡର ବାକି ଫଦ ।

ଆୟ ।	ଟଙ୍କା ।			ବ୍ୟୟ ।	ଟଙ୍କା ।			ମନ୍ତବ୍ୟ ।
	ଟଙ୍କା ।	ଅ	ପା		ଟଙ୍କା ।	ଅ.	ପା.	
ଗତ ଷେମାହର ବାକି ।				ଚୌକିଦାରମାନଙ୍କ ପୁରସ୍କାର ।				
ଷେମାହରେ ପଞ୍ଚାୟତମାନଙ୍କଠାରୁ ୮ ଧାରା ଅନୁସାରେ ଯେତେ କିସ୍ତମାନ ଅଦାୟ ହୋଇ ଜମା ହେଲା ।								
ଷେମାହରେ ଚୌକିଦାରମାନଙ୍କଠାରୁ ୩୮ ଧାରା ଅନୁସାରେ ଯେତେ ଜରିମାନା ଅଦାୟ ହୋଇ ଜମା ହେଲା ।								
ଷେମାହରେ ୨୨ ଧାରା ଅନୁସାରେ ଯେତେ ଦଣ୍ଡ ଅଦାୟ ହୋଇ ଜମା ହେଲା ।								
ବାର୍ଷିକ ପ୍ରାଦେଶିକ ମଞ୍ଜୁର ଟଙ୍କାରୁ ପୋଲିସ ଇନସ୍ପେକ୍ଟର ଜେନେରାଲ ଯେତେ ଟଙ୍କା ଦେଲେ ।				ମୋଟ ..				
				ବାକି ..				
ମୋଟ ..				ସର୍ବ ମୋଟ				

ମୁକାବଲେ ।	ମୁକାବଲେ ।
ମାଜିଷ୍ଟ୍ରେଟ ।	ଖଜଣାଖାନାର ଭାରପ୍ରାପ୍ତ କର୍ମଚାରୀ ।

ତାରିଖ————

କର୍ମ୍ମଚାରୀଙ୍କଠାକୁ ପଠାଇ ଦେବେ । ତାହା ହେଲେ ଉକ୍ତ କର୍ମ୍ମଚାରୀ ବେତନ ଦେବା ସମୟରେ ଏ ସବୁ ଜରିମାନା ଆଦାୟ କରିବେ, ଏବ ପଞ୍ଚାୟତଙ୍କଠାରୁ ଯେ ଟଙ୍କା ମିଳିଥିବ ତାହା କମ୍ପା ୬୭ ଧାରା ଅନୁସାରେ । ତହସିଲଦାର ଯେ ଟୁଣାଗାର ଆଦାୟ କରିଥିବେ ତାହା ଦୁଇ ଖଣ୍ଡ ଚଲାନ ଦ୍ୱାରା ଜିଲ୍ଲା ବା ସବ୍-ଡିଭିଜନ ଖଜଣାଖାନାରେ ଦାଖଲ ହେବା ନିମନ୍ତେ ପଠାଇ ଦେବେ । ୭ମ ନିୟମ ଲିଖିତ ରସିଦ୍ ଚଲାନ ପାଇଲା ପରେ ସେ ତାକୁ ପୂର୍ବୋକ୍ତ ଜରିମାନାର ତାଲିକା ଓ ଯେଉଁ ଜରିମାନା ଅସୁଲ କରି ପାରି ନ ଥିବେ ତାହାର କୈଫିୟତ ସହିତ ଜିଲ୍ଲା ମାଜିଷ୍ଟ୍ରେଟଙ୍କ-ଠାକୁ ଫେରି ପଠାଇବେ ।

୧୦ମ—(କ) କେବଳ ଜିଲ୍ଲା ମାଜିଷ୍ଟ୍ରେଟ, ସବ୍-ଡିଭିଜନାଲ ମାଜିଷ୍ଟ୍ରେଟ ଓ ପୋଲିସ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟଙ୍କର ଚୌକୀଦାରମାନଙ୍କୁ ପୁରସ୍କାର ଦେବାର କ୍ଷମତା ଅଛି ।

(ଖ) ସାଧାରଣତଃ ଏ ପୁରସ୍କାର ଟ ୫ ଙ୍କାରୁ ଅଧିକ ହେବ ନାହିଁ, କିନ୍ତୁ ଚୌକୀଦାରୀ ପୁରସ୍କାର ପାଣ୍ଠିର ଅବସ୍ଥା ଦୃଷ୍ଟିରେ ଜିଲ୍ଲା ମାଜିଷ୍ଟ୍ରେଟ୍ ଟ ୨୫ ଙ୍କାରୁ ଅନଧିକ ପୁରସ୍କାର ମଞ୍ଜୁର କରି ପାରନ୍ତି । ଟ ୨୫ ଙ୍କାରୁ ଅଧିକ ହେଲେ କମିଶନର ସାହେବଙ୍କର ମଞ୍ଜୁରୀ ଆଣାଇବାକୁ ହେବ ।

(ଗ) ସମ୍ଭବପର ହେଲେ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ସ୍ୱୟଂ କିମ୍ବା ତାଙ୍କ ଅନୁପସ୍ଥିତିରେ ଇନ୍ସ୍ପେକ୍ଟରଙ୍କଠାରୁ ନିମ୍ନ ନୁହନ୍ତି, ଏପରି କର୍ମ୍ମଚାରୀ ପୁରସ୍କାର ବିତରଣ କରିବେ । ନିୟମତଃ ପରେଡ୍ ଦିନରେ ଏବଂ ସବୁ ଘଟଣାରେ ଯଥାସମ୍ଭବ ପ୍ରକାଶ୍ୟଭାବରେ ପୁରସ୍କାର ବିତରଣ କରିବାକୁ ହେବ ।

୧୧ଶ—ସାଧାରଣତଃ ନିମ୍ନଲିଖିତ କାର୍ଯ୍ୟମାନଙ୍କ ପାଇଁ ପୁରସ୍କାର ଦିଆଯିବ ଯଥା:—

(କ) ଦୋଷ ନିବାରଣ ବା ଧରି ପକାଇବା ଭଳି ସମ୍ବାଦ (ଖ) ଗ୍ରେପ୍ତ

Digitized by srujan ka@gmail.com

ମାଲ ଧରିବା, ବା ପୁନରୁଦ୍ଧାର କରିବା (ଗ) ଅପରାଧୀ ବା ପଳାୟିତ କଏଦୀମାନଙ୍କର ଗ୍ରେପ୍ତାର । (ଘ) ଡକାଏତମାନଙ୍କୁ ଭଗାଇବା କିମ୍ବା ଚୋର କି ଅନ୍ୟ ଅପରାଧୀମାନଙ୍କୁ ଧରିବାରେ ପ୍ରଦର୍ଶିତ ବ୍ୟକ୍ତିଗତ ସାହସ (ଙ) ପୂର୍ବୋକ୍ତ ପ୍ରକରଣମାନଙ୍କରେ ବର୍ଣ୍ଣିତ ହୋଇନାହିଁ ଏପରି ଅନ୍ୟ ଯେଉଁ ପ୍ରଶଂସନୀୟ କାର୍ଯ୍ୟକୁ କମିଶନରଙ୍କ ସମ୍ମତିରେ ମାଜିଷ୍ଟ୍ରେଟ୍ ବିଶେଷ ପୁରସ୍କାରର ଯୋଗ୍ୟ ବୋଲି ମନେ କରନ୍ତି ।

୧୬୩—ପ୍ରତ୍ୟେକ ସେମାହି ଶେଷ ହେବାର ୧୫ ଦିନରେ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ (କିମ୍ବା ପୋଲିସ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟଙ୍କ) କାର୍ଯ୍ୟାଳୟରେ ଚୌକୀଦାରୀ ପୁରସ୍କାର ପାଣ୍ଠିର ପ୍ରତି ତ୍ରୈମାସିକ କାରବାରର ମୋଟ ହିସାବ ପରିଶିଷ୍ଟ ଲିଖିତ ସି ଫାରମରେ ପ୍ରସ୍ତୁତ କରିବାକୁ ହେବ । ସେହି ହିସାବକୁ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ମନୋନୀତ କର୍ମଚାରୀ ଖଜଣାଖାନାର ହିସାବ ସହିତ ଅଡ଼ିଟ୍ କରିବେ; ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ସେହି ଅଡ଼ିଟରେ ସର୍ଟିଫିକଟ ଦେବେ ।

ସେହି ମୋଟାମୋଟି ହିସାବକୁ ଆଡ଼ମିନିଷ୍ଟ୍ରେଟର ଜେନେରଲ ସେ ପାଣ୍ଠିର କାର୍ଯ୍ୟନିର୍ବାହକଙ୍କୁ ଯେଉଁ ତ୍ରୈମାସିକ ହିସାବ ଦେବେ ତାହା ସହିତ ମୁକାବିଲା ଓ ଚେକ କରିବାକୁ ହେବ ।

Digitized by srujan ka@gmail.com

No. 45—47 R.

From

G. STEVENSON, Esq., I.C.S.

Commissioner of the Orissa Division.

To

THE MAGISTRATES OF CUTTACK, BALASORE AND PURI.

Dated Cuttack, the 9th January, 1899.

Sir,

In forwarding herewith a copy of my letter No. $\frac{P.H.}{J}$, dated 28th October 1898 to Government recommending for Government patronage the translation of the Hon'ble G. Toynbee's Bengal Chaukidari Manual into Uriya made by my Personal Assistant Babu Gopal Bullabh Das and a copy of the Government letter No. 6582 J. dated the 27th December 1898 in reply, I have the honor to request you to report as early a date as possible the probable number of copies required for your district and for the use of officers.

2. In view of the early introduction of the Act Babu Gopal Bullabh Das has undertaken to keep supplies of the book in as many bookshops as possible in all the three Districts of Division where English copies of Mr. Toynbee's book will also be made available to intending purchasers. Members of Panchaits will find the book very useful and should be encouraged to buy it as it is likely to result in the smoother working of the Act. A supply of copies of this book could with advantage be kept for sale not only in your office and in those of your Sub-Divisional Officers, but also in mofussal thanahs and outposts and the offices of Kanungoes, which would save trouble and expense to the people.

3. I understand that the book will be out by the end of this month.

I have, &c.

Sd. G. STEVENSON,

Commissioner.

Digitized by srujan ka@gmail.com

No. $\frac{PH}{J}$
870 J

From

G. STEVENSON, Esqre, C.S.

Commissioner of Orissa.

To

THE SECRETARY TO THE GOVERNMENT
OF BENGAL.

Cuttack, the $\frac{28\text{-}10}{29\text{-}12}$/98.

Sir,

I have the honor to submit herewith an application by my Personal Assistant Babu Gopal Bullabh Das for the patronage of Govt. in respect of a translation he has made into Uriya of the Chowkidari Act (VI. B.C. of 1870) Manual by Hon'ble G. Toynbee The request is based on the fact that such a favour is said to have been granted in the like case of the translation of the Manual into Bengali by Babu Hari Mohan Chandra the Personal Assistant to the Commissioner of Rajshahi Division, but Babu Gopal Ballabh Das has not been able to ascertain the exact terms of the Goverment letter to Babu Hari Mohan Chandra.

2. I beg to support the application. The existing Uriya version of the Act, a translation made long since, is undoubtedly defective in some respects. The language generally is too high flown and the attempt to make the translation exact has resulted oftentimes in loss of clearness.

The present translation of the Act will not only be an improvement on the present, as certified to by competent authorities whose opinions are attached to the application, but the fact that the notes on Mr. Toynbee's Manual are also translated will add immensely to the utility of the work.

I have, &c.

Sd. G. STEVENSON,

Commissioner.

Digitized by srujan ka@gmail.com

My opinion on the translation of the Chowkidari Act into Uriya :

I have gone through the translation here and there, as I had no time to go through the whole of it as I had at first intended to do. Those portions, however, which I have read I have done so with the eye of a critic, and I think that having done so I am in a position to give my opinion on the usefulness or otherwise of the said translation

Whenever any enactment is passed by the Legislative Council and assented to by the Governor General of India, a translation of it appears in the Uriya Gazette, which is recognised to be the authoritative translation of the Act. The object of the present work undertaken by Babu Gopal Bullabh Das is not to give to the public another translation of the Chaukidari Act, but by keeping the authoritative translation as the text to give his own translation wherever the authoritative translation is not easily intelligible. I need hardly say that there being no fixed legal phraseology in the vernacular, the rendering of the Acts which appear in English into the vernacular is always a very difficult task, and I must say that the vernacular rendering becomes more difficult of understanding than the English original. The plan adopted by Babu Gopal Bullabh is eminently calculated to remove this difficulty. To most of the sections appearing in the authoritative translation Babu Gopal Bullabh has added his free translation in so simple and easy words that by reading his translation those for whom the Act in vernacular is intended will have not the slightest difficulty in grasping the meaning and object of the sections The plan adopted by Babu Gopal Bullabh, I must say, is an admirable one and will recommend itself to those who are to derive their knowledge of the Act by the vernacular rendering of it. Besides giving the free translation the author has given such explanations and annotations as well as rulings which alone can make the book highly useful not only to the laymen but also to the legal practitioners.

The work undertaken by Babu Gopal Bullabh I am sure will command success, and I wish it would do so.

Sd. HURRY BULLUBH BOSE.

Digitized by srujan ka@gmail.com

I have carefully looked into the manuscript Oriya translation of Mr. Toynbee's Chowkidari Act compiled by Babu Gopal Pallav Das, M.A., and it gives me great pleasure to be able to state that the compiler has spared no pains to make the book worthy of public patronage. The language is clear and easy and as such is adapted to the comprehension of the people of rural tracts, and the elucidatory notes which have been inserted in the body of the work have enhanced its usefulness. I heartily wish success to the undertaking, as it is the first of its kind in the Oriya language.

CUTTACK,
The 1st October, '98. } *Sd.* RADHANATH RAI.

At the request of Babu Gopal Bullabh Das, M.A., I have gone through a considerable portion of the Chowkidari Act and his notes in manuscript.

Close translation of a legislative enactment into any vernacular is a mistake. It is a bare translation of the language but not a transliteration (so to express it) of the ideas, and therefore it is no better calculated to convey the ideas than is the attempt of the Indian school boy to express his ideas in English. This state of things is undesirable, but in the case of ordinary enactments it affects only the mokhtars who do not know English, and their number is very small and is daily on the decrease.

To ensure the efficient working of the Chowkidari system it is absolutely necessary that a copy of the Act in a form acceptable and intelligible to the common villager should be in the hands of every one connected with the administration of the system. The stiff official form would be no more acceptable and intelligible to the common villager than is the policeman in his uniform.

Babu Gopal Bullabh Das' edition of the Act with the explanatory notes supplies this want, and for this he certainly deserves the thanks and support of all who are interested in the efficient and satisfactory working of the system.

CUTTACK,
17th October, 1898. } *Sd.* M. S. DAS.

Digitized by srujan ka@gmail.com